# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୩/୨୦୨୧ (୧୬ ପୃଷ୍ଠା) | Bhubaneswar, Friday, August 13/2021 | ★★★★

୪୭ଶ ଭାଗ ୨୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


ବାର୍ତ୍ତା ପଠାନ୍ତୁ Rakhi ପୁରସ୍କାର ଜିତନ୍ତୁ
ଦେଖନ୍ତୁ ପୃଷ୍ଠା-୫



**ସାରାଙ୍କ ପିଛା ଛାଡୁନି ବିବାଦ**
୨୬ ବର୍ଷରେ ପାଦ ଥାପିଛନ୍ତି ସାରା ଅଲ୍ଲୀ ଖାନ୍। ବଲିଉଡ୍‌ରେ ପାଦ ଦେଇଥିବା ଏହି ନବାଗତାଙ୍କ ପିଛା ଛାଡୁନି ବିବାଦ।
୧୪

୧୫
**ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ୨ ନମ୍ବରରେ ନୀରଜ**
ଭାରତର ଅଲିମ୍ପିକ୍ସ ଚାମ୍ପିୟନ ନୀରଜ ଚୋପ୍ରା ପୁରୁଷ ଜାଭେଲିନ ଥ୍ରୋ ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ୨ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଛନ୍ତି।



**ଖୋଲିଲା ଶ୍ରୀମନ୍ଦିର** ୩

**ଇସ୍ରୋ ଇଓଏସ୍-୩ ମିଶନ ଫେଲ୍** ୭

# ପାଣି ପାଇଁ ଲଢ଼େଇ



କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥଳ ବରୁଣାଡିହା ଗୁରୁବାର ରଣକ୍ଷେତ୍ର ପାଲଟିଛି।

## ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ

- ପ୍ରକଳ୍ପ ସ୍ଥଳ ପାଲଟିଲା ରଣକ୍ଷେତ୍ର
- ପ୍ରଶାସନ-ଆନ୍ଦୋଳନକାରୀ ମୁହାଁମୁହିଁ
- ଠିକା ସଂସ୍ଥାର ଆସବାବପତ୍ର ଭଙ୍ଗାରୁଜା
- ୪ ପୋଲିସ ସମେତ ୧୪ ଆହତ

**କେନ୍ଦ୍ରାପଡ଼ା ଅଫିସ/ରାଜକନିକା/ଆଳି,୧୨।୮(ଡି.ଏନ.ଏ.)**

ଦୀର୍ଘଦିନର ବିରୋଧ, ପ୍ରତିବାଦ, ଆନ୍ଦୋଳନ ଓ ଚେତାବନୀ ପରେ ବି ପ୍ରଶାସନ ଶୁଣିଲା ନାହିଁ। ଶେଷରେ ଲୋକଙ୍କ ପୁଞ୍ଜୀଭୂତ ରାଗ, ଅସନ୍ତୋଷ ଗୁରୁବାର ଉଗ୍ରରୂପ ନେଲା। ସକାଳୁ ଆରମ୍ଭ ହେଲା ଆନ୍ଦୋଳନ। ବିଭିନ୍ନ ଗ୍ରାମରୁ ୨ ହଜାରରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଓ ପିଲାମାନେ ବି ରାସ୍ତାକୁ ଓହ୍ଲାଇ ଆସିଥିଲେ। ସେଥିରେ ବୃଦ୍ଧାବୃଦ୍ଧ ବି ସାମିଲ ହେଲେ। ୧୪୪ଧାରା ଜାରି ଓ ଶତାଧିକ ପୋଲିସ ଫୋର୍ସର ମୁତୟନ ପରେ ବି ଆନ୍ଦୋଳନକାରୀମାନେ କାହାକୁ ଖାତିର କରି ନ ଥିଲେ। ଆଗକୁ ମାଡ଼ି ଚାଲିଥିଲେ। କିଛି ସମୟ ମଧ୍ୟରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥଳ ବରୁଣାଡିହା ରଣକ୍ଷେତ୍ର ପାଲଟିଥିଲା। ପାଣି ପାଇଁ ଚାଲିଥିଲା ଲଢ଼େଇ।

ଶରୀରରେ ରକ୍ତ ଥିବା ଯାଏ ଖରସ୍ରୋତା ନଦୀରୁ ଭଦ୍ରକକୁ ଟୋପାଏ ପାଣି ଦେବୁନାହିଁ ବୋଲି ଆନ୍ଦୋଳନକାରୀମାନେ ଚିତ୍କାର କରିଥିଲେ। ୩ ପଞ୍ଚାୟତରେ ୧୪୪ ଧାରା ଜାରି ସତ୍ତ୍ୱେ ଆନ୍ଦୋଳନକାରୀମାନେ କିଛି ମାନି ନ ଥିଲେ। ପୋଲିସ ପକ୍ଷରୁ ରାସ୍ତାରେ ନିର୍ମାଣ କରାଯାଇଥିବା ବ୍ୟାରିକେଡ୍‌କୁ ଭାଙ୍ଗି ପ୍ରକଳ୍ପ ସ୍ଥଳ ଅଭିମୁଖେ ଆନ୍ଦୋଳନକାରୀମାନେ ମାଡ଼ି ଚାଲିଥିଲେ। ଏହି ସମୟରେ ପ୍ରକଳ୍ପସ୍ଥଳରେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏହା ଦେଖି ଆନ୍ଦୋଳନକାରୀମାନେ ନିଜକୁ ସମ୍ଭାଳି ପାରି ନ ଥିଲେ। ସେମାନେ ଠିକା ସଂସ୍ଥାର ଗାଡ଼ି, ଆମ୍ବୁଲାନ୍ସ, ଟେଣ୍ଟ, ଆସବାବପତ୍ରକୁ ଭଙ୍ଗାରୁଜା କରିଥିଲେ। ଏପରିକି ଟ୍ରକ୍‌ର ତେଲ ଟ୍ୟାଙ୍କରକୁ କଣା କରି ଦେଇଥିଲେ। ଠିକା ସଂସ୍ଥା କୌଣସି ଉପକରଣକୁ ସେମାନେ ଅକ୍ଷତ ଛାଡ଼ି ନ ଥିଲେ। ଘଟଣାସ୍ଥଳରେ ୧୬ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ ମଧ୍ୟ ଆନ୍ଦୋଳନକାରୀଙ୍କ ରୋଷକୁ ଦେଖି ସେମାନେ ନୀରବଦ୍ରଷ୍ଟା ସାଜିଥିଲେ। ଏହି ଘଟଣାରେ ୯ ଆନ୍ଦୋଳନକାରୀ, ୪ ପୋଲିସ ଓ ଜଣେ ଖବରଦାତା ଆହତ ହୋଇଛନ୍ତି। ଆହତମାନଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅପରାହ୍ନ ସୁଦ୍ଧା ପ୍ରକଳ୍ପସ୍ଥଳରୁ ☞ପୃଷ୍ଠା–୪






## ଯୁବତୀଙ୍କୁ ଏସିଡ୍ ମାଡ଼

**ଅଭିଯୁକ୍ତ ଅଟକ**

**ନୋଟାରୀଙ୍କ ନିକଟରେ ୨ବର୍ଷ ତଳେ ହୋଇଥିଲା ବିବାହ**

**ଭୁବନେଶ୍ୱର,୧୨।୮(ବ୍ୟୁରୋ)**

ରାଜଧାନୀରେ ଜଣେ ଯୁବତୀଙ୍କ ଉପରକୁ ଏସିଡ୍ ମାଡ଼ କରାଯାଇଛି। ଏଥିରେ ଯୁବତୀଙ୍କ ମୁହଁର ବାମ ପାର୍ଶ୍ୱ ପୋଡ଼ି ଯାଇଛି। ଏସିଡ୍ ମାଡ଼ କରିଥିବା ଯୁବକ ହେଉଛନ୍ତି ନିମାପଡ଼ା ଅଞ୍ଚଳର ପପୁ ରାଉତ। ୨ବର୍ଷ ତଳେ ନୋଟାରୀ ପବ୍ଲିକ୍‌ଙ୍କ ନିକଟରେ ପପୁ ଉକ୍ତ ଯୁବତୀଙ୍କୁ ବିବାହ କରିଥିବା ଜଣାପଡ଼ିଛି। ପୀଡ଼ିତା ପପୁଙ୍କ ବିରୋଧରେ ଧଉଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୨୧/୨୦୨୧) ରୁଜୁ କରି ଅଭିଯୁକ୍ତ ପପୁଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ଜଣାପଡ଼ିଛି। ଏସିଡ୍ ମାଡ କରାଯାଇଥିବା ନେଇ ପୀଡ଼ିତା ଏତଲାରେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ସ୍ୱାସ୍ଥ୍ୟ ଓ ସମୃଦ୍ଧିର ପ୍ରତିବଦ୍ଧତା**

**ଆଜିର ମନ୍ତବ୍ୟ**

“ଦଳିତ, ଶ୍ରମିକ, କୃଷକ ଓ ଗରିବମାନେ ଉଠାଇଥିବା ସ୍ୱରରୁ ସୃଷ୍ଟ ଝଡ଼ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଷମତାଚ୍ୟୁତ କରିବ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା


WE REVIEW HISTORY ONCE AGAIN
CONGRATULATIONS
CBSE 2021 Achievers Class - X & XII
GHANASHYAM HEMALATA VIDYAMANDIR, PURI




Above 90% : 23 students, Above 80% : 23 students
Total appeared : 46 students
ADMISSION OPEN
FOR CLASS-XI SCIENCE
Contact :
7873480470, 8018399102,
7008243964, 7735629062
Website: www.ghvmschoolpuri.org e-mail : ghvm.puri@gmail.com






ଏଲ୍ଆଇସିର ସମସ୍ତ ଅନଲାଇନ୍ ସେବା ପ୍ରାପ୍ତ କରିବା ପାଇଁ ଅପ୍‌ଡେଟ୍ କରନ୍ତୁ:
ପ୍ୟାନ୍ କାର୍ଡ ବିବରଣୀ | ମୋବାଇଲ ନମ୍ବର | ଇମେଲ୍ ଆଇଡି
ଅନ୍‌ଲାଇନ୍ ସେବା ଏବଂ ଅପଡେଶନ୍ ପାଇଁ www.licindia.in ପରିଦର୍ଶନ କରନ୍ତୁ।
ନିଜ ସହରର ନାମ SMS କରନ୍ତୁ 56767474କୁ | କଲ୍ ସେଣ୍ଟର ସେବା (022) 68276827 | ଡାଉନଲୋଡ୍ କରନ୍ତୁ ଏଲ୍ଆଇସି ମୋବାଇଲ୍ ଆପ୍ "MyLIC"
ଆମକୁ ଫଲୋ କରନ୍ତୁ: LIC India Forever | IRDAI Regn No.: 512
ଭ୍ରମାତ୍ମକ ଫୋନ୍ କଲ୍ ଏବଂ ମିଛ/ଠକାମିମୂଳକ ଅଫର୍‌ଗୁଡ଼ିକ ପ୍ରତି ସାବଧାନ:
ଆଇଆର୍‌ଡିଏଆଇ ବୀମା ପଲିସି ବିକ୍ରୟ କରିବା କିମ୍ବା ବୋନସ୍ ଘୋଷଣା କରିବା କିମ୍ବା ପ୍ରିମିୟମ୍ ନିବେଶ ଭଳି ଗତିବିଧିରେ ସଂଶ୍ଳିଷ୍ଟ ନୁହେଁ। ଏପରି ଫୋନ୍ କଲ୍ ପ୍ରାପ୍ତ କରୁଥିବା ଜନସାଧାରଣଙ୍କୁ ପୋଲିସରେ ଅଭିଯୋଗ ଦାଏର କରିବା ଲାଗି ଅନୁରୋଧ କରାଯାଉଛି।
ଆଶଙ୍କାଗତ କାରକ, ନିୟମ ଓ ସର୍ତ୍ତାବଳୀ ସମ୍ପର୍କରେ ଅଧିକ ସୂଚନା ପାଇଁ, ଦୟାକରି ବିକ୍ରି ଚୂଡ଼ାନ୍ତ କରିବା ପୂର୍ବରୁ ସୂଚନା ପୁସ୍ତିକାରୁ ଧ୍ୟାନପୂର୍ବକ ପଢ଼ିନିଅନ୍ତୁ।
LIC ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ LIFE INSURANCE CORPORATION OF INDIA
ଜିନ୍ଦଗି କେ ସାଥ ଭି। ଜିନ୍ଦଗି କେ ବାଦ ଭି।
LIC/MUD/2021-22/10/Ori



ବିଭିନ୍ନ ଐତିହାସିକ ରାୟ ସହ ସମ୍ପୃକ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ରୋହିଣ୍ଟନ୍ ଫଲି ନରିମାନ ଗୁରୁବାର ଅବସର ନେଇଛନ୍ତି। ସିଜେଆଇ ଏନ୍.ଭି. ରମନା ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ଅବସରରେ ନ୍ୟାୟିକ ସଂସ୍ଥାକୁ ମାର୍ଗଦର୍ଶନ ଦେଉଥିବା ଏକ ସିଂହକୁ ହରାଇବା ଭଳି ଲାଗୁଥିବା କହିଥିଲେ। ସୁପ୍ରିମକୋର୍ଟ ତାଙ୍କର ଜ୍ଞାନ ଓ ବୁଦ୍ଧିମତ୍ତାକୁ ହରାଇବ। ଜଷ୍ଟିସ୍ ନରିମାନ ଦୃଢ଼ ବିଚାର ବ୍ୟବସ୍ଥାର ଏକ ସ୍ତମ୍ଭ ସଦୃଶ ଥିଲେ ବୋଲି ଜଷ୍ଟିସ ରମନା କହିଥିଲେ।

## ସଂକ୍ଷେପରେ

### ଭାଜପା ସହ ମିଶି ଗଣତନ୍ତ୍ରର ଶ୍ୱାସରୋଧ କରୁଛି ଟୁଇଟର: ପ୍ରିୟଙ୍କା

ନୂଆଦିଲ୍ଲୀ,୧୨।୮: ଅଗଷ୍ଟ ୧ରେ ଦକ୍ଷିଣପଶ୍ଚିମ ଦିଲ୍ଲୀର ଏକ ଶ୍ମଶାନରେ ଜଣେ ଦଳିତ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରି ଜାଳି ଦିଆଯାଇଥିଲା। ପୀଡ଼ିତାଙ୍କ



ମା'ବାପାଙ୍କ ଫଟୋ ଟୁଇଟ୍ କରିଥିବାରୁ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଆକାଉଣ୍ଟକୁ ଟୁଇଟର ବ୍ଲକ୍ କରିଦେଇଥିଲା। ଏହା ପରେ ଗୁରୁବାର ଦଳର ଅନେକ ନେତାଙ୍କ ଆକାଉଣ୍ଟକୁ ଟୁଇଟର୍ ପକ୍ଷରୁ ବ୍ଲକ୍ କରାଯାଇଥିବା ଦଳ ଅଭିଯୋଗ ଆଣିଛି। ଏନେଇ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଏହି ମାଇକ୍ରୋବ୍ଲଗିଂ ସାଇଟ୍ ଭାଜପା ନେତୃତ୍ୱାଧୀନ ସରକାର ସହ ମିଶି ଗଣତନ୍ତ୍ରର ଶ୍ୱାସରୋଧ କରୁଛି। ଟୁଇଟର ମୋଦି ସରକାରଙ୍କ ପାଇଁ କଂଗ୍ରେସ ନେତାମାନଙ୍କ ଆକାଉଣ୍ଟ ବ୍ଲକ୍ କରିବାବେଳେ ନିଜ ପଲିସିକୁ ମାନୁଛି କି? ପୂର୍ବରୁ ଏସ୍‌ସି କମିଶନ ଏକ ଅନୁରୂପ ଫଟୋ ଟୁଇଟ୍ କରିଥିବାବେଳେ ଟୁଇଟର ତାଙ୍କ ଆକାଉଣ୍ଟକୁ କାହିଁକି ଲକ୍ କରି ନ ଥିଲା ବୋଲି ପ୍ରିୟଙ୍କା ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ୨୩ କଂଗ୍ରେସ ନେତା ଓ ୭ଟି ଦଳୀୟ ହ୍ୟାଣ୍ଡଲକୁ ଟୁଇଟର ହ୍ୟାକ୍ କରିଥିବା ଦଳ ପକ୍ଷରୁ ଅଭିଯୋଗ ଅଣାଯାଇଛି।

### ୧୫୨ ପୋଲିସ ଅଫିସରଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀ ମେଡାଲ

ନୂଆଦିଲ୍ଲୀ, ୧୨।୮(ପି.ଟି.): ଅପରାଧ ତଦନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଦେଶର ୧୫୨ ପୋଲିସ ଅଫିସରଙ୍କୁ ୨୦୨୧ ବର୍ଷ ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ମେଡାଲ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ୨୮ ଜଣ ମହିଳା ପୋଲିସ ଅଫିସର ଥିବା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପୁରସ୍କୃତ ହୋଇଥିବା ଅଫିସରଙ୍କ ମଧ୍ୟରୁ ୧୫ ଜଣ ସିବିଆଇରୁ ହୋଇଥିବାବେଳେ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରୁ ୧୧ ଜଣ ଲେଖାଏ, ଉତ୍ତରପ୍ରଦେଶରୁ ୧୦, କେରଳ, ରାଜସ୍ଥାନରୁ ୯ ଜଣ ଲେଖାଏ, ତାମିଲନାଡୁର ୮, ବିହାରରୁ ୭, ଗୁଜରାଟ, କର୍ଣ୍ଣାଟକ, ଦିଲ୍ଲୀ ପୋଲିସରୁ ୬ ଜଣ ଲେଖାଏ ରହିଛନ୍ତି। ସେହିପରି ତେଲଙ୍ଗାନାରୁ ୫ ଜଣ, ଓଡ଼ିଶା, ହରିୟାଣା, ଆସାମ ଓ ପଶ୍ଚିମବଙ୍ଗରୁ ୪ ଜଣ ଲେଖାଏ ପୁରସ୍କୃତ ହୋଇଛନ୍ତି।

### ସ୍ୱରାଷ୍ଟ୍ର ସଚିବଙ୍କ କାର୍ଯ୍ୟକାଳ ବଢ଼ିଲା

ନୂଆଦିଲ୍ଲୀ, ୧୨।୮: ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲ୍ଲାଙ୍କ କାର୍ଯ୍ୟକାଳକୁ କେନ୍ଦ୍ର



ସରକାର ଆଉ ଗୋଟିଏ ବର୍ଷ ବୃଦ୍ଧି କରିଛନ୍ତି। ଚଳିତ ମାସରେ ସେ ଅବସର ନେଇଥାନ୍ତେ। ନିଯୁକ୍ତି ସମ୍ବନ୍ଧୀୟ କ୍ୟାବିନେଟ କମିଟିର ବିଜ୍ଞପ୍ତି ଅନୁଯାୟୀ ଅଗଷ୍ଟ ୨୨ରେ ଭାଲ୍ଲାଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ଏହାକୁ ଆଉ ଏକ ବର୍ଷ ବଢ଼ାଇବା ପାଇଁ କମିଟି ଅନୁମୋଦନ କରିଛି। ୧୯୮୪ ବ୍ୟାଚ୍‌ର ଆସାମ-ମେଘାଳୟ କ୍ୟାଡର ଆଇଏଏସ୍ ଅଫିସର ଭାଲ୍ଲାଙ୍କୁ ୨୦୧୯ ଅଗଷ୍ଟ ୨୨ରେ ସ୍ୱରାଷ୍ଟ୍ର ସଚିବ ନିଯୁକ୍ତ କରାଯାଇଥିଲା। ୨୦୨୦ ନଭେମ୍ବରରେ ତାଙ୍କର କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଅକ୍ଟୋବର ୧୭ରେ ଏହାକୁ ବଢ଼ାଯାଇଥିଲା।

### ଫିଲିପାଇନ୍ସରେ ଭୂକମ୍ପ

ମାନିଲା,୧୨।୮: ଫିଲିପାଇନ୍ସର ଡାଭାଓ ଓରିଏଣ୍ଟାଲ ପ୍ରଦେଶରେ ଗୁରୁବାର ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୩ ଥିଲା। ସ୍ଥାନୀୟ ସମୟ ରାତି ୧ଟା ୪୬ରେ ଗଭର୍ନର ଜେନେରୋସୋ ଟାଉନ୍‌ର ଦକ୍ଷିଣ-ପୂର୍ବ ୬୭ କି.ମି. ଦୂରରେ ୬୯ କିମି. ଗଭୀରତାରେ ଏହି ଭୂକମ୍ପ ସୃଷ୍ଟି ହୋଇଥିବା ଫିଲିପାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭୋଲ୍‌କାନୋଲୋଜି ଆଣ୍ଡ ସେସ୍‌ମୋଲୋଜି ପକ୍ଷରୁ କୁହାଯାଇଛି।

### ବିଏସ୍‌ଏଫ୍ ଗାଡ଼ିକୁ ଆତଙ୍କବାଦୀ ଟାର୍ଗେଟ୍

ଶ୍ରୀନଗର, ୧୨।୮: ଜମ୍ମୁ-କଶ୍ମୀରର କୁଲ୍‌ଗାମ ଜିଲା ଅନ୍ତର୍ଗତ ଜାତୀୟ ରାଜପଥରେ ଗୁରୁବାର ଆତଙ୍କବାଦୀମାନେ ବିଏସ୍‌ଏଫ୍ ଗାଡ଼ିଗୁଡ଼ିକୁ ଟାର୍ଗେଟ କରି ଗୁଳି ଚଳାଇଥିଲେ। ଘଟଣାସ୍ଥଳକୁ ଅତିରିକ୍ତ ସୁରକ୍ଷା ବଳ ପଠାଯାଇଛି। ପୋଲିସ ଓ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ତଲାସି ଚଳାଇଛନ୍ତି।

## ଦୁଇଖଣ୍ଡ ହୋଇଗଲା ଜାହାଜ



ପାନାମା ପଞ୍ଜୀକୃତ ଏକ ଜାହାଜ ଜାପାନର ଉତ୍ତର ଉପକୂଳରେ ଦୁଇଖଣ୍ଡ ହୋଇଯାଇଛି। ସେଥିରୁ ତେଲ ଲିକ୍ ହେବାରୁ ସାମୁଦ୍ରିକ ଜୀବଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ୩,୯୯,୧୦,୦୦୦ କେଜି. ଓଜନ ବିଶିଷ୍ଟ ଜାହାଜ 'କ୍ରିମ୍‌ସନ୍ ପୋଲାରିସ୍'ରେ ୨୧ କ୍ରିଉ ମେମ୍ବର ଥିଲେ। ଉକ୍ତ ଜାହାଜଟି ଦୁଇଦିନ ତଳେ ଥାଇଲାଣ୍ଡରୁ ଯାତ୍ରା ଶେଷ କରିଥିଲା। ହାଚିନୋହେ ହାର୍ବରରୁ ବୁଧବାର ସକାଳେ କାଠଗୁଣ୍ଡ ନେଇ ବାହାରିଥିଲା। ବନ୍ଦରରୁ ମାତ୍ର ୪ କି.ମି. ଦୂରକୁ ଯାଇଥିବାବେଳେ ଖରାପ ପାଗ ଯୋଗୁ ଆଉ ଆଗକୁ ବଢ଼ିପାରି ନ ଥିଲା। ପରେ ଗୁରୁବାର ସକାଳେ ଏହା ଦୁଇଖଣ୍ଡ ହୋଇଯାଇଥିଲା। ଭଗ୍ନ ଜାହାଜକୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଚାଲିଛି।

## ତଦନ୍ତ କରିବ ବ୍ରିଟେନ ପୋଲିସ



ପ୍ରିନ୍ସ ଆଣ୍ଡ୍ରୁୟଙ୍କ ନାଁରେ ଯୌନ ନିର୍ଯାତନା ମାମଲା

ଆମେରିକା କୋର୍ଟରେ ବ୍ରିଟେନ୍ ପ୍ରିନ୍ସ ଆଣ୍ଡ୍ରୁୟଙ୍କ ବିରୋଧରେ ହୋଇଥିବା ଯୌନ ନିର୍ଯାତନା ମାମଲା ତଦନ୍ତ ବ୍ରିଟେନ ପୋଲିସ କରିବ। ଏ ନେଇ ଲଣ୍ଡନ ମେଟ୍ରୋପଲିଟାନ୍ ପୋଲିସ୍ ମୁଖ୍ୟ କ୍ରେସିଦା ଡିକ୍ ଗୁରୁବାର ସୂଚନା ଦେଇଛନ୍ତି। ଭର୍ଜିନିଆ ଜିଉଫର ନାମ୍ନୀ ଜଣେ ମହିଳା ସୋମବାର ନ୍ୟୁୟର୍କ କୋର୍ଟରେ ଏକ ମକଦ୍ଦମା କରିଛନ୍ତି। ଯୌନ ନିର୍ଯାତନା ମାମଲାରେ ଗିରଫ ହୋଇ ଜେଲରେ ଆତ୍ମହତ୍ୟା କରିଥିବା ଜେଫ୍‌ରି ଏପ୍‌ଷ୍ଟେନ ତାଙ୍କ ସହ ଦୁର୍ବ୍ୟବହାର କରିବା ସହିତ ଜବରଦସ୍ତ ଅନ୍ୟ ପୁରୁଷଙ୍କ ନିକଟରେ ଯୌନ ସମ୍ପର୍କ ରଖିବା ନିମନ୍ତେ ଛାଡ଼ି ଦେଇଥିଲେ। ପ୍ରାୟ ୨୦ ବର୍ଷ ତଳେ ଜିଉଫର ୧୮ ବର୍ଷ ବୟସର ହୋଇଥିବାବେଳେ ପ୍ରିନ୍ସ ଆଣ୍ଡ୍ରୁ ମଧ୍ୟ ଲଣ୍ଡନସ୍ଥିତ ଏପ୍‌ଷ୍ଟେନଙ୍କ ସହଯୋଗୀ ଗିସ୍‌ଲାଇନ୍ ମାକ୍ସୱେଲଙ୍କ ଘରେ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ ବୋଲି ପୀଡ଼ିତା ଅଭିଯୋଗ କରିଛନ୍ତି।

# ସଡ଼କକୁ ଗଲା ସଂସଦ କଳି

## ବାହାରୁ ଲୋକ ଡକାଇ ମହିଳା ଏମ୍‌ପିଙ୍କୁ ଆକ୍ରମଣ: ରାହୁଲ

**ଜୁଲାଇ ୧୯ରେ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଶୁକ୍ରବାର ଶେଷ ହେବାର ଥିଲା। କିନ୍ତୁ ଇସ୍ରାଏଲ୍‌ର ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ବିକଶିତ ପେଗାସସ୍ ସ୍ପାଏୱେରର ସରକାରୀ ବ୍ୟବହାରକୁ ନେଇ ତଦନ୍ତ ଓ ୩ କୃଷି ଆଇନ ଉଚ୍ଛେଦ ଦାବି ଏବଂ ତେଲ ଦର ବୃଦ୍ଧି ପ୍ରତିବାଦରେ ଉଭୟ ଗୃହରେ ବିରୋଧୀ ସଦସ୍ୟ ହଟ୍ଟଗୋଳ କରି ଅଚଳାବସ୍ଥା ସୃଷ୍ଟି କରିଥିଲେ। ବିରୋଧୀ ଜାଣିଶୁଣି ଗୃହକାର୍ଯ୍ୟରେ ବାଧା ଦେଉଥିବା ନେଇ କେନ୍ଦ୍ର ସମାଲୋଚନା କରିଥିଲା। କଂଗ୍ରେସ ବିକ୍ଷୋଭ ଆୟୋଜନ କରି ପାର୍ଲାମେଣ୍ଟକୁ ଅପମାନିତ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଥର ବର୍ଷିଥିଲେ। ଶାସକ-ବିରୋଧୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗିରହିବାରୁ ନିର୍ଦ୍ଧାରିତ ସମୟର ଦୁଇଦିନ ପୂର୍ବରୁ ଅର୍ଥାତ୍ ବୁଧବାର ସଂସଦକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ କରାଯାଇଛି। ଲୋକ ସଭାରେ ମାତ୍ର ୨୨% ଓ ରାଜ୍ୟ ସଭାରେ ୨୮% ଗୃହକାର୍ଯ୍ୟ ସମ୍ପାଦିତ ହୋଇପାରିଛି।**



ପାର୍ଲାମେଣ୍ଟ ବାହାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ବିରୋଧୀଙ୍କ ବିକ୍ଷୋଭ।

ନୂଆଦିଲ୍ଲୀ,୧୨।୮

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଶେଷ ହୋଇଛି। କିନ୍ତୁ ଯେତେଦୂର ଦେଶର ୬୦ ପ୍ରତିଶତ ଲୋକଙ୍କ ପ୍ରଶ୍ନ ଉଠୁଛି, କୌଣସି ଅଧିବେଶନ ହୋଇନାହିଁ। ୬୦% ଭାରତୀୟଙ୍କ ସ୍ୱରକୁ ଚପାଇ ଦିଆଗଲା, ସେମାନଙ୍କୁ ଅପମାନିତ କରାଗଲା ଓ ବୁଧବାର ମହିଳା ସଦସ୍ୟଙ୍କୁ ରାଜ୍ୟ ସଭାରେ ମାଡ଼ ମରାଗଲା। ଏଥିପାଇଁ ବାହାରୁ ଲୋକଙ୍କୁ ଅଣାଯାଇଥିଲା ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଏହାକୁ ଶାସକ ଭାଜପା ଖଣ୍ଡନ କରିଛି। ଏଥିସହ ଜଣେ ମହିଳା ମାର୍ଶାଲଙ୍କୁ ବିରୋଧୀ ସଦସ୍ୟମାନେ ଯେପରି ଠେଲାପେଲା କରିଛନ୍ତି, ତାହା ସିସିଟିଭି କ୍ୟାମେରାରେ କଏଦ୍ ହୋଇଛି। ଏହି ଲଜ୍ଜାଜନକ କାର୍ଯ୍ୟ ପାଇଁ ବିରୋଧୀ କ୍ଷମା ମାଗନ୍ତୁ ବୋଲି କେନ୍ଦ୍ର ଦାବି କରିଛି।

ସଂସଦର ଅଧିବେଶନକୁ ଅବଧି ପୂରିବାର ଦୁଇଦିନ ପୂର୍ବରୁ ହଠାତ୍ ବନ୍ଦ କରିଦିଆଯିବା ଓ ରାଜ୍ୟ ସଭାରେ କେତେଜଣ ମହିଳା ଏମ୍‌ପିଙ୍କ ଉପରେ ହୋଇଥିବା ତଥାକଥିତ ଆକ୍ରମଣକୁ ନେଇ ଗୁରୁବାର ସକାଳେ ପାର୍ଲାମେଣ୍ଟ ବାହାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। ଗଣମାଧ୍ୟମକୁ ରାହୁଲ କହିଥିଲେ, ଆଜି ଆମେ ଆପଣମାନଙ୍କ ସହ ଆଲୋଚନା

### ମହିଳା ମାର୍ଶାଲଙ୍କୁ ଠେଲାପେଲା ବେଳର ଦୃଶ୍ୟ ଭାଇରାଲ



କରିବାକୁ ଆସିଛୁ। କାରଣ ପାର୍ଲାମେଣ୍ଟ ଭିତରେ ଆମକୁ କହିବାକୁ ଦିଆଗଲା ନାହିଁ। ଏହା ଗଣତନ୍ତ୍ରର ହତ୍ୟା। ରାଜ୍ୟ ସଭାରେ ପ୍ରଥମ ଥର ପାଇଁ ଏମ୍‌ପିମାନଙ୍କୁ ମାଡ଼ ମରାଯାଇଛି, ଠେଲାପେଲା କରାଯାଇଛି। ଅଧକ୍ଷ କହୁଛନ୍ତି, ସେ ଅସ୍ୱସ୍ତ। ବାଚସ୍ପତିଙ୍କ ମଧ୍ୟ ସମାନ ଅବସ୍ଥା। କିନ୍ତୁ ଗୃହକୁ କିପରି ଚଳାଯିବ ତାହା ସେମାନଙ୍କ ଦାୟିତ୍ୱ। ମିଳିତ ବିକ୍ଷୋଭରେ ଅନେକ ବିରୋଧୀ ନେତା ସାମିଲ ହୋଇଥିଲେ। ଏଥିରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର, ଶିବସେନାର ସଞ୍ଜୟ ରାଉତଙ୍କ ସମେତ ଡିଏମ୍‌କେ, ସମାଜବାଦୀ ପାର୍ଟି, ଆର୍‌ଜେଡି, ସିପିଏମ୍, ସିପିଆଇ, ମୁସ୍‌ଲିମ ଲିଗ୍, ଆର୍‌ଏସ୍‌ପି ଏବଂ କେରଳ କଂଗ୍ରେସର ନେତାମାନେ ଯୋଗଦେଇଥିଲେ। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଜାରି ଏକ ମିଳିତ ବିବୃତିରେ କୁହାଯାଇଛି ଯେ, ପାର୍ଲାମେଣ୍ଟ ସୁରକ୍ଷା ବ୍ୟବସ୍ଥାର ଅଂଶ ହୋଇ ନ ଥିବା ବାହାର ଲୋକଙ୍କୁ ବିରୋଧୀ ନେତା ଓ ବିକ୍ଷୋଭରତ ମହିଳା ସଦସ୍ୟଙ୍କ ଉପରେ ଆକ୍ରମଣ ପାଇଁ ଅଣାଯାଇଥିଲା। ତେଣୁ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍.ଭେଙ୍କାୟା ନାଇଡୁ ଏତଲା ଦିଅନ୍ତୁ ବୋଲି ସେମାନେ ଅନୁରୋଧ କରିଥିଲେ। ପେଗାସସ୍ ସ୍ପାଏୱେର ଭଳି ଜାତୀୟ ପ୍ରସଙ୍ଗରେ ବିତର୍କ ପାଇଁ ବିରୋଧୀ ସର୍ବସମ୍ମତ ରୂପେ ଦାବି କରିବା ସତ୍ତ୍ୱେ କେନ୍ଦ୍ର ସରକାର ଜାଣିଶୁଣି ପାର୍ଲାମେଣ୍ଟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଇଦେଲେ। ଏହି ଏକଛତ୍ରବାଦୀ ବିଚାର ଓ ଅଗଣତାନ୍ତ୍ରିକ କାର୍ଯ୍ୟକୁ ବିବୃତିରେ ନିନ୍ଦା କରାଯାଇଛି। ତେବେ ଏହି ଅଭିଯୋଗକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ 'ସମ୍ପୂର୍ଣ୍ଣ ମିଥ୍ୟା' ଅଭିହିତ କରି ଖଣ୍ଡନ କରିଛନ୍ତି। ୭ ଜଣ କେନ୍ଦ୍ରମନ୍ତ୍ରୀ ଡାକିଥିବା ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ର ପାଲଟା ଆକ୍ରମଣ କରିଛି। ଅଧିବେଶନର ଅବଶିଷ୍ଟ ଅବଧିରେ ଅଧିକ ବିଲ୍ ଆଗତ ନ କରିବାକୁ ସରକାରଙ୍କୁ ବିରୋଧୀ ଧମକ ଦେଇଥିବା ସେମାନେ ଅଭିଯୋଗ ଆଣିଛନ୍ତି। ବିରୋଧୀ ଦଳଗୁଡ଼ିକ ଯେପରି ବ୍ୟବହାର ଦେଖାଇଛନ୍ତି, ତାକୁ ନେଇ ସେମାନେ କ୍ଷମା ମାଗିବା ଉଚିତ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

> ମୋ ୫୫ ବର୍ଷର ସଂସଦୀୟ କ୍ୟାରିୟରରେ ମହିଳା ସହକର୍ମୀଙ୍କୁ ଏପରି ଆକ୍ରମଣ କରାଯିବା ଦେଖି ନ ଥିଲି। ଏହା ଯନ୍ତ୍ରଣାଦାୟକ। ଏହା ହେଉଛି ଗଣତନ୍ତ୍ର ଉପରେ ଆକ୍ରମଣ।
> -ଶରଦ ପାୱାର, ଏନ୍‌ସିପି ମୁଖ୍ୟ

> ରାଜ୍ୟ ସଭାରେ ଆମ ଉପରେ ଯେପରି ଆକ୍ରମଣ କରାଗଲା, ମନେହେଉଥିଲା ଯେମିତି ଆମେ ପାକିସ୍ତାନ ସୀମାରେ ଛିଡ଼ା ହୋଇଛୁ।
> -ସଞ୍ଜୟ ରାଉତ୍, ଶିବସେନା ଏମ୍‌ପି



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲ, ପ୍ରହ୍ଲାଦ ଜୋଷୀ, ଧର୍ମେନ୍ଦ୍ର ପ୍ରଧାନ, ଅନୁରାଗ ସିଂ ଠାକୁର ଏବଂ ଭି. ମୁରଲୀଧରନ୍।

> ଓବିସି ବିଲ୍ ଓ ବୀମା ବିଲ୍ ପରେ ସରକାର ଏହି ଅଧିବେଶନରେ ଅଧିକ ବିଧେୟକ ଗୃହୀତ ପାଇଁ ଉଦ୍ୟମ କଲେ ପାର୍ଲାମେଣ୍ଟର ଆହୁରି କ୍ଷତି କରାଯିବ ବୋଲି ବିରୋଧୀ ଧମକ ଦେଇଥିଲେ। ତେଣୁ ଅଧିବେଶନକୁ ଆଗୁଆ ମୁଲତବୀ କରିବାକୁ ନିଷ୍ପତ୍ତି ନିଆଗଲା।
> -ପ୍ରହ୍ଲାଦ ଜୋଷୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ

## ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ବାହାରେ ୧୫ କୋଟି ପିଲା

ନୂଆଦିଲ୍ଲୀ, ୧୨।୮(ପି.ଟି.)

ଦେଶର ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ବାହାରେ ଅନ୍ୟୂନ ୧୫ କୋଟି ପିଲା ରହିଥିବା ଗୁରୁବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେହିପରି ସାକ୍ଷରତାର ପ୍ରାଥମିକ ସଂଜ୍ଞା ତଳେ ପ୍ରାୟ ୨୫ କୋଟି ରହିଛନ୍ତି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ବାର୍ଷିକ ବୈଠକ ଅବସରରେ 'ନିଯୁକ୍ତି ସୃଷ୍ଟି ଓ ଉଦ୍ୟମିତା' ଉପରେ ଆୟୋଜିତ ଅଧିବେଶନରେ ଭାଗ ନେଇ ଧର୍ମେନ୍ଦ୍ର କହିଛନ୍ତି, ୩ରୁ ୨୨ ବର୍ଷ ବୟସ ବର୍ଗରେ ୫୦ କୋଟି ରହିଥିବାବେଳେ ସରକାରୀ, ଘରୋଇ ଏବଂ ଦାତବ୍ୟ ସ୍କୁଲ, ଅଙ୍ଗନୱାଡ଼ି, ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ସମସ୍ତ ଦକ୍ଷତା ବିକାଶ ବ୍ୟବସ୍ଥାରେ ନାମ ଲେଖାଇଥିବା ମୋଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩୫ କୋଟି। ଅର୍ଥାତ୍ ପ୍ରାୟ ୧୫ କୋଟି ପିଲା ଓ ଯୁବବର୍ଗ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ବାହାରେ ରହିଛନ୍ତି। ଅର୍ଥନୀତିରେ ଉତ୍ପାଦନକାରୀ କାର୍ଯ୍ୟଶକ୍ତି ସୁନିଶ୍ଚିତ କରିବା ଲାଗି ସେମାନଙ୍କୁ ଶିକ୍ଷା ବ୍ୟବସ୍ଥା ମଧ୍ୟକୁ ଆଣିବା ନିମନ୍ତେ ସରକାର ଉଦ୍ୟମ କରୁଛନ୍ତି। ଜନସଂଖ୍ୟାର ୧୯ ପ୍ରତିଶତ ନିରକ୍ଷର ଥିବା ସ୍ୱାଧୀନତା ପରବର୍ତ୍ତୀ ଜନଗଣନାରୁ ଜଣାପଡ଼ିଥିଲା। ସ୍ୱାଧୀନତାର ୭୫ ବର୍ଷ ପରେ ଦେଶରେ ସାକ୍ଷରତା ହାର ୮୦ ପ୍ରତିଶତରେ ପହଞ୍ଚିଛି। ଅର୍ଥାତ୍ ଜନସଂଖ୍ୟାର ୨୦ ପ୍ରତିଶତ ବା ପ୍ରାୟ ୨୫ କୋଟି ଲୋକ ସାକ୍ଷରତାଠାରୁ ଦୂରରେ ରହିଛନ୍ତି। ନୂଆ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଧର୍ମେନ୍ଦ୍ର କହିଥିଲେ, ଏହା କେବଳ ଏକ ଦସ୍ତାବିଜ୍ ନୁହେଁ, ଆଗାମୀ ୨୫ ବର୍ଷରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ଏକ ରୋଡ୍‌ମ୍ୟାପ। ଉତ୍ତମ ଜୀବିକା ନିର୍ବାହ ପାଇଁ ପ୍ରଥମ ଥର ଲାଗି ଶିକ୍ଷା ସହ ଦକ୍ଷତା ବିକାଶ ବିଭାଗକୁ ସାମିଲ କରାଯାଇଛି। ନିକଟ ଭବିଷ୍ୟତରେ ପ୍ରତି ଗ୍ରାମକୁ ହାଇସ୍ପିଡ୍ ଇଣ୍ଟରନେଟ ସଂଯୋଗ ହେବ ବୋଲି ଧର୍ମେନ୍ଦ୍ର କହିଥିଲେ। ଏହା ନୂଆ ଶିକ୍ଷା, ଦକ୍ଷତା ଏବଂ ଉଦ୍ୟମିତା ପରିବେଶ ସୃଷ୍ଟି କରିବ। ସମାଜ ଗଠନରେ ଶିକ୍ଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ପ୍ରଯୁକ୍ତି ଏହାକୁ ନୂଆ ରୂପ ଦେଇଥାଏ। ଦ୍ରୁତ ବିକଶିତ ପ୍ରଯୁକ୍ତି ଓ ପରିବର୍ତ୍ତିତ ସମାଜରେ ଶିକ୍ଷକମାନଙ୍କୁ ଅଧିକ ଦକ୍ଷ ହେବାକୁ ପଡ଼ିବ।

## ଭୂସ୍ଖଳନ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି

ଶିମ୍‌ଲା, ୧୨।୮: ହିମାଚଳପ୍ରଦେଶର କନ୍ନୌର ଜିଲାରେ ବୁଧବାର ଘଟିଥିବା ଭୂସ୍ଖଳନ ଜନିତ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଗୁରୁବାର ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏବେ ବି ବସ୍ ଏବଂ ବୋଲେରୋର କେତେଜଣ ଯାତ୍ରୀ ମାଟି ତଳେ ଫସିରହିଛନ୍ତି। ଗୁରୁବାର ଆଉ ୪ଟି ମୃତଦେହ ମିଳିବା ପରେ ମୋଟ ମୃତ୍ୟୁସଂଖ୍ୟା ୧୫ରେ ପହଞ୍ଚିଥିବା ଆଇଟିବିପି ପକ୍ଷରୁ କୁହାଯାଇଛି। ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଆକାଶ ମାର୍ଗରୁ ଭୂସ୍ଖଳନ ସ୍ଥଳ ପରିଦର୍ଶନ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ହିମାଚଳପ୍ରଦେଶ ରାଜ୍ୟପାଳ ରାଜେନ୍ଦ୍ର ଅର୍ଲେକର ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଛନ୍ତି।

## କାନପୁରରେ ମୁସଲମାନଙ୍କୁ ଆକ୍ରମଣ
## ଜୟ ଶ୍ରୀରାମ କହିବାକୁ ବାଧକଲେ



ଲକ୍ଷ୍ନୌ, ୧୨।୮: ଉତ୍ତରପ୍ରଦେଶର କାନପୁର ସହରରେ ଇ-ରିକ୍ସା ଚଳାଉଥିବା ଜଣେ ୪୫ ବର୍ଷୀୟ ମୁସଲମାନଙ୍କୁ ବୁଧବାର କେତେଜଣ ଦୁର୍ବୃତ୍ତ ମାଡ଼ ମାରିବା ସହ 'ଜୟ ଶ୍ରୀରାମ' କହିବା ପାଇଁ ବାଧ କରିଥିଲେ। ତାଙ୍କୁ ଛାଡ଼ିଦେବା ପାଇଁ ଉକ୍ତ ବ୍ୟକ୍ତିଙ୍କ ଛୋଟ ଝିଅ ଆକ୍ରମଣକାରୀମାନଙ୍କୁ ଆକୁଳ ନିବେଦନ କରୁଥିବା ଦେଖାଯାଇଛି। ଆକ୍ରମଣ ଘଟଣାର ୫୦୦ ମିଟର ଦୂରରେ ବଜରଙ୍ଗ ଦଳ ପକ୍ଷରୁ ଏକ ସଭା କରାଯାଇଥିଲା। ମୁସଲମାନମାନେ ହିନ୍ଦୁଙ୍କ ଧର୍ମ ପରିବର୍ତ୍ତନ କରାଇବାକୁ ଉଦ୍ୟମ କରୁଥିବା ସେଠାରେ ଅଭିଯୋଗ ହୋଇଥିଲା। ଏହାର କିଛି ସମୟ ପରେ ମୁସଲମାନ ବ୍ୟକ୍ତିଙ୍କ ଉପରେ ଆକ୍ରମଣ ହୋଇଥିଲା। ପୋଲିସ ସ୍ଥାନୀୟ ୧୨ ଜଣଙ୍କ ନାମରେ ଦଙ୍ଗା ମାମଲା ରୁଜୁ କରିଛି। ତେବେ ସେମାନେ ବଜରଙ୍ଗ ଦଳର ସଦସ୍ୟ କି ନୁହନ୍ତି, ତାହା ଜଣାପଡ଼ିନାହିଁ। ଇ-ରିକ୍ସାଚାଳକ ଜଣକ ସ୍ଥାନୀୟ ମୁସଲମାନ ପରିବାରର ସମ୍ପର୍କୀୟ। ଉକ୍ତ ପରିବାରର ପଡୋଶୀ ହିନ୍ଦୁ ପରିବାର ସହ ବିବାଦ ଲାଗି ରହିଛି। ଗତ ମାସରେ ଦୁଇ ପରିବାର ପରସ୍ପର ବିରୋଧରେ ଥାନାରେ ଏତଲା ଦେଇଥିଲେ।

# ତାଲିବାନକୁ କ୍ଷମତା ଭାଗବଣ୍ଟା ପ୍ରସ୍ତାବ

### ହିଂସା ରୋକିବାକୁ ଆଫଗାନ ସରକାରଙ୍କ ଉଦ୍ୟମ

ଦୋହା, ୧୨।୮

ତାଲିବାନ ଆତଙ୍କବାଦୀମାନେ ଗୋଟିଏ ପରେ ଗୋଟିଏ ପ୍ରାଦେଶିକ ରାଜଧାନୀ ଦଖଲ କରିବା ସହ ହିଂସାକାଣ୍ଡ ଘଟାଇ ଚାଲିଥିବାବେଳେ କ୍ଷମତା ଭାଗବଣ୍ଟା ପାଇଁ କାତାର ରାଜଧାନୀ ଦୋହାଠାରେ ଅନୁଷ୍ଠିତ ଶାନ୍ତି ଆଲୋଚନାରେ ଆଫଗାନିସ୍ତାନ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଆମେରିକା ଓ ନାଟୋ ସେନା ପ୍ରତ୍ୟାହାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ତାଲିବାନ ଆତଙ୍କବାଦୀମାନେ ଦେଶରେ ହିଂସା ଓ ଦମନ ଲୀଳା ଚଳାଇଛନ୍ତି। ସେମାନେ ଆଫଗାନିସ୍ତାନର ଦୁଇ-ତୃତୀୟାଂଶ ଅଞ୍ଚଳକୁ ନିଜ ଦଖଲକୁ ନେଇସାରିଲେଣି। ହିଂସା ରୋକିବା ଲାଗି ଆଫଗାନ ସରକାରଙ୍କ ମଧ୍ୟସ୍ଥ ପ୍ରସ୍ତାବ ରଖିଛନ୍ତି। ଉକ୍ତ ପ୍ରସ୍ତାବ ଅନୁଯାୟୀ ତାଲିବାନ ହିଂସା ରୋକିଲେ ଏହାକୁ ସରକାରରେ ସାମିଲ କରାଯିବ। ତେବେ ଏହା ଉପରେ ତାଲିବାନ୍‌ର ପ୍ରତିକ୍ରିୟା ମିଳିପାରିନାହିଁ। ସପ୍ତାହକ ମଧ୍ୟରେ ଆତଙ୍କବାଦୀମାନେ ଆଫଗାନିସ୍ତାନର ୧୦ ପ୍ରାଦେଶିକ ରାଜଧାନୀ ଦଖଲ କରିଛନ୍ତି। ଗୁରୁବାର ଗଜନୀ ସେମାନଙ୍କ ଅକ୍ତିଆରକୁ ଯାଇଛି। ଆତଙ୍କବାଦୀମାନେ ଧୀରେ ଧୀରେ ଆଫଗାନିସ୍ତାନ ରାଜଧାନୀ କାବୁଲ ନିକଟବର୍ତ୍ତୀ ହେଉଛନ୍ତି। ଗଜନୀ ଦଖଲ ଫଳରେ ରାଜଧାନୀ କାବୁଲ୍‌କୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ରାଜପଥ ବିଚ୍ଛିନ୍ନ ହୋଇଯାଇଛି। ଯଦିଓ ବର୍ତ୍ତମାନ କାବୁଲ ପ୍ରତି ସିଧାସଳଖ ବିପଦ ସୃଷ୍ଟି ହୋଇନାହିଁ, ତେବେ ଗଜନୀ ଦଖଲ ପରେ ଦେଶର ଦୁଇ-ତୃତୀୟାଂଶ ଅଞ୍ଚଳ ତାଲିବାନ କବଳକୁ ଗଲାଣି। ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ପଳାଇଯାଉଛନ୍ତି। ଆଗାମୀ ୩୦ ଦିନ ମଧ୍ୟରେ ଆତଙ୍କବାଦୀ କାବୁଲକୁ ଅନ୍ୟ ଅଞ୍ଚଳଠାରୁ ବିଚ୍ଛିନ୍ନ କରିବା ସହ ୯୦ ଦିନ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ ଦଖଲକୁ ନେଇପାରନ୍ତି ବୋଲି ଆମେରିକାର ଏକ ଗୋଇନ୍ଦା ସଂସ୍ଥା କହିଛି।

ତାଲିବାନ ଆକ୍ରମଣରେ ଆଫଗାନିସ୍ତାନ ସୈନ୍ୟ ଛତ୍ରଭଙ୍ଗ ଦେଉଥିବାରୁ ଏବେ ପ୍ରଶ୍ନ ଉଠୁଛି ଆମେରିକା ଓ ନାଟୋ ସେନା ଦୀର୍ଘ ୨୦ ବର୍ଷ ରହି ଏଠାରେ କରୁଥିଲେ କ'ଣ। ଆଫଗାନ ସୈନ୍ୟଙ୍କୁ ତାଲିମ ଦେବା ଏବଂ ପୁନଃନିର୍ମାଣରେ ଆମେରିକା ପ୍ରତିରକ୍ଷା ବିଭାଗ ୮୩୦ ବିଲିୟନ ଡଲାର ଖର୍ଚ୍ଚ କରିଥିବା ଦାବି କରୁଛି। ଆଫଗାନ ସେନାକୁ ମିଳିଥିବା ଆମେରିକା ନିର୍ମିତ ହମ୍ଭି ଏବଂ ପିକ୍‌ଅପ୍ ଟ୍ରକ୍ ସମେତ ଏମ୍-୧୬ ରାଇଫଲକୁ ଏବେ ତାଲିବାନ ଆତଙ୍କବାଦୀ ବ୍ୟବହାର କରୁଛନ୍ତି।

ଦୋହାରେ ଅନୁଷ୍ଠିତ ଶାନ୍ତି ଆଲୋଚନାରେ ଆଫଗାନିସ୍ତାନ ପାଇଁ ଥିବା ଆମେରିକା ରାଷ୍ଟ୍ରଦୂତ ଜାମଲମେ ଖଲିଲଜାଦ୍ ଚାଇନା, ପାକିସ୍ତାନ ଓ ରୁଷିଆ କୂଟନୀତିଜ୍ଞମାନଙ୍କୁ ଭେଟିଥିଲେ। ଯଦି ତାଲିବାନ ଏଭଳି ଆକ୍ରମଣ ଜାରି ରଖେ ତେବେ ଏହାକୁ ଅନ୍ତର୍ଜାତୀୟ ସ୍ତରରେ ବାସନ୍ଦ କରିବା ନେଇ ମିଳିତ ଯୋଜନା ପ୍ରସ୍ତୁତ କରାଯାଉଛି। ଖଲିଲଜାଦ୍ ଆଫଗାନ ସରକାର ଏବଂ ଅଧିକାରୀମାନଙ୍କୁ ଭେଟିବା ପାଇଁ ଯୋଜନା କରିଛନ୍ତି। ବିମାନ ଚଳାଚଳ ବନ୍ଦ ହେବା ପୂର୍ବରୁ ସେଠାରେ ଥିବା ଭାରତୀୟମାନଙ୍କୁ ସ୍ୱଦେଶ ଫେରିଆସିବାକୁ ନୂଆଦିଲ୍ଲୀ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଭାରତ ଦେଇଥିବା ଏମ୍‌ଆଇ-୨୪ ହେଲିକପ୍ଟର ତାଲିବାନ ହାତରେ



ସମ୍ପୂର୍ଣ୍ଣ ଆଫଗାନିସ୍ତାନ ଦଖଲ ପାଇଁ ସଂଘର୍ଷ ଚଳାଇଥିବାବେଳେ ତାଲିବାନ ଏମ୍‌ଆଇ-୨୪ ଲଢ଼ୁଆ ହେଲିକପ୍ଟରକୁ ନିଜ ନିୟନ୍ତ୍ରଣକୁ ନେଇଛି। କୁନ୍ଦୁଜ୍‌ରେ ତାଲିବାନ ଆତଙ୍କବାଦୀମାନେ ଉକ୍ତ ହେଲିକପ୍ଟର ନିକଟରେ ଛିଡ଼ାହୋଇଥିବା ଭିଡିଓରୁ ଦେଖିବାକୁ ମିଳିଛି। ତେବେ ହେଲିକପ୍ଟରର ରୋଟର ବ୍ଲେଡ୍ ଦେଖାଯାଉନାହିଁ। ସମ୍ଭବତଃ ଆତଙ୍କବାଦୀମାନେ ଯେପରି ଉକ୍ତ ହେଲିକପ୍ଟରକୁ ବ୍ୟବହାର କରି ନ ପାରିବେ ସେଥିପାଇଁ ଆଫଗାନ ସେନା ପୂର୍ବରୁ ବ୍ଲେଡ୍ କାଢ଼ି ଦେଇଥିବା ଅନୁମାନ କରାଯାଉଛି। ୨୦୧୯ରେ ଭାରତ ଆଫଗାନିସ୍ତାନ ବାୟୁସେନାକୁ ଏହି ହେଲିକପ୍ଟର ଦେଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୫୮,୨୨,୧୭୦ | ୪୩,୪୨,୪୬୬ | ୧୮,୪୭,୯୦,୩୯୧ |
| ଭାରତ | ୩,୨୦,୭୭,୭୦୬ | ୪,୨୯,୭୦୨ | ୩,୧୨,୬୦,୦୫୦ |
| ଓଡ଼ିଶା | ୯,୯୧,୧୮୨ | ୬୬୯୭(+୫୩) | ୯,୭୪,୭୫୬ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବଜ୍ରପାତରେ ୨ ଯୁବକ ମୃତ

**ଆସିକା/ଦିଗପହଣ୍ଡି,୧୨।୮(ଡି.ଏନ୍.ଏ.):** ଗଞ୍ଜାମ ଜିଲାର ପୃଥକ ସ୍ଥାନରେ ଗୁରୁବାର ବଜ୍ରପାତରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଗାଙ୍ଗପୁର ଥାନା ଅନ୍ତର୍ଗତ ନିମିନା ଗ୍ରାମର ଯୋଗେନ୍ଦ୍ର ଜେନା(୩୫) ବଜ୍ରପାତର ଶିକାର ହୋଇଛନ୍ତି। ସେ ଗ୍ରାମ ନିକଟ ଖାରିପାହାଡ ଚାଷ ଜମିରେ କାମ କରୁଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ତାଙ୍କୁ ପ୍ରଥମେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଯୋଗେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ନଂ.୧୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିପରି ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଏଚ୍.ଟିକରପଡା ଗ୍ରାମର ପବିତ୍ର ପ୍ରଧାନ (୧୮) ମଧ୍ୟାହ୍ନରେ ଜମିରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ଗୌଡଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

### ପୌର ନିର୍ବାଚନ ପାଇଁ ହାଇକୋର୍ଟରେ ମାମଲା ଦାଏର

**କଟକ ଅଫିସ, ୧୨।୮:** ପୌର ନିର୍ବାଚନ ବିଳମ୍ବ ହେଉଛି। ତୁରନ୍ତ ଏହି ନିର୍ବାଚନ କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟରେ ଗୁରୁବାର ମାମଲା ଦାଏର ହୋଇଛି। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ସମୀର ଦେ ଓ ପୂର୍ବତନ ପ୍ରଶାସକ ପ୍ରସନ୍ନ ମିଶ୍ର ଏ ନେଇ ପିଟିଶନ ଦାଖଲ କରିଛନ୍ତି। ଏଥିରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ପକ୍ଷଭୁକ୍ତ କରାଯାଇଛି। ସମସ୍ତ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରିବାକୁ ରିଟ୍ ପିଟିଶନରେ ଉଲ୍ଲେଖ ରହିଛି। ୨୦୧୮ ସେପ୍ଟେମ୍ବରରୁ ରାଜ୍ୟର ସମସ୍ତ ଏନ୍ଏସି, ପୌରପାଳିକା ଓ ମହାନଗର ନିଗମର କାର୍ଯ୍ୟକାଳ ଶେଷ ହୋଇଯାଇଛି। ଏନେଇ ରାଜ୍ୟ ସରକାର କିଛି ପଦକ୍ଷେପ ନେଉନାହାନ୍ତି। କିଛିଦିନ ତଳେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ପୌର ନିର୍ବାଚନ ସମ୍ପର୍କରେ ଏକ ସ୍ମାରକପତ୍ର ଦେଇଥିଲେ। କମିଶନ କିଛି ପଦକ୍ଷେପ ନ ନେଲେ ଭାଜପା ପକ୍ଷରୁ ମାମଲା ଦାଏର କରାଯିବ ବୋଲି ସ୍ପଷ୍ଟ କରାଯାଇଥିଲା।

### ଅନିଲଙ୍କୁ ଅଭିନନ୍ଦନ ଜଣାଇଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୨।୮(ବ୍ୟୁରୋ):** ଆନ୍ତର୍ଜାତିକ ଯୁବ ଦିବସ ଅବସରରେ ଶିକ୍ଷା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ଅବଦାନ ପାଇଁ ରାଷ୍ଟ୍ରୀୟ ଯୁବ ପୁରସ୍କାରରେ ସମ୍ମାନିତ ହୋଇଥିବା ଓଡ଼ିଶାର ଅନିଲ ପ୍ରଧାନଙ୍କୁ ନୂଆଦିଲ୍ଲୀରେ ଭେଟି ତାଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି। ଯୁବ ଇଞ୍ଜିନିୟର ଅନିଲଙ୍କ ସଫଳତା ପ୍ରତ୍ୟେକ ଭାରତୀୟ ଏବଂ ଓଡ଼ିଆଙ୍କ ପାଇଁ ଗୌରବ। ଯୁବଶକ୍ତି ହେଉଛନ୍ତି ପରିବର୍ତ୍ତନର ଆଧାରଶିଳା, ଯେଉଁମାନେ କୋଭିଡ୍ ପରବର୍ତ୍ତୀ ନୂତନ ବିଶ୍ୱରେ ଆତ୍ମନିର୍ଭର ଭାରତର ସ୍ଥାନକୁ ମଜଭୁତ୍ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଅନିଲ ଅନେକ ଲୋଭନୀୟ ଚାକିରି ଛାଡ଼ିଛନ୍ତି। କଟକ ଜିଲାରେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରି ସେ ଛାତ୍ରୀଛାତ୍ରଙ୍କୁ ଶିକ୍ଷିତ କରିବା ପ୍ରଶଂସନୀୟ ବୋଲି ସେ କହିଛନ୍ତି।

# ଖୋଲିଲା ଶ୍ରୀମନ୍ଦିର

**ପୁରୀ ଅଫିସ,୧୨।୮**

କରୋନା କଟକଣା ଯୋଗୁ ଦୀର୍ଘ ୩ମାସ ଧରି ବନ୍ଦ ରହିଥିବା ଶ୍ରୀମନ୍ଦିର ଗୁରୁବାର ଖୋଲିଛି। ଏଥିସହ ଦର୍ଶନ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପ୍ରଶାସନର ଏସ୍ଓପି ଅନୁଯାୟୀ ପ୍ରଥମ ଦିନରେ ସେବାୟତ ପରିବାର ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କ ଦର୍ଶନ କରିଛନ୍ତି। ସେମାନଙ୍କ ପାଇଁ ସମସ୍ତ ୪ ଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରିବାର ଅନୁମତି ରହିଥିଲା। ଦୋଳମଣ୍ଡପ ସାହି, ମାଟିମଣ୍ଡପ ସାହି, ହରଚଣ୍ଡୀ ସାହି, ବାଲିସାହି, ମଣିକର୍ଣ୍ଣିକା ସାହି, ସୁଆର ସାହି, ବାସେଳୀ ସାହି ଓ ମାର୍କଣ୍ଡେଶ୍ୱର ସାହି ଆଦ ସାହିର ସେବାୟତ ପରିବାର ସଦସ୍ୟମାନେ ଦୀର୍ଘ ସମୟ ମନ୍ଦିରରେ ରହି ମହାପ୍ରଭୁଙ୍କ ଦର୍ଶନ ଲାଭ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ସେମାନେ ବୀମାକାର୍ଡ କିମ୍ବା ପରିଚୟପତ୍ର ଦେଖାଇ ଭିତରକୁ ପ୍ରବେଶ କରିଥିଲେ। ମନ୍ଦିର ପରିସରରେ କୋଭିଡ୍ ଗାଇଡଲାଇନ ପାଳନ କରାଯାଇଥିଲା।

ମାର୍କଣ୍ଡେଶ୍ୱର ସାହିର ଜ୍ୟୋତିର୍ମୟୀ ମହାନ୍ତି କହିଛନ୍ତି, ଦୀର୍ଘଦିନର ପ୍ରତୀକ୍ଷା ପରେ ମହାପ୍ରଭୁଙ୍କ ଦର୍ଶନ କରି ଦୁର୍ଲଭ ସୁଖ ପାଇଛି। ଏତେ ଭାବବିହ୍ୱଳ ହୋଇପଡ଼ିଥିଲି ଯେ, ଶ୍ରୀମନ୍ଦିର ଛାଡ଼ି ଆସିବାକୁ ଇଚ୍ଛା ହେଉ ନ ଥିଲା। ସେହିଭଳି ମମତା ସୁଆର କହିଛନ୍ତି, ଜୀବନ ଜଞ୍ଜାଳ ମଧ୍ୟରେ ମହାପ୍ରଭୁ ହିଁ ଏକମାତ୍ର ସାହା। ଆଜି ମନଭରି ଦର୍ଶନ କଲି ଓ ମହାପ୍ରଭୁଙ୍କ ଆଗରେ ଦୁଃଖ ବଖାଣିଲି। ଏହି ଅପୂର୍ବ ଶାନ୍ତି ମନକୁ ଶାନ୍ତ କଲା। କରୋନା କାଳରେ ମହାପ୍ରଭୁଙ୍କ ଦର୍ଶନକୁ ପ୍ରଶାସନ ସମ୍ପୂର୍ଣ୍ଣ ରୂପେ ବନ୍ଦ ନ କରୁ। କଟକଣା ମଧ୍ୟରେ ସୀମିତ ଭକ୍ତରେ ଦର୍ଶନ ବ୍ୟବସ୍ଥା କରାଯାଉ ବୋଲି ସେ ମତ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଗୁରୁବାର ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ସକାଳ ୬ଟା ୧୫ରେ ଦ୍ୱାରଫିଟା, ୬ଟା ୪୫ରେ ଭିତର ଶୋଧ, ୬ଟା ୫୫ରେ ମଙ୍ଗଳଆଳତି, ୭ଟାରେ ମଇଲମ, ୭ଟା ୨୫ରେ ତଡ଼ପ ଲାଗି, ସନ୍ଧ୍ୟା ୭ଟାରେ ଅବକାଶ, ୮ଟା ୨୦ରେ ରୋଷହୋମ ହୋଇ ୮ଟା ୫୫ ମିନିଟ୍ରେ ବେଶ ଶେଷ ହୋଇଥିଲା। ମହାପ୍ରଭୁଙ୍କ ବେଶ ଶେଷ ବେଳକୁ ଶ୍ରୀମନ୍ଦିରରେ ସେବାୟତ ପରିବାର ଲୋକଙ୍କ ଗହଳି ଜମିବା ଆରମ୍ଭ ହୋଇସାରିଥିଲା। ସେହିଭଳି ସକାଳଧୂପ ପୂର୍ବାହ୍ନ ୧୧ଟା ୧୫ରେ ଓ ମଧ୍ୟାହ୍ନ ଧୂପ ୨ଟା ୨୫ରେ ଶେଷ ହୋଇଥିଲା। ସନ୍ଧ୍ୟା ଆଳତି ୫ଟା ୫୫ରେ ସରିଥିବାବେଳେ ପହୁଡ଼ ପର୍ଯ୍ୟନ୍ତ ନୀତିକାନ୍ତି ଶୃଙ୍ଖଳିତ ଥିଲା। ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଶ୍ରୀମନ୍ଦିରରେ ଦର୍ଶନ ଆରମ୍ଭ ହୋଇଛି। ସେବାୟତ ପରିବାରଙ୍କ ଦର୍ଶନ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଶେଷ ହେବ। ଶନିବାର ଓ ରବିବାର ଶ୍ରୀମନ୍ଦିର ବନ୍ଦ ରହିବ। ୧୬ତାରିଖଠାରୁ ପୁରୀ ସହରବାସୀ ଟୋକନ୍ ଦେଖାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏଥିଲାଗି ଟୋକନ୍ ବଣ୍ଟନ ଆରମ୍ଭ ହୋଇଛି।

## ପ୍ରଥମ ଦିନରେ ଦର୍ଶନ କଲେ ସେବାୟତ ପରିବାର



ସେବାୟତ ପରିବାରର ମହିଳାମାନେ ଦାରୁଦିଅଁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।

# ୧୯ରେ ଓଡ଼ିଶା ଗସ୍ତରେ ଅଶ୍ୱିନୀ, ଧର୍ମେନ୍ଦ୍ର

**ଦେଶବ୍ୟାପୀ ଜନ ଆଶୀର୍ବାଦ ଯାତ୍ରା ପାଳିବ ଭାଜପା**

- ନୂଆ ମନ୍ତ୍ରିମଣ୍ଡଳ ପରେ ୨ ମନ୍ତ୍ରୀଙ୍କ ପ୍ରଥମ ଓଡ଼ିଶା ଗସ୍ତ

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୧୯ ତାରିଖରେ ଓଡ଼ିଶା ଗସ୍ତରେ ଆସି ଜନ ଆଶୀର୍ବାଦ ଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେବେ। ନିକଟରେ ମୋଦି ସରକାର ମନ୍ତ୍ରିମଣ୍ଡଳ ପରିବର୍ତ୍ତନ କରିବା ପରେ ଏହା ଧର୍ମେନ୍ଦ୍ର ଓ ଅଶ୍ୱିନୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ହେବ। ଭାଜପା ସାରା ଦେଶରେ ଜନ ଆଶୀର୍ବାଦ ଯାତ୍ରା ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏଥିଲାଗି ଦେଶର ସବୁ କେନ୍ଦ୍ରମନ୍ତ୍ରୀ ନିଜ ନିର୍ବାଚନମଣ୍ଡଳୀ ଗସ୍ତ କରିବେ। ସେହି କ୍ରମରେ ଓଡ଼ିଶା ଗସ୍ତରେ ଦୁଇ କେନ୍ଦ୍ରମନ୍ତ୍ରୀ ଆସିବେ। ୧୯ ତାରିଖରେ ଦୁଇ କେନ୍ଦ୍ରମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଦଳୀୟ ନେତା ଓ କର୍ମୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବାର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ସେଠାରୁ ଦୁହେଁ ସିଧା ପୁରୀ ଗସ୍ତରେ ଯାଇ ଜଗନ୍ନାଥଙ୍କ ଦର୍ଶନ କରିବେ। ପୁରୀରୁ ଫେରି ଉଭୟ ଟ୍ରେନ୍ ଯୋଗେ ରାୟଗଡ଼ା ଗସ୍ତରେ ଯିବେ। ରାୟଗଡ଼ାଠାରୁ ସେମାନେ ନବରଙ୍ଗପୁର, ପରେ କଳାହାଣ୍ଡି ଏବଂ ବଲାଙ୍ଗୀର ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏହିସବୁ ଜିଲା କାର୍ଯ୍ୟକ୍ରମ ଶେଷ କରି ଉଭୟ ୨୨ ତାରିଖରେ ଭୁବନେଶ୍ୱର ଫେରିଆସିବେ। ଦୁଇ କେନ୍ଦ୍ରମନ୍ତ୍ରୀ ଗସ୍ତ କରିବାକୁ ଥିବା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଜନ ଆଶୀର୍ବାଦ ଯାତ୍ରାକୁ ସଫଳ କରିବେ ବୋଲି ଜଣାପଡ଼ିଛି। ଓଡ଼ିଶାରେ ହେବାକୁ ଥିବା ବିଭିନ୍ନ ରେଳ ପ୍ରକଳ୍ପକୁ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ଗୁରୁବାର ଭାଜପାର କେତେଜଣ ବିଧାୟକ ଏବଂ ଏମ୍ପି ଯାଇ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଥିବା ଜଣାପଡ଼ିଛି। ମୟୂରଭଞ୍ଜ ଏମ୍ପି ତଥା କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ଥିବା କାରଣରୁ ସେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ ନାହିଁ। ତେବେ ଏହି କାର୍ଯ୍ୟକ୍ରମ ନେଇ ଦଳର ରାଜ୍ୟ ନେତୃବୃନ୍ଦଙ୍କ ନିକଟରେ ଏପର୍ଯ୍ୟନ୍ତ କୌଣସି ଖବର ନ ଥିବା କେତେଜଣ ମତ ରଖିଛନ୍ତି।



ସ୍ୱାଧୀନତା ଦିବସ ପାଇଁ ଗୁରୁବାର ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ବେଳାଭୂମିରେ ଦେଶାତ୍ମବୋଧକ ନୃତ୍ୟ ପ୍ରସ୍ତୁତି କରୁଛନ୍ତି।

## ଭାରତକୁ ବିଶ୍ୱ ଅଭିବୃଦ୍ଧିର ଇଞ୍ଜିନ କରିବା ଆବଶ୍ୟକ

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**

'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରିବା ବେଳେ ଆମେ ସମସ୍ତେ ଏକାଠି ହୋଇ ଯୁବପିଢ଼ିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦରକାର। କାରଣ ଯୁବପିଢ଼ିମାନେ ହିଁ ଭାରତର ନେତୃତ୍ୱ ନେଇ ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ହାସଲ କରିପାରିବେ। ଏହି ଲକ୍ଷ୍ୟ ଆଧାରରେ ଭାରତ ଦ୍ରୁତ ଅର୍ଥନୀତି ଅଭିବୃଦ୍ଧିର ସାକ୍ଷୀ ହେବ ଏବଂ ବିଶ୍ୱ ଅଭିବୃଦ୍ଧିର ଇଞ୍ଜିନ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ)ର ବାର୍ଷିକ ସମାରୋହରେ ନିଯୁକ୍ତି ସୃଷ୍ଟି ଏବଂ ଉଦ୍ୟମିତା ଜୀବିକା ପାଇଁ ଆଗକୁ ବଢ଼ିବା ବିଷୟ ଉପରେ ଆୟୋଜିତ ଭର୍ଚୁଆଲ ଆଲୋଚନାରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ଅର୍ଥନୀତି ଦ୍ରୁତଗତିରେ ଆଗକୁ ବଢ଼ୁଛି। ଏହାସହ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ଦେଖାଯାଉଛି। ଅର୍ଥନୀତିକୁ ଆଗକୁ ବଢ଼ାଇବା ସହ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ହେବ। ଆମ ଯୁବପିଢ଼ିଙ୍କୁ ଏକବିଂଶ ଶତାବ୍ଦୀର ଦକ୍ଷତା ସହ ପ୍ରସ୍ତୁତ କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରହିଛି। ଜାତୀୟ ଶିକ୍ଷା ନୀତି ୨୦୨୦ରେ ଭାରତ ସରକାର ଭବିଷ୍ୟତର ମାନବ ସମ୍ବଳ ପ୍ରସ୍ତୁତ କରିବା ପାଇଁ ଶିକ୍ଷା ଏବଂ ଦକ୍ଷତା ମଧ୍ୟରେ ସମନ୍ୱୟ ରଖିବା ଲାଗି କାର୍ଯ୍ୟ କରୁଛନ୍ତି। ଜାତୀୟ ଶିକ୍ଷା ନୀତି ଏକ ସୁଦୃଢ଼ ଶିକ୍ଷା ପରିସଂସ୍ଥାନ ପ୍ରସ୍ତୁତ କରିବାରେ ବଡ଼ ଯୋଗଦାନ ରଖିବ ଏବଂ ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବ। ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଟେକ୍ନୋଲୋଜି ସମାଜକୁ ପୁନଃରୂପ ଦେଇଥାଏ। ମହାମାରୀରୁ ଶିକ୍ଷାନୁଷ୍ଠାନ ଏବଂ ଦକ୍ଷତା ବିକାଶ କେନ୍ଦ୍ର ପ୍ରଭାବିତ ହୋଇଥିବା ବେଳେ ସରକାର ଡିଜିଟାଲ ଶିକ୍ଷାକୁ ବିକଶିତ କରି ଶିକ୍ଷାର ନିରନ୍ତରକୁ ସୁନିଶ୍ଚିତ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଅସଦାଚରଣ ଅଭିଯୋଗରେ ବ୍ୟାଙ୍କ ମ୍ୟାନେଜର ଗିରଫ

**ଭୁବନେଶ୍ୱର,୧୨।୮(ବ୍ୟୁରୋ)**

ଅସଦାଚରଣ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଭୁବନେଶ୍ୱରର ଜଣେ ବ୍ୟାଙ୍କ ମ୍ୟାନେଜରଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଜାଗମରାରେ ରହୁଥିବା ଉତ୍ତରପ୍ରଦେଶ ଗାଜିଆବାଦର ପଦ୍ମନାଭ ପାଣ୍ଡେ(୫୮)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ପଦ୍ମନାଭ ଦିଲ୍ଲୀରେ ଚାକିରି କରୁଥିବାବେଳେ ସେଠାକାର ଜଣେ ଯୁବତୀ(୩୬)ଙ୍କୁ ତାଙ୍କର ଦେଖାଶୁଣା ପାଇଁ ଘରେ ରଖିଥିଲେ। ତେବେ ପଦ୍ମନାଭଙ୍କର ଭୁବନେଶ୍ୱର ବ୍ରାଞ୍ଚକୁ ବଦଳି ହେବା ପରେ ସେ ଜାଗମରା କ୍ରିଷ୍ଣାଗାର୍ଡ଼ନରେ ଘର ଭଡା ନେଇ ରହୁଥିଲେ। ଉକ୍ତ ଯୁବତୀ ମଧ ତାଙ୍କ ଘରେ ରହି ସହାୟତା କରୁଥିଲେ। ଜୁଲାଇ ୧ରେ ପଦ୍ମନାଭ ଉକ୍ତ ଯୁବତୀଙ୍କୁ ଅସଦାଚରଣ କରିଥିବା ନେଇ ପୀଡିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୩୪୧/୨୧) ରୁଜୁ କରି ତଦନ୍ତ କରିଥିଲା।




# ପିଲାଙ୍କ ପାଇଁ ପ୍ରସ୍ତୁତି କର

**କୋଭିଡ୍ ତୃତୀୟ ଲହର ନେଇ ଜିଲାପାଳଙ୍କୁ ନିର୍ଦ୍ଦେଶ**

**ଭୁବନେଶ୍ୱର,୧୨।୮(ବ୍ୟୁରୋ)**

ରାଜ୍ୟରେ କୋଭିଡ୍-୧୯ ଦ୍ୱିତୀୟ ଲହର ଶେଷ ହୋଇନାହିଁ। ପୁଣି ତୃତୀୟ ଲହର ଆସିବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇଲେଣି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ପିଲାମାନଙ୍କ ଲାଗି ପ୍ରସ୍ତୁତି ଆରମ୍ଭ କରିବା ସକାଶେ ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, ସରକାରୀ ମେଡିକାଲ କଲେଜ ସୁପରିଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି, ଶୂନରୁ ୧୮ ବର୍ଷ ପିଲାମାନଙ୍କ କୋଭିଡ୍-୧୯ ଟିକାକରଣ ହୋଇ ନାହିଁ। ତେଣୁ ତୃତୀୟ ଲହରରେ ଉକ୍ତ ବୟସର ପିଲାମାନେ ଅଧିକ ସଂଖ୍ୟାରେ ସଂକ୍ରମିତ ହେବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ଆବଶ୍ୟକ। ତଦାରଖ କରିବାକୁ ଜିଲାସ୍ତରରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଟାସ୍କଫୋର୍ସ ଗଠନ କରାଯିବ। କମିଟି ନିୟମିତ ଭାବେ ତଦାରଖ, ପ୍ରତିକାର ମୂଳକ ପଦକ୍ଷେପ ନେବ। ଆସନ୍ତା ସପ୍ତାହ ମଧ୍ୟରେ ଜିଲାପାଳମାନେ ଏ ସଂକ୍ରାନ୍ତରେ ବୈଠକ ଡାକିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ରୋଗ ବିଭାଗର ୫୦ ପ୍ରତିଶତ ଆଇସିୟୁ, ପିଆଇସିୟୁ, ଏନଆଇସିୟୁ ବେଡ୍ କୋଭିଡ୍ ସଂକ୍ରମିତ ଶିଶୁଙ୍କ ପାଇଁ ସଂରକ୍ଷିତ ରଖିବାକୁ କୁହାଯାଇଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି।

# ଅବସରପ୍ରାପ୍ତ ଅନୁସଚିବ ପ୍ରକାଶ ଚନ୍ଦ୍ର ରଥ ଗିରଫ

**ଉଚ୍ଚ ଶିକ୍ଷା ବିଭାଗର ଇ-ମେଧାବୃତ୍ତି ଜାଲିଆତି**

- ୨୫୩ ଅଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଦେଇଥିଲେ ୩୬ ଲକ୍ଷ

**ଭୁବନେଶ୍ୱର,୧୨।୮(ବ୍ୟୁରୋ)**

ଉଚ୍ଚ ଶିକ୍ଷା ବିଭାଗର ଇ-ମେଧାବୃତ୍ତିରେ ବି ଦୁର୍ନୀତି। ଜାଲିଆତି କରାଯାଇ ଅଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଦିଆଯାଇଛି ମେଧାବୃତ୍ତି। ଏହି ଘଟଣାରେ ସମ୍ପୃକ୍ତ ଅବସରପ୍ରାପ୍ତ ଅନୁସଚିବ ପ୍ରକାଶ ଚନ୍ଦ୍ର ରଥଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ବାଲିଅନ୍ତାରୁ ଗିରଫ କରିଛି। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହାର ଖୋଳତାଡ଼ କରୁଛି ଇଓଡବ୍ଲ୍ୟୁ। ସୂଚନା ଅନୁଯାୟୀ, ଉଚ୍ଚ ଶିକ୍ଷା ଅଧୀନରେ ବିଭିନ୍ନ କଲେଜରେ ପଢୁଥିବା ମେଧାବୀ ଛାତ୍ରୀଛାତ୍ରୀଙ୍କୁ ପ୍ରତିବର୍ଷ ଇ-ମେଧାବୃତ୍ତି (ଇ-ସ୍କଲାରଶିପ୍) ଜରିଆରେ ଆର୍ଥିକ ସହାୟତା ପ୍ରଦାନ କରାଯାଏ। ଛାତ୍ରୀଛାତ୍ରମାନେ ଅନ୍ଲାଇନ୍ରେ ଆବେଦନ କରିବା ପରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ଆବେଦନକାରୀଙ୍କ ପତ୍ରକୁ ସରକାରଙ୍କୁ ପଠାଇଥାଏ। ପରେ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ଅର୍ଥରାଶିକୁ ଉଚ୍ଚ ଶିକ୍ଷା ବିଭାଗ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିଥାଏ। ତେବେ ୨୦୧୪-୧୫ ଶିକ୍ଷା ବର୍ଷରେ ଏହି ମେଧାବୃତ୍ତି ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିଲା। ସେହି ସମୟରେ ଉଚ୍ଚ ଶିକ୍ଷା ବିଭାଗର ସ୍କଲାରସିପ୍ ସେକ୍ସନର ତତ୍କାଳୀନ ଇନ୍ଚାର୍ଜ ଥିଲେ ପ୍ରକାଶ। ସେ କଲେଜ କର୍ତ୍ତୃପକ୍ଷଙ୍କୁ ନ ଜଣାଇ ଯୋଗ୍ୟ ନ ଥିବା ୨୫୩ଜଣ ଛାତ୍ରୀଛାତ୍ରଙ୍କୁ ୩୬.୧୦ ଲକ୍ଷ ଟଙ୍କାର ମେଧାବୃତ୍ତି ପ୍ରଦାନ କରିଥିଲେ। ଏହା ଜଣାପଡିବା ପରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ୨୦୧୭ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଆଇପିସିର ଦଫା ୪୦୯/୪୦୬/୧୨୦-ବିରେ ମାମଲା (ନଂ-୨୦/୨୦୧୭) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଦିଗପହଣ୍ଡିରେ ତୁଳା ଜିନିଙ୍ଗ ମିଲ୍ ଉଦ୍ଘାଟିତ

- କୃଷକମାନେ ଫସଲର ବିବିଧକରଣ ପାଇଁ ପ୍ରୋତ୍ସାହିତ ହେବେ
- ଛୋଟ ସହରର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି : ମୁଖ୍ୟମନ୍ତ୍ରୀ
- ଦିଗପହଣ୍ଡିରେ ହେବ ଇନ୍ଡୋର ଷ୍ଟାଡିୟମ

**ଭୁବନେଶ୍ୱର,୧୨।୮(ବ୍ୟୁରୋ) ଦିଗପହଣ୍ଡି (ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିଗପହଣ୍ଡିଠାରେ ଏକ ତୁଳା ଜିନିଂ ଓ ପ୍ରେସିଂ ମିଲ୍ ଏବଂ ଏକ ନୂଆ ବସ୍ ଟର୍ମିନାଲ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଛୋଟ ଛୋଟ ସହରର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଛୋଟ ଛୋଟ ସହରରେ ଲୋକଙ୍କ ରୋଜଗାର ବୃଦ୍ଧି ସହ ବିଭିନ୍ନ ନାଗରିକ ସୁବିଧାର ବିକାଶ ପାଇଁ ଆମେ କାମ କରୁଛୁ । ରାସ୍ତାଘାଟ, ଡ୍ରେନେଜ୍ ସହିତ ପିଇବା ପାଣିର ସୁବିଧା ଉପରେ ଆମେ ଗୁରୁତ୍ୱ ଦେଉଛୁ । ଦିଗପହଣ୍ଡିର ସବୁ ପରିବାରକୁ ପାଇପ ପାଣି ସଂଯୋଗ ଦିଆଯାଇଛି। ବସ୍ ଟର୍ମିନାଲ ମଧ ଉଦ୍ଘାଟିତ ହେଲା । ଏହିସବୁ ସୁବିଧା ଦିଗପହଣ୍ଡି ଜନସାଧାରଣଙ୍କ ଜୀବନଯାପନ ମାନରେ ଗୁଣାତ୍ମକ ଉନ୍ନତି ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ତୁଳା ଜିନିଙ୍ଗ ମିଲ୍ ରାଜ୍ୟର ସମବାୟ କ୍ଷେତ୍ରରେ ଏକ ନୂଆ ପଦକ୍ଷେପ । ଏହା ଆମର କପା ଚାଷୀଙ୍କ ରୋଜଗାର ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏଥିସହିତ ଅନ୍ୟ ଚାଷୀମାନଙ୍କୁ ମଧ ଫସଲର ବିବିଧକରଣ ପାଇଁ ପ୍ରେରଣା ଦେବ। ଚାଷୀମାନଙ୍କ ରୋଜଗାର ବୃଦ୍ଧି ପାଇଁ ଆମର ଲକ୍ଷ୍ୟ ପୂରଣରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ତୁଳା ଜିନିଂ ମିଲ୍, ବସ୍ ଟର୍ମିନାଲ ଉଦ୍ଘାଟନ କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

ରାଜ୍ୟର କ୍ରୀଡ଼ା ଭିତ୍ତିଭୂମି ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିକଟରେ ସରକାର ରାଜ୍ୟରେ ୮୯ଟି ବହୁମୁଖୀ ଇନ୍ଡୋର ଷ୍ଟାଡିୟମ ନିର୍ମାଣ ଲାଗି ନିଷ୍ପତ୍ତି ନେଇଛନ୍ତି। କ୍ରୀଡ଼ା ସହିତ ବାତ୍ୟା ଆଶ୍ରୟସ୍ଥଳଠାରୁ ଆରମ୍ଭ କରି ଡାକ୍ତରଖାନା ପରି ମଧ ଏହା କାମ କରିବ। ଦିଗପହଣ୍ଡିରେ ମଧ ଗୋଟିଏ ବହୁମୁଖୀ ଇନ୍ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି ବୋଲି ସେ କହିଛନ୍ତି । ଏହା ଆମ ପିଲାମାନଙ୍କର କ୍ରୀଡ଼ା ପ୍ରତିଭାକୁ ବିକଶିତ କରିବାରେ ବିଶେଷ ସହାୟକ ହେବ ।

ରାଜ୍ୟର କ୍ରୀଡ଼ା ବିକାଶରେ ଏକ ନୂଆ ଯୁଗ ଆରମ୍ଭ ହୋଇଛି । କ୍ରୀଡ଼ା ହିଁ ଯୁବସମାଜର ଦକ୍ଷତା ଓ ପ୍ରତିଭା ବିକାଶ ପାଇଁ ସୁଯୋଗ ସୃଷ୍ଟି କରିଥାଏ। ନିକଟରେ ଭାରତୀୟ ହକି ଦଳ ଦୀର୍ଘ ୪୦ ବର୍ଷ ପରେ ଅଲିମ୍ପିକ୍ସ ପଦକ ଜିତିପାରିଛି । ଆମ ଓଡ଼ିଶାର ୨ ଜଣ ଖେଳାଳି ମଧ ଏହି ଟିମ୍ରେ ଅଛନ୍ତି । ଏହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର କଥା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆମର ଯୁବ ସମାଜ ଉପରେ ମୋର ବହୁତ ଭରସା ଅଛି। ମୋର ପୂରା ବିଶ୍ୱାସ, ଯୁବ ସମାଜ ହିଁ ଆଗାମୀ ଦିନରେ ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ଆମ ଓଡ଼ିଶା ପାଇଁ, ସାରା ଦେଶ ପାଇଁ ସୁନାମ ଆଣିବେ।

କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି, ଏହି ୨ଟି ଯାକ ପ୍ରକଳ୍ପ ଦିଗପହଣ୍ଡିର ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଦିଗପହଣ୍ଡି ଓ ଗଞ୍ଜାମରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ସେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

ସୂଚନାଯୋଗ୍ୟ ଯେ ଦିଗପହଣ୍ଡି ଅଞ୍ଚଳରେ ପୂର୍ବରୁ ମାତ୍ର ୫୦୦ ହେକ୍ଟର ଜମିରେ କପାଚାଷ କରାଯାଉଥିବା ବେଳେ ଏବେ ଏହା ୫୦୦୦ ହେକ୍ଟରରେ ପହଞ୍ଚିଛି । ପୂର୍ବରୁ ୪ କୁଇଣ୍ଟାଲ ତୁଳା ଅମଳ ହେଉଥିବା ବେଳେ ଏବେ ୪୪ କୁଇଣ୍ଟାଲ ତୁଳା ଅମଳ ହେଉଛି । ତୁଳା ଜିନିଂ ମିଲ୍ ପାଇଁ ୩.୨୮ କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ ଏହା ଉଭୟ ଗଞ୍ଜାମ ଓ ଗଜପତି ଜିଲାର କପାଚାଷୀମାନଙ୍କ ପାଇଁ ଏକ ବଡ ବଜାର ସୃଷ୍ଟି କରିପାରିବ। ସେହିପରି ବସ୍ ଟର୍ମିନାଲ ଯୋଗୁ ଦିନକୁ ପ୍ରାୟ ୧୦୦ରୁ ୧୫୦ ବସ୍ ଚଳାଚଳ ହୋଇପାରିବ । ଏହାଦ୍ୱାରା ଲୋକଙ୍କ ଯାତାୟାତରେ ଅନେକ ସୁବିଧା ଆସିପାରିବ ବୋଲି ସୂଚିତ କରାଯାଇଛି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କରୁଛି ତପ
ମାଳି ଗଡ଼ଉଚି ଟଅପ ଟପା।**

ଶଠ ପ୍ରକୃତିର ବ୍ୟକ୍ତି ନିଜକୁ ଚିତା ଚଇତନରେ ସଜେଇ, ବେକରେ ମାଳ ପକେଇ ଅନ୍ୟକୁ ପ୍ରଭାବିତ କରିବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳ ବିଶ୍ୱାସୀ ବ୍ୟକ୍ତି ଏପରି କପଟତାକୁ ବୁଝି ନ ପାରି ତାଙ୍କରି ଫାଶରେ ପଡ଼ିଯାଇ ସର୍ବହରା ହୋଇଯାଇଥାନ୍ତି। ଭଣ୍ଡ ବ୍ୟକ୍ତିଙ୍କ ଏପରି ମନ୍ଦପ୍ରକୃତି ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କପୁରକାନ୍ତି
ତୁମକୁ ଦେଖିଲେ ମାଡ଼ଇ ବାନ୍ତି।**

ପରସ୍ପର ମଧ୍ୟରେ ଅହି ନକୁଳ ସମ୍ପର୍କ। ଜଣକର ଛାଇ ପଡ଼ିଲେ ଅନ୍ୟ ଜଣଙ୍କର ନାହି ଡିଏଁ। ଯାହା ସଙ୍ଗେ ଯାହାର ପଡ଼ି ନ ଥାଏ ସେ ତା'ର ଉପସ୍ଥିତିକୁ ସହଜରେ ଗ୍ରହଣ କରିପାରି ନ ଥାଏ। ଜଣେ ଅନ୍ୟ ଜଣକୁ ଦେଖି ସହି ନ ପାରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପିଲାଙ୍କ ଶୁଖିଲା ଖାଦ୍ୟରେ ପୋକ

**ସାରସକଣା,୧୨।୮(ଡି.ଏନ୍.ଏ.)**

ସରକାର ଗର୍ଭବତୀ,ପ୍ରସୂତି ଓ ଶିଶୁମାନଙ୍କୁ ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ଛତୁଆ, ଅଣ୍ଡା, ସୁଜି ଆଦି ପୁଷ୍ଟିସାର ଯୁକ୍ତ ଖାଦ୍ୟ ଯୋଗାଉଛନ୍ତି। ତେବେ ମୟୂରଭଞ୍ଜ ଜିଲା ଉପାନ୍ତ ସାରସକଣା ବ୍ଲକ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୁଜି ନାଁରେ ଶିଶୁମାନଙ୍କୁ ଦିଆଯାଉଛି ପୋକ ସାଲୁବାଲୁ ଅଖାଦ୍ୟ। ପୁଷ୍ଟିକର କୁହାଯାଉଥିବା ସେହି ଖାଦ୍ୟ ଏବେ ଶିଶୁମାନଙ୍କ ପାଇଁ ହାନିକାରକ ହେବା ଆଶଙ୍କା ପ୍ରକାଶ ପାଇଛି।

ପ୍ରକାଶ ଥାଉକି, ସାରସକଣା ବ୍ଲକ ଜାଲଦା ପଞ୍ଚାୟତ ଜାଲଦା ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ମିଳିଥିବା ଅଗଷ୍ଟ ମାସର ଖାଦ୍ୟରେ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଛି। ଏହି ଖାଦ୍ୟର ପଲିଥିନ ଉପରେ ୬ (ଜୁନ ମାସ) ଲେଖା ଥିଲା ବେଳେ ଏହାକୁ ବଦଳାଇବା ପାଇଁ ପୁଣି ତାହା ଉପରେ ଆଉ ଥରେ ୭(ଜୁଲାଇ ମାସ) ଲେଖା ହୋଇଛି। ଏ ସଂକ୍ରାନ୍ତରେ ସିଡିପିଓ ଭାନୁମତୀ ବେହେରାଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି ଓ ଖାଦ୍ୟ ବଣ୍ଟନ ଦାୟିତ୍ୱ ନେଇଥିବା ଏସ୍ଏଚ୍‌ଜି ଗ୍ରୁପ୍‌ଠାରୁ ତଥ୍ୟ ମଗାଯାଇଥିବା କହିଛନ୍ତି। ଏସ୍ଏଚ୍‌ଜି ଗ୍ରୁପ୍ ସଭାପତି କୁହନ୍ତି, ସୁଜି ଓ ଚିନିକୁ ମିଶାଇ ଜୁଲାଇ ୨୩ତାରିଖରେ ପ୍ୟାକିଂ ପରେ ୧ ତାରିଖରେ ବଣ୍ଟନ କରାଯାଇଥିଲା। ତେବେ କମ୍ ଦିନ ମଧ୍ୟରେ ସେଥିରେ ପୋକ ହେବା ଘଟଣାକୁ ସେ ଅସ୍ୱୀକାର କରିଥିଲେ। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ନିମ୍ନମାନର ଖାଦ୍ୟ ଯୋଗାଣ କରୁଥିବା ସଂସ୍ଥା ଏବଂ ଏଥିରେ ଜଡ଼ିତ ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ସୁଜିରୁ ବାହାରିଥିବା ପୋକ




ଶୁଖିଲା ଖାଦ୍ୟ ପ୍ୟାକେଟ।

## ୨ ବଳାତ୍କାରୀଙ୍କୁ ୨୦ବର୍ଷ କାରାଦଣ୍ଡ

**ବାରିପଦା ଅଫିସ,୧୨।୮:** ମୟୂରଭଞ୍ଜ ଜିଲା ଅତିରିକ୍ତ ଜିଲା ଓ ଦୌରା ଜଜ(୧)ପ୍ରବୀର କୁମାର ଚୌଧୁରୀ ଏକ ଗଣ ବଳାତ୍କାର ମାମଲାର ଶୁଣାଣି କରି ୨ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୨୦ହଜାର ଟଙ୍କା ଜରିମାନା ଆଦାୟ ପାଇଁ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ବାରିପଦା ସଦର ଥାନା ଅଞ୍ଚଳ ମେଘମାରୀ ଗ୍ରାମର କୁଶୁ ମୁର୍ମୁ(୨୮) ଓ ଚନ୍ଦନପୁର ଗ୍ରାମର ମଣ୍ଡଳ ମାରାଣ୍ଡି। ରାସଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ଯୁବତୀ ଶୌଚ ପାଇଁ ଯାଇଥିବା ବେଳେ ଅଭିଯୁକ୍ତ ଦ୍ୱୟ ତାଙ୍କୁ ବଳାତ୍କାର କରିଥିଲେ।

# ୧.୫୮ କୋଟି ଟଙ୍କାର ଲାଭାଂଶ ପ୍ରଦାନ କଲା ଓଡ଼ିଶା ବନ ଉନ୍ନୟନ ନିଗମ

**ଭୁବନେଶ୍ୱର,୧୨।୮(ବ୍ୟୁରୋ)**

ଓଡ଼ିଶା ବନ ଉନ୍ନୟନ ନିଗମ ପକ୍ଷରୁ ଗୁରୁବାର ରାଜ୍ୟ ସରକାରଙ୍କୁ ୨୦୧୯-୨୦ ଆର୍ଥିକବର୍ଷ ପାଇଁ ୧ କୋଟି ୫୮ ଲକ୍ଷ ୧୩ ହଜାର ୧୭୫ ଟଙ୍କାର ଲାଭାଂଶ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନିଗମର ପରିଚାଳନା ନିର୍ଦ୍ଦେଶକ ରାଜୀବ କୁମାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଚେକ୍ ପ୍ରଦାନ କରିଥିଲେ।

ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ନିଗମର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହି ସମୟରେ ନିଗମର ଅଧ୍ୟକ୍ଷ ପରାଗ ଗୁପ୍ତା, ଉନ୍ନୟନ କମିଶନର ପି.କେ. ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

୧୯୬୨ରେ ସୃଷ୍ଟି ହୋଇଥିବା ଓଡ଼ିଶା ବନ ଉନ୍ନୟନ ନିଗମ ହେଉଛି ଦେଶର ସର୍ବପୁରାତନ ବନ ନିଗମ। ଗତ ୧୫ ବର୍ଷରୁ ଅଧିକ ସମୟ ଧରି ଏହା ଲାଭ କରିଆସୁଛି। ସାରା ରାଜ୍ୟରେ ଏହାର ୨୦ଟି ଡିଭିଜନରେ ୫୨ଟି କେନ୍ଦ୍ରୀୟ କାଠ ଡିପୋ ଓ ୬୭ଟି ଜାଳେଣି କାଠ ଡିପୋ ରହିଛି। ଚଳିତ ବର୍ଷ ନିଗମ ୪.୮୧ ଲକ୍ଷ ଚାରା ରୋପଣ କରିଛି।

# ଡାକ୍ତରଖାନାରୁ କାନ୍ଧରେ ବୋହିଲେ ମୃତଦେହ

## ୫ ହଜାର ଭଡ଼ା ଦାବି କଲା ଶବବୁହା ଗାଡ଼ି

**ଫୁଲବାଣୀ ଅଫିସ, ୧୨।୮**

କନ୍ଧମାଳ ଜିଲା ଗୋଚ୍ଛାପଡ଼ା ମେଡିକାଲରୁ ମାତ୍ର ଅଧ କି.ମି. ଦୂର ମୃତଦେହ ନେବା ପାଇଁ ଶବବୁହା ଗାଡ଼ି ୫ ହଜାର ଟଙ୍କା ଭଡା ଦାବି କରିଛି। ଏକ ଗରୀବ ପରିବାର ଏତେ ଟଙ୍କା ଦେବାକୁ ସକ୍ଷମ ହୋଇ ନ ପାରି ମୃତଦେହକୁ ଖଟିଆରେ ରଖି କାନ୍ଧେଇ ନେବାକୁ ବାଧ୍ୟ ହୋଇଛନ୍ତି।

ଗୋଚ୍ଛାପଡା ପଞ୍ଚାୟତ ମୁଣ୍ଡାପଦର ଗ୍ରାମର ସରୋଜିନୀ ବରିହାଙ୍କୁ କିଛିଦିନ ତଳେ ଜ୍ୱର ହୋଇଥିଲା। ଗତ ୮ ତାରିଖରେ ପରିବାର ଲୋକେ ତାଙ୍କୁ ଫୁଲବାଣୀ ମେଡିକାଲ ଆଣି ସେଠାରୁ ଔଷଧ ନେଇ ଘରକୁ ଫେରିଥିଲେ। ତେବେ ପୁଣି ଦେହ ଖରାପ ହେବାରୁ ଗତ ବୁଧବାର ସରୋଜିନୀଙ୍କୁ ଆମ୍ବୁଲାନ୍ସରେ ଗୋଚ୍ଛାପଡା ମେଡିକାଲକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ନେବା ପାଇଁ ପରିବାର ଲୋକେ ଭଡାରେ ଗାଡି ଖୋଜିଥିଲେ। ମାତ୍ର ୫ ହଜାରରୁ କମ୍ ହେଲେ ଶବ ନେଇ ହେବ ନାହିଁ ବୋଲି ଗାଡିବାଲା କହିଥିଲେ। ମେଡିକାଲରୁ ଘର ମାତ୍ର ଅଧ କି.ମି. ଦୂରକୁ ମୃତଦେହ ନେବାକୁ ଏତେ ଟଙ୍କା ଦାବି କରାଯିବାରୁ ପରିବାର ଲୋକେ ଅସହାୟ ହୋଇପଡିଥିଲେ। ତେଣୁ ସେମାନେ ବାଧ୍ୟ ହୋଇ ଘରୁ ଏକ ଖଟିଆ ଆଣି ମୃତଦେହକୁ କାନ୍ଧରେ ବୋହି ନେଇଥିଲେ। ସମସ୍ତେ ଏହା ଦେଖୁଥିଲେ ବି କେହି ସହଯୋଗର ହାତ ବଢ଼ାଇ ନ ଥିଲେ। ତେବେ ଶବ ନେବା ପାଇଁ ପ୍ରଶାସନ ଗାଡ଼ିଭଡା ଧାର୍ଯ୍ୟ କରିବାକୁ ସାଧାରଣରେ ଦାବି ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ପାଣି ପାଇଁ...

ଆନ୍ଦୋଳନକାରୀମାନେ ଫେରିଯାଇଥିଲେ ମଧ୍ୟ ଉତ୍ତେଜନା ଜାରି ରହିଛି। ପରିସ୍ଥିତିକୁ ଆଖି ଆଗରେ ରଖି ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଗୁରୁବାର କଟକ-ଚାନ୍ଦବାଲି ରାସ୍ତାର ଅଚ୍ୟୁତପୁରଠାରେ ରାସ୍ତାରୋକୋ ଚାଲିଥିବା ବେଳେ ପୂର୍ବାହ୍ନ ୧୧ଟାରେ ପୋଲିସ ବଳୟକୁ ଆନ୍ଦୋଳନକାରୀ ଭାଙ୍ଗିଦେଇଥିଲେ। ବିଭିନ୍ନ ରାସ୍ତା ଦେଇ ମହିଳା, ପୁରୁଷ, ବୃଦ୍ଧାବୃଦ୍ଧ ଓ ପିଲାମାନେ ବରୁଣାଡିହାର ନିର୍ମାଣସ୍ଥଳରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ଆଇଜି ନରସିଂହ ଭୋଳ, ଜିଲାପାଳ ଅମ୍ରିତ ଋତୁରାଜ, ଏସ୍‌ପି ମଡକର ସମ୍ପିତ ସମ୍ପଦ, ଏଡିଏମ୍ ବସନ୍ତ ରାଉତ, ଉପଜିଲାପାଳ ନିରଞ୍ଜନ ବେହେରା ପ୍ରମୁଖଙ୍କ ସମେତ ଜିଲାର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ମଧ୍ୟ ଆନ୍ଦୋଳନକାରୀଙ୍କୁ ଆୟତ କରିବା ସମ୍ଭବ ହୋଇ ନ ଥିଲା।

**ପ୍ରକଳ୍ପ ସପକ୍ଷରେ ମତ...**

**ପ୍ରକଳ୍ପକୁ ନେଇ ରାଜନୀତି କରା ନ ଯାଉ**

"ପିଇବା ପାଣି ପାଇଁ ସମୁଦ୍ର କୂଳିଆ ଲୋକେ ତହଳ ବିକଳ ହେଉଥିବା ବେଳେ କେନ୍ଦ୍ରୀୟ ଅନୁଦାନରେ ନିର୍ମାଣାଧୀନ ଏହି ପ୍ରକଳ୍ପକୁ ନେଇ ରାଜନୀତି କରା ନ ଯାଉ। ଆଗାମୀ ଦିନର ଚାନ୍ଦବାଲିର ପ୍ରଗତିକୁ ଦେଖି କେତେକ ଇର୍ଷାନ୍ୱିତ ହେଉଛନ୍ତି।

**- ପ୍ରଫୁଲ୍ଲ ଦାସ, ସାହିତ୍ୟିକ, ଚାନ୍ଦବାଲି, ଭଦ୍ରକ**

**ଆନ୍ଦୋଳନକାରୀଙ୍କ ମନରେ କେତେକ ଭୁଲ୍ ଧାରଣା ରହିଛି**

"ଉକ୍ତ ପାନୀୟ ଜଳ ପ୍ରକଳ୍ପକୁ ନେଇ ଆନ୍ଦୋଳନକାରୀଙ୍କ ମନରେ କେତେକ ଭୁଲ୍ ଧାରଣା ରହିଛି। ଜଳ ସମ୍ପଦ ବିଭାଗର ଆକଳନ ଅନୁସାରେ ଖରସ୍ରୋତାର ମାତ୍ର ୫ ପ୍ରତିଶତ ଜଳ ଉକ୍ତ ପ୍ରକଳ୍ପରେ ବିନିଯୋଗ ହେବ। ଆଗାମୀ ଦିନରେ ଏହି ପ୍ରକଳ୍ପକୁ ପାଣି ଯୋଗାଣ ନେଇ ଆଶାବାଦୀ ଅଛୁ।

**- ସୁଧୀର କୁମାର ମହାନ୍ତି, ସାମାଜିକ କର୍ମୀ, ଚାନ୍ଦବାଲି**

ସୂଚନାଯୋଗ୍ୟ, ଭଦ୍ରକ ଜିଲାର ଚାନ୍ଦବାଲି, ଧାମନଗର, ବାସୁଦେବପୁର, ତିହିଡି ବ୍ଲକ ଅଞ୍ଚଳର ୯୧ ପଞ୍ଚାୟତ ଓ ସ୍ଥାନୀୟ ୩ ପୌରାଞ୍ଚଳକୁ ପାନୀୟ ଜଳ ଯୋଗାଣ ପାଇଁ ଚାନ୍ଦବାଲି ବ୍ଲକ ନୂଆହାଟଠାରେ ୨୦୧୯ରୁ ମେଗା ପାନୀୟ ଜଳ ପ୍ରକଳ୍ପ କାମ ଚାଲିଛି। ୮୯୨ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି ପ୍ରକଳ୍ପ ପାଇଁ ନିକଟସ୍ଥ ରାଜକନିକା ବ୍ଲକ ବରୁଣାଡିହାର ଖରସ୍ରୋତା ନଦୀରୁ ଜଳ ଉଠାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଖରସ୍ରୋତାରୁ ପାଣି ଉଠାକୁ ଆଳି ଓ ରାଜକନିକା ଅଞ୍ଚଳବାସୀ ୨ବର୍ଷ ହେଲା ବିରୋଧ କରିଆସୁଛନ୍ତି। ଫଳରେ ପୂର୍ବରୁ ଦୁଇଥର ଠିକା ସଂସ୍ଥା ନିର୍ମାଣ କାମ ଆରମ୍ଭ କରି ବିଫଳ ହୋଇଛି। ପ୍ରକଳ୍ପ ଅଞ୍ଚଳରେ ଜିଲା ପ୍ରଶାସନ ଗତ ଶନିବାର ରାତିରୁ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରିଥିଲା। ପୋଲିସ ଠୁଲକୁ ଦେଖି ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସଂଗ୍ରାମ ସମିତିର ଆହ୍ୱାନରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ, ବୃଦ୍ଧାବୃଦ୍ଧ ସୋମବାର ବରୁଣାଡିହାଠାରେ ଏକାଠି ହୋଇ ପ୍ରତିବାଦ ଜଣାଇଥିଲେ। ସେଦିନ ଦୁଇ ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା, ଦୋଳଗୋବିନ୍ଦ ନାୟକ, ସଂଗ୍ରାମ ସମିତିର କର୍ମକର୍ତ୍ତା ଦୁର୍ଯ୍ୟୋଧନ ମହାନ୍ତି, ବିଧାନ ଦାସ, ସବିତା ବରଜଙ୍କ ସହ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଗତ ୧୦ ତାରିଖ ଭୋର ୪ଟାଠାରୁ ଆସନ୍ତା ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ପ୍ରକଳ୍ପର ପାଣି ଉଠା ସ୍ଥାନ ବରୁଣାଡିହା, ଭାରିଗଦା ଓ ବାଳକାଟି ପଞ୍ଚାୟତରେ ୧୪୪ ଧାରା ଲାଗୁ କରିଥିଲେ। ବୁଧବାର ସଂଗ୍ରାମ ସମିତିର ଏକ ଉଚ୍ଚସ୍ତରୀୟ ବୈଠକ କଣ୍ଟପଡ଼ାରେ ହୋଇଥିଲା। ଏଠାରେ ପ୍ରକଳ୍ପ ବିରୋଧରେ ଏକ ନିର୍ଣ୍ଣାୟକ ଯୁଦ୍ଧ ହେବ ବୋଲି ଚେତାବନୀ ଦିଆଯାଇଥିଲା।

ଏ ସମ୍ପର୍କରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କୁ ପଚାରିବାରେ ଆମେ ଅହିଂସାରେ ବିଶ୍ୱାସ କରୁ। ଆଜିର ହିଂସାକାଣ୍ଡ ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ଦାୟୀ। ପୋଲିସମାନେ ମହିଳାମାନଙ୍କୁ ଲାଠିରେ ମାଡ ମାରିବା ସହ ପେଲାଠେଲା କରିଥିଲେ। ଫଳରେ ଲୋକମାନେ ଉତ୍ତ୍ୟକ୍ତ ହୋଇ ପଡିଥିଲେ ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର ବିଧାନ ଦାସଙ୍କୁ ପଚାରିବାରେ ଶାନ୍ତିପୂର୍ଣ୍ଣ ଭାବେ ଆମର ରାସ୍ତାରୋକୋ ଆରମ୍ଭ ହୋଇଥିଲା। ରାସ୍ତାରୋକୋ ହଟାଇବାକୁ ପୋଲିସ ବଳ ପ୍ରୟୋଗ କରିବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ଉଠିଥିଲେ।

ଏ ସମ୍ପର୍କରେ ଆଳି ବିଧାୟକ ପ୍ରତାପ ଦେବଙ୍କ ସହ ମୋବାଇଲ ନଂ. ୯୪୩୭୦୫୪୨୫୨କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଉଠାଇ ନ ଥିଲେ।

### ଯୁବତୀଙ୍କୁ ଏସିଡ୍...

ଉଲ୍ଲେଖ କରିଥିବାବେଳେ ଏହା ଏସିଡ୍ ନୁହେଁ, ଅନ୍ୟ କୌଣସି ରାସାୟନିକ ପଦାର୍ଥ ତାଙ୍କ ଦେହରେ ପକାଯାଇଥିବା ପୋଲିସ ସନ୍ଦେହ କରୁଛି। ତଦନ୍ତ ଜାରି ରହିଥିବାରୁ ପୋଲିସ ଅଧିକ କିଛି ସୂଚନା ଦେବାକୁ ମନା କରିଦେଇଛି। ମିଳିଥିବା ସୂଚନା ଅନୁସାରେ ପପୁଙ୍କ ଘର ପୁରୀ ଜିଲା ନିମାପଡ଼ାରେ ହୋଇଥିବାବେଳେ ସେ ପିପିଲିର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ପରେ ଉଭୟେ ୨୦୧୯ରେ ନୋଟାରୀଙ୍କ ନିକଟରେ ବିବାହ କରିଥିଲେ। ବିବାହ ପରେ ସେମାନେ ଏକତ୍ର ନ ରହି ନିଜ ନିଜ ଘରେ ରହୁଥିଲେ। ହେଲେ ନୋଟାରୀରେ ବିବାହ କରିଥିବାରୁ ଯୁବତୀ ଜଣକ ପପୁଙ୍କ ସାଙ୍ଗରେ ରହିବାକୁ ସବୁବେଳେ ଜିଦ୍ ଧରୁଥିଲେ। ହେଲେ ପପୁ କିଛି ନା କିଛି ବାହାନା ଦେଖାଇ ଦିନ ଗଡ଼େଇ ଚାଲିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡ଼ା ମଧ୍ୟ ଲାଗୁଥିଲା। ବୁଧବାର ପପୁ ଉକ୍ତ ଯୁବତୀଙ୍କୁ ଧଉଳି ନିକଟକୁ ଡକାଇଥିଲେ। ଯୁବତୀ ଜଣକ ସେଠାରେ ପହଞ୍ଚିବା ପରେ ଉଭୟେ ବସି କଥା ହୋଇଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ପପୁ ନୋଟାରୀ ନିକଟରେ କରିଥିବା ବିବାହର ସମସ୍ତ କାଗଜପତ୍ରକୁ ପୋଡ଼ିବାକୁ ଚେଷ୍ଟା କରିଥିଲେ। ଏହାକୁ ଯୁବତୀ ବିରୋଧ କରିବାରୁ ପପୁ ରାଗିଯାଇ ନିଜ ସାଥିରେ ଆଣିଥିବା ଏସିଡ୍ ଯୁବତୀଙ୍କ ମୁହଁକୁ ଫୋପାଡ଼ି ସେଠାରୁ ଫେରାର ହୋଇଯାଇଥିଲେ। ଯୁବତୀ ଜଣଙ୍କ କଷ୍ଟରେ ଛଟପଟ ହୋଇ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ପାରସ୍ପରିକ ମତଭେଦ କାରଣରୁ କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁ ଓ ପରିବାର ଦିଗରୁ ମଧ୍ୟ ସମୟଟି ଅନୁକୂଳ ନୁହେଁ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ପାଇବେ। ପରିବହନ କ୍ଷେତ୍ରରେ ସମସ୍ୟା ଗୁଡ଼ିକର ସମାପ୍ତି ଘଟାଇବା ଆଶା କରାଯାଇପାରେ।

**ବୃଷ**



ଦୁରଭିସନ୍ଧି ରଖି ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇପାରନ୍ତି। ଅଫିସରେ କିମ୍ବା କୌଣସି ଆଲୋଚନା କ୍ଷେତ୍ରରେ ମନ ଅସ୍ଥିର ରହିବ। କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଅନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି।

**ମିଥୁନ**



ପାରିବାରିକ ଅସ୍ଥିରତା କାରଣରୁ ରାଗକୁ ନିୟନ୍ତ୍ରଣରେ ରଖିବା କଷ୍ଟକର ହୋଇପାରେ। ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କ ଦ୍ୱାରା ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆଇନ, ଅଦାଲତ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**କର୍କଟ**



ଭାଇ, ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ ଲାଭିକରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବା ସୂଚନା ରହିଛି।

**ସିଂହ**



କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାର ରାସ୍ତା ଖୋଜି ପାଇପାରିବେ ନାହିଁ। ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରି ପରେ ଅନୁତାପ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କନ୍ୟା**



ଆଜି କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରିବା ଭଲ। ଶତ୍ରୁତା କରୁଥିବା ଲୋକଟି ଆପଣଙ୍କ ମନକୁ ବାଧିଲା ଭଳି କଥା କହିପାରେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଯୋଜନାବିହୀନ କାମରେ ମୁଣ୍ଡ ପୂରାନ୍ତୁ ନାହିଁ। ଆଜିର ଯାତ୍ରା, ସନ୍ତାନଙ୍କ ଗୌରବଜନିତ ଆନନ୍ଦ ଅନୁଭବ କରିବେ।

**ତୁଳା**



ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରିପାରିବେନି। ଅନ୍ୟର କଥାରେ ମୁଣ୍ଡ ପୂରାଇ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ପଡ଼ୋଶୀଙ୍କ ପ୍ରେରଣାରେ ସତ୍ସଙ୍ଗ ଓ ଧର୍ମଚର୍ଚ୍ଚା କିମ୍ବା ଆନୁଷ୍ଠାନିକ ଦିଗକୁ ମନ ବଳାଇପାରନ୍ତି।

**ବିଛା**



ଯାହା ଦୀର୍ଘଦିନ ହେଲା ହୋଇପାରି ନ ଥିଲା ଆଜି ତାହା ସମାଧାନ ହୋଇଯିବ । ପରିବହନ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବାରେ ସଫଳ ହେବେ। ଜମିଜମା କିଣାବିକା କ୍ଷେତ୍ରରେ ନିଜ ପରିବାରର ସଦସ୍ୟମାନଙ୍କଠାରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେବା ଆଶଙ୍କା ରହିଛି।

**ଧନୁ**



କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ପ୍ରଭାବରେ ଆପଣଙ୍କ କର୍ମକ୍ଷେତ୍ର ବିଶୃଙ୍ଖଳିତ ହୋଇପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ପିଲାମାନଙ୍କ ଶିକ୍ଷାର ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକତ୍ରୁଟି ଅସୁବିଧାରେ ପକାଇପାରେ।

**ମକର**



ଆଜି ହଠାତ୍ ଜଣେ ବନ୍ଧୁ ଆପଣଙ୍କୁ ଅର୍ଥ ଓ ସମ୍ମାନ ପ୍ରଦାନ କରିବେ। କର୍ମକ୍ଷେତ୍ରରେ ଜଣେ ବ୍ୟକ୍ତିଠାରୁ ହଠାତ୍ କୌଣସି ଖବର ପାଇ ବିଚଳିତ ହେବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ**



ଆଜିର କାମ ଓ କଥାରେ ସଂଯମ ନ ରଖିଲେ ବନ୍ଧୁରେ କଳହ, ଧନହାନି ଘଟିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ । ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ**



ପାରିବାରିକ ସ୍ତରରେ ପିଲାଙ୍କ ପାଇଁ ମନ ଅସ୍ଥିର ରହିବ ଓ ମାନସିକ ବ୍ୟଥା ଅନୁଭବ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେପରି କିଛି ହେବନାହିଁ। ସମ୍ପର୍କୀୟଙ୍କ ସାହାଯ୍ୟରୁ କୌଣସି ମୂଲ୍ୟବାନ୍ ଜିନିଷ କ୍ରୟ କରିପାରନ୍ତି। ନୃତ୍ୟ, ସଙ୍ଗୀତ, ବାଦ୍ୟ ଓ ମନୋରଞ୍ଜନ କ୍ଷେତ୍ରରେ ସଫଳତା ହାସଲ କରିବେ।


# classifieds

**Everyday**
**0674-2580101, 2549302**




## SALE

**Hurry-Up-Offer-Offer ready/ under construction flat/ duplex for sale in posh location of Bhubaneswar. 9938569014, 9861433014.** D-21323

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70467

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877

**Flat, Duplex, Simplex near Phulnakhara, Patia Bigbazar, Bhubaneswar (Bank finance available). 8249363553, 9437677099.** D-70876

Plot for sale in Shreekhetra Vihar near Mangalpur, Bhubaneswar, Puri NH side with gated community, Electricity, Security, Park, Temple. 9777302825. D-70882

**Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/- 1250/-, 8249477254, 7978230118.** D-70887

## PURCHASE

**Land required in Bhubaneswar & Puri for Outright/ Share basis for Apartment/ Duplex and Ploted Scheme. Interested Land Owner please contact : 9438109040/ 8144658008.** D-21327




Rent for Office/ Bank/ Shop 2000sqft. area. Prime location on NH-Cosmopolis Chaka, near Khandagiri, Bhubaneswar- 751019 was let-out to Bank. Contact- 9871816986. D-71401




Refreshing your mind, your body with tha best therapy at Lotus Spa. 8018891951. D-70468

Swarna SPA newly open positively health benefits with expert therapist. 9556978408. D-71128

Newly open SPA offer @799/-, positively health benefits, Jaydev Bihar. 7846814019. D-60000

Newly Open Saikrupa Panchakarma Spa positively health benefits with Expert. 8984068077. D-21326

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସମସ୍ତଙ୍କୁ ହସାଇବା ହିଁ ଲକ୍ଷ୍ୟ



**ଅଭିନେତା, ପ୍ରଯୋଜକ ଏବଂ ସାମାଜିକ କର୍ମୀ ରଷି ପଟ୍ଟନାୟକ। ୧୩ବର୍ଷ ବୟସରୁ ହିନ୍ଦୀ ଚଳଚ୍ଚିତ୍ରରୁ କ୍ୟାରିୟର ଆରମ୍ଭ କରିଥିବା ଏହି ଅଭିନେତା ଲଗାତର ଦୁଇଥର ଶ୍ରେଷ୍ଠ ଖଳନାୟକ ଓ ଶ୍ରେଷ୍ଠ ହାସ୍ୟାଭିନେତା ଭାବେ ରାଜ୍ୟସ୍ତରୀୟ ପୁରସ୍କାର ହାସଲ କରିଛନ୍ତି। ଅଭିନୟର ଲମ୍ବା ଯାତ୍ରା ମଧ୍ୟରେ ସେ 'ମାଲ୍ ମହୁ ଜୀବନ ମାଟି', 'ସାଥୀ', 'ପୂଜା ପାଇଁ ଫୁଲଟିଏ' ଭଳି ୧୦ରୁ ଊର୍ଦ୍ଧ୍ୱ ଓଡ଼ିଆ, ୯ ହିନ୍ଦୀ ଚଳଚ୍ଚିତ୍ର ଓ ଇଂଲିଶ୍ ଚଳଚ୍ଚିତ୍ର 'ଦି ଓମେନ୍ ଫ୍ରମ୍ ଦି ଜର୍ଜିଆ', ୪ଶହରୁ ଊର୍ଦ୍ଧ୍ୱ ଆଲବମ୍‌ରେ ଅଭିନୟ କରି ସାରିଛନ୍ତି। ଦୂରଦର୍ଶନରେ ଭାରତର ସବୁଠାରୁ କନିଷ୍ଠ ପ୍ରଯୋଜକ ଭାବେ ମଧ୍ୟ ସେ ପରିଚିତ। ଏବେ ରିଲିଜ୍ ଅପେକ୍ଷାରେ ରହିଛି ତାଙ୍କ ଅଭିନୀତ ଓଡ଼ିଆ ଚଳଚ୍ଚିତ୍ର 'ତ୍ରିଷ୍ଣା', ହିନ୍ଦୀ ଚଳଚ୍ଚିତ୍ର 'ପ୍ରଚଣ୍ଡ'। ରଷି ଏବେ କମିଶନରେଟ୍ ପୋଲିସ ରେଡ୍‌କ୍ରସ୍ ବ୍ରାଞ୍ଚର ଫାଉଣ୍ଡର ଏକ୍‌ଜିକ୍ୟୁଟିଭ୍ ମେମ୍ବର। ସ୍କାଉଟ୍ ଆଣ୍ଡ ଗାଇଡ୍ ଫେଲୋଶିପ୍‌ର ରାଜ୍ୟ ସମ୍ପାଦକ ଭାବେ ମଧ୍ୟ ସେ କାର୍ଯ୍ୟରତ। 'ଇନ୍ଦିରାଗାନ୍ଧୀ ଏନ୍‌ଏସ୍‌ଏସ୍ ଜାତୀୟ ପୁରସ୍କାର', 'ଜାତୀୟ ଯୁବ ପୁରସ୍କାର' ଭଳି ସମ୍ମାନର ଅଧିକାରୀ ରଷିଙ୍କ ସହ ଧରିତ୍ରୀର ବନ୍ଦନା ସେଠୀଙ୍କ ଆଳାପ।**

## ଧରିତ୍ରୀ ଆଳାପ

**ପ୍ରଶ୍ନ– ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ ସୁଯୋଗ କିପରି ମିଳିଥିଲା?**

ଉତ୍ତର: ୧୯୮୮ ମସିହାରେ ହିନ୍ଦୀ ଚଳଚ୍ଚିତ୍ର 'ଆଭାସ'ର ଶୁଟିଂ ପାଇଁ ପ୍ରଯୋଜକ ଡଲି ଜେନା ମୁମ୍ବାଇ ଓ ତାମିଲନାଡୁରୁ ତାଙ୍କ ଟିମ୍ ନେଇ ଓଡ଼ିଶା ଆସିଥାନ୍ତି। ଫିଲ୍ମ ଶୁଟିଂ ପାଇଁ ସେ ପ୍ରଯୋଜକ ଶ୍ରୀନିବାସ ପାଇକରାୟଙ୍କ ଘର ନେବାର ଥିଲା। ମାତ୍ର ଶ୍ରୀନିବାସ ଘର ଦେବାକୁ ମନା କରିଦେଇଥିଲେ। ପାଖରେ ଥିବା ଏକ ଏସ୍‌ଟିଡିରେ ବୁଥ୍‌ରେ ମୁଁ ବସିଥିବାବେଳେ ସେମାନଙ୍କ କଥାବାର୍ତ୍ତା ଶୁଣି ଡଲି ମ୍ୟାଡାମ୍‌ଙ୍କ ପାଖକୁ ଗଲି। ଶ୍ରୀନିବାସ ପାଇକରାୟଙ୍କୁ ମୁଁ ବଡ଼ବାପା ବୋଲି ଡାକେ। ତେଣୁ ତାଙ୍କ ସହ କଥା ହୋଇ ଶୁଟିଂ କରିବାକୁ ରାଜି କରାଇଦେଲି। ଏଥିରେ ଖୁସି ହୋଇ ଡଲି ମ୍ୟାଡାମ୍ ମତେ ଫିଲ୍ମରେ ଏକ ଚରିତ୍ରରେ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ। ଯେହେତୁ ଶୁଟିଂ ପାଇଁ ମୁଁ ସେଟ୍ ବୁଝି ଦେଇଥିଲି ତେଣୁ ମତେ ସେ ପ୍ରଡକ୍ସନ ମ୍ୟାନେଜର ଭାବେ ଅନ୍ୟମାନଙ୍କ ସହ ପରିଚିତ କରାଇଥିଲେ। ଏହା ମତେ ଅଭିନୟ କରିବାକୁ ସୁଯୋଗ ଦେଇଥିଲା।

**ପ୍ରଶ୍ନ– ସେହି ସୁଯୋଗରୁ ଆପଣ ଅଭିନେତା ପାଲଟିଲେ ନା ପୂର୍ବରୁ ଅଭିନୟରେ ଅଭିଜ୍ଞତା ଥିଲା?**

ଉତ୍ତର: ଅଭିନୟରେ ମୋର ଗଡ୍‌ଫାଦର ହେଉଛନ୍ତି ମୋ ବଡ଼ଭାଇ ସୁନୀଲ ପଟ୍ଟନାୟକ। ସେ ଅଭିନୟ କରନ୍ତିନି, ମାତ୍ର ମତେ ପ୍ରେରଣା ଦିଅନ୍ତି। ଆମ ଗାଁରେ ସେତେବେଳେ ରାମଲୀଳା ହୁଏ। ଯେଉଁଦିନ ଯାହା ବିଷୟବସ୍ତୁ ହୁଏ ତା' ପରଦିନ ଭାଇ ଆଉଥରେ ସେ କାହାଣୀକୁ ଲେଖନ୍ତି। ସେଥିରେ ମୁଁ ଓ ଗାଁ ପିଲାମାନେ ମିଶିକି ଅଭିନୟ କରୁ। ଛୋଟବେଳୁ ମୋର ଅଭିନେତା ହେବାର ଇଚ୍ଛା ଥିଲା। ଧୀରେ ଧୀରେ ତାହା ନିଶାରେ ପରିଣତ ହେଲା ଏବଂ ପରିବାର ଲୋକ ସମର୍ଥନ କଲେ।

**ପ୍ରଶ୍ନ– ଅଳ୍ପ ବୟସରୁ ଅଭିନେତା ପାଲଟିଥିଲେ, ପାଠପଢ଼ାକୁ କେତେ ଗୁରୁତ୍ୱ ଦେଇଥିଲେ?**

ଉତ୍ତର: ମୋ ବାପା ହେଉଛନ୍ତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ। ସେ ସବୁବେଳେ କୁହନ୍ତି, ପାଠ ନାହିଁ ତ ଦୁନିଆ ନାହିଁ। ପାଠ ନ ପଢିଲେ ମୋ ଘରେ ତମେ ରହିବନି। ତେଣୁ ପାଠକୁ ପ୍ରଥମେ ଗୁରୁତ୍ୱ ଦେଇ ଆସିଛି। ୩ଟି ବିଷୟରେ ପିଜି କରିଛି। ଏଯାବତ୍ ପଢ଼ା ଜାରି ରହିଛି।

**ପ୍ରଶ୍ନ– ଲକ୍‌ଡାଉନ ସମୟରେ ଶୁଟିଂ ବନ୍ଦ ଥିଲା। ଏହି ସମୟ କିଭଳି କଟିଥିଲା?**

ଉତ୍ତର: କୋଭିଡ ସମୟରେ ଶୁଟିଂ ଏବଂ ଅନ୍ୟାନ୍ୟ କାମ ବନ୍ଦ ଥିଲା। ତେଣୁ କୋଭିଡ ଜନିତ ସମସ୍ୟାରେ ଥିବା ଲୋକଙ୍କୁ ସହଯୋଗ କରିବାକୁ ମନ ବଳାଇଥିଲି। ଉଭୟ ପ୍ରଶାସନ ଏବଂ ଜନସାଧାରଣଙ୍କ ସହ ମୋର ସମ୍ପର୍କ ରହିଛି। ତେଣୁ ଏହାର ସୁଯୋଗ ନେଇ ଲୋକଙ୍କୁ ସହଯୋଗ କରିଥିଲି। ପଇସା ଛଡା ଅନ୍ୟ ସମସ୍ତ ସେବା କରିବାକୁ ଚେଷ୍ଟା କରିଛି।

**ପ୍ରଶ୍ନ– ସମାଜସେବା ପାଇଁ କାହାଠାରୁ ପ୍ରେରଣା ପାଇଥିଲେ?**

ଉତ୍ତର: ବାପାଙ୍କଠାରୁ ପ୍ରେରଣା ମିଳିଛି। ସେ ଗାଁରେ ସମସ୍ତଙ୍କୁ ସହଯୋଗ କରିବାକୁ ଆଗେଇ ଆସନ୍ତି। ମୋର ୪ଜଣ ଦାଦା ଦେଶ ସେବାରେ ନିୟୋଜିତ। ତେଣୁ ଛୋଟବେଳୁ ଏହାର ପ୍ରଭାବ ପଡିଥିଲା। ଲୋକମାନଙ୍କୁ ଦୁଃଖରେ ଦେଖିଲେ କଷ୍ଟ ଲାଗେ। ସେମାନଙ୍କୁ ସହଯୋଗ କରିବାକୁ ଯଥାସାଧ୍ୟ ଚେଷ୍ଟା କରେ।

**ପ୍ରଶ୍ନ– ଜୀବନର ସ୍ମରଣୀୟ ମୁହୂର୍ତ୍ତ?**

ଉତ୍ତର– ୨୦୦୫ରେ ଭାରତର ରାଷ୍ଟ୍ରପତି ଡ. ଏପିଜେ ଅବ୍‌ଦୁଲ୍ କାଲାମଙ୍କଠାରୁ ଜାତୀୟ ଯୁବ ପୁରସ୍କାର ପାଇଥିଲି। ରାଷ୍ଟ୍ରପତି ଭବନ ତରଫରୁ କୁହାଯାଇଥିଲା ଯେ ପୁରସ୍କାର ନେବା ସମୟରେ କେହି ରାଷ୍ଟ୍ରପତିଙ୍କ ସହ ହାତ ମିଳାଇ ପାରିବେନି। ପୁରସ୍କାର ପାଇଁ ଆମେ ୩ ଦିନ ଆଗରୁ ରିହଲସେଲ୍ ମଧ୍ୟ କରିଥିଲୁ। ଉତ୍ସବ ଦିନ ଅନ୍ୟମାନେ ଯାଇ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଆଣିଥିଲେ। ଷ୍ଟେଜ୍ ଉପରେ ମତେ ପୁରସ୍କାର ଦେବା ବେଳକୁ ମୁଁ ଆଗ ହାତ ବଢ଼ାଇ ରାଷ୍ଟ୍ରପତିଙ୍କ ସହ ହାତ ମିଳାଇଥିଲି। ସେଠାରେ ଉପସ୍ଥିତ ସମସ୍ତେ ଚକିତ ହୋଇ ଯାଇଥିଲେ। ଏମିତିକି ଷ୍ଟେଜ୍‌ରେ ଥିବା ଏଡିସି ମୋ ଉପରେ ପୂରା ରାଗି ଯାଇଥିଲେ। ପୁରସ୍କାର ଆଣିବା ପରେ ମୁଁ ଏଡିସିଙ୍କ ସହ କଥାବାର୍ତ୍ତା ହୋଇଗଲି। ତେଣୁ ମତେ ରାଷ୍ଟ୍ରପତି ଭବନ ତରଫରୁ ଆଉ କିଛି କୁହାଗଲା ନାହିଁ।

**ପ୍ରଶ୍ନ– କ'ଣ କରିବାକୁ ଲକ୍ଷ୍ୟ ରହିଛି?**

ଉତ୍ତର: ମୁଁ ଜଣେ ପ୍ରତିଷ୍ଠିତ ହାସ୍ୟାଭିନେତା ହେବି। ସମସ୍ତଙ୍କୁ ହସେଇବି। ଏହାସହ ଏକ ଅନାଥ ଆଶ୍ରମ କରିବି, ଯାହାର ନାମ ରହିବ ରୁଷ୍ ନା...। କେହି ଅନାଥ ପିଲା ଆଉ ରୁଷିବେନି, କାରଣ ସେମାନଙ୍କ ପାଇଁ ରଷି ଅଛି।

**ପ୍ରଶ୍ନ– ଫାଙ୍କା ସମୟରେ କ'ଣ କରନ୍ତି?**

ଉତ୍ତର: ଫ୍ରି ସମୟରେ ପରିବାର ସହ ରହି ଗପିବାକୁ ବହୁତ ଭଲ ଲାଗେ। ମାତ୍ର ପ୍ରାୟ ମତେ ଏହା ମିଳେ ନାହିଁ। ତେଣୁ ଯେଉଁଠି ବି ରୁହେ, କେବଳ ଲୋକଙ୍କୁ ହସଉଥାଏ।

**ପ୍ରଶ୍ନ– ମନର ଦୁଃଖକୁ କେମିତି ପରିପ୍ରକାଶ କରନ୍ତି?**

ଉତ୍ତର: ହାସ୍ୟାଭିନେତା ହେଉଛନ୍ତି ଜଣେ ଜୋକର୍। ତାଙ୍କ ମନରେ କେତେ ଦୁଃଖ ଅଛି ତାହା ଅନ୍ୟମାନେ ପ୍ରାୟ ଜାଣିପାରନ୍ତି ନାହିଁ। ଭିତରେ କାନ୍ଦି ସେ ଅନ୍ୟକୁ ହସାନ୍ତି। ତାଙ୍କ ମନର ଭାବକୁ ଜାଣିବା ପାଇଁ ସେପରି ମନଟିଏ ଦରକାର।

**ପ୍ରଶ୍ନ– ପସନ୍ଦର ଖାଦ୍ୟ?**

ଉତ୍ତର: ମତେ ଓଡ଼ିଆ ଖାଦ୍ୟ ଭାରି ଭଲଲାଗେ। ପଖାଳ, ଆଳୁ ସିଝା ଓ ମାଛଭଜା ମୋର ବହୁତ ପ୍ରିୟ।




# ରାଜ୍ୟର ୪ ପୋଲିସ ଅଧିକାରୀ ପାଇବେ ଉତ୍କର୍ଷ ସେବା ପଦକ

**କଟକ ଅଫିସ, ୧୨।୮**

ତଦନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଦେଶର ୧୫୨ଜଣ ପୋଲିସ ଅଧିକାରୀଙ୍କୁ ୨୦୨୧ ବର୍ଷ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଉତ୍କର୍ଷ ସେବା ପଦକ ପ୍ରଦାନ କରାଯିବ। ଏଥିପାଇଁ ଓଡ଼ିଶା ପୋଲିସର ୪ ଅଧିକାରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ଡିଏସ୍‌ପି ଦେବେନ୍ଦ୍ର କୁମାର ମଲ୍ଲିକ, ଇନ୍ସପେକ୍ଟର ଦେବେନ୍ଦ୍ର କୁମାର ବିଶ୍ୱାଳ, ତୃପ୍ତିରଞ୍ଜନ ନାୟକ ଓ ଶ୍ରୀକାନ୍ତ ସାହୁ। ଏ ନେଇ ଓଡ଼ିଶା ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

କଟକ ଜିଲା ସାଲେପୁର ଅଞ୍ଚଳର ୬ବର୍ଷର ଶିଶୁକୁ ବଳାତ୍କାର ଓ ହତ୍ୟା ଘଟଣାର ତଦନ୍ତ କରି ଦେବେନ୍ଦ୍ର ମଲ୍ଲିକ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପରେ ସମ୍ପୃକ୍ତ ଅଭିଯୁକ୍ତ ଜଣଙ୍କ ଦୋଷୀସାବ୍ୟସ୍ତ ହୋଇ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥିଲେ। ଏହି ଘଟଣାରେ ଉଲ୍ଲେଖନୀୟ ତଦନ୍ତ କରିଥିବାରୁ ଦେବେନ୍ଦ୍ରଙ୍କୁ ଉକ୍ତ ପଦକ ପ୍ରଦାନ କରାଯିବ। ସେହିପରି ଭୁବନେଶ୍ୱରର ବହୁଚର୍ଚ୍ଚିତ ମୁଣ୍ଡବିହୀନ ମହିଳାଙ୍କ ମୃତଦେହ ମିଳିବା ଘଟଣାର ସଫଳ ତଦନ୍ତ ନିମନ୍ତେ ଚନ୍ଦକା ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଏହି ପଦକ ପ୍ରଦାନ କରାଯିବ। ଏହି ଘଟଣାରେ କୌଣସି ପାରିପାର୍ଶ୍ୱିକ ପ୍ରମାଣ ନ ଥିବା ସତ୍ତ୍ୱେ ଦେବେନ୍ଦ୍ର ହତ୍ୟାକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ସେହିପରି କନ୍ଧମାଳ ଜିଲାରେ ହତ୍ୟା, ବଳାତ୍କାର, ଡକାୟତି ଆଦି ୪ଟି ଘଟଣାରେ ତଦନ୍ତ କରି ଦୋଷୀଙ୍କୁ ସଜା ଦେବା କ୍ଷେତ୍ରରେ ସଫଳତା ହାସଲ କରିଥିଲେ ତୃପ୍ତିରଞ୍ଜନ। ଇନ୍ସପେକ୍ଟର ଶ୍ରୀକାନ୍ତ କେନ୍ଦୁଝରର ୩ଟି ହତ୍ୟା ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ସଜା ଦେବାରେ ମୁଖ୍ୟ ଭୂମିକା ନିଭାଇଥିଲେ। ତୃପ୍ତିରଞ୍ଜନ ଓ ଶ୍ରୀକାନ୍ତ ୨୦୧୦ ମସିହାରେ ଓଡ଼ିଶା ପୋଲିସରେ ଏସ୍‌ଆଇ ଭାବେ ଯୋଗଦେଇଥିଲେ। ଏପର୍ଯ୍ୟନ୍ତ ସେମାନେ ଉତ୍ସର୍ଗୀକୃତ ଭାବେ କାମ କରିଆସୁଛନ୍ତି। ସମସ୍ତ ଅଧିକାରୀ ତଦନ୍ତବେଳେ ସାଇଣ୍ଟିଫିକ୍ ଓ ଫରେନ୍‌ସିକ କିଟ୍ ବ୍ୟବହାର କରି ସମ୍ବେଦନଶୀଳ ଘଟଣାର ରହସ୍ୟ ଉନ୍ମୋଚନ କରିଥିଲେ।


## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 11658/IND-II-PH-883 ତାରିଖ 9.8.2021
No.CAD-870

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ତହସିଲଦାର, କାମାକ୍ଷାନଗର ଓଡ଼ିଶାର ଢେଙ୍କାନାଳ ଜିଲ୍ଲା, କାମାକ୍ଷାନଗର ତହସିଲ, ମୌଜା ଲୋକନାଥପୁର ଶାସନ ଅଂଚଳରେ** ୫.୭୪୨ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ **ରାମିଆଳ ବାଲିଘାଟ** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡ଼ୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୬।୦୯।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ ଢେଙ୍କାନାଳ ଜିଲ୍ଲା, ଲୋକନାଥପୁର ଶାସନ ଗ୍ରାମସ୍ଥିତ ଶିବ ମନ୍ଦିରଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଢେଙ୍କାନାଳ**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଢେଙ୍କାନାଳ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଢେଙ୍କାନାଳ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଅନୁଗୁଳ**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୁଳସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ
OIPR-08012/11/0037/2122


# ପୋଖରୀରେ ବୁଡ଼ି ଦୁଇ ଭଉଣୀ ମୃତ

**କେନ୍ଦୁଝର, ୧୨।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ତେଲକୋଇ ଥାନା ଜଗମୋହନପୁର ଗ୍ରାମ ମଣ୍ଡା ସାହିରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ଅପରାହ୍ନରେ ଦୁଇ ଭଉଣୀ ଖେଳୁଥିବାବେଳେ ଅସାବଧାନତାବଶତଃ ପୋଖରୀରେ ପଡ଼ିଯିବାରୁ ସେମାନଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଯୋଗୀ ମୁଣ୍ଡାଙ୍କ ୩ବର୍ଷର ଝିଅ ସୁଇଟି ଏବଂ ସୁଶୀଲ ମୁଣ୍ଡାଙ୍କ ୪ ବର୍ଷର ଝିଅ ପରୀ। ଉଭୟ ସମ୍ପର୍କରେ ବଡବାପା ଝିଅ, ଦାଦା ଝିଅ ଭଉଣୀ ବୋଲି ଜଣାପଡିଛି।

ଖବର ଅନୁଯାୟୀ, ଯୋଗୀ ମୁଣ୍ଡା ନିକଟସ୍ଥ ବିଞ୍ଜବହାଳ ଗ୍ରାମକୁ ଗୋରୁ ଚରାଇବାକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଖାଇବା ନେଇ ସ୍ୱାମୀଙ୍କ ପାଖକୁ ଯାଇଥିଲେ। ଅନ୍ୟପଟେ ସୁଶୀଲ ଓ ତାଙ୍କ ସ୍ତ୍ରୀ ରାଇବାରୀ ମଜୁରି ଲାଗିବାକୁ ଯାଇଥିଲେ। ଘରେ ଦୁଇ ଝିଅ ଓ ତାଙ୍କର ୫ବର୍ଷର ଭାଇ ରାହୁଲ ଥିଲେ। ସୁଇଟି ଓ ପରୀ ଖେଳିବାକୁ ପୋଖରୀ ଆଡେ ଚାଲି ଯାଇଥିଲେ। କିଛି ସମୟ ପରେ ରାହୁଲ ୨ଭଉଣୀଙ୍କୁ ଖୋଜିଖୋଜି ପୋଖରୀ ନିକଟରେ ପହଞ୍ଚିଥିଲେ। ପାଣିରେ ଦୁଇ ଭଉଣୀ ପଡ଼ିଥିବା ଦେଖି ରାହୁଲ ସୁଇଟିକୁ ପାଣିରୁ ଉଠାଇ ବାହାରକୁ ଆଣିଥିଲେ। ହେଲେ ପରୀକୁ ଉଠାଇବାକୁ ଚେଷ୍ଟା କରି ଆଣି ପାରି ନ ଥିଲେ। ପରେ ପରିବାର ଲୋକେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ତେଲକୋଇ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ତେଲକୋଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ଏହି ଘଟଣା ପରେ ସାହିରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।


# UTKAL UNIVERSITY

*(Accredited A+ by NAAC)*

VANI VIHAR, BHUBANESWAR- 751004

## NOTIFICATION

No. CPG / Aca / 11 / 03369/ 2021, Dated : 12.08.2021

## ENTRANCE TEST & ADMISSION NOTIFICATION 2021-22

Utkal University, the mother University of the State invites online applications for admission into Sponsored Courses for the session 2021-22. Students awaiting Final Degree results can also apply for the entrance tests of Sponsored Courses.

**SPONSORED COURSES :**

- 5 Year Integrated MBA
- Lateral Entry in to IMBA
- 5 Year Integrated MCA
- 2 Year Executive MBA
- M.Tech Computer Science
- M.Sc. Geo-informatics
- MBA (Financial Management)
- Certificate Course in Sanskrit
- B.Ed.
- M.Ed.

**IMPORTANT DATES FOR SPONSORED COURSES :**

- Availability of online application Form : **13.08.2021**
- Last date of Online submission : **27.08.2021**
- Download of Admit Cards shall be during **29.08.2021 onwards**
- Entrance Test for different courses : **07.09.2021 to 09.09.2021**
- Submission of the hard copy of final online applications along with relevant documents to be submitted on the date of their Entrance Tests at their respective Departments.
- See the website for details on date, time and venue (to be uploaded)

**HOW TO APPLY**

Visit Utkal University website at **www.utkaluniversity.nic.in** for procedure of E-admission 2021-22, Guidelines for Application and deposit of Fees, Information Bulletin, Date, Time and Venue of Entrance Tests before filling up of the Forms.
In case of any query write to **-helpdesk.uueadmission@gmail.com**
Admission for all categories of students into different courses are mentioned details in the information Bulletin.
**N.B.: No admission shall be given to a candidate for any of the above Courses for the second time.**

**CHAIRMAN, P.G. COUNCIL**

ପ୍ରତି ମୁହୂର୍ତ୍ତରେ ଯାହା ସବୁଠାରୁ ଭଲ ବୋଲି ଜଣାଯାଏ- ତାହା ହିଁ କର ଏବଂ କର୍ମଫଳ ଭଗବାନଙ୍କ ହାତରେ ଛାଡିଦିଅ। ତା'ହେଲେ ଯାଇ ତୁମେ ଶାନ୍ତି, ସୁଖ, ଶକ୍ତି, ଉନ୍ନତି ଓ ପରମପୂର୍ଣ୍ଣତା ଲାଭ କରିବାର ନିଶ୍ଚିତ ବାଟ ପାଇଯିବ। -ଶ୍ରୀମା



# ସ୍ୱାସ୍ଥ୍ୟ ଓ ସମୃଦ୍ଧିର ପ୍ରତିବଦ୍ଧତା



ରୋଜମ୍ୟାରି ମୁଗାଣ୍ଡା

କମ୍ ସମୟରେ ସୁରକ୍ଷିତ ଓ ପ୍ରଭାବଶାଳୀ କୋଭିଡ୍-୧୯ ଟିକାଗୁଡ଼ିକ ବିକାଶ କରିବାରେ ବିଶ୍ୱସ୍ତରୀୟ ପ୍ରୟାସ ବାସ୍ତବରେ ଅପୂର୍ବ। ବିକଶିତ ହୋଇଥିବା ଟିକା ଆମକୁ ଆତ୍ମୀୟଙ୍କର ତଥା ଅଧିକ ସମୃଦ୍ଧ ତଥା ନ୍ୟାୟସଙ୍ଗତ ପୃଥିବୀର ନିକଟତର କରିଛି। ଏହାସହ ସୁରକ୍ଷିତ ଭାବେ ବଞ୍ଚି ରହିବାକୁ ଦେଇଛି। ଟିକା ମଧ୍ୟ ଆମକୁ ଏହି ସୁରକ୍ଷିତ ପୃଥିବୀରେ ଆମ ଦକ୍ଷତା ହାସଲ କରିବାର ସୁଯୋଗ ସୃଷ୍ଟି କରିଛି। ଆଧୁନିକ ଉଦ୍ଭାବନଗୁଡ଼ିକ ମଧ୍ୟରେ ଏହି ଟିକାଗୁଡ଼ିକ ତା'ର ଶ୍ରେଷ୍ଠତା ପ୍ରତିପାଦନ କରିବା ସହ କୋଟି କୋଟି ଲୋକଙ୍କୁ ସୁସ୍ଥ ଜୀବନ ଜିଇବାରେ ସାହାଯ୍ୟ କରିଛି। କିନ୍ତୁ କେବଳ କୋଭିଡ୍ -୧୯ ନୁହେଁ, ଆହୁରି ଅନେକ ଭୂତାଣୁ ସଂକ୍ରାମକ ରୋଗ ଟିକାଦ୍ୱାରା ଆୟତ୍ତ କରିହୁଏ। ଏଣୁ ଏହି ସବୁ ରୋଗକୁ ଅଟକାଇବାକୁ ହେଲେ ଆମକୁ ଗୁରୁତ୍ୱପୂର୍ଣ୍ଣ ଗଣ ଟିକା ଅଭିଯାନ ଆରମ୍ଭ କରିବାକୁ ପଡ଼ିବ।

ପୋଲିଓ କଥା ବିଚାର କରାଯାଉ। କୋଭିଡ୍-୧୯ ମହାମାରୀ ଦେଖାଦେବା ପରଠାରୁ ଏହା କବଳରୁ ପିଲାଙ୍କୁ ରକ୍ଷା କରିବା ଲାଗି ସ୍କୁଲ୍ ବନ୍ଦ ରହିବା ଏକ ଅଭୂତପୂର୍ବ ଘଟଣା ଭଳି ମନେହୁଏ। କିନ୍ତୁ ୧୯୩୭ରେ ଆମେରିକାରେ ପୋଲିଓ ସଂକ୍ରମଣ ଦେଖାଦେବା ପରେ ରେଡିଓ ପ୍ରୋଗ୍ରାମ ମାଧ୍ୟମରେ ସ୍କୁଲ ଚଳାଇବାକୁ ପଡ଼ିଥିଲା। ଦୁର୍ଗମ ଅଞ୍ଚଳରେ ଶିକ୍ଷାଦାନ କରିବାରେ ଏହା ଥିଲା ଏକ ଅଭିନବ କୌଶଳ। ସେହି ସମୟରେ ଧାରଣା ଥିଲା ଯେ, ପୋଲିଓ ଶିଳ୍ପସମୃଦ୍ଧ ଦେଶଗୁଡ଼ିକରେ କେବଳ କ୍ଷତି କରିବ। ୧୯୪୮ରେ ଦକ୍ଷିଣ ଆଫ୍ରିକାରେ ବଡ଼ ଧରଣର ପୋଲିଓ ସଂକ୍ରମଣ ପ୍ରକାଶ ପାଇବା ପର୍ଯ୍ୟନ୍ତ ଏହି ଧାରଣା ଲୋକମାନଙ୍କ ମଧ୍ୟରେ ବଳବତ୍ତର ରହିଥିଲା। ଦକ୍ଷିଣ ଆଫ୍ରିକାରେ ପୋଲିଓ ଦେଖାଦେବା ପରେ ପ୍ରଥମେ ଆଫ୍ରିକାନ୍ ଫାଉଣ୍ଡେଶନ ଫର୍ ପୋଲିଓ ରିସର୍ଚ୍ଚ ଗଠନ କରାଯାଇଥିଲା। ବିଶ୍ୱରେ ଏହି ରୋଗ କ'ଣ କ୍ଷତି କରିବ ସେ ସମ୍ପର୍କରେ ବୃହତର ସଚେତନତା ସୃଷ୍ଟି କରିବା ଥିଲା ଏହି ଫାଉଣ୍ଡେଶନର ଲକ୍ଷ୍ୟ। ଏହା ମଧ୍ୟ ଏହି କାର୍ଯ୍ୟକୁ ଆଗକୁ ବଢ଼ାଇଥିଲା। ୧୯୫୦ ଦଶନ୍ଧିରେ ପ୍ରତ୍ୟେକ ବର୍ଷ ପୋଲିଓ ହାରାହାରି ୬ ଲକ୍ଷ ଲୋକଙ୍କୁ ପଙ୍ଗୁ କରିଦେଉଥିଲା। ସୌଭାଗ୍ୟବଶତଃ ଏହାପର ଦଶନ୍ଧିରେ ବୈଜ୍ଞାନିକମାନେ ପ୍ରଥମେ ପୋଲିଓ ଟିକା ବିକାଶ କରିଥିଲେ। ପରେ ୧୯୮୮ରେ ଗ୍ଲୋବାଲ ପୋଲିଓ ଏରାଡିକେସନ ଇନିସିଏଟିଭ ବା ଅଭିଯାନ ଆରମ୍ଭ ହେବା ପରଠାରୁ ଟିକା ୱାଇଲ୍ଡ ପୋଲିଓ (ଅତ୍ୟନ୍ତ କ୍ଷତିକାରକ ପୋଲିଓ) କେସ୍ ବିଶ୍ୱରେ ୯୯%ରୁ ଅଧିକ ହ୍ରାସ ହୋଇପାରିଛି। ବାର୍ଷିକ ହଜାର ହଜାର ସଂଖ୍ୟାରେ ଆଫଗାନିସ୍ଥାନ ଓ ପାକିସ୍ତାନରେ ମିଳୁଥିବା ପୋଲିଓ କେସ୍ ଏବେ ବହୁତ କମ୍ ରହିଛି। ୨୦୨୦ରେ ଆଫ୍ରିକାକୁ ୱାଇଲ୍ଡ ପୋଲିଓ ମୁକ୍ତ ବୋଲି ଘୋଷଣା କରାଯାଇଛି। ଏଭଳି ଘୋଷଣା ଯୋଗୁ କୋଭିଡ୍ ମହାମାରୀ ସମୟରେ ସାରା ମହାଦେଶରେ ଏକ ଆଶାର କିରଣ ସୃଷ୍ଟି ହୋଇଛି। ଟିକାକରଣକୁ ଦୃଢ଼ତାର ସହ ସମ୍ପାଦନ କରିବା ଯୋଗୁ ଏହା ସମ୍ଭବ ହୋଇପାରିଛି। ବିଶ୍ୱାସ କରାଯାଏ, ବସନ୍ତ ପରେ ଦ୍ୱିତୀୟ ରୋଗ ଭାବେ ପୋଲିଓକୁ କେବଳ ଟିକାକରଣ ଦ୍ୱାରା ଦମନ କରାଯାଇଛି। କିନ୍ତୁ ପୋଲିଓ ଏବେ ବି ଘଣ୍ଟାକଣ୍ଟା ଭଳି ଧୀରେଧୀରେ ଗତି ଜାରି ରଖିବା ଭଳି ଜଣାପଡୁଛି। ୨୦୧୪ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପୋଲିଓକୁ ସାର୍ବଜନୀନ ସ୍ୱାସ୍ଥ୍ୟ ସଙ୍କଟ ଭାବେ ସୂଚିତ କରି ସତର୍କ ଘଣ୍ଟି ଶୁଣାଇବା ପରେ ଏହା ଅନ୍ତର୍ଜାତୀୟ ସ୍ତରରେ ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ବିଶେଷକରି ଇମ୍ୟୁନାଇଜେଶନ ବା ଟିକାକରଣ ହାର ଯେଉଁ ଅଞ୍ଚଳରେ କମ୍ ରହିଥିଲା, ସେହିସବୁ ଅଞ୍ଚଳ କମ୍ ସୁରକ୍ଷିତ ବୋଲି ଜଣାପଡିଛି। ସେଠାରେ ମଧ୍ୟ ବିରଳ ପୋଲିଓ ଭାଇରସ୍ ସଂକ୍ରମଣ ହେବାର ଆଶଙ୍କା ପ୍ରକାଶ ପାଇଛି ଓ ଲଗାତର ସର୍କ୍ୟୁଲେଟିଂ ଭାକ୍ସିନ ଡିରାଇଭ୍ଡ ପୋଲିଓ ଭାଇରସ୍ (ସିଭିଡିପିଭି) ସଂକ୍ରମଣ ବଢ଼ିବାରେ ଲାଗିଛି। ଓରାଲ ପୋଲିଓ ଭାକ୍ସିନରେ ରହିଥିବା ଦୁର୍ବଳ ଭୂତାଣୁ ଶେଷରେ ଉଗ୍ରରୂପ ଧାରଣ କରି ଏଭଳି ସଂକ୍ରମଣର କାରଣ ପାଲଟୁଛି।

ଏବେ ସିଭିଡିପିଭି କେସ୍ ୱାଇଲ୍ଡ ପୋଲିଓ କେସ୍ ସଂଖ୍ୟାକୁ ଟପିଯାଇଛି। ଯେହେତୁ ଆମେ ଏହି ଭୂତାଣୁ ସମ୍ପର୍କରେ ଅବଗତ ଅଛୁ, ସେଥିପାଇଁ ଏହାର ପ୍ରକୋପ ବଢ଼ିବା ପୂର୍ବରୁ ଏକ ଦୃଢ଼ ଟିକାକରଣ ଅଭିଯାନ ଜାରି ରଖି ଏହାକୁ ଅଟକାଇବାକୁ ସଂଗ୍ରାମ କରୁଛୁ। ସଂଶାଧନର ଅଭାବ, ଯୁଦ୍ଧ କିମ୍ବା ଅଶାନ୍ତ ପରିସ୍ଥିତି ଏବଂ ମହାମାରୀ ଯୋଗୁ ଟିକାକରଣ ଅଭିଯାନରେ ବାଧା ସୃଷ୍ଟି ହେଉଥିଲେ ମଧ୍ୟ ଆମେ ଏହି ପ୍ରୟାସ ଜାରି ରଖିଛୁ।

କୋଭିଡ୍-୧୯ ସଙ୍କଟ ଏବେ ସୁଦ୍ଧା ୬୬ ଦେଶରେ ଜୀବନ ରକ୍ଷାକାରୀ ୫୭ଟି ଗଣ ଟିକାକରଣ ଅଭିଯାନକୁ ବନ୍ଦ କରିଦେଇଛି। କୋଟି କୋଟି ଲୋକ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ମୁଖ୍ୟତଃ ଆଫ୍ରିକାର ପିଲାମାନେ ଅତ୍ୟଧିକ କ୍ଷତିର ଶିକାର ହୋଇଛନ୍ତି। ଟିକା ଉପଲବ୍ଧତାରେ ବାଧା ସୃଷ୍ଟି ହେବା ଯୋଗୁ ଦ୍ୱିତୀୟ ଥର ପାଇଁ ମିଳିମିଳା ଓ ପୋଲିଓ ଦେଖାଦେଇଛି। ଏହାକୁ ଲକ୍ଷ୍ୟ କରି ନଭେମ୍ବର ୨୦୨୦ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ୟୁନିସେଫ୍ ଏଭଳି ସଙ୍କଟକୁ ଟାଳିବା ପାଇଁ ଜରୁରୀ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି। ନୂଆ କରି ଆରମ୍ଭ କରାଯାଇଥିବା ଇମ୍ୟୁନାଇଜେଶନ ଆଜେଣ୍ଡା ୨୦୩୦ ଭଳି ବୈଶ୍ୱିକ ଢାଞ୍ଚାର ଏ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯେଉଁ ସମୟ ହାତରୁ ଚାଲିଯାଇଛି, ତାହାକୁ ପୂରଣ କରିବା ସହ ରୋଗକୁ ସମ୍ଭାଳିବାରେ ସାମଗ୍ରିକ ସାମର୍ଥ୍ୟ ବଢ଼ାଇବାକୁ ଏହାର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଦେଖାଯାଇଛି, ମହାମାରୀ ସବୁବେଳେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ସଂକ୍ରମିତ ହୋଇ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥାଏ। ଏବେ କୋଭିଡ୍ ମହାମାରୀରେ ଏଭଳି ପରିସ୍ଥିତି ଦେଖାଯାଇଛି। ଏଣୁ ଏହାକୁ ଶେଷ କରିବାକୁ ବିଶ୍ୱସ୍ତରରେ ଟିକାକରଣ ଅଭିଯାନ ପ୍ରତି ପ୍ରବଳ ଆଗ୍ରହ ପ୍ରକାଶ ପାଇବା ଦରକାର।

ରୋଗକୁ ଦମନ କରିବା ପାଇଁ ଟିକା ବିକାଶରେ ନିବେଶ କରିବା ଦ୍ୱାରା ଏହା ଆମକୁ ସୁରକ୍ଷା ଯୋଗାଇଦେବ ଓ ଆଗାମୀ ବର୍ଷଗୁଡ଼ିକରେ ଏଥିରୁ ଲାଭ ମିଳିପାରିବ। ଏଣୁ କରୋନା ଭୂତାଣୁ ଉପରେ ପୂର୍ବ ବର୍ଷଗୁଡ଼ିକରେ ଅକଳ୍ପନୀୟ ଗତିରେ ଯେଭଳି ବୈଜ୍ଞାନିକମାନେ ଗବେଷଣା କରି ଏହି ରୋଗକୁ ଆୟତ୍ତ କରିବାକୁ ସମ୍ମିଳିତ ଭାବେ ପ୍ରଭାବଶାଳୀ କୋଭିଡ-୧୯ ଟିକା ବିକାଶ କରିଛନ୍ତି, ତାହାକୁ ଆମେ ପ୍ରଶଂସା କରିବା ଉଚିତ। ଏହିସବୁ ନିବେଶରୁ ଫଳ କେବଳ କୋଭିଡ୍ -୧୯କୁ ମିଳିନାହିଁ, ବରଂ ପୋଲିଓକୁ ମଧ୍ୟ ମିଳିପାରିଛି। ଗତବର୍ଷ ଏକ ଦଶନ୍ଧିର ଗବେଷଣା ପରେ ଟାଇପ୍ ୨(ଏନ୍ଓପିଭି୨) ଭୂତାଣୁ ବିରୋଧରେ ପ୍ରଥମ ଓରାଲ ପୋଲିଓ ଭାକ୍ସିନ୍ ବିକାଶ କରାଯାଇଛି। ଜରୁରୀଭିତ୍ତିରେ ବ୍ୟବହାର କରାଯିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ସୂଚୀଭୁକ୍ତ କରିଛି। ଗବେଷକମାନେ ଆଶା କରୁଛନ୍ତି ଯେ, ଏନ୍ଓପିଭି୨ ଟିକା ସି ଭିଡିପିଭି୨ ସଂକ୍ରମଣକୁ କମ୍ କରିବାର ସମ୍ଭାବନ ରହିଛି। ଏଣୁ ପୋଲିଓକୁ ମୂଳପୋଛ କରିବାକୁ ଏହା ସାହାଯ୍ୟ କରିବ ବୋଲି କୁହାଯାଉଛି।

କୋଭିଡ୍-୧୯ ଓ ପୋଲିଓ ଭଳି ଭୟଙ୍କର ସଂକ୍ରମକ ରୋଗ କଥା ବିଚାରକୁ ନେଲେ ଆମ ଭାଗ୍ୟ କ'ଣ ହେବ ତାହା କହିବା ମୁସ୍କିଲ। ଏହି ରୋଗ ବିଶ୍ୱର ଗୋଟିଏ ଜାଗାରେ ଦେଖାଦେଲେ ମଧ୍ୟ ଆମ ସମସ୍ତଙ୍କୁ ପ୍ରଭାବିତ କରିବ। ଏହାକୁ ଆୟତ୍ତ କରିବାରେ ଗୋଟିଏ ଦେଶ ପାଇଁ ଆବଶ୍ୟକ ଉପକରଣ ଓ ସଂସାଧନ ଉପରେ ନିବେଶ କରାଗଲେ ଏହା କିଛି ମାତ୍ରାରେ ନିୟନ୍ତ୍ରଣ ହୋଇପାରିବ କିମ୍ବା ଏଭଳି ସ୍ୱାସ୍ଥ୍ୟ ସଙ୍କଟକୁ ଶେଷ କରାଯାଇପାରିବ। ଏହା ବ୍ୟତୀତ ବିଶ୍ୱର ସବୁ ଦେଶରେ ଟିକାର ଉପଲବ୍ଧତା ଜାରି ରଖିବା ହିଁ ଆମର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ। ଆମ ପ୍ରୟାସ ମଧ୍ୟ ଉକ୍ତ ଅଭିଯାନ କୈନ୍ଦ୍ରିକ ହେବା ଦରକାର। ଜାତୀୟ ସ୍ତରରେ ଏକ ଦୃଢ଼ ପ୍ରତିବଦ୍ଧତା ରହିଲେ ତଥା ଇମ୍ୟୁନାଇଜେଶନ ଆଜେଣ୍ଡା ୨୦୩୦ ଢାଞ୍ଚାକୁ ପାଣ୍ଠି ଯୋଗାଇ ଦେଲେ ଆମେ ସେଠାରେ ଆମ ଲକ୍ଷ୍ୟ ହାସଲ କରିପାରିବା। ଜଗତୀକରଣ ଆମ ସମସ୍ତଙ୍କୁ ନିକଟତର କରିସାରିଛି। ସମସ୍ତଙ୍କ ପାଖରେ କିଭଳି ନ୍ୟାୟସଙ୍ଗତ ଭାବେ ତଥା ସୁବିଧାରେ ଟିକାକରଣ ପହଞ୍ଚିପାରିବ ସେଥିପାଇଁ ଏକ ପ୍ରତିବଦ୍ଧତା ରହିବା ଦରକାର। ଦୃଢ଼ ପ୍ରତିବଦ୍ଧତା ରହିଲେ ସମସ୍ତଙ୍କ ମିଳିତ ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ଓ ସମୃଦ୍ଧି ପଥରେ ଅଗ୍ରସର ହେବ। ଆମ ଭାଗୀଦାରି ଭବିଷ୍ୟତ ବି ଉଜ୍ଜ୍ୱଳ ହୋଇପାରିବ।

**ରିଜିଓନାଲ ଆଡଭୋକାସି ଡାଇରେକ୍ଟର,**
**ପାଥ, ନାଇରୋବି, କେନିଆ**

## ଏଇ ଭାରତରେ

ଦେଶର ଗୃହଶତ୍ରୁ ଭାବେ ମାଓବାଦୀଙ୍କୁ ବିବେଚନା କରାଯାଏ। ସରକାର ତଥା ପ୍ରଶାସନ ବିରୋଧୀ କାମ ଯୋଗୁ ଜନସାଧାରଣଙ୍କ ଜୀବନ ତଥା ସମ୍ପତ୍ତି ନଷ୍ଟ ହୋଇଥାଏ। ଅନେକ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସେମାନଙ୍କ ଉପସ୍ଥିତି ଯୋଗୁ ସେଠାରେ ବିକାଶମୂଳକ କାମ ଆଗେଇପାରି ନ ଥାଏ। ତେଣୁ ସରକାର ସେମାନଙ୍କୁ ଗୁଳିଗୋଳା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହୋଇ ଉନ୍ନତ ଜୀବନଯାପନ କରିବାକୁ ଆହ୍ୱାନ ଦେଇଆସୁଛନ୍ତି। ଏପରି ସ୍ଥିତିରେ ଜଙ୍ଗଲୀ ଜୀବନକୁ ପଛ କରି ପୋଲିସ ପ୍ରଶାସନ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ପାଇଁ ଛତିଶଗଡ଼ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ମାଓବାଦୀଙ୍କ ନିମନ୍ତେ ରାଜ୍ୟ ସରକାର ଦନ୍ତେୱାଡାଠାରେ ଏକ ଟାଉନଶିପ୍ ନିର୍ମାଣ କରୁଛନ୍ତି। ସେଠାରେ ସେମାନଙ୍କୁ ରହିବା ନିମନ୍ତେ ସମସ୍ତ ସୁବିଧା ପ୍ରଦାନ କରାଯିବା ସହ ଦକ୍ଷତା ବିକାଶ ତାଲିମ ଦିଆଯିବ। ଏହା ଦ୍ୱାରା ସେମାନେ ନିଜ ଗୋଡ଼ରେ ଛିଡ଼ା ହୋଇ ମୁଣ୍ଡ ଟେକି ବଞ୍ଚିପାରିବେ ବୋଲି ଗୁରୁବାର ଛତିଶଗଡ଼ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ୩୧ ଏକର ଜମିରେ ନିର୍ମାଣ କରାଯାଉଥିବା ଏହି ଟାଉନ୍‌ଶିପ୍‌ରେ ୧୦୮ଟି ଘର ରହିବ। ଏହାସହ ଯୋଗ କେନ୍ଦ୍ର, ଜିମ୍ ସେଣ୍ଟର, ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର, ହୋଟେଲ ମଧ୍ୟ ରହିବ। ପ୍ରାୟ ୯ କୋଟି ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଉଛି। ସରକାରଙ୍କ ଏଭଳି ପ୍ରୟାସ ମାଓବାଦୀଙ୍କୁ ଠିକ୍ ରାସ୍ତାକୁ ଆଣିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଅଗଷ୍ଟ ୧୯୯୬**

- ପଡ଼ୋଶୀ ରାଷ୍ଟ୍ର ସୋମାଲିଆରେ ଦୁଇଦିନିଆ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିଦେଇଛନ୍ତି ବୋଲି ଇଥିଓପିଆ ସରକାର ଘୋଷଣା କରିବା ପରେ ମଧ୍ୟ ୧୫୦ ଜଣ ଇଥିଓପିଆ ସୈନ୍ୟଙ୍କୁ ହତ୍ୟା କରାଯାଇଛି।
- ପୂର୍ବ ଶ୍ରୀଲଙ୍କାରେ ଏକ ହିନ୍ଦୁ ମନ୍ଦିରକୁ ଏଲ୍‌ଟିଟିଇ ଗେରିଲାମାନେ ଧ୍ୱଂସ କରିଦେବା ସହ ଆକ୍ରମଣରେ ୧୫ ଯବାନ ନିହତ।
- ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ପୁରୁଖା ବ୍ୟାଟ୍ସମ୍ୟାନ୍ ମହମ୍ମଦ ଆଝାରୁଦ୍ଦିନ ତାଙ୍କର ଧର୍ମପତ୍ନୀ ନୌରେନଙ୍କୁ ଛାଡ଼ପତ୍ର ଦେଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | | | | 1 |
| 9 | | | | | 1 | 3 | 8 | |
| | | | | | | | | |
| 1 | | | | | | | | 4 |
| 8 | 7 | 3 | | | 2 | | 5 | |
| | | | | 9 | | | | |
| | | 5 | 3 | | | | 1 | |
| 2 | | | | | 7 | | | 8 |
| | | | 1 | | 8 | 2 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 4 | 8 | 7 | 2 | 5 | 3 | 6 |
| 5 | 3 | 8 | 4 | 9 | 6 | 2 | 7 | 1 |
| 2 | 7 | 6 | 1 | 3 | 5 | 4 | 9 | 8 |
| 4 | 6 | 7 | 2 | 8 | 3 | 1 | 5 | 9 |
| 8 | 5 | 9 | 7 | 6 | 1 | 3 | 2 | 4 |
| 3 | 2 | 1 | 9 | 5 | 4 | 6 | 8 | 7 |
| 9 | 1 | 3 | 5 | 4 | 7 | 8 | 6 | 2 |
| 7 | 4 | 5 | 6 | 2 | 8 | 9 | 1 | 3 |
| 6 | 8 | 2 | 3 | 1 | 9 | 7 | 4 | 5 |

ଗତକାଲିର ଉତ୍ତର

# ଦାରିଦ୍ର୍ୟ ଓ ବୈଷମ୍ୟ ବୃଦ୍ଧି ପାଉଛି



ଡ. ସନ୍ତୋଷ କୁମାର ମହାପାତ୍ର

ସମ୍ପ୍ରତି ଭାରତରେ ଉଦାରୀକରଣ ପ୍ରକ୍ରିୟା କାର୍ଯ୍ୟକାରୀ ହେବାର ୩୦ ବର୍ଷ ପୂରଣ ହୋଇଛି। ଏହି ଉପଲକ୍ଷେ ଏହାର ପ୍ରଭାବକୁ ନେଇ ଆଲୋଚନା, ତର୍କବିତର୍କ ଦେଖାଦେଇଛି। ଗତ ଜୁଲାଇ ୩୧ରେ ଅଶୋକା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରି ବିଶିଷ୍ଟ ଅର୍ଥନୀତିଜ୍ଞ, ନୋବେଲ ବିଜେତା, ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଅର୍ଥନୀତି ଏବଂ ଗଣିତ ପ୍ରଫେସର ଏରିକ୍ ମାସ୍କିନ୍ କହିଛନ୍ତି ଯେ, ଗତ ତିନି ଦଶନ୍ଧିରେ ଜଗତୀକରଣ ଯୋଗୁ ଭାରତର ଜିଡିପି ତିନିଗୁଣ ହୋଇଛି, କିନ୍ତୁ ଦେଶର ଶ୍ରମିକମାନେ ଏହାର ସୁଫଳରୁ ବଞ୍ଚିତ ହୋଇଛନ୍ତି। ମଜୁରିଜନିତ ଅସମାନତା ତୀବ୍ର ହୋଇଛି। ବିକାଶଶୀଳ ଦେଶରେ ବୈଷମ୍ୟ ବୃଦ୍ଧି ଚିନ୍ତାଜନକ ବୋଲି ସେ କହିଛନ୍ତି। ମହାମାରୀ ସମସ୍ୟା ଅପେକ୍ଷା ଆୟ ବୈଷମ୍ୟ ବୃଦ୍ଧି ସମସ୍ୟାର ସମାଧାନ କରିବା ଅଧିକ କଷ୍ଟସାଧ୍ୟ ହେବ ବୋଲି ସେ କହିଛନ୍ତି।

ଏ କଥା ସତ ଯେ, ଜଗତୀକରଣ ଯୋଗୁ ଶ୍ରମିକମାନେ ଉପକୃତ ହୋଇନାହାନ୍ତି, ମଜୁରି ଅସମାନତା ବୃଦ୍ଧି ପାଇଛି, କିନ୍ତୁ ଜିଡିପି ତିନିଗୁଣ ବୃଦ୍ଧି ପାଇଛି ବୋଲି କହିବା ଯୁକ୍ତିଯୁକ୍ତ ହେବ ନାହିଁ। ଜିଡିପି ବୃଦ୍ଧି ଆର୍ଥିକ ସଂସ୍କାର ପୂର୍ବରୁ ୮୦ ଦଶକରୁ ତ୍ୱରାନ୍ୱିତ ହୋଇଥିଲା। ୫୦ ଦଶକରେ ଏହା ୩.୬% , ୬୦ ଦଶକରେ ୪%, ୭୦ ଦଶକରେ ୨.୯ % ଥିଲାବେଳେ ୮୦ ଦଶକରେ ୫.୫୭%କୁ ବୃଦ୍ଧି ପାଇଥିଲା। ଉଦାରୀକରଣ ପରେ ୯୦ ଦଶକରେ ଏହା ୫.୫୯% ହୋଇଥିଲା। ଏହାପରେ ୨୦୦୦-୨୦୧୦ ମଧ୍ୟରେ ହାରାହାରି ୫.୯୬% ଏବଂ ୨୦୧୦-୨୦୨୦ ମଧ୍ୟରେ ନିମ୍ନଗାମୀ ହୋଇ ହାରାହାରି ୫.୦୫% ହୋଇଛି। ୨୦୨୦-୨୧ରେ ବିଯୁକ୍ତାତ୍ମକ ୭.୩% ହୋଇଛି। ଏଥିପାଇଁ କରୋନା ମହାମାରୀକୁ ଦାୟୀ କରାଯାଇପାରେ। କିନ୍ତୁ ୨୦୧୬-୧୭ରୁ ଜିଡିପି କ୍ରମାଗତ ଭାବରେ ହ୍ରାସ ପାଇଛି। ଜିଡିପି ଅଭିବୃଦ୍ଧି ହାର ଯାହା ୨୦୧୬-୧୭ରେ ୮.୩% ଥିଲା, ତାହା ୨୦୧୭-୧୮ରେ ୬.୮% , ୨୦୧୮-୧୯ରେ ୬.୫%, ୨୦୧୯-୨୦ରେ ୪%କୁ ହ୍ରାସ ପାଇଛି। ବିଶ୍ୱରେ ୨୦୧୯ରେ ଭାରତ ପଞ୍ଚମ ବୃହତ୍ତମ ଅର୍ଥନୀତିର ମାନ୍ୟତା ପାଇଥିଲା ବେଳେ ୨୦୨୦ରେ ଷଷ୍ଠ ସ୍ଥାନକୁ ଖସିଆସିଛି।

ଉଦାରୀକରଣ ପୂର୍ବରୁ ଭାରତ ଇତିହାସରେ ୧୯୮୮-୮୯ରେ ସର୍ବାଧିକ ଜିଡିପି ଅଭିବୃଦ୍ଧି ୧୦.୨୦% ହୋଇଥିଲା। ଉଦାରୀକରଣ ପରେ ସର୍ବାଧିକ ଅଭିବୃଦ୍ଧି ଉପା ସରକାର ଅମଳରେ ହାସଲ ହୋଇଥିଲା। ସେହି ସମୟରେ ଉଦାରୀକରଣ ପ୍ରକ୍ରିୟା ଅନ୍ଧାଧୁନିଆ ହୋଇନଥିଲା ଏବଂ ପୁଞ୍ଜି ପ୍ରତ୍ୟାହାର ପ୍ରାୟତଃ ନ ଥିଲା ; କିନ୍ତୁ ସେ ସମୟରେ ଭାରତୀୟ ଅର୍ଥନୀତି ଭଲ ପ୍ରଦର୍ଶନ କରିଥିଲା। ୨୦୦୬-୦୭ରେ ଭାରତୀୟ ଅର୍ଥନୀତି ୧୦.୦୮% (ନୂତନ ସିରିଜ୍), ୯.୫୭% (ପୁରୁଣା ସିରିଜ୍) ବୃଦ୍ଧି ପାଇଥିଲା। ୨୦୧୦-୧୧ରେ ମଧ୍ୟ ୧୦.୭୮% ବୃଦ୍ଧି ପାଇଥିଲା। ଜିଡିପି ବୃଦ୍ଧି ହେବାର ମୁଖ୍ୟ କାରଣ ହେଲା ଜନସଂଖ୍ୟା ବୃଦ୍ଧି। ଜନସଂଖ୍ୟା ବୃଦ୍ଧି ଯୋଗୁ ସାମଗ୍ରିକ ଭାବେ ଦେଶରେ ଆୟ, ବ୍ୟୟ ଉତ୍ପାଦନ, ସଞ୍ଚୟ, ନିବେଶ ବୃଦ୍ଧି ପାଇଛି। ବାସ୍ତବରେ ଆମଦାନୀ, ରପ୍ତାନି ବୃଦ୍ଧି, ଅଟୋମୋବାଇଲ, ରିଏଲ ଇଷ୍ଟେଟ, ସେବା କ୍ଷେତ୍ରର ବୃଦ୍ଧି ଏବଂ ବୈଦ୍ୟୁତିକ ସାମଗ୍ରୀର ବହୁଳ ବ୍ୟବହାର ହେତୁ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧିପାଇଛି ଏବଂ ଅଧିକ ଅଭିବୃଦ୍ଧି ହୋଇଛି। କିନ୍ତୁ ଜିଡିପି ବୃଦ୍ଧି ଅନୁସାରେ ପ୍ରାକୃତିକ ସମ୍ପଦ ହ୍ରାସପାଇଛି, ପରିବେଶର ଅବକ୍ଷୟ ହୋଇଛି, ପ୍ରଦୂଷଣ ବୃଦ୍ଧି ପାଇଛି। ବିଭିନ୍ନ ଭୟଙ୍କର ରୋଗ ଦ୍ୱାରା ଲୋକ ଆକ୍ରାନ୍ତ ହେଉଛନ୍ତି।

ଏରିକ୍ ମାସ୍କିନ୍ ପୁନଶ୍ଚ କହିଛନ୍ତି ଯେ, ମୁଣ୍ଡପିଛା ଜିଡିପି ସମୃଦ୍ଧିର ପ୍ରତୀକ ଏବଂ ତାହା ଭାରତରେ ଚମତ୍କାର ଭାବରେ ବୃଦ୍ଧି ପାଇଛି। କିନ୍ତୁ ମୁଣ୍ଡପିଛା ଆୟ ଦୃଷ୍ଟିରୁ ବିଶ୍ୱରେ ଭାରତ ୧୪୫ତମ ସ୍ଥାନରେ ରହିଛି। ଲଜ୍ଜାକର ବିଷୟ ହେଉଛି, ଆମେ ବାଂଲାଦେଶ ପଛରେ ଅଛୁ। ଆମେ ଚାଇନା ସହିତ ତୁଳନା କରୁ, କାରଣ ଉଭୟ ଦେଶର ଜନସଂଖ୍ୟା ଅଧିକ। ୧୯୮୭ରେ ଉଭୟ ଦେଶର ନାମାଙ୍କନ ଜିଡିପି ପ୍ରାୟ ସମାନ ଥିଲା। ୧୯୯୦ରେ ଚାଇନା ଭାରତଠାରୁ ଟିକେ ଆଗରେ ଥିଲା। ବର୍ତ୍ତମାନ ୨୦୨୦ ମସିହାରେ ଚାଇନାର ଜିଡିପି (୧୪.୭ ଟ୍ରିଲିୟନ ଡଲାର) ଭାରତ ଜିଡିପି (୨.୬୩ ଟ୍ରିଲିୟନ ଡଲାର) ତୁଳନାରେ ୫.୫.୮ ଗୁଣା ଅଧିକ। ଭାରତ ଏତେ ଆତ୍ମନିର୍ଭରଶୀଳ ହୋଇଛିଯେ, ଘରେ ଘରେ ଚାଇନାର କିଛିନା କିଛି ଦ୍ରବ୍ୟ ଦେଖିବାକୁ ମିଳିବ।

ମାସ୍କିନ୍ ଜଗତୀକରଣକୁ ସମର୍ଥନ କହିଛନ୍ତି। କିନ୍ତୁ ଜଗତୀକରଣର ସମର୍ଥକମାନେ ଯେଉଁ ଯୁକ୍ତି କରୁଥିଲେଯେ ଏହା ବୈଷମ୍ୟ ହ୍ରାସ କରିବ, ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ବାସ୍ତବରେ ଭାରତରେ ୨୦୦୯ରୁ ୨୦୨୦ ମଧ୍ୟରେ ବିଲିୟନେୟାରଙ୍କ ସମ୍ପଦ ୯୦% ବୃଦ୍ଧି ପାଇ ୪୨୨.୯ ବିଲିୟନ ଡଲାରରେ ପହଞ୍ଚିଛି। ଅକ୍ସଫାମ୍‌ର ୨୦୨୦ ରିପୋର୍ଟ ଅନୁସାରେ ଭାରତର ସବୁଠାରୁ ଧନୀ ୧%ଙ୍କ ସମ୍ପଦ ଦେଶର ୯୫.୩ କୋଟି ଲୋକଙ୍କ ସମ୍ପଦର ଚାରି ଗୁଣାରୁ ଅଧିକ, ଯେଉଁମାନେ ଦେଶର ଜନସଂଖ୍ୟାର ୭୦%। ସମସ୍ତ ଭାରତୀୟ ବିଲିୟନେୟାରଙ୍କ ମୋଟ ସମ୍ପଦ ଏକ ବର୍ଷର ବଜେଟ ଆକାରଠାରୁ ଅଧିକ ଥିଲା। କ୍ରେଡିଟ୍ ସୁଇସର ୧୨ଶ ସମ୍ପଦ ରିପୋର୍ଟ ଅନୁସାରେ ଶୀର୍ଷ ୧% ଧନୀଙ୍କ ସମ୍ପଦ ଦେଶର ମୋଟ ସମ୍ପଦ ଅଂଶରେ ୨୦୦୦ରେ ୩୩.୫% ଥିଲା। ତାହା ୨୦୨୦ରେ ପୁନଶ୍ଚ ୪୦.୫%କୁ ବୃଦ୍ଧି ପାଇଛି। ଭାରତ ବିଶ୍ୱରେ ବ୍ରାଜିଲ ପରେ ଦ୍ୱିତୀୟ ସର୍ବାଧିକ ବୈଷମ୍ୟପୂର୍ଣ୍ଣ ଦେଶ। ଅକ୍ସଫାମ୍ ଅସମାନତା ସୂଚକାଙ୍କ ଅନୁସାରେ, ଶ୍ରମିକଙ୍କ ଅଧିକାର ଦୃଷ୍ଟିରୁ ଭାରତ ୧୫୮ଟି ଦେଶ ମଧ୍ୟରେ ୧୫୧ ସ୍ଥାନରେ ରହିଛି। କେବଳ ଅସମାନତା ହ୍ରାସ କରିବା ଦୃଷ୍ଟିରୁ ୧୫୮ଟି ଦେଶ ମଧ୍ୟରୁ ୧୪୧ ସ୍ଥାନରେ ରହିଛି। ଜାନୁୟାରୀ ୨୦୨୦ରେ ପ୍ରକାଶିତ ବିଶ୍ୱ ଅର୍ଥନୈତିକ ଫୋରମର ଗ୍ଲୋବାଲ ସୋସିଆଲ ମୋବିଲିଟି ରିପୋର୍ଟ ଅନୁଯାୟୀ ଭାରତରେ ଏକ ଗରିବ ପରିବାରର ସଦସ୍ୟ ହାରାହାରି ଆୟ ହାସଲ କରିବାକୁ ୭ ପିଢ଼ି ଅପେକ୍ଷା କରିବାକୁ ପଡ଼ିବ।

୨୦୨୦-୨୧ରେ ଅଭିବୃଦ୍ଧି ବିଯୁକ୍ତାତ୍ମକ ହେଲାବେଳେ କିଛି ମୁଷ୍ଟିମେୟ ଧନୀ, କର୍ପୋରେଟ୍, ପୁଞ୍ଜିପତିଙ୍କ ସମ୍ପଦ ବୃଦ୍ଧି ପାଇବା ଅର୍ଥ ଅନେକଙ୍କ ସମ୍ପଦ ହ୍ରାସ ପାଇଛି ଏବଂ ଅନେକ ଆହୁରି ଗରିବ ହୋଇଛନ୍ତି। ଏପରିକି ମହାମାରୀ ପୂର୍ବରୁ ଦାରିଦ୍ର୍ୟ ବୃଦ୍ଧିପାଇଛି। ୨୦୦୪-୦୫ ଦାରିଦ୍ର୍ୟ ଅନୁପାତ ୩୭.୨% ଥିଲା ଏବଂ ୪୦.୭୨ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। ଉପଭୋକ୍ତା ଖର୍ଚ୍ଚ ସର୍ବେକ୍ଷଣ ଅନୁଯାୟୀ, ୨୦୧୧-୧୨ରେ ଦାରିଦ୍ର୍ୟ ଅନୁପାତ ୨୧.୯%କୁ ଏବଂ ଗରିବଙ୍କ ସଂଖ୍ୟା ୨୫.୯ କୋଟି ଲୋକକୁ ହ୍ରାସ ପାଇଥିଲା। ୨୦୧୧-୧୨ ପରଠାରୁ ଗ୍ରାହକ ଖର୍ଚ୍ଚ ସର୍ଭେ ହୋଇନାହିଁ। ଏଣୁ, ସନ୍ତୋଷ ମେହେରୋତ୍ରା ଏବଂ ଯଯାତି କେଶରୀ ପରିଡ଼ା ପର୍ଯ୍ୟାୟ ଶ୍ରମ ଶକ୍ତି ସର୍ଭେ ଅଧ୍ୟୟନ କରି ଜାଣିବାକୁ ପାଇଲେଯେ, ୨୦୧୯-୨୦ରେ ଦାରିଦ୍ର୍ୟ ଅନୁପାତ ୨୬.୯୮%କୁ ବୃଦ୍ଧି ପାଇଥିବାବେଳେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୩୪.୮ କୋଟିକୁ ବୃଦ୍ଧି ପାଇଛି। ଅବଶ୍ୟ ଭାରତରେ ଯେଉଁ ଦାରିଦ୍ର୍ୟ ସୀମାରେଖାର ମାନଦଣ୍ଡ ଧାର୍ଯ୍ୟ କରାଯାଇଛି, ତାହା ଅନାହାର ରେଖା କହିଲେ ଭୁଲ ହେବ ନାହିଁ। ଏଣୁ ସରକାରୀ ତଥ୍ୟ ଅନୁସାରେ ଆହୁରି ବେଶି ଲୋକ ଗରିବ ଅଟନ୍ତି। ଗ୍ରାମୀଣ ଭାରତରେ ଦାରିଦ୍ର୍ୟ ମୁଖ୍ୟତଃ ବୃଦ୍ଧି ପାଇଛି। ଉଲ୍ଲେଖନୀୟ ଯେ, ୨୦୧୯-୨୦ ସୁଦ୍ଧା ଦାରିଦ୍ର୍ୟ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଯଥେଷ୍ଟ ବୃଦ୍ଧି ପାଇଲା, କିନ୍ତୁ ଗ୍ରାମାଞ୍ଚଳରେ ଏହା ଅଧିକ ଅର୍ଥାତ୍ ୨୫%ରୁ ୩୦%କୁ ବୃଦ୍ଧି ପାଇଛି।

କଲମ୍ବିଆ ବିଶ୍ୱବିଦ୍ୟାଳୟ ପ୍ରଫେସର ତଥା ଅର୍ଥନୀତିରେ ନୋବେଲ ପୁରସ୍କାରପ୍ରାପ୍ତ ଯୋଶେଫ ଷ୍ଟିଗ୍ଲିଜଙ୍କ ଅନୁଯାୟୀ, ଦେଶ-ଦେଶ ମଧ୍ୟରେ ଏବଂ ଦେଶ ଭିତରେ ଦାରିଦ୍ର୍ୟ ବୃଦ୍ଧି ପାଇଛି ଏବଂ ଅସମାନତା ତ୍ୱରାନ୍ୱିତ ହେଉଛି। ବୈଷମ୍ୟ ବୃଦ୍ଧି ଅତ୍ୟନ୍ତ ବିପଜ୍ଜନକ ବୋଲି ସେ ସତର୍କ କରିଦେଇଛନ୍ତି, ଯାହା ଅପରାଧଠାରୁ ଆରମ୍ଭ କରି ପ୍ରତିକ୍ରିୟାଶୀଳ ଜାତୀୟତା ପର୍ଯ୍ୟନ୍ତ ସବୁକିଛି ଉପରେ କୁପ୍ରଭାବ ପକାଇବ। ମାସ୍କିନ୍‌ଙ୍କ ମତରେ, ବୈଷମ୍ୟ ବୃଦ୍ଧି ସାମାଜିକ ଏବଂ ରାଜନୈତିକ ଅସ୍ଥିରତା ବୃଦ୍ଧି କରିଥାଏ। ଏଣୁ ଖାଲି ଜିଡିପି ବୃଦ୍ଧି ପଛରେ ଧାଇଁବା ଅନୁଚିତ। ଧନିକ ଶ୍ରେଣୀ ଉପରେ ଉତ୍ତରାଧିକାରୀ, ସମ୍ପଦକର ଧାର୍ଯ୍ୟ କରି ଯେଉଁ ସମ୍ବଳ ସୃଷ୍ଟିହେବ, ତାହାକୁ ଶିକ୍ଷା, ସ୍ୱାସ୍ଥ୍ୟ, ଜନହିତକର କାର୍ଯ୍ୟରେ ବ୍ୟୟ କରିବା ଉଚିତ। ଲୋକଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ଜରୁରୀ।

**ମୋ:୯୪୩୭୨୦୮୭୬୨**
Email: skmohapatra67@gmail.com

# ଶେଷ ଲକ୍ଷ୍ୟ ଅଙ୍ଗଦାନ



ଡା. ଉମେଶ ଚନ୍ଦ୍ର ପାତ୍ର

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କଠାରେ ରୋପଣ କରାଯାଏ। ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି। ଆମ ଦେଶରେ ଯକୃତ, ବୃକ୍କ, ହୃଦୟ, ଅଗ୍ନ୍ୟାଶୟ ପ୍ରତିରୋପଣ କରିବାର ସୁବିଧା ରହିଛି। ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ୍ୟ ଦାନ କରାଯାଏ। ଅଙ୍ଗଦାନ ଦୁଇ ପ୍ରକାରର-ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ। ଅଙ୍ଗଦାନ ଅଧୀନରେ ବୃକ୍କ, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ। ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା। ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ। କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ୍ୟ ଦାନ କରାଯାଇପାରେ। ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକ୍କ। କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକ୍କ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ। ଭାରତରେ ହେଉଥିବା ଅଧିକାଂଶ ବୃକ୍କ ପ୍ରତିରୋପଣ ଜୀବିତ ଦାତାଙ୍କଠାରୁ ହିଁ ମିଳେ। ଫୁସ୍‌ଫୁସ୍ ଏବଂ ଯକୃତ ମଧ୍ୟ ଜୀବିତ ବ୍ୟକ୍ତି ଦାନ କରିପାରିବେ। ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ। ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ। କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସପୋର୍ଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ। ବ୍ରେନ୍ ଡେଥ୍‌ରେ ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ। ବ୍ରେନ୍ ଡେଥ୍ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତିରୋପଣ ପାଇଁ ଗ୍ରହଣ କରାଯାଇପାରେ। ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ। ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ। ନବଜାତ ଶିଶୁଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତିରୋପଣ ସଫଳ ହୁଏ। ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା'-ବାପାଙ୍କ ଅନୁମତି ନେବା ଜରୁରୀ।

ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତିରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ। ଏହା ଏକ କଷ୍ଟକର ନିୟମ। ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି। ଏହି ସମସ୍ୟାକୁ ଦେଖି ସରକାର ୨୦୧୧ରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି। ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତିରୋପଣ ସୁବିଧା ନ ଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ। ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ। ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତି ହିଁ ଅଙ୍ଗଦାନ କରିପାରୁଛନ୍ତି। ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ; ଯାହାଙ୍କୁ ଏହାର ଆବଶ୍ୟକତା ଥାଏ। ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ। ଅଙ୍ଗ ପ୍ରତିରୋପଣ ପାଇଁ ବ୍ଲଡ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ। ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ। ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ। ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ। ଏହାପରେ ଆପଣଙ୍କୁ ଏକ ଡୋନର୍ କାର୍ଡ ମିଳିବ। ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନ ଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ। କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ। ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରି ନ ଥିଲେ ବି ଅଙ୍ଗଦାନ କରିପାରିବେ। ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି। କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସପୋର୍ଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ। ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ। ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି। ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ। ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତିରୋପଣ କାର୍ଯ୍ୟକ୍ରମ ହୁଏ। କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ ।

**ସହ-ପ୍ରତିରକ୍ତିକ ଓ ବିଭାଗୀୟ ମୁଖ୍ୟ,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ,**
**ମୋ: ୯୪୩୭୦୫୧୯୫୭**

## ପାଠକ ଶ୍ରେଷ୍ଠ ବିଚାରକ

### ଘାରିଲାଣି ତୃତୀୟ ଲହର

ମହାଶୟ,

କରୋନାର ଦ୍ୱିତୀୟ ଲହର ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ଆଗକୁ ତୃତୀୟ ଲହର ବିପଦ ଆସୁଛି। ରାଜ୍ୟରେ କରୋନା କଟକଣା କୋହଳ ହେବା ପରେ ପୁରୀ ଜିଲାରେ ଲୋକେ ସାମାଜିକ ଦୂରତା ଭୁଲି ଯାଇଛନ୍ତି ଏବଂ କଟକଣା ଉଲ୍ଲଂଘନ କରିବା ଫଳରେ ଆର୍ ଫ୍ୟାକ୍ଟର ବଢୁଛି । କାରଣ ଜିଲାରେ ପର୍ଯ୍ୟଟନ ଏବଂ ତୀର୍ଥ କ୍ଷେତ୍ରଗୁଡ଼ିକରେ ଅତି ମାତ୍ରାରେ ଗହଳି ବଢୁଛି। ସାତଶଙ୍ଖ, ଚନ୍ଦନପୁର, ପିପିଲି ଓ ସାକ୍ଷୀଗୋପାଳ, ସତ୍ୟବାଦୀ ଅଞ୍ଚଳରେ ବଜାର ଏବଂ ସର୍ବସାଧାରଣ ସ୍ଥାନରେ ମଧ୍ୟ ପ୍ରବଳ ଜନଗହଳି ପରିଲକ୍ଷିତ ହେଉଛି। ଲୋକେ ଆଦୌ ସାମାଜିକ ଦୂରତା ବଜାୟ ରଖୁ ନାହାନ୍ତି। ପ୍ରବଳ ଗହଳି ଯୋଗୁ ତୃତୀୟ ଲହର ସଂକ୍ରମଣ ଆଶଙ୍କା ପ୍ରକାଶ ପାଇଛି। ପ୍ରଶାସନ ସ୍ଥାନୀୟ ପ୍ରଶାସନକୁ କଟକଣା ପୁନର୍ବାର କଡ଼ାକଡ଼ି କରିବାକୁ ଦାୟିତ୍ୱ ପ୍ରଦାନ କରିବା ଉଚିତ। ପୁରୀ ଜିଲା ପ୍ରଶାସନର ହୁଗୁଳା ମନୋବୃତ୍ତି ଯୋଗୁ ଦିନକୁ ଦିନ ଲୋକେ କଟକଣାକୁ ଭୁଲିଯାଉଛନ୍ତି।

– ଦେବବ୍ରତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ଜଳିଉଠୁ ଗଗନର ଅଗଣିତ
ଜ୍ୟୋତି ରାଶି ତଳେ
ଅସୀମ ଆଶାର ରୂପେ ଶିଖା ତାର
ଖେଳୁ ଏ ବିଶ୍ୱରେ। -(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୫୦ କୋଟି ଟିକାକରଣ: ଐତିହାସିକ ସଫଳତା

ଜଗତ୍ ପ୍ରକାଶ ନଡ୍ଡା



ଭୁବନେଶ୍ୱର, ୧୨।୮ (ଧରିତ୍ରୀ)

୨୦୨୧ ଅଗଷ୍ଟ ୭ ତାରିଖ ସୁଦ୍ଧା ଭାରତରେ ୫୦ କୋଟି ନାଗରିକଙ୍କୁ କରୋନା ଟିକା ପ୍ରଦାନ କରାଯାଇଛି। କରୋନା ଭଳି ମାରାତ୍ମକ ଭାଇରସ୍‌କୁ ହରାଇବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ଏବଂ ନକାରାତ୍ମକ ପ୍ରଚାର ସତ୍ତ୍ୱେ ଭାରତ ବିଶ୍ୱର ସର୍ବବୃହତ୍ ତଥା ଦ୍ରୁତତମ ଟିକାକରଣ କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ଷମ ହୋଇଛି। ଟିକାକରଣ କାର୍ଯ୍ୟକ୍ରମ ସଫଳତାର ସମସ୍ତ ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ଆମ କୋଭିଡ୍ ଯୋଦ୍ଧା ଡାକ୍ତର, ନର୍ସ, ବୈଜ୍ଞାନିକ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପାଖକୁ ଯାଉଛି। କୋଭିଡ୍ ଯୋଦ୍ଧାମାନଙ୍କର ଉତ୍ସର୍ଗୀକୃତ ସେବା, ଧୈର୍ଯ୍ୟ ଏବଂ ସାହସ ପାଇଁ ଏହା ସମ୍ଭବ ହୋଇପାରିଛି। ବିଶ୍ୱର ଏତେ ବଡ଼ ଜନବହୁଳ ରାଷ୍ଟ୍ର ହୋଇ ବି କରୋନା ମହାମାରୀ ଚ୍ୟାଲେଞ୍ଜକୁ ମୁକାବିଲା କରିବାରେ ଭାରତ ଯେଉଁଭଳି ଟିକାକରଣ କାର୍ଯ୍ୟକ୍ରମରେ ସଫଳତା ହାସଲ କରିଛି, ତାହା ଏବେ ସାରା ବିଶ୍ୱକୁ ଚକିତ କରିଛି।

ଯେତେବେଳେ ସବୁଆଡ଼େ କରୋନା ମହାମାରୀକୁ ନେଇ ଆତଙ୍କ ଖେଳି ଯାଇଥିଲା, ସେତେବେଳେ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଭାରତ ସ୍ୱଦେଶୀ ଟିକା ବିକଶିତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲା। କୋଭିଡ୍ ମହାମାରୀ ବ୍ୟାପିବାର ଏକ ରେକର୍ଡ ୯ ମାସ ମଧ୍ୟରେ ଭାରତ ଗୋଟିଏ ନୁହେଁ, ଦୁଇଟି ସ୍ୱଦେଶୀ ଟିକା ବିକଶିତ କରିବାରେ ସକ୍ଷମ ହୋଇ ପାରିଥିଲା। ଏହା ନିଶ୍ଚିତ ଭାବେ ଏକ ବିରଳ ସଫଳତା, ଯାହାର ସମସ୍ତ ଶ୍ରେୟ ଆମ ଡାକ୍ତର ଏବଂ ବୈଜ୍ଞାନିକମାନଙ୍କ ପାଖକୁ ଯାଉଛି। ବିରୋଧୀ ଦଳଙ୍କ ନକାରାତ୍ମକ ମନ୍ତବ୍ୟ ଏବଂ କାଦୁଅଫିଙ୍ଗା ରାଜନୀତିରେ ଆଦୌ ପ୍ରଭାବିତ ନ ହୋଇ ପ୍ରଧାନମନ୍ତ୍ରୀ ୧୩୫ କୋଟି ନାଗରିକଙ୍କୁ ସୁରକ୍ଷା ଜାଲ ଯୋଗାଇ ଦେବା ଉଦ୍ଦେଶ୍ୟରେ ଟିକାକରଣ କାର୍ଯ୍ୟକ୍ରମକୁ ଜାରି ରଖିଥିଲେ। କୋଭିଡ୍ ବିରୋଧରେ ସେ ଯେଉଁଭଳି ଭାରତର ନେତୃତ୍ୱ ନେଇଥିଲେ, ତାହା ସମସ୍ତଙ୍କ ପାଇଁ ଏକ ଦୃଷ୍ଟାନ୍ତ।

୨୦୨୧ ଜାନୁଆରୀ ୧୬ରେ ଭାରତ କୋଭିଡ୍ ବିରୋଧରେ ବିଶ୍ୱର ସର୍ବବୃହତ୍ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ଟିକାକରଣ ପ୍ରାରମ୍ଭରେ କିଛି ଚ୍ୟାଲେଞ୍ଜ ଆସିଥିଲା, କିନ୍ତୁ ସେଗୁଡ଼ିକୁ ଅତିକ୍ରମ କରିବା ପାଇଁ ପ୍ରଥମ ୧୦ କୋଟି ଟିକାକରଣ ପାଇଁ ଭାରତ ୮୫ ଦିନ ସମୟ ନେଇଥିଲା। ୨୧ ଜୁନ୍ ୨୦୨୧ରେ ନରେନ୍ଦ୍ର ମୋଦି ସରକାର ଟିକାକରଣ କାର୍ଯ୍ୟକ୍ରମକୁ ନିଜ ତତ୍ତ୍ୱାବଧାନକୁ ନେଇଥିଲେ ଏବଂ ଏକ ଐତିହାସିକ ନିଷ୍ପତ୍ତିକ୍ରମେ ଟିକାକରଣକୁ ମାଗଣା କରିବାକୁ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀଙ୍କର ଏହି ଘୋଷଣାକୁ ଖୁବ୍ ପ୍ରଶଂସା କରାଯାଇଥିଲା ଏବଂ ପ୍ରଧାନମନ୍ତ୍ରୀ ଲୋକଙ୍କ ପାଇଁ ଚିନ୍ତା କରନ୍ତି ବୋଲି ବାର୍ତ୍ତା ଯାଇଥିଲା। ଏହା ପରଠାରୁ ସେ ଆଉ ପଛକୁ ଚାହିଁ ନ ଥିଲେ। ଟିକାକରଣ କାର୍ଯ୍ୟକ୍ରମ କିଭଳି ଶୀଘ୍ର ଓ ପ୍ରଭାବଶାଳୀ ଢଙ୍ଗରେ ସଂଗଠିତ ହୋଇପାରିବ, ସେଥିପାଇଁ ଆରମ୍ଭରୁ ପ୍ରଧାନମନ୍ତ୍ରୀ ଏହାର ନିରୀକ୍ଷଣ କରିଛନ୍ତି। ଏହାଯୋଗୁ ୨୦ କୋଟି ଲୋକଙ୍କୁ ଟିକା ଦେବା ଲକ୍ଷ୍ୟରେ ପହଞ୍ଚିବା ଲାଗି ମାତ୍ର ୪୫ ଦିନରେ ଭାରତ ୧୦ କୋଟି ଲୋକଙ୍କୁ ଟିକା ଦେବାକୁ ସକ୍ଷମ ହେଲା। ତା' ପରଠାରୁ ଏହି ଅଭିଯାନ ଜୋରସୋରରେ ଚାଲିଛି। ପରେ ଭାରତ ଆଉ ୧୦ କୋଟି ଲୋକଙ୍କୁ ମାତ୍ର ୨୯ ଦିନରେ ଟିକାକରଣରେ ସାମିଲ କରିପାରି ୩୦ କୋଟିରେ ପହଞ୍ଚିପାରିଲା। ପୁନଶ୍ଚ ଆଉ ୧୦ କୋଟି ଲୋକଙ୍କୁ ୨୪ ଦିନରେ ଟିକା ଦିଆଗଲା ଓ ଶେଷ ୧୦ କୋଟି ଟିକାକରଣ ଶେଷ ହେଲା ମାତ୍ର ୨୦ ଦିନରେ ଏବଂ ଏହା ୫୦ କୋଟି ଲକ୍ଷ୍ୟ ହାସଲ କଲା। ଦେଶରେ ଚଳିତବର୍ଷ ଶେଷ ସୁଦ୍ଧା ଟିକାକରଣ ଶେଷ କରିବାକୁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। ଆମକୁ ଏହି ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ। ଟିକା ଉତ୍ପାଦନ ବଢ଼ିଥିବାରୁ ଚଳିତବର୍ଷ ଶେଷ ସୁଦ୍ଧା ମାତ୍ର ୧୩୬ କୋଟି ଡୋଜ୍‌ରୁ ଅଧିକ ଟିକା ଆମେ ପାଇପାରିବୁ। ନରେନ୍ଦ୍ର ମୋଦି ନେଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ମଧ୍ୟରୁ ବାଧ୍ୟତାମୂଳକ ଲାଇସେନ୍ସ ନୀତିର ସରଳୀକରଣ କରାଯାଇଛି, ଫଳରେ ଟିକା ଉତ୍ପାଦନ ଶୀଘ୍ର ବୃଦ୍ଧି ଘଟିଛି। ଏହାଯୋଗୁ କୋଭିଶିଲ୍ଡ ଓ କୋଭାକ୍ସିନ ଟିକା ଯୋଗାଇବା ସୁଗମ ହୋଇପାରିଛି। ଦେଶରେ ରୁଷିଆ ଟିକା ସ୍ପୁଟନିକ ଟିକା ଉତ୍ପାଦନ ନିଶ୍ଚିତ ହୋଇଛି ଓ ନିକଟରେ ଜନ୍‌ସନ୍ ଜନ୍‌ସନ୍ ଟିକା ଦେଶରେ ବ୍ୟବହାର କରିବା ନିମନ୍ତେ ସବୁଜ ସଙ୍କେତ ଦିଆଯାଇଛି। ଆଗାମୀ ଦିନରେ ଆହୁରି ଅଧିକ ଟିକା ଭାରତରେ ଉପଲବ୍ଧ ହେବ।

ଭାରତର ଟିକାକରଣ ଅଭିଯାନ ଏକ ଆହ୍ୱାନ ହୋଇଆସିଛି। ଏହା ୫୦ କୋଟି ଲୋକଙ୍କୁ ଟିକାକରଣରେ ସାମିଲ କରିଛି ଓ ଏହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ବହୁ ଘାତ ପ୍ରତିଘାତ ଅତିକ୍ରମ କରିଛି। ୧୪ ଏପ୍ରିଲ ୨୦୨୦ରେ ପ୍ରଧାନମନ୍ତ୍ରୀ 'ଭାକ୍ସିନ ଟାସ୍କ ଫୋର୍ସ' ଗଠନ କରିଥିଲେ। ଏହା ମାତ୍ର ୧୫ ଦିନ ମଧ୍ୟରେ ଟିକା ବିକାଶ ପଥରେ ଥିବା ସବୁ ବାଧା ଅତିକ୍ରମ କରିଗଲା ଓ ଟିକା ଉତ୍ପାଦନ କରୁଥିବା ବେସରକାରୀ ସଂସ୍ଥାଗୁଡ଼ିକୁ ନୂଆ ମେଣ୍ଟରେ ପ୍ରବେଶ କରିପାରିଲା। ନିଜେ ପ୍ରଧାନମନ୍ତ୍ରୀ ମୋଦି ସମସ୍ତ ପ୍ରକ୍ରିୟାକୁ ନିୟନ୍ତ୍ରଣ କଲେ ଏବଂ ଯେଉଁଠାରେ ଟିକା ପ୍ରସ୍ତୁତ ହେଉଥିଲା, ସେଠାକୁ ଯାଇ ଆମ ଡାକ୍ତର ଓ ବୈଜ୍ଞାନିକମାନଙ୍କର ସାହସ ବଢ଼ାଇଥିଲେ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ଅଭିଯାନ। କିନ୍ତୁ କେତେକ ବିରୋଧୀ ଦଳ ନୈରାଶ୍ୟପୂର୍ଣ୍ଣ ମନୋଭାବ ନେଇ କରୋନା ଟିକାକରଣ କାର୍ଯ୍ୟକ୍ରମକୁ ବିପଥଗାମୀ କରିବାକୁ ପ୍ରୟାସ କରିଥିଲେ। ପ୍ରଧାନମନ୍ତ୍ରୀ କରୋନା ଭୂତାଣୁ ବିରୋଧରେ ଲଢ଼େଇ ଜାରି ରଖିଥିବାବେଳେ ବିରୋଧୀମାନେ ଟିକା ସମ୍ପର୍କରେ ଗୁଜବ ପ୍ରଚାର କରିବାରେ ବ୍ୟସ୍ତ ଥିଲେ ଏବଂ ଏହା ଉପରେ ଗମ୍ଭୀର ଅଭିଯୋଗ ଆଣିଥିଲେ। ଏକ ବିରୋଧୀ ଦଳ 'ମେଡ୍ ଇନ୍ ଇଣ୍ଡିଆ' ଟିକାକୁ 'ଭାଜପା ଟିକା' ମାର୍କ ଲଗାଇଥିଲା। ବିରୋଧୀମାନଙ୍କର ଏଭଳି ନୈରାଶ୍ୟତା ଭାରତ ଏବଂ ତାହାର ବୈଜ୍ଞାନିକମାନଙ୍କୁ ବଦନାମ କରିବାକୁ ଚେଷ୍ଟା କରିଥିଲା। ଏହିସବୁ ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀ କିମ୍ବା କେନ୍ଦ୍ର ସରକାରଙ୍କୁ ସହଯୋଗ କରି ନ ଥିଲେ। କୋଭିଡ୍ ଭୂତାଣୁ ବିରୋଧରେ ଭାରତର ଲଢ଼େଇକୁ ପଥଚ୍ୟୁତ କରିବା ଲାଗି ସେମାନଙ୍କର ଏହା ଏକ କାର୍ଯ୍ୟସୂଚୀ ଥିଲା।

କଂଗ୍ରେସ ପାର୍ଟି ଥିଲା ଏହାର ମୁଖ୍ୟ ଷଡ଼ଯନ୍ତ୍ରକାରୀ। ଏହାର ବରିଷ୍ଠ ନେତା ଓ ମୁଖ୍ୟମନ୍ତ୍ରୀମାନେ ଲଗାତର ଟିକାର କ୍ଷମତା ଉପରେ ପ୍ରଶ୍ନ ଉଠାଇଥିଲେ। କେବଳ ଏତିକି ନୁହେଁ, ସେମାନେ ଏହାର ପାର୍ଶ୍ୱପ୍ରତିକ୍ରିୟା ସମ୍ପର୍କରେ ମଧ୍ୟ ଗୁଜବ ପ୍ରଚାର କରିଥିଲେ। କଂଗ୍ରେସଶାସିତ କେତେକ ରାଜ୍ୟ ଟିକାକରଣ ଅଭିଯାନ ଚଳାଇବା ଲାଗି ମନା କରି ଦେଇଥିଲେ। ଫଳସ୍ୱରୂପ ସମ୍ପୂର୍ଣ୍ଣ ଅଭିଯାନ ଧିମା ପଡ଼ିଗଲା। ଏପରି କି ଟିକା ଅଭାବ ଥିବା ମିଛ କଥା କହି ଟିକାକରଣ ପ୍ରକ୍ରିୟାକୁ ପଥଚ୍ୟୁତ କରିବାକୁ ମଧ୍ୟ ଚେଷ୍ଟା କଲା। ଏମିତି କି କେତେକ କଂଗ୍ରେସଶାସିତ ରାଜ୍ୟ ମୂଲ୍ୟବାନ୍ ଟିକାଗୁଡ଼ିକୁ ନଷ୍ଟ କରିବା ଭଳି ଅକ୍ଷମଣୀୟ ପାପ କରିବାକୁ ପଛାଇଲେ ନାହିଁ। ସେମାନେ ଟିକାକୁ ଘରୋଇ ହସ୍ପିଟାଲକୁ ଦେଇଦେଲେ। ଟିକା ବଣ୍ଟନ ଓ କିଣା ଉପରେ ଆମ୍ ଆଦ୍‌ମୀ ପାର୍ଟି ଓ କେତେକ କଂଗ୍ରେସଶାସିତ ରାଜ୍ୟ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବାବେଳେ ସେମାନଙ୍କ ଏଭଳି କାର୍ଯ୍ୟକୁ ଚ୍ୟାଲେଞ୍ଜ ଦେଇ ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ଟିକାକରଣର ଦାୟିତ୍ୱ ନିଜ କାନ୍ଧ ଉପରକୁ ଆଣିଥିଲେ। ବିରୋଧୀମାନଙ୍କର ଏଭଳି କୁତ୍ସିତ କାର୍ଯ୍ୟକୁ ନାଗରିକମାନେ ବୁଝିଗଲେ ଓ ଟିକାକରଣ କାର୍ଯ୍ୟକ୍ରମକୁ ଜୋର୍‌ଦାର କରିବା ଲାଗି ନରେନ୍ଦ୍ର ମୋଦିଙ୍କ ପ୍ରଚେଷ୍ଟାକୁ ଆହୁରି ମଜଭୁତ କରିବାକୁ ନିଷ୍ପତ୍ତି ନେଲେ।

ଭୟଙ୍କର କରୋନା ଭୂତାଣୁ ବିରୋଧୀ ଲଢ଼େଇରେ ଭାରତୀୟ ଜନତା ପାର୍ଟି (ଭାଜପା) ସବୁବେଳେ ପ୍ରଧାନମନ୍ତ୍ରୀଙ୍କ ସହ ଦୃଢ଼ତାର ସହ ରହିଆସିଛି। ଏହି ମହାମାରୀ ସଙ୍କଟରେ ଭାଜପା କର୍ମୀମାନେ ମଧ୍ୟ ସରକାରଙ୍କୁ ସମସ୍ତ ସହଯୋଗ କରିଛନ୍ତି ଏବଂ ସରକାର ଓ ସ୍ଥାନୀୟ ପ୍ରଶାସନ ସହ କାନ୍ଧକୁ କାନ୍ଧ ମିଳାଇ କାମ କରିଚାଲିଛନ୍ତି। ସାରା ବିଶ୍ୱ ଏବେ କରୋନା ଭୂତାଣୁ ବିରୋଧରେ ଯୁଦ୍ଧ ଜାରି ରଖିଥିବାବେଳେ ଭାରତରେ ପ୍ରଶିକ୍ଷିତ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବୀଙ୍କର ଏକ ଟିମ୍ ଗଠନ କରିବା ପାଇଁ ଭାଜପା ଏବେ 'ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସ୍ୱୟଂସେବକ ଅଭିଯାନ' ଆରମ୍ଭ କରିଛି।

ଟିକା ଯୋଗାଣ କ୍ଷେତ୍ରରେ ବିକଶିତ ଦେଶଗୁଡ଼ିକ ଉପରେ ଭାରତ ଏବେ ଆଉ ନିର୍ଭରଶୀଳ ନୁହେଁ ବୋଲି ବିଶ୍ୱକୁ ଦେଖାଇଦେଇଛି। ଏହା କେବଳ ଦୁଇଟି ବିଶ୍ୱସ୍ତରୀୟ ଟିକା ବିକାଶ କରିବାକୁ ସକ୍ଷମ ହୋଇଛି ତାହା ନୁହେଁ, ବରଂ ବିଶ୍ୱର ସର୍ବବୃହତ୍ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଭାରତ ମଧ୍ୟ ଅନେକ ଦେଶକୁ ଟିକା ଯୋଗାଇ ଦେଇଛି। ଭାରତ ପ୍ରତି ଥିବା ବୈଶ୍ୱିକ ଦୃଷ୍ଟିକୋଣର ଏବେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଆମ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟି ମହାମାରୀ ସମୟରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ସୁରକ୍ଷା କବଚ ହୋଇପାରିଛି। ତାଙ୍କ ନେତୃତ୍ୱରେ ଆମେ କେବେ ବି ଅଟକିବୁ ନାହିଁ। ବରଂ ଚଳିତବର୍ଷ ଶେଷସୁଦ୍ଧା ଭାରତକୁ ଶତ ପ୍ରତିଶତ ଟିକାକରଣ କରିବାର ସଙ୍କଳ୍ପ ନେଇ ଆମେ ଉକ୍ତ ଅଭିଯାନକୁ ତୀବ୍ର କରିବୁ।

**(ଲେଖକ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ)**

# ଇସ୍ରୋ ଇଓଏସ୍-୩ ମିଶନ ଫେଲ୍



- ସଫଳ ଉତ୍କ୍ଷେପଣ ପରେ ଯାନ୍ତ୍ରିକ ତ୍ରୁଟି
- କାମ କଲାନି କ୍ରାୟୋଜେନିକ୍ ଇଞ୍ଜିନ୍

ନୂଆଦିଲ୍ଲୀ, ୧୨।୮

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଜିଏସ୍‌ଏଲ୍‌ଭି ରକେଟ ଯୋଗେ ଇଓଏସ୍-୦୩ ଉପଗ୍ରହକୁ ପୃଥିବୀ କକ୍ଷପଥରେ ସ୍ଥାପନ କରିବାରେ ବିଫଳ ହୋଇଛି। ଆର୍ଥ ଅବଜରଭେଶନ ସାଟେଲାଇଟ୍ ବା ପୃଥିବୀ ନିରୀକ୍ଷଣ ଉପଗ୍ରହ ଇଓଏସ୍-୦୩କୁ ଗୁରୁବାର ସକାଳେ ଭୂପୃଷ୍ଠରୁ ସଫଳ ଉତ୍କ୍ଷେପଣ କରାଯାଇଥିଲେ ହେଁ ତାହା ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିନାହିଁ। ଜିଏସ୍‌ଏଲ୍‌ଭି ରକେଟ୍ ଦ୍ୱାରା ସାଟେଲାଇଟ୍ ଲଞ୍ଚ୍ ହେବାର ୬ ମିନିଟ୍ ପରେ ଏଥିରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ ମିଶନ ଫେଲ୍ ହୋଇଛି।

ସକାଳ ୫ଟା ୪୩ ମିନିଟ୍‌ରେ ଜିସାଟ୍-୧ ବା ଇଓଏସ୍-୦୩କୁ ନେଇ ୫୭.୧୦ ମିଟର ଲମ୍ବ, ୪୧୬ ଟନ୍ ଓଜନର ଜିଏସ୍‌ଏଲ୍‌ଭି-ଏଫ୍୧୦ ରକେଟ୍ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସତୀଶ ଧବନ ସ୍ପେସ୍ ସେଣ୍ଟରରୁ ଉତ୍କ୍ଷେପଣ ହୋଇଥିଲା। ଜିଏସ୍‌ଏଲ୍‌ଭି-ଏଫ୍୧୦ ତିନି ପର୍ଯ୍ୟାୟ ବିଶିଷ୍ଟ ଇଞ୍ଜିନ୍ ରକେଟ୍। ମିଶନର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ସଫଳ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଇନ୍ଧନ ଦ୍ୱାରା ରକେଟ୍ ମହାକାଶ ଅଭିମୁଖେ ଦ୍ରୁତଗତିରେ ଯାତ୍ରା କରିଥିଲା। ଜିଏସ୍-୧ ଯାନ ଅଲଗା ହୋଇଯିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ସାଟେଲାଇଟ୍ ଜିଏସ୍-୨ ସହ ପୃଥିବୀ କକ୍ଷପଥର ନିକଟତର ହେବାରେ ଲାଗିଥିଲା। ପ୍ରାୟ ୪ ମିନିଟ୍ ପରେ ଦ୍ୱିତୀୟ ପର୍ଯ୍ୟାୟ ଶେଷ ହୋଇ ସେଥିରୁ ଜିସ୍-୨ ବାହାରିଯିବା ପରେ ସାଟେଲାଇଟ୍ ଜିଏସ୍-୩ ବା କ୍ରାୟୋଜେନିକ୍ ଇଞ୍ଜିନ୍ ସହାୟତାରେ ଆଗକୁ ଯିବାକୁ ପ୍ରସ୍ତୁତ ହୋଇଥିଲା। କିନ୍ତୁ ଏହି ସମୟରେ କଣ୍ଟ୍ରୋଲ ସେଣ୍ଟର ସହ ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଥିଲା। କ୍ରାୟୋଜେନିକ୍ ଅପର୍ ଷ୍ଟେଜ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ ମିଶନ ଆଂଶିକ ଭାବେ ବିଫଳ ହୋଇଥିବା ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ କହିଛନ୍ତି। ଜିଓ ସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ୍ ଭେଇକିଲ୍ (ଜିଏସ୍‌ଏଲ୍‌ଭି) -ଏଫ୍୧୦ ଭାରତର ସର୍ବବୃହତ୍ ଉତ୍କ୍ଷେପଣ ଯାନ ମଧ୍ୟରୁ ଅନ୍ୟତମ। ୩ଟି ପର୍ଯ୍ୟାୟରେ ଏହି ରକେଟ କାର୍ଯ୍ୟକ୍ଷମ ହୋଇଥାଏ। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ କଠିନ ଓ ତରଳ ଇନ୍ଧନର ଆବଶ୍ୟକ ପଡ଼ିଥାଏ। ତୃତୀୟ ପର୍ଯ୍ୟାୟରେ କ୍ରାୟୋଜେନିକ୍ ଇଞ୍ଜିନ୍ କାମ କରିଥାଏ। କୌଣସି ଜିଏସ୍‌ଏଲ୍‌ଭି ରକେଟ୍ ମାଧ୍ୟମରେ ଏହା ୧୪ତମ ଉତ୍କ୍ଷେପଣ ହୋଇଥିବାବେଳେ ଏହା ହେଉଛି ଚତୁର୍ଥ ବିଫଳତା। ଜିଏସ୍‌ଏଲ୍‌ଭିର ମାର୍କ-୨ ଭର୍ସନକୁ ଶେଷଥର ୨୦୧୮ରେ ଏକ କମ୍ୟୁନିକେଶନ ସାଟେଲାଇଟ୍ ଜିସାଟ୍-୭ଏକୁ ସଫଳ ଉତ୍କ୍ଷେପଣରେ ବ୍ୟବହାର କରାଯାଇଥିଲା। ମିଶନ ସଫଳ ହୋଇଥିଲେ ଇଓଏସ୍-୦୩ ଭାରତର ଆଖି ଭାବେ ମହାକାଶରେ କାର୍ଯ୍ୟ କରିଥାନ୍ତା। ଦୈନିକ ୪ରୁ ୫ ଥର ଇମେଜିଙ୍ଗ୍ କରିବାରେ ସକ୍ଷମ ଏହି ସାଟେଲାଇଟ୍ ଜଳ ଉତ୍ସ, ଫସଲ, ଜଙ୍ଗଲ ସ୍ଥିତି ସମେତ ବନ୍ୟା ଏବଂ ବାତ୍ୟା ବିଷୟରେ ଆଗୁଆ ସୂଚନା ପ୍ରଦାନ କରିଥାନ୍ତା।

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NIT No. 28/OMC/CIVIL/2021**

No. CAD-879:- Tender for the following work is invited on-line through e-procurement portal of Govt. of Odisha.

a. Name of the work :- Construction of 2(two) nos of Sewerage Treatment Plants (STP) of 60 KLD each with 5 years operation and maintenance at Central Township Kaliapani in the district of Jajpur.
b. Time Period :- 06 (Six months)
c. Cost of Bid documents online :- Rs.10,000/- + 18% GST

1. Available of Bid document in Govt. portal from dt. 13.08.2021 to 27.08.2021 up to 5.00 PM.
2. Last date of on-line submission of tender in the portal is dt. 27.08.2021 up to 5.00 PM.
3. Date of opening of Technical Bid is dt. 31.08.2021 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in**.
Odisha Mining Corporation Ltd. reserves the right to reject any or all tenders without assigning any reason thereof.
OIPR-30005/11/0075/2122 **CGM (Civil)**

# ୧୬ରେ ଲଘୁଚାପ

ଭୁବନେଶ୍ୱର, ୧୨।୮ (ବ୍ୟୁରୋ)

ବର୍ଷା ଅଭାବରୁ ରାଜ୍ୟରେ ଚାଷ ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ରାଜ୍ୟର ୨୬ଟି ଜିଲାରେ ସ୍ୱଳ୍ପ ବର୍ଷା ଯୋଗୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଭଦ୍ରକ, ଦେବଗଡ଼, ଢେଙ୍କାନାଳ, ଗଜପତି,ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲାରେ ୨୫ରୁ ୫୫ ପ୍ରତିଶତ କମ୍ ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ୩୦ ପ୍ରତିଶତ କମ୍ ବର୍ଷା ହୋଇଛି। ଚାଷୀମାନେ ମୌସୁମୀ ବର୍ଷାକୁ ଚାହିଁ ରହିଛନ୍ତି। ବର୍ଷା ହେଲେ ରୁଆ ବେଉଷଣ ଆରମ୍ଭ ହେବ। ଶ୍ରାବଣ ମାସରେ ମଧ୍ୟ ବର୍ଷା ଅଭାବରୁ ବିଲ ଶୁଖି ଆଁ କରିଛି। ଧାନ ଫସଲ ଅମଳ ହେବ କି ନାହିଁ ସେ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି।

ଏଭଳି ପରିସ୍ଥିତିରେ ଆସନ୍ତା ୧୬ରେ ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ସମଗ୍ର ରାଜ୍ୟରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୧୬ ତାରିଖ ରାତିରୁ ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ୧୮ରୁ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା ଆଦି ଜିଲାରେ ବର୍ଷା ହେବା ନେଇ ଅନୁମାନ କରାଯାଇଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି।

ମୌସୁମୀ ସକ୍ରିୟ ନ ଥିବାରୁ ଗତ ଦୁଇଦିନ ହେବ ରାଜ୍ୟରେ ବର୍ଷା ନାହିଁ । କେଉଁଠି କାଁ ଭାଁ ହାଲୁକା ବର୍ଷା ହେଉଥିଲେ ମଧ୍ୟ ଲଗାଣ ବର୍ଷାର ସମ୍ଭାବନା ନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହି ସମୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ନବରଙ୍ଗପୁର, ନୂଆପଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ, ଗଜପତି, କଟକ, ଖୋର୍ଦ୍ଧା, ରାୟଗଡ଼ା ଆଦି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

# ପୁଅକୁ ମାରି ବାପାଙ୍କ ଆତ୍ମହତ୍ୟା

**ବନ୍ଦ କୋଠରିରୁ ବାପ-ପୁଅଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର**

ଝରିଗାଁ, ୧୨।୮ (ସ୍ୱ.ପ୍ର.)

ନିଶାଗ୍ରସ୍ତ ମଣିଷ ନିଜର ହିତାହିତ ଜ୍ଞାନ ଭୁଲିଯାଏ। ନିଶାର ବଶବର୍ତ୍ତୀ ହୋଇ ମଣିଷ ବଡ଼ବଡ଼ ଭୁଲ୍ କରିବସେ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚଚା ପଞ୍ଚାୟତ ଅର୍ଜୁନଗୁଡ଼ା ଗାଁରେ। ନିଶାଶକ୍ତ ଜଣେ ବାପା ୩ ବର୍ଷର ପୁଅକୁ ମାରି ନିଜେ ଆତ୍ମହତ୍ୟା କରିଛନ୍ତି। ମୃତକମାନେ ହେଲେ ଅର୍ଜୁନଗୁଡ଼ା ଗ୍ରାମର ପୀତବାସ ଭତ୍ରା(୨୫) ଓ ପୁଅ ଜିତେନ୍ଦ୍ର (୩)।

ସୂଚନା ଅନୁଯାୟୀ, ପୀତବାସ ଜଣେ ଟ୍ରାକ୍ଟର ଡ୍ରାଇଭର। ସବୁଦିନ ମଦ ପିଇ ସେ ଘରେ ଗଣ୍ଡଗୋଳ କରନ୍ତି। ବୁଧବାର ରାତିରେ ମଧ୍ୟ ସେ ନିଶାସକ୍ତ ଅବସ୍ଥାରେ ଆସି ସ୍ତ୍ରୀ ବିମଳାଙ୍କ ସହ ଝଗଡ଼ା କରିଥିଲେ। ବିମଳାଙ୍କ କୋଳରୁ ପୁଅକୁ ଛଡ଼ାଇ ନେଇ ପୀତବାସ ଘର କବାଟ ଦେଇ ଦେଇଥିଲେ। ସ୍ୱାମୀଙ୍କ ସହ ପାଟିତୁଣ୍ଡ ନ କରି ବିମଳା ଘର ପଛପଟ ବାଡିକୁ ଚାଲି ଯାଇଥିଲେ। ଏକ ଘଣ୍ଟା ପରେ ପୀତବାସଙ୍କ ପାଟି ଶୁଣାଯାଇ ନ ଥିଲା। ସେ ଶୋଇପଡ଼ିଥିବେ ବୋଲି ଭାବି ବିମଳା ଝରକାରୁ ଘରକୁ ଦେଖିଥିଲେ। ସେହି ସମୟରେ ଘର ଭିତରେ ପୁଅ ଏବଂ ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ଦେଖି ଚିତ୍କାର କରିଥିଲେ। ବିମଳାଙ୍କ ପାଟି ଶୁଣି ପରିବାରର ଅନ୍ୟ ସଦସ୍ୟମାନେ ନିକଟକୁ ଆସି ମୃତଦେହକୁ ତଳକୁ ଓହ୍ଲାଇଥିଲେ। ଘଟଣା ସମ୍ପର୍କରେ ରାତି ପ୍ରାୟ ୧୧ଟାରେ ଝରିଗାଁ ପୋଲିସକୁ ଖବର ଦିଆଯାଇଥିଲା। ଗୁରୁବାର ସକାଳେ ପୀତବାସଙ୍କ ବଡ଼ ଭାଇ ରୁଦ୍ରଦେବ ଝରିଗାଁ ଥାନାରେ ଘଟଣା ସମ୍ପର୍କରେ ଏତଲା ଦେଇଥିଲେ। ପୀତବାସ ପୁଅକୁ ମାରି ନିଜେ ଆତ୍ମହତ୍ୟା କରିଥିବା ଏତଲାରେ ଉଲ୍ଲେଖ କରିଥିଲେ। ଝରିଗାଁ ଥାନାଧିକାରୀ ନଟବର ନନ୍ଦ ଏବଂ ଏସ୍‌ଡିପିଓ ଦିନେଶ ଚନ୍ଦ୍ର ନାୟକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। କେସ୍ ନଂ. ୧୧୬/୨୧ରେ ମାମଲା ରୁଜୁ କରାଯାଇଛି।

# ଶ୍ରୀମନ୍ଦିର ପରିଚାଳନା କମିଟି ପୁନର୍ଗଠିତ

ପୁରୀ ଅଫିସ, ୧୨।୮:

ବହୁ ପ୍ରତୀକ୍ଷା ପରେ ଶ୍ରୀମନ୍ଦିର ପରିଚାଳନା କମିଟି ପୁନର୍ଗଠନ କରାଯାଇଛି। ଗୁରୁବାର ରାଜ୍ୟ ଆଇନ ବିଭାଗ ପକ୍ଷରୁ ଏ ନେଇ ଘୋଷଣା ହୋଇଥିବାବେଳେ ନୂତନ ପରିଚାଳନା କମିଟିରେ ୧୦ଜଣ କର୍ମକର୍ତ୍ତା ରହିଛନ୍ତି। ମୁକ୍ତିମଣ୍ଡପର ପ୍ରତିନିଧି ଭାବେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମହାପାତ୍ର, ପୂଜାପଣ୍ଡା ନିଯୋଗର ମାଧବ ଚନ୍ଦ୍ର ପୂଜାପଣ୍ଡା, ପୁଷ୍ପାଳକ ନିଯୋଗର ଜଗନ୍ନାଥ କର, ପ୍ରତିହାରୀ ନିଯୋଗର ମାଧବ ଚନ୍ଦ୍ର ମହାପାତ୍ର, ସୁଆର ମହାସୁଆର ନିଯୋଗର ଅନନ୍ତ ତିଆଡ଼ି, ଦଇତାପତି ନିଯୋଗର ଦୁର୍ଗାପ୍ରସାଦ ଦାସମହାପାତ୍ର, ମଠ ପ୍ରତିନିଧି ଭାବେ ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶରତ ଚନ୍ଦ୍ର ଭଦ୍ରା, ପଦ୍ମଭୂଷଣ ରମାକାନ୍ତ ପଣ୍ଡା ଏବଂ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ପରିଚାଳନା କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ନୂଆ କମିଟି ଆସନ୍ତା ୩ ବର୍ଷ ପାଇଁ ଦାୟିତ୍ୱ ତୁଲାଇବ।

**ROURKELA DEVELOPMENT AUTHORITY**
**UDITNAGAR, ROURKELA - 769012**
**Mail: secretaryrda@gmail.com, GSTIN: 21AAALR0294B1ZK**
**No. 1552/RDA** **Dated: 12.08.2021**

**PROCLAMATION**

It is hereby informed to the General Public that Sri Ramesh Chandra Jena husband of Late Geetanjali Jena & Sri Abinash Jena & Sri Abhisek Jena Son of Late Geetanjali Jena have applied for mutation of House No. L/174 under Chhend Housing Project, Stage-I, Chhend, Rourkela - 15 on the basis of legal heirs of Late Geetanjali Jena issued by the competent authority. If anybody has got objection to the proposed mutation of house No. L/174 CHP-I, Chhend, he/she may file objection petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expiry of the stipulated period.

**Sd./- Secretary**
**Rourkela Development Authority**

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI - 766026, Mob. No. 9437073301, Fax: 252253, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
**(A GOVERNMENT OF ODISHA UNDERTAKING)**
**Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-mail: ohpc.co@gmail.com / md@ohpcltd.com**
**WEB: www.ohpcltd.com, CIN: U40101OR1995SGC003963**

**NOTICE INVITING TENDER No. 17/2021-22 Dated: 10.08.2021**

No. CAD-852: Sealed tenders are invited in sealed envelopes from 'C' or 'D' Class contractors registered with State Government and contractors of equivalent grade/class registered with Central Government/MED/ Railways in two parts i.e. 1) Techno Commercial Bid & 2) Price bid for the following work.

| Description of Work | Cost of Tender Paper (Non-refundable) in Rs. | EMD in shape Declaration | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Repair of tarfelting and roof slab of different quarters of Power House Colony and building near security shed at Power House Main Gate of UIHEP, Mukhiguda by Bituminous painting and grading concrete | 2,360/- (Inclusive of GST) | As per Annexure-VI & Clause No. 1.5 | From 16.08.2021 to 26.08.2021 upto 12.30 hrs. | 26.08.2021 (upto 13.00 hrs.) | 26.08.2021 at 16.30 hrs. |

For details of the tender documents, terms and conditions please visit our website **www.ohpcltd.com**.
**OIPR-32136/11/0013/2122** **Sd./- C&P Head, UIHEP, Mukhiguda**

**ZILLA SWASTHYA SAMITI, NABARANGPUR**
**OFFICE OF CDM&PHO-cum-DISTRICT MISSION DIRECTOR, NABARANGPUR**
**Advt. No. 6633** **Date: 11.08.21**

**TENDER FOR HIRING OF VEHICLE FOR DPMU, BPMU, RBSK, MHU, NABARANGPUR**

No. E-329: Sealed proposals are invited from registered travel agencies, individual, firm having experience for providing vehicle to Govt. Department. Approximately 29 Nos. of vehicles (Scorpio, Bolero) to be engaged for BPMU, NMHP, IDSP, BPMU, RBSK, MHU Nabarangpur on monthly rental basis. Details regarding terms and conditions and the tender paper will be available in the website **www.nabarangpur.nic.in**. The bid documents of the vehicle should reach to the Office of the undersigned for the vehicles to be engaged for DPMU, NMHP, IDSP, BPMU, RBSK, MHU Nabarangpur latest by 25.08.2021 upto 05.00 P.M. through Regd. Post/Speed Post only. The bid document will be opened on 26.08.2021 at 11.30 A.M. in the Office of the undersigned. The authority reserves the right to reject any or all the tenders without assigning any reason thereof.

**(Dr. Ch. Shova Rani Mishra)**
**CDM & PHO-cum-District Mission Director**
**Nabarangpur**
**OIPR-10081/11/0006/2122**

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଉପ ମହାପ୍ରବନ୍ଧକ (ବିଦ୍ୟୁତ୍) ଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ ବିଦ୍ୟୁତ୍ ନିର୍ମାଣ ବିଭାଗ, ଝାରସୁଗୁଡ଼ା
CIN-U40102OR2004SGC007553
Lifeline of Odisha

No. CAD-876

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ ୨୨୦/୩୩ କେ.ଭି. ଗ୍ରୀଡ୍ ସବଷ୍ଟେସନ, ବଡ ପୁରୁଣାପାଣି, ବଣାଇ ଠାରୁ ୨୨୦/୨୫ କେ.ଭି. ରେଲୱେ ଟ୍ରାକସନ୍ ସବଷ୍ଟେସନ, ବିମଲାଗଡ ପର୍ଯ୍ୟନ୍ତ ଯାଇଥିବା ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ୨୨୦ କେ.ଭି. ଲାଇନର ଟାୱାର ନଂ-୧ ଠାରୁ ଟାୱାର ନଂ ୭୭ର ନିର୍ମାଣ କାର୍ଯ୍ୟ ସରିଯାଇଅଛି । ଏହି ଲାଇନ୍ ବଡ ପୁରୁଣାପାଣି, ତାଳବାହାଲି, ସମରଦରି, ବଡ ସାହାଜବାହାଲ, ସାନ ସାହାଜବାହାଲ, ଟିବୁପଡା, ଲହଙ୍ଗାପଡା, ଶଗଡିଆପୋଷ, କଟୁପଡା, ସାଲେଇଡିହି, ଲମସି, ଉଲକୁଣ୍ଡେଇ, ଗୋପନା, ବାନ୍ଦୁପଡା, ଫକିରମୁଣ୍ଡା, କମାରପୋଷ ଏବଂ ବିମଲାଗଡ ଗ୍ରାମଦେଇ ଯାଇଅଛି । ଉକ୍ତ ଲାଇନରେ ଆସନ୍ତା ତା. ୧୬.୦୮.୨୦୨୧ ରିଖ ଠାରୁ ଯେକୌଣସି ଦିନ ବିଦ୍ୟୁତ ସଂଯୋଗ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ଧାରା ୭୯,୮୦ ଓ ୮୨ (କ) ଅନୁଯାଇ ଲାଇନ ତଳେ ଘର ତୋଳିବା, ଗଛ ଲଗେଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଟାୱାରରେ ଚଢ଼ିବା କିମ୍ବା ଗୋରୁଗାଈ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ବାନ୍ଧିବା ବିପଦଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି । ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି ନିଜ ଧନ ଜୀବନର ନିରାପତ୍ତା ଦୃଷ୍ଟିରୁ ସତର୍କ ରହି ସାଧାରଣ ନିୟମ ପାଳନ କରିବାକୁ ଅନୁରୋଧ ।

FIPR-39/2021-22
OIPR-04011/11/0055/2122
ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ନିର୍ମାଣ ବିଭାଗ, ଝାରସୁଗୁଡ଼ା

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଭୁବନ**
ପତ୍ର ସଂଖ୍ୟା: ୮୫୫ ତାରିଖ: ୧୧।୦୮।୨୦୨୧

**ବିଜ୍ଞାପନ**

No. C-737: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଦୋକାନ ଗୃହ ପାଇବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି ନିମ୍ନଲିଖିତ ଘରଗୁଡ଼ିକ ନିମନ୍ତେ ଆବେଦନ କରିପାରିବେ। ଗୃହ ଆବଣ୍ଟନରେ ଯୋଗ୍ୟ ବ୍ୟକ୍ତି ଧାର୍ଯ୍ୟ ଅମାନତ ରାଶି ଟ.୧,୦୦,୦୦୦ଙ୍କା ଓ ପରିଷଦର ବାମ ପାର୍ଶ୍ୱ ଉପର ମହଲା ଗୃହ ନଂ. ୬୫ ନିମନ୍ତେ ଅମାନତ ରାଶି ଟ.୫୦,୦୦୦ଙ୍କା ବ୍ୟାଙ୍କ ଡ୍ରାଫ୍ଟ Executive Officer, Bhuban N.A.C.ଙ୍କ ନାମରେ ଆବଣ୍ଟନର ୭ଦିନ ମଧ୍ୟରେ ପରିଷଦରେ ଦାଖଲ କରିବେ, ନଚେତ ଗୃହ ପାଇବାରୁ ବଞ୍ଚିତ ହେବେ। ଆବେଦନ କରିବାର ଶେଷ ତାରିଖ ୨୫।୦୮।୨୦୨୧ ଅଟେ।

**ଦୋକାନ ଗୃହର ବିବରଣୀ:**
ପରିଷଦ ପାଖ ଦକ୍ଷିଣ ପାର୍ଶ୍ୱରେ ଥିବା ଉପର ମହଲା ଘର ନଂ. ୫୯, ୬୦, ୬୧, ୬୨, ୬୩ ଓ ୬୪ ଏବଂ ପରିଷଦ ପାଖ ବାମ ପାର୍ଶ୍ୱରେ ଥିବା ଉପର ମହଲା ଘର ନଂ. ୬୫ ଦୋକାନ ଗୃହ।
ପାଲାମଣ୍ଡପସ୍ଥିତ ଥିବା ଉପର ମହଲା ଘର ନଂ. ୫୩, ୫୫,୫୬, ୫୭ ଓ ୫୮ ଦୋକାନ ଗୃହ।
ଦୋକାନ ଗୃହ ପାଇଁ ଇଚ୍ଛୁକ ବ୍ୟକ୍ତି ଟ୫୦୦ଙ୍କା ଜମା କରି କାର୍ଯ୍ୟାଳୟରୁ ଆବେଦନ ପତ୍ର ଗ୍ରହଣ କରିବା ସହିତ ଆବେଦନ କରିପାରିବେ। ଉକ୍ତ ଟଙ୍କା ଫେରସ୍ତଯୋଗ୍ୟ ନୁହେଁ।

ସ୍ୱା./- ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଭୁବନ
OIPR-13096/11/0001/2122

DHARITRI
DISPLAY CLASSIFIED
COLOR INSERTIONS EVERY FRIDAY.
Monthly Package :
26 B/W + 4 Color Insertions.

## ସଂକ୍ଷେପରେ

### ୬.୪ ଗ୍ରାମ ବ୍ରାଉନ୍‌ସୁଗାର ଜବତ: ୨ ଗିରଫ

**ଜଗତ୍‌ସିଂହପୁର ଅଫିସ,୧୨।୮:** ଜଗତ୍‌ସିଂହପୁର ପୋଲିସ ପକ୍ଷରୁ ଗୁରୁବାର କାନ୍ଦୁଆପଡ଼ା ସାଇ ମନ୍ଦିର ନିକଟରେ ଚଢ଼ାଉ କରାଯାଇ ୬.୪ ଗ୍ରାମ ବ୍ରାଉନସୁଗାର ଓ ୧୬,୨୪୦ ଟଙ୍କା ଜବତ କରାଯାଇଛି। ଏହାକୁ ରଖିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଗତ୍‌ସିଂହପୁର ଥାନା ଚାନ୍ଦୋଳର ସମ୍ରାଟ କିଶୋର ନାୟକ (୨୧) ଓ ଢିଅସାହିର ବିଜୟ ଓଝା (୨୪) । ପୋଲିସ ଏନେଇ ମାମଲା ରୁଜୁ କରି ଅଧିକ ତଥ୍ୟ ସଂଗ୍ରହ ପାଇଁ ଅଭିଯୁକ୍ତ ଦ୍ୱୟଙ୍କୁ ପଚରାଉଚୁରା କରୁଛି।

### ବଜ୍ରପାତରେ ୨ ମଇଁଷି ମୃତ

**ବିରିଡି,୧୨।୮(ଡି.ଏନ.ଏ): ବିରିଡ** ବ୍ଲକ ଅନ୍ତର୍ଗତ ଖରିକୁଦଠାରେ ଗୁରୁବାର ବଜ୍ରପାତରେ ୨ ମଇଁଷିଙ୍କ ମୃତ୍ୟୁ ଘଟିଛି। ମୃତ ମଇଁଷି ଦ୍ୱୟ ଏହି ବ୍ଲକ ଅନ୍ତର୍ଗତ କୁଳକଇଜଙ୍ଗା ଗ୍ରାମର ସନ୍ତୋଷ କୁମାର ଦାସଙ୍କ ବୋଲି ଜଣାପଡ଼ିଛି। ବିଲୁଆଖାଇ ନଦୀପଠାରେ ମଇଁଷି ଚରାଇ ସନ୍ତୋଷ ଘରକୁ ଫେରୁଥିବା ବେଳେ ଖରିକୁଦଠାରେ ବର୍ଷାସହ ବଜ୍ରପାତ ହୋଇଥିଲା। ଏଥିରେ ସେ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିବାବେଳେ ୨ ମଇଁଷିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି।

### ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ନିଯୁକ୍ତି ଦାବିରେ ୨୪ରୁ ଗଣଧାରଣା

**କୁଜଙ୍ଗ,୧୨।୮(ଡି.ଏନ୍.ଏ.):** ଜଗତ୍‌ସିଂହପୁର ଜିଲାର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ପଦବୀ ଦୀର୍ଘ ୮ ବର୍ଷ ହେବ ଖାଲି ପଡିଛି। ପ୍ରତିବାଦରେ ଆଞ୍ଚଳିକ କୃଷକ କଲ୍ୟାଣ କମିଟି ପିପିଏଲ୍ ପକ୍ଷରୁ ଆସନ୍ତା ୨୪ରୁ ୩ ଦିନ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ। ଏନେଇ କମିଟି ପକ୍ଷରୁ ଗୁରୁବାର ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି। ଆଞ୍ଚଳିକ କୃଷକ କଲ୍ୟାଣ କମିଟି ସଭାପତି ଅରକ୍ଷିତ ଦାସ, ସମ୍ପାଦକ ଦୁର୍ଗାଚରଣ ରାଉତ, ଉପସଭାପତି ସୁଧୀର ସ୍ୱାଇଁ, ତ୍ରିଲୋଚନ ରାଉତ, ରମେଶ ବେହେରା ଓ ନବଘନ ସ୍ୱାଇଁ ପ୍ରମୁଖ ଏହି ଇସ୍ତାହାରରେ ଦର୍ଶାଇଛନ୍ତି, ୨୦୧୩ରୁ ଜଗତ୍‌ସିଂହପୁର ଜିଲାରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ନାହାନ୍ତି। ଫଳରେ ପାରାଦୀପ ଅଞ୍ଚଳରେ ବିଭିନ୍ନ ଶିଳ୍ପ କାରଖାନା ପାଇଁ ଜମି ହରାଇଥିବା ସାଧାରଣ ଲୋକେ କ୍ଷତିପୂରଣ ରାଶି ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ କମିଟି ପକ୍ଷରୁ ଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଇସ୍ତାହାରରେ ଦର୍ଶାଯାଇଛି।

### ବିଲରେ କାମ କରୁଥିବା ବେଳେ ଟଳିପଡ଼ିଲେ ଚାଷୀ

**ଡେରାବିଶ,୧୨।୮(ସ୍ୱ.ପ୍ର.):** ଡେରାବିଶ ବ୍ଲକ୍ ଗୁଆଲସିଂ ପଞ୍ଚାୟତ ଗୁଆଲସିଂ ଗ୍ରାମର ଜଣେ ଚାଷୀ ଗୁରୁବାର ବିଲରେ ଧାନ ରୁଆ ବଛା କରୁଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଛାଞ୍ଚୁଣିଆ ଗ୍ରାମର ରଞ୍ଜନ ସେଠୀ (୩୮) । ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ସେ ମଧ୍ୟାହ୍ନରେ ବିଲରେ କାମ କରୁଥିବା ବେଳେ ହଠାତ୍ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ । ସେଠାରେ ଥିବା ଅନ୍ୟ ଚାଷୀମାନଙ୍କଠାରୁ ଖବର ପାଇ ଗ୍ରାମର ଯୁବକମାନେ ତାଙ୍କୁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସମ୍ପର୍କରେ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ହୃଦ୍‌ଘାତ କିମ୍ବା ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ମେଗା ପାନୀୟ ଜଳ ପ୍ରକଳ୍ପର ଶୁଭାରମ୍ଭ

**ରାଜକନିକା,୧୨।୮(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ପାନୀୟଜଳ ଓ ପରିମଳ ବିଭାଗ ପକ୍ଷରୁ ଗୁରୁବାର ରାଜକନିକା ବ୍ଲକର ଦେଉଳସାହି ଛକଠାରେ ମେଗା ପାନୀୟ ଜଳ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଖରସ୍ରୋତାରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ କାର୍ଯ୍ୟକ୍ରମରେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ମୁଖ୍ୟଯନ୍ତ୍ରୀ ସର୍ବେଶ୍ୱର ବାରିକ, ନିର୍ବାହୀଯନ୍ତ୍ରୀ ବସନ୍ତ କୁମାର ନାୟକ, ଉପଖଣ୍ଡ ଅଧିକାରୀ ସହକାରୀ ଯନ୍ତ୍ରୀ ଦିଲୀପ କୁମାର ସାମନ୍ତରାୟ, କନିଷ୍ଠଯନ୍ତ୍ରୀ ବିଦ୍ୟୁସ୍ମିତା ଯେନା, ଅଶୋକ କୁମାର ସାହୁ, ବରୁଣା ସରପଞ୍ଚ ଉତ୍ତମ ସେନାପତି ଓ ସମିତିସଭ୍ୟ ଅମର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ୧୬୫ କୋଟି ବ୍ୟୟ ଅଟକଳରେ ରାଜକନିକା ବ୍ଲକର ୨୯ ପଞ୍ଚାୟତର ୧୫୫ ଗ୍ରାମ ସମେତ ଦଶିପୁର ଓ ଆଳି ବ୍ଲକର ୧୪୪ କୋଟି ଟଙ୍କା ବ୍ୟୟରେ ସମସ୍ତ ଗ୍ରାମକୁ ଓଭରହେଡ ଟାଙ୍କି ମାଧମରେ ବିଶୁଦ୍ଧ ପାନୀୟ ଜଳ ଲୋକମାନଙ୍କୁ ଯୋଗାଇ ଦିଆଯିବ ବୋଲି ଜଣାପଡିଛି।

# ପର୍ଯ୍ୟଟନସ୍ଥଳୀର ବିକାଶ ନୈରାଶ୍ୟଜନକ

**ଯାଜପୁର ଅଫିସ,୧୨।୮**


ବରାହ ପୀଠ ହେରିଟେଜ ପାର୍କ।

- ସ୍ପଷ୍ଟୀକରଣ ମାଗିଲା ଏଜି ଅଡିଟ୍
- ବରାହପୀଠ ହେରିଟେଜ ପାର୍କ ଉପରେ ଭ୍ରମାତ୍ମକ ରିପୋର୍ଟ
- ୩ ବର୍ଷ ହେଲା କୁସୁମା ଫ୍ଲୋଟିଂ ମ୍ୟୁଜିକାଲ ଫାଉଣ୍ଟେନ କାମ ଅଧା

ରାଜ୍ୟରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଅଧାରେ ଅଟକିଛି। ଏହାବାଦ୍ ନିମ୍ନମାନର କାର୍ଯ୍ୟ ଯୋଗୁ ପର୍ଯ୍ୟଟନସ୍ଥଳୀର ଦୀର୍ଘସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ୨୦୧୯-୨୦ ବର୍ଷରେ ରାଜ୍ୟର ୧୫ଟି ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ୧୬୭.୪୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ଯାଜପୁର ଜିଲାର ୨୭.୦୬ କୋଟି ଟଙ୍କାର ୪ଟି ପ୍ରକଳ୍ପ ରହିଛି। ତେବେ ଏହିସବୁ ପ୍ରକଳ୍ପଗୁଡିକର ନୈରାଶ୍ୟଜନକ ଅଗ୍ରଗତି ଉପରେ ପ୍ରିନ୍ସିପାଲ ଏକାଉଣ୍ଟାଣ୍ଟ ଜେନେରାଲ(ଅଡିଟ-୨) ଗତ ୬।୮।୨୦୨୧ରେ ସ୍ପଷ୍ଟିକରଣ ମାଗିଥିଲେ। ଏହି ସ୍ପଷ୍ଟିକରଣ ଉପରେ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ଇ.ବି. ଜେନା ତାଙ୍କ ପତ୍ରସଂଖ୍ୟା ୬୭୯୦/୯।୮।୨୦୨୧ରେ ଆସିଷ୍ଟାଣ୍ଟ ଅଡିଟ ଅଫିସର(ଏ.ଜି. ଅଡିଟ-୨)ଙ୍କୁ ଦେଇଥିବା ରିପୋର୍ଟରେ ମାତ୍ର ୪ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଛି। ଏଥିରେ ଯାଜପୁର ଜିଲାର ବୈତରଣୀ ନଦୀକୂଳରେ ଥିବା ବରାହପୀଠରେ ହେରିଟେଜ ପାର୍କ ଅଧାପନ୍ତରିଆ ରହିଥିଲେ ହେଁ ରିପୋର୍ଟରେ ସମ୍ପୂର୍ଣ୍ଣ ହୋଇଥିବା କୁହାଯାଇଛି। ଯାହା ଯାଜପୁରବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି । ଅନ୍ୟପକ୍ଷେ ପର୍ଯ୍ୟଟନ ବିଭାଗ ଏବଂ ଓଟିଡିସିର ଉଦାସୀନ ମନୋଭାବ ପର୍ଯ୍ୟସ୍ଥଳୀର ବିକାଶରେ ଅନ୍ତରାୟ ସୃଷ୍ଟି କରିଛି ବୋଲି ଅଭିଯୋଗ ହୋଇଛି ।

ପର୍ଯ୍ୟଟନ ବିଭାଗର ରିପୋର୍ଟ ଅନୁସାରେ ୨୦୧୯-୨୦ ବର୍ଷରେ ଯାଜପୁର ଜିଲାର ମା' ବିରଜା ଓ ବରାହ କ୍ଷେତ୍ରରେ ଡେଷ୍ଟିନେଶନ ଟୁରିଷ୍ଟ ସ୍ପଟ ପାଇଁ ୯.୭୧ କୋଟି ଟଙ୍କା ଏବଂ ବରାହ ଦ୍ୱୀପରେ ସାଂସ୍କୃତିକ କେନ୍ଦ୍ର ନିର୍ମାଣ ପାଇଁ ୯.୬୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ୨ ପ୍ରକଳ୍ପର କାର୍ଯ୍ୟାଦେଶ ଗତ ୬।୮।୨୦୨୧ରେ ଜାରି ହୋଇଥିବାବେଳେ କାମ ଆରମ୍ଭ ହୋଇନାହିଁ। ବରାହପୀଠରେ ହେରିଟେଜ ପାର୍କ ନିର୍ମାଣ ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ତାହା ୧୫।୧।୨୦୧୯ରେ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହା ୧୪।୬।୨୦୧୯ରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଛି। କିନ୍ତୁ ବାସ୍ତବରେ କେତୋଟି ଘର ନିର୍ମାଣ କରି ଏହି ପ୍ରକଳ୍ପ କାର୍ଯ୍ୟ ସୀମିତ ରହିଛି। ଅନ୍ୟପକ୍ଷେ ରିପୋର୍ଟରେ ଆବଣ୍ଟିତ ୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ଏହିକ୍ରମରେ ପର୍ଯ୍ୟଟନର ବିକାଶ ପାଇଁ ଆସିଥିବା ଅନୁଦାନରେ ବ୍ୟାପକ ବାଟମାରଣା ହୋଇଥିବା ସନ୍ଦେହ କରାଯାଇଛି। ସେହିପରି ଯାଜପୁର କୁସୁମା ପୋଖରୀରେ ଫ୍ଲୋଟିଂ ମ୍ୟୁଜିକାଲ ଫାଉଣ୍ଟେନ ନିର୍ମାଣ ପାଇଁ ୬.୬୯ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହାର ନିର୍ମାଣ ପାଇଁ ୭।୨।୨୦୧୮ରେ କାର୍ଯ୍ୟାଦେଶ ଦିଆଯାଇଛି। ମାତ୍ର ୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ପ୍ରକଳ୍ପ ନିର୍ମାଣାଧୀନ ଥିବା ରିପୋର୍ଟରେ ଦର୍ଶାଯାଇଛି। କାର୍ଯ୍ୟାଦେଶ ଦିଆଯିବାର ଦୀର୍ଘ ସାଢେ ୩ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହେବାର ବିଭାଗୀୟ ଆନ୍ତରିକତାର ଅଭାବକୁ ସୂଚାଉଥିବା ମତପ୍ରକାଶ ପାଇଛି।

ଅନ୍ୟପକ୍ଷେ ବ୍ୟାସସରୋବର, ରତ୍ନଗିରି, ଉଦୟଗିରି, ଲଳିତଗିରି ଆଦି ପର୍ଯ୍ୟଟନସ୍ଥଳୀର ଉନ୍ନୟନ କାର୍ଯ୍ୟ ଉପରେ ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସବୁ ଅନୁଦାନର ଉପଯୁକ୍ତ ବିନିଯୋଗ କରାଯାଇଥିଲେ ଏ ଯାଏ ଯାଜପୁର ଜିଲାର ସମସ୍ତ ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟ ବୃଦ୍ଧି ପାଆନ୍ତା ବୋଲି ମତପ୍ରକାଶ ପାଇଛି । ଏ ସଂକ୍ରାନ୍ତରେ ଯାଜପୁର ପର୍ଯ୍ୟଟନ ଅଧିକାରୀ ନିରୋଜ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଗତ ୩ ତାରିଖରୁ ତାଙ୍କର ବଦଳି ହୋଇଯାଇଛି। ସେଠାରେ ନୂଆ କରି ଜଣେ ପର୍ଯ୍ୟଟନ ଅଧିକାରୀ ଯୋଗ ଦେଇଛନ୍ତି। ବରାହପୀଠର ହେରିଟେଜ ପାର୍କ ସମ୍ପର୍କରେ ସେ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷେ ଯାଜପୁର ପୌର ପରିଷଦର ଓଏସ୍‌ଡି ସୁଦର୍ଶନ ମିଶ୍ରଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

## ପାରାଦୀପ ବିଜେଡିରେ ବ୍ୟାନର ରାଜନୀତି

**ପାରାଦୀପ,୧୨।୮(ସ୍ୱ.ପ୍ର.)**

ପାରାଦୀପ ବିଜେଡିରେ ବିବାଦ ଚାଲିଥିବା ନେଇ ଗୁରୁବାର ଏକ ଦଳୀୟ ଏକ କର୍ଯ୍ୟକ୍ରମରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାରାଦୀପରେ ଏକ ଇନଡୋର୍ ଷ୍ଟାଡିୟମ ପାଇଁ ୬୯୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ବିଧାୟକ ସମ୍ବିତ ରାଉତରାୟ ସୂଚନା ଦେଇଛନ୍ତି। ଏନେଇ ସନ୍ଧ୍ୟାରେ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବିଜେଡି ବ୍ୟାନର ଲଗାଯାଇ କୃତଜ୍ଞତା ସଭା କରାଯାଇଛି। ଦଳର ଜିଲା ମହିଳା ସଭାପତି ସବିତା ମହାପାତ୍ରଙ୍କ ସମେତ ପାରାଦୀପ କଲେଜ ଏନ୍‌ସିସି ଲ୍ୟୁଟନାଣ୍ଟ ଅକ୍ଷୟ ମିଶ୍ର, ଶାଶ୍ୱତ ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ପାରାଦୀପ ନଗର ବିଜେଡିର ଛାମୁଆ କର୍ମୀ ଅନୁପସ୍ଥିତ ଥିଲେ। ଅପରପକ୍ଷେ ଗତ ସପ୍ତାହେ ହେଲା ପାରାଦୀପ ନଗର ସଭାପତି ବସନ୍ତ ବିଶ୍ୱାଳ ସହରାଞ୍ଚଳରେ ଏକାଧିକ ବ୍ୟାନର ଲଗାଇଛନ୍ତି। ହକି ଟିମ୍‌କୁ ଓଡିଶା ସରକାର ପ୍ରୋତ୍ସାହନ ଦେଇ ବିଶ୍ୱ ଦରବାରରେ ପରିଚିତ କରାଇଥିବାରୁ ଉକ୍ତ ବ୍ୟାନର ମାଧମରେ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ମଧ ବିଧାୟକଙ୍କ ପକ୍ଷରୁ ଆୟୋଜିତ ସଭାରେ ସେ ଯୋଗଦେଇନାହାନ୍ତି । ଏସମ୍ପର୍କରେ ବିଶ୍ୱାଳ କୁହନ୍ତି, ବିଧାୟକ ତରବରିଆ ଭାବେ ଯେଉଁଭଳି ସଭା ଆୟୋଜନ କଲେ ତାହା ଠିକ୍‌ହୋଇନାହିଁ। ୨ ଦିନ ତଳେ ଛାତ୍ର ବିଜେଡି କାର୍ଯ୍ୟକାରିଣୀ ଅସଫଳତାକୁ ଘୋଡାଇବା ପାଇଁ ଏପରି କରିଥାଇପାରନ୍ତି ବୋଲି ବିଶ୍ୱାଳ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ରାଉତରାୟ କୁହନ୍ତି, ଦଳ ମଧରେ ସେମିତି କୌଣସି ବିବାଦ ନାହିଁ। କୃତଜ୍ଞତା ଜଣାଇବା ପାଇଁ ସେମିତି କିଛି ନୀତି ନିୟମ ନାହିଁ।

## ପ୍ରଥମ ଦିନରେ ୨୦ ଆଡ଼ିବନ୍ଧ ଭାଙ୍ଗିଲା

### କିମ୍ଭିରୀ ନଦୀ ଅବରୋଧ ମୁକ୍ତ ଅଭିଯାନ

**ବାଲିକୁଦା,୧୨।୮(ସ୍ୱ.ପ୍ର.)**

ରାହାଣଠାରୁ ବସନ୍ତ ପର୍ଯ୍ୟନ୍ତ ଦୀର୍ଘ ୧୦ କିମି ଧରି ଜବର ଦଖଲରେ ଥିବା ମୁହାଣ କିମ୍ଭିରୀ ନଦୀକୁ ଅବରୋଧ ମୁକ୍ତ କରିବା ପାଇଁ ଅଭିଯାନ ଗୁରୁବାରଠାରୁ ଆରମ୍ଭ ହୋଇଛି। ଜିଲାପାଳ ସଂଗ୍ରାମକେଶରୀ ମହାପାତ୍ରଙ୍କ ନିର୍ଦ୍ଦେଶ ଅନୁସାରେ ବାଲିକୁଦା ତହସିଲ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟ ଚାଲିଛି। ୨ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟ ପ୍ରଥମ ଦିନରେ ୨୦ଟି ଆଡ଼ିବନ୍ଧ ଭଙ୍ଗାଯାଇ ଅବରୋଧ ମୁକ୍ତ କରାଯାଇଛି।

ଦୀର୍ଘ ଚାଳିଶ ବର୍ଷ ଧରି ଏହି ନଦୀକୁ ଜବର ଦଖଲକାରୀ ମାନେ ନିଜ କବଳରେ ରଖି ଆସୁଥିଲେ । ଜଗତ୍‌ସିଂହପୁର ଜଳ ନିକାଶ ବିଭାଗ (ଡ୍ରେନେଜ) ଅଧୀନରେ ଏହା ରହିଛି। ମାଛ ମାଫିଆମାନେ ଏହି ନଦୀର ରାହାଣଠାରୁ ବସନ୍ତ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ନଦୀ ମଝିରେ ଆଡ଼ିବନ୍ଧ କରି ମାଛ ଧରୁଥିଲେ। ଫଳରେ ନଦୀର ଜଳ ସ୍ରୋତ ପ୍ରବାହରେ ସମସ୍ୟା ଉପୁଜୁଥିଲା। ବର୍ଷା ଦିନେ ପାଣି ନିଷ୍କାସନରେ ସମସ୍ୟା ହେଉଥିଲା। ସ୍ଥାନୀୟ ଅଞ୍ଚଳବାସୀ ଏଥିରେ ପ୍ରଭାବିତ ହେଉଥିବା ବେଳେ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଥିଲା। ଏହାକୁ ଅବରୋଧ ମୁକ୍ତ କରିବା ପାଇଁ ଚାଷୀମାନେ ବାରମ୍ବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ସବୁଠି ଦାବି କରିଆସୁଥିଲେ। ଏନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ କରାଯାଇ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି।

ଏହି ଜବରଦଖଲ ଉଚ୍ଛେଦ ସମୟରେ ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ, ଅତିରିକ୍ତ ତହସିଲଦାର ଚନ୍ଦ୍ରକାନ୍ତ ପଣ୍ଡା, ବାଲିକୁଦା ଥାନାଧିକାରୀ ଦିଲୀପ କୁମାର ସାହୁ, ମୁକୁନ୍ଦ ଚରଣ ସ୍ୱାଇଁ, ଆଶୁତୋଷ ସ୍ୱାଇଁ, ନୃସିଂହ ଚରଣ ବାରିକ, ରାଜସ୍ୱ ପରିଦର୍ଶକ ବିଶ୍ୱଭୂଷଣ ମହାପାତ୍ର, କାଳନ୍ଦୀ ବେହେରା ମୁକୁନ୍ଦ ଚରଣ ସ୍ୱାଇଁ, ଦୀପ୍ତିରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।


ପ୍ରଶାସନ ପକ୍ଷରୁ ଆଡ଼ିବନ୍ଧକୁ ଭଙ୍ଗାଯାଉଛି।

## ଡେଙ୍ଗୁ, ମ୍ୟାଲେରିଆ ସଚେତନତା ହୋଇନାହିଁ

**ପାରାଦୀପ,୧୨।୮(ସ୍ୱ.ପ୍ର.)**

ଅଗଷ୍ଟ ମାସରେ ପ୍ରତି ବିଜ୍ଞାପିତ ଅଞ୍ଚଳ ଓ ପୌରାଞ୍ଚଳରେ ସ୍ୱାୟତ୍ତ ଶାସନ ଦିବସ ପାଇଁ ବିଭିନ୍ନ ପ୍ରକାର ସଚେତନତାଧର୍ମୀ କାର୍ଯ୍ୟ କରାଯାଏ। ଚଳିତବର୍ଷ ଅଗଷ୍ଟ ଅଧା ହେବା ପରେ ମଧ ସେଭଳି ସଚେତନତା ଅଭିଯାନ ପାରାଦୀପ ପୌରାଞ୍ଚଳରେ ଦେଖିବାକୁ ମିଳୁନାହିଁ। ଶାସନ କଳ ଓ ଦଳ ପକ୍ଷରୁ ସେଭଳି କୌଣସି ପ୍ରକାର ଆଭାସ ମିଳିନାହିଁ। ଅପରପକ୍ଷେ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ ପୌରାଞ୍ଚଳରେ ଡେଙ୍ଗୁ ମ୍ୟାଲେରିଆ ନିରାକରଣ ପାଇଁ ବିଭିନ୍ନ କାର୍ଯ୍ୟ ୩ ଦିନ ହେଲା ଆରମ୍ଭ କରିଛି, ଯାହାକୁ ନେଇ ପାରାଦୀପରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। କାରଣ ଯେଉଁ ସଂଗଠନ ଏଭଳି ସରକାରୀ ଦଳ ଭଳି କାମ କରୁଛି, ତା'ର ମୁଖ୍ୟ ହେଲେ ଅରିନ୍ଦମ ସର୍ଖେଲ (ବାପି)। ସେ କଂଗ୍ରେସ ନେତା ଭାବେ ଦୁଇଥର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନରେ ଭାଗ ନେଇଥିଲେ। ସେ କଂଗ୍ରେସ ନେତା ଭାବେ ଜଣାଶୁଣା। କିନ୍ତୁ ଜାନୁୟାରୀ ମାସଠାରୁ ସର୍ଖେଲ ଆଉ କଂଗ୍ରେସ ଦଳୀୟ ବ୍ୟାନର ବ୍ୟବହାର କରୁନାହାନ୍ତି। ବଦଳରେ ନିଜର ସଙ୍ଗଠନ ନାଁରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା ଚଳାଇଛନ୍ତି। ସର୍ଖେଲଙ୍କ ଦେଖାଦେଖି ଭାଜପା ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ମଧ ଗତ ୬ ମାସ ହେଲା ବିଭିନ୍ନ ସାମାଜିକ କାର୍ଯ୍ୟ କରୁଛନ୍ତି। ଏ


ପାରାଦୀପ ଅଞ୍ଚଳରେ ଆବର୍ଜନା ପଡ଼ିରହିଛି।

### ପାରାଦୀପ ପୌରପାଳିକା

କ୍ଷେତ୍ରରେ ବିଜେଡି ବହୁପଛରେ ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ବିଗତ ବର୍ଷରେ ପୌରପାଳିକା ପକ୍ଷରୁ ଅଗଷ୍ଟରେ ବିଭିନ୍ନ ସଚେତନତା କାର୍ଯ୍ୟ କରାଯାଏ। ସେଥିରେ ଡେଙ୍ଗୁ, ମ୍ୟାଲେରିଆ ସମୂହ ସଫେଇ ନୂତନ ପ୍ରକଳ୍ପ ଆଦି ଥାଏ। ଚଳିତବର୍ଷ ସେପରି କୌଣସି କାର୍ଯ୍ୟ ହୋଇ ନ ଥିବା ଜଣାଯାଏ। ଏପରି ନ ହେବା ପ୍ରସଙ୍ଗରେ ପୌର ନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟଙ୍କୁ ପଚାରିବାରେ କୋଭିଡ୍ କଟକଣା ପାଇଁ ଗତବର୍ଷ ଓ ଚଳିତବର୍ଷ ଏ ପ୍ରକାର କାର୍ଯ୍ୟ ନ ହେବାକୁ ସରକାରୀ ଗାଇଡ୍‌ଲାଇନ୍ ରହିଛି। ଡେଙ୍ଗୁ ମ୍ୟାଲେରିଆ ନିରାକରଣ କାମ ସ୍ୱାସ୍ଥ୍ୟ ବିଭାଗର। ତାଙ୍କ ସହିତ ଆଲୋଚନା ହୋଇଛି। ସେ ସମ୍ପର୍କିତ କାର୍ଯ୍ୟ ସପ୍ତାହ ମଧରେ କରାଯିବ ବୋଲି ସେ କହିଛନ୍ତି। ଏ ସବୁ ପ୍ରସଙ୍ଗରେ ବିଧାୟକ ସମ୍ବିତ ରାଉତରାୟଙ୍କୁ ପଚାରିବାରେ କିଏ କ'ଣ କରୁଛି ସେଥିରେ ମୁଣ୍ଡ ଖେଳାଉ ନାହୁଁ। ଆମେ ସରକାରୀ ଭାବେ ସବୁବେଳେ ଲୋକଙ୍କ ସହ ଅଛୁ। କୋଭିଡ୍ ଯୋଗୁ ଟିକିଏ ମାନ୍ଦା ରହିଛି। ଆଗକୁ ନିରବଚ୍ଛିନ୍ନ କାମ ଲୋକଙ୍କ ପାଇଁ କରାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ପାରାଦୀପରେ ଏକ ଇନ୍‌ଡୋର ଷ୍ଟାଡିୟମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲୁ। ଯାହା ବୁଧବାର ସଫଳ ହୋଇଛି। ଏଥିପାଇଁ ସରକାର ୯୪୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ସେ କହିଥିଲେ।

## ଆବେଦନ ସତ୍ତ୍ୱେ ମିଳୁନାହିଁ ଉଜ୍ଜ୍ୱଳା ଗ୍ୟାସ

**ରଘୁନାଥପୁର,୧୨।୮(ଡି.ଏନ୍.ଏ.)**

- ବର୍ଷେ ପୂର୍ବେ ଇସ୍ୟୁ ସତ୍ତ୍ୱେ ୨ ମହିଳାଙ୍କୁ ମିଳି ନ ଥିବା ଅଭିଯୋଗ
- ଉଚ୍ଚସ୍ତରୀୟ ତଦନ୍ତ ଦାବି

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତରେ ଡିଆରଡିଏ ତତ୍ତ୍ୱାବଧାନରେ ଓରମାସ ପକ୍ଷରୁ ଶକ୍ତିଗାଓଁ ପ୍ରୋଜେକ୍ଟ ଜରିଆରେ ଉଜ୍ଜ୍ୱଳା ଗ୍ୟାସ ପ୍ରଦାନ କରାଯାଇଛି। ରେଢୁଆ ପଞ୍ଚାୟତରେ ୨ ପର୍ଯ୍ୟାୟରେ ୫୦ଟି ଉଜ୍ଜ୍ୱଳା ଗ୍ୟାସ୍ କନେକ୍ସନ ନିମନ୍ତେ ସିଲିଣ୍ଡର, ଚୁଲା ଓ ରେଗୁଲେଟର ଇତ୍ୟାଦି ଯୋଗାଇଦିଆଯାଇଛି। ତେବେ ଏହି ପଞ୍ଚାୟତ ମଜୁରାଇ ଗ୍ରାମର ଅନେକ ଦଳିତ ମହିଳା ଆବେଦନ ସତ୍ତ୍ୱେ ଗ୍ୟାସ ପାଇନାହାନ୍ତି। ଏନେଇ ଡିଆର୍‌ଡିଏ ଅଫିସରେ ଅଭିଯୋଗ କରିଛନ୍ତି।

ହିତାଧିକାରୀ ରାଧା ସାମଲ ଓ ପ୍ରମିଳା ସ୍ୱାଇଁଙ୍କ କହିବାନୁସାରେ ପଞ୍ଚାୟତ ଜରିଆରେ ଉଜ୍ଜ୍ୱଳା ଗ୍ୟାସ ପାଇଁ ଗତ ତିନି ବର୍ଷ ତଳେ ଆବେଦନ କରିଥିଲେ। ବାରମ୍ବାର ପଞ୍ଚାୟତ ଅଫିସ ଯାଇ ନିରାଶ ହେବା ପରେ ବାଧହୋଇ ଡିଆରଡିଏ ଅଫିସକୁ ଯାଇଥିଲେ। ସେଠାରେ ସେମାନଙ୍କ ନାମରେ ୬ ଏପ୍ରିଲ ୨୦୧୮ରେ ଗ୍ୟାସ୍ କନେକ୍ସନ ପାଇଁ ଇସ୍ୟୁ ହୋଇଥିବାବେଳେ ୧୯ ମେ ୨୦୧୮ରେ ଏହାକୁ ରିସିଭ କରାଯାଇଛି। ଏବିଷୟରେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ବୁଝିବାରୁ ଗ୍ୟାସ ଆସିନାହିଁ ବୋଲି କହି ସେମାନଙ୍କୁ ଫେରାଇ ଦିଆଯାଇଥିଲା।

ତେବେ ସେମାନଙ୍କ ନାମରେ ଇସ୍ୟୁ ହୋଇଥିବା ଗ୍ୟାସ କୁଆଡ଼େ ଗଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସେହିପରି ମିନତୀ ମଲ୍ଲିକ, ଅନିତା ସାମଲ, ମମତା ମଲ୍ଲିକ, ପ୍ରେମ ସାମଲ, ପ୍ରମୁଖ ୩୦୦ ଟଙ୍କା ଦେଇ ସୁଦ୍ଧା ଏପର୍ଯ୍ୟନ୍ତ ଉଜ୍ଜଳା ଗ୍ୟାସ ପାଇନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶକ୍ତିଗାଓଁ ପ୍ରୋଜେକ୍ଟ ଏକ୍‌ଜିକ୍ୟୁଟିଭ ସମୀର କୁମାର ନାୟକ କୁହନ୍ତି, ଆମ ପାଖକୁ ଲିଖିତ ଅଭିଯୋଗ ଆସିଲେ ନିଶ୍ଚିତଭାବେ ତଦନ୍ତ କରାଯିବ। ତେବେ ପ୍ରମିଳା ସ୍ୱାଇଁ ଓ ରାଧା ସମାଲଙ୍କୁ ୨୦୧୮ରେ କନେକ୍ସନ ଦିଆଯାଇଛି। ଏହାଛଡ଼ା ପଞ୍ଚାୟତର ଜଣେ ଜନପ୍ରତିନିଧି ଓ ତାଙ୍କ ସହ ଆସିଥିବା ଜଣେ ବ୍ୟକ୍ତି ୨ ପର୍ଯ୍ୟାୟରେ ୫୦ ସିଲିଣ୍ଡର ରିସିଭ କରିଛନ୍ତି ବୋଲି ସେ କହିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ମହିଳାମାନେ ଦାବି କରିଛନ୍ତି।

## କାମ ନ ସରୁଣୁ ଭୁଶୁଡିଲାଣି ବୁରୁଜ

**ନାଉଗାଁ,୧୨।୮(ସ୍ୱ.ପ୍ର)**

- ଗାରୋଇଠାରେ ଦେବୀ ନଦୀ
- ପାଣିରେ ପଡିବ ୬୫ ଲକ୍ଷ

ବନ୍ୟା ଦାଉରୁ ଦୁର୍ବଳ ନଦୀବନ୍ଧକୁ ସୁରକ୍ଷା ଦେବା ପାଇଁ ଚିହ୍ନଟ ସ୍ଥାନରେ ଜଳସେଚନ ବିଭାଗ ପକ୍ଷରୁ ପଥର ପ୍ୟାକିଂ କରାଯିବା ସହ ବୁରୁଜ ନିର୍ମାଣ କରାଯାଉଛି। କିନ୍ତୁ ଏହି ପଥର ପ୍ୟାକିଂ ଓ ବୁରୁଜ ନିର୍ମାଣ କାମ ଠିକ୍ ଭାବେ କରାଯାଉ ନ ଥିବାରୁ ଅନେକ ସ୍ଥାନରେ ପଥର ଖସି ନଦୀ ମଧ୍ୟରେ ପଡୁଥିବା ଦେଖିବାକୁ ମିଳିଛି। ଏଭଳି ମଧ ଦେଖିବାକୁ ମିଳିଛି, ନାଉଗାଁ ବ୍ଲକର ଗାରୋଇଠାରେ ପ୍ରବାହିତ ଦେବୀ ନଦୀରେ। ଜୁଆର ଓ ବନ୍ୟାସ୍ରୋତ ନଦୀବନ୍ଧରେ ମାଡ଼ହେବା ଫଳରେ ବନ୍ଧ ଭାଙ୍ଗିବାର ଆଶଙ୍କା ରହିଥାଏ। ନଦୀବନ୍ଧକୁ ସୁରକ୍ଷା ତଥା ବନ୍ୟା ଜୁଆର ମାଡ଼ରୁ ବନ୍ଧକୁ ରକ୍ଷା କରିବା ପାଇଁ ପଥରପ୍ୟାକିଂ ଓ ବୁରୁଜ ନିର୍ମାଣ କରାଯାଉଛି। ଏହି ନଦୀରେ ଗାରୋଇରୁ ମାଛଗାଁ ନଦୀବନ୍ଧରେ ଗାରୋଇଠାରେ ଜଗତ୍‌ସିଂହପୁର ଜଳସେଚନ ଡିଭିଜନ ଅଧୀନରେ ନାଉଗାଁ ଜଳସେଚନ ସେକ୍ସନ ପକ୍ଷରୁ ବୁରୁଜ ନିର୍ମାଣ କରାଯାଉଛି। ସୂଚନାଫଳକ ତଥ୍ୟ ଅନୁସାରେ କାମ ଆରମ୍ଭ ୨୦୨୧ ମେ ୭ ଓ ଶେଷର ଅବଧି ୨୦୨୨ ଫେବୃୟାରୀ ୬ ତାରିଖ ରହିଛି। ବୁରୁଜ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୬୫,୪୩,୮୧୩ ଟଙ୍କା ବ୍ୟୟ ବରାଦ ହୋଇଛି।


ନିର୍ମାଣାଧୀନ ବୁରୁଜ ଭୁଶୁଡ଼ିପଡ଼ିଛି।

ଉକ୍ତ କାମ କରିବାକୁ ସୁଶୋଭନ ସାମନ୍ତରାୟଙ୍କୁ ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କରାଯାଉଥିବା ବୁରୁଜଟି କାମ ନ ସରୁଣୁ ଭୁଶୁଡିବା ଆରମ୍ଭ କଲାଣି। ନିର୍ଦ୍ଦେଶନାମା ଅନୁସାରେ ଠିକାଦାର କାର୍ଯ୍ୟ ନ କରି ଭିତରେ ମାଟି ଭର୍ତ୍ତି କରି ଉପରେ ନାମକୁମାତ୍ର ଛୋଟ ଛୋଟ ପଥର ପକାଇ କାର୍ଯ୍ୟ ସାରିବାକୁ ବସିଛନ୍ତି। ଉକ୍ତ ବୁରୁଜ ନଦୀବନ୍ଧକୁ ସୁରକ୍ଷା ଦେବା ପରିବର୍ତ୍ତେ ନାମକୁମାତ୍ର ପାଣି ମାଡ଼ରେ ଭୁଶୁଡି ନଦୀ ମଧ୍ୟକୁ ପଥର ଖଣ୍ଡ ପଡିବା ଦେଖାଦେଇଛି। ତେଣୁ ନଦୀରେ ବନ୍ୟା ଓ ଜୁଆର ମାଡ଼ ହେଲେ ଉକ୍ତ ପଥର ବୁରୁଜର ଚିହ୍ନ ରହିବ ନାହିଁ ବୋଲି ନଦୀକୂଳିଆ ଆଶଙ୍କା ବ୍ୟକ୍ତ କରିଛନ୍ତି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କରାଯାଉଥିବା ବୁରୁଜଟି ଭୁଶୁଡିବା ଫଳରେ ୬୬ ଲକ୍ଷ ଟଙ୍କା ପାଣିରେ ପଡିବ ବୋଲି ଜଣାଯାଇଛି।

ସୂଚନାଯୋଗ୍ୟ, ଉକ୍ତ ବ୍ଲକରେ ପ୍ରବାହିତ ଦେବୀ ନଦୀ ୩ଟି ଜଳସେଚନ ବିଭାଗ ଅଧୀନରେ ରହିଛି। ସେହିପରି ପୁରୀ ଜିଲାର କିଛି ଅଂଶ ଉକ୍ତ ବ୍ଲକ ଅଧୀନରେ ରହିଛି। ଆଳିପିଙ୍ଗଳଠାରୁ ଗାରୋଇ ପର୍ଯ୍ୟନ୍ତ ଅଲଣାହାଟ, ନାଉଗାଁ, ଜଗତ୍‌ସିଂହପୁର ଜଳସେଚନ ସେକ୍ସନ ଅଧୀନରେ ରହିଛି। ଦୀର୍ଘଦିନ ହେବ ଉକ୍ତ ବିଭାଗରେ ଯନ୍ତ୍ରୀମାନେ ଗୋଟିଏ ଡିଭିଜନରେ ରହି ଗୋଟିଏ ସେକ୍ସନରୁ ଅନ୍ୟ ସେକ୍ସନକୁ ସ୍ଥାନାନ୍ତର ହେଉଛନ୍ତି। ଯାହା ଫଳରେ ଯନ୍ତ୍ରୀମାନେ ନିଜ ହାତ ତିଆରି ଠିକାଦାର ନିଯୁକ୍ତ କରି ନଦୀବନ୍ଧ କାମ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଫଳରେ ଠିକାଦାରମାନେ ନାମକୁମାତ୍ର କାମ କରି ହାତ ଚିକ୍କଣ କରୁଛନ୍ତି। କେବଳ ଗାରୋଇ ନୁହେଁ, ଏହି ବ୍ଲକର ନଦୀବନ୍ଧର ବିଭିନ୍ନ ସ୍ଥାନରେ କାମ ହୋଇଥିବା ବେଳେ ସବୁ ସ୍ଥାନରେ ଏକା ଦୃଶ୍ୟ ଦେଖିବାକୁ ମିଳିଛି।

ଏ ବିଷୟରେ ନାଉଗାଁ ସେକ୍ସନ ଅଧୀନରେ ଥିବା ଯନ୍ତ୍ରୀ ଅନିଲ କୁମାର ରାଉତରାୟଙ୍କୁ ପଚାରିବାରେ ବୁରୁଜ ନିର୍ମାଣ କାମ ସରିନାହିଁ। ନଦୀରେ ପାଣି ଆସିବାରୁ କାମ ବନ୍ଦ ରହିଛି। ଯେଉଁସ୍ଥାନରେ ପଥର ଖସିଛି, ସେଠାରେ ପୁନର୍ବାର କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

## ୫ କଳାପଥର ବୋଝେଇ ଟ୍ରକ୍ ଜବତ

**ଧର୍ମଶାଳା,(ଡି.ଏନ.ଏ.):** ବେଆଇନ ଭାବେ କଳାପଥର ଚାଲାଣ କରୁଥିବା ୫ ଟ୍ରକ୍‌କୁ ଧର୍ମଶାଳା ତହସିଲ ପକ୍ଷରୁ ଜବତ କରାଯାଇଛି। ଗୁରୁବାର ଧର୍ମଶାଳା ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ଟିମ୍ ୫୩ ନମ୍ବର ଜାତୀୟ ରାଜପଥର ଚଢ଼େଇଧରା, କୁସୁନପୁର ଓ ବାଘୁଆ ଛକ ନିକଟରୁ ୨ଟି ହାଇୱା ଓ ୩ ଟିପ୍ପର ଜବତ କରିଥିଲା। ଜବତ ଗାଡ଼ିଗୁଡ଼ିକୁ ଚଣ୍ଡିଖୋଲ ଫାଣ୍ଡିରେ ରଖାଯାଇଛି। ଉକ୍ତ ଗାଡ଼ିଗୁଡ଼ିକରୁ ଜରିମାନା ଆଦାୟ କରାଯିବ ବୋଲି ଅତିରିକ୍ତ ତହସିଲଦାର ଅଗ୍ରୱାଲ ସୂଚନା ଦେଇଛନ୍ତି। ଚଢ଼ାଉରେ ପୋଲିସର ୬ ଜଣିଆ ସ୍ପେଶାଲ ସ୍କ୍ୱାଡ୍ ଫୋର୍ସ, ଏଆର୍‌ଆଇ ନିର୍ମଳ ପଣ୍ଡା, ହିତେଶ ସାମଲ ଓ ମଦନ ମୋହନ ବାରିକ ସାମିଲ ହୋଇଥିଲେ। ଚଢ଼ାଉ ଜାରି ରହିବ ବୋଲି ତହସିଲ ପକ୍ଷରୁ ସୂଚନା ଦିଆଯାଇଛି।

### ସଂକ୍ଷେପରେ

## ପାୱାର ଟିଲର ଓଲଟି ଚାଳକ ମୃତ

**ଜେନାପୁର/ଧର୍ମଶାଳା,୧୨।୮(ଡି.ଏନ.ଏ.):** ଜେନାପୁର ଥାନା ଅଧୀନ ଚକ୍ରଧରପୁର ପଞ୍ଚାୟତ ମୁକୁନ୍ଦପୁର ଗ୍ରାମ ରାସ୍ତାରେ ଗୁରୁବାର ପାୱାର ଟିଲର ଓଲଟି ପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜେନାପୁର (ବରାଳସାହି) ଗ୍ରାମର କାର୍ତ୍ତିକ ଚନ୍ଦ୍ର ସାହୁ ଓରଫ୍ କାବର (୫୫)। ପୋଲିସ ସୂଚନା ମୁତାବକ, ସକାଳେ କାର୍ତ୍ତିକ ପାୱାର ଟେଲର ନେଇ ମୁକୁନ୍ଦପୁର ଗ୍ରାମ ନିକଟରେ ଥିବା ବିଲ ଚାଷ କରିବାକୁ ଯାଉଥିଲେ। ଏହି ସମୟରେ ହଠାତ୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ତାଙ୍କ ପାୱାର ଟିଲରଟି ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା ନଂ.୨୫୧/୨୧ ରୁଜୁ ହୋଇଛି ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

## ଅଗଷ୍ଟ ୧୫କୁ ଏମଜିଏନଆରଇଜିଏସ୍ ସମ୍ମାନ ଦିବସ ପାଳନ ନିଷ୍ପତ୍ତି

**କୋରେଇ,୧୨।୮(ସ୍ୱ.ପ୍ର.):** ଅଖିଳ ଭାରତୀୟ ଅଣ ସଙ୍ଗଠିତ ଶ୍ରମିକ କଂଗ୍ରେସ କୋରେଇ ବ୍ଲକ କମିଟି ପକ୍ଷରୁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱାଧୀନତା ଦିବସକୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନ୍‌ଆର୍‌ଜିଏସ୍) ସମ୍ମାନ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। କୋରେଇ ବ୍ଲକରେ ଏମଜିଏନ୍‌ଆର୍‌ଜିଏସ୍‌ରେ ଗରିବ ଜବ୍‌କାର୍ଡଧାରୀ ଶ୍ରମିକ ମାନଙ୍କୁ ୧୦୦ଦିନର କାର୍ଯ୍ୟ ନ ଦେଇ ମେଶିନ ଦ୍ୱାରା କାମକରି ଅର୍ଥ ହଡପ କରାଯାଉଛି। ଏନେଇ ଶ୍ରମିକ କଂଗ୍ରେସ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ବୈଠକରେ ଅଣ ସଙ୍ଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ସଂଯୋଜକ ବିଜୟ କୁମାର ବୋଇତାଇ, ଜିଲା ସଂଯୋଜକ ପରମାନନ୍ଦ ସେଠୀ, କୋରେଇ ବ୍ଲକ ସଂଯୋଜକ ଶେଖ୍ ଆତାଉଦ୍ଦିନ ଅହମ୍ମଦ, ଉତ୍କଳ ଜେନା, ଗଣ ମାଧ୍ୟମ ସଂଯୋଜକ ସୂର୍ଯ୍ୟପ୍ରକାଶ କୁଅଁର, ଭାଗବତ ଜେନା, ବିଦ୍ୟାଧର ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## କୋରେଇ ବ୍ଲକ୍‌କୁ ମରୁଡ଼ି ଅଞ୍ଚଳ ଘୋଷଣା ଦାବି

**କୋରେଇ,୧୨।୮(ସ୍ୱ.ପ୍ର.):** କୋରେଇ ଏକ କୃଷି ପ୍ରଧାନ ଅଞ୍ଚଳ। ଏହାର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। କୋରେଇ ଓ ଏହାର ଆଖ ପାଖ ଅଞ୍ଚଳରେ ବର୍ଷା ହୋଇ ନ ଥିବାରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷ ଜମି ଗୁଡିକ ଫାଟି ଆଁ କରିଛି। ଏଣୁ କୋରେଇ ବ୍ଲକକୁ ରାଜ୍ୟ ସରକାର ମରୁଡ଼ି ଅଞ୍ଚଳ ଘୋଷଣା କରନ୍ତୁ ଓ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ ବୋଲି ଭାଜପା ପକ୍ଷରୁ ଦାବି ହୋଇଛି। ଏହିମର୍ମରେ କୋରେଇ ଭାଜପା ନେତା ବିଶ୍ୱଜିତ୍ ନାୟକଙ୍କ ପରାମର୍ଶରେ ଏକ ପ୍ରତିନିଧିମଣ୍ଡଳ ଯାଜପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ କୋରେଇ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ବିକ୍ରମ ବିଶ୍ୱାଳ, ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ଧଳ, ଜିଲା ଉପସଭାପତି ପ୍ରମୋଦ ନାୟକ, ଜିଲା ସମ୍ପାଦିକା ଦିପ୍ତିମୟୀ କୁଅଁର, ନାରୀ ନେତ୍ରୀ ଜୟନ୍ତୀ ସାହୁ, ରଞ୍ଜିତା ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

# ବ୍ୟାସନଗରକୁ ସବ୍‌ଡିଭିଜନ ମାନ୍ୟତା ଦାବି ତେଜିଲା

**ଯାଜପୁର ରୋଡ,୧୨।୮(ଡି.ଏନ.ଏ.)**


ବ୍ୟାସନଗରକୁ ସବ୍‌ଡିଭିଜନ ମାନ୍ୟତା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରକୁ ସବ୍‌ଡିଭିଜନ ମାନ୍ୟତା ଦାବି ତେଜିଲା। ଗୁରୁବାର ଏହିମର୍ମରେ ବ୍ୟାସନଗର ମିଳିତ ଗଣ ସଂଗ୍ରାମ ସମିତି ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ବ୍ୟାସନଗରକୁ ସବ ଡିଭିଜନ ମାନ୍ୟତା, ଏଡିଜେ କୋର୍ଟ, ସ୍ୱତନ୍ତ୍ର ହସ୍ପିଟାଲ, ବସ୍ତି ବାସିନ୍ଦାମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ, ଫ୍ଲାଏ ଓଭର ବ୍ରିଜ ନିର୍ମାଣ, ସମସ୍ତ ଦ୍ରୁତଗାମୀ ଟ୍ରେନର ରହଣି, ଅର୍ବାନ ଏମ୍ପ୍ଲୋମେଣ୍ଟ ଗ୍ୟାରେଣ୍ଟି ଯୋଜନାରେ ବ୍ୟାସନଗରର ବେକାରୀ ଯୁବତୀଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ। ଏହି ଅବସରରେ ସେଠାରେ ବ୍ୟାସନଗର ସହର ପ୍ରତି ଦେଖା ଯାଇଥିବା ବୈମାତୃକ ମନୋଭାବ ଓ ଉଦାସୀନତା ପ୍ରତିବାଦରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଅଣ ସଙ୍ଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶ୍ରମିକ ନେତା ପ୍ରଫୁଲ୍ଲ ନାୟକ, ଅଭିମନ୍ୟୁ ମିଶ୍ର, ବିଜୟ କୁମାର ବୋଇତାଇ, ପରମାନନ୍ଦ ସେଠୀ, ପରୀକ୍ଷିତ ମଲ୍ଲିକ, ସୂର୍ଯ୍ୟପ୍ରକାଶ କୁଅଁର, ବେବିନା ଜେନା, ଲାଲମଣୀ ମୁଣ୍ଡା, ଶେଖ୍ ଇମତାଜ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ୨୦୧୮ ଜୁଲାଇରେ ମୁଖ୍ୟମନ୍ତ୍ରୀଙ୍କ ୫ ସବ୍‌ଡିଭିଜନ ଘୋଷଣା ମଧ୍ୟରେ ବ୍ୟାସନଗର ଥିଲା। ହେଲେ ଏଯାବତ କିଛି ସୁଫଳ ମିଳି ନାହିଁ। ଯଦି ସରକାର ଏହିପ୍ରତି କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ସଂଗ୍ରାମ ସମିତି ଆଗାମୀ ଦିନରେ ବ୍ୟାପକ ଗଣ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି।

# ବଢ଼ି ଚାଲିଛି ଚୋରି, ରାହାଜାନି

**ବାଲିଚନ୍ଦ୍ରପୁର ଥାନା ଅଞ୍ଚଳ**
- ପୋଲିସ ହାତ ଖାଲି
- ବଢୁଛି ଜନଅସନ୍ତୋଷ

**ଚଣ୍ଡିଖୋଲ,୧୨।୮(ଡି.ଏନ.ଏ.)**

ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ଓ ରାହାଜାନୀ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ଏହାର ତଦନ୍ତ କରିବା ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍‌ର ସହାୟତା ନେଉଛି। ହେଲେ ଅପରାଧୀଙ୍କ ନିକଟରେ ପହଞ୍ଚିବାରେ ବିଫଳ ହେଉଛି, ଯାହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି।

ଦେଖିବାକୁ ଗଲେ, ଗତ ଏକ ସପ୍ତାହ ମଧ୍ୟରେ ଏହି ଥାନା ଅଞ୍ଚଳରୁ ତିନିରୁ ଅଧିକ ଚୋରି ଓ ରାହାଜାନି ଘଟଣା ଘଟିଛି। ହେଲେ ସବୁ ଘଟଣାରେ ପୋଲିସ ହାତ ଖାଲି। ମଙ୍ଗଳବାର ବିଳମ୍ବିତ ରାତିରେ ଉକ୍ତ ଥାନା ଅନ୍ତର୍ଗତ ବରପଦା ଗ୍ରାମର ବୃନ୍ଦାବନ ଧଳଙ୍କ ଘରୁ ୨ ଲକ୍ଷ ୫୦ ହଜାର ଟଙ୍କାର ସୁନା ଅଳଙ୍କାର ଓ ନଗଦ ୪୫ ହଜାର ଟଙ୍କା ଚୋରି ହୋଇଛି। ଏନେଇ ସେ ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ସନ୍ଧାନୀ କୁକୁର ସାଇଣ୍ଟିଫିକ୍ ଟିମକୁ ନେଇ ତଦନ୍ତ କରିଛି। ସେହିପରି ଚଳିତ ମାସ ୭ ତାରିଖରେ ଏହି ଥାନା ପଲେଇ ଗ୍ରାମର ସୁନ୍ଦାରାୟ ସାହିର ଡାନିଏଲ ସାମଲଙ୍କ ଘରୁ ପ୍ରାୟ ୩ ଲକ୍ଷ ଟଙ୍କାର ସୁନା ଗହଣା, ୩୦ ହଜାର ଟଙ୍କାର ରୁପା ଅଳଙ୍କାର ସହ ନଗଦ ୧ଲକ୍ଷ ୨୫ ହଜାର ଟଙ୍କା ଚୋରି ହୋଇଥିଲା। ପୋଲିସ ଏହି ଘଟଣାରେ ମଧ୍ୟ ତଦନ୍ତ ଚଳାଇଛି। ହେଲେ ଏ ପର୍ଯ୍ୟନ୍ତ କୌଣସି ସୁରାକ ପାଇ ପାରିନାହିଁ। ଏହିଦିନ ମଧ୍ୟ ଗ୍ରାମର ଇନ୍ଦ୍ରମଣି ସାମଲଙ୍କ ଘରୁ ଦୁର୍ବୃତ୍ତ ଲୁଟ୍‌ପାଟ କରିଥିଲେ। ସେହିପରି ୯ ତାରିଖରେ ୫୩ ନଂ. ଜାତୀୟ ରାଜପଥର ନଳୀପୁର ଛକ ନିକଟରୁ ଦୁର୍ବୃତ୍ତ ଜଣେ ବ୍ୟବସାୟୀଙ୍କଠାରୁ ୫୫ ହଜାର ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଗତ ଜୁଲାଇରେ ବାଲିଚନ୍ଦ୍ରପୁର ବଜାରରୁ ଏକ ବାଇକ୍‌କୁ ସନ୍ଧ୍ୟାରେ ଦୁର୍ବୃତ୍ତ ନେଇ ଯାଇଥିଲେ। ତେବେ ଦିନକୁ ଦିନ ଚୋରି ଓ ରାହାଜାନି ବୃଦ୍ଧି ପାଉଥିବା ବେଳେ ପୋଲିସ ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଛି। ବିଭିନ୍ନ ସ୍ଥାନରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଅପରାଧୀଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ବିଜୟିନୀ ମଲ୍ଲ କହିଛନ୍ତି, ଅଭିଯୋଗଗୁଡ଼ିକର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

# ବାବା ଭୈରବାନନ୍ଦ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ


ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରୁଛନ୍ତି।

**ଚଣ୍ଡିଖୋଲ,୧୨।୮(ଡି.ଏନ.ଏ.)**

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ଓ ଅଡିଟୋରିୟମ୍‌ର ଉଦ୍‌ଘାଟନ୍ ଉତ୍ସବ ଗୁରୁବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ବିନାୟକ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇଥିଲେ। ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପ୍ରଦତ୍ତ ଅର୍ଥରେ ନିର୍ମିତ ଏହି ଅଡିଟୋରିୟମ ପାଇଁ ୭୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏଥିରେ ଯାଜପୁରର ପୂର୍ବତନ ଏମ୍‌ପି ମୋହନ ଜେନା ପ୍ରାରମ୍ଭିକ ଭାବେ ୩୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅଡିଟୋରିୟମର ଶିଳାନ୍ୟାସ ଉତ୍ସବ ତାଙ୍କ ଦ୍ୱାରା କରାଯାଇଥିଲା। ତେବେ ଉଦ୍‌ଘାଟନୀ ଉତ୍ସବକୁ ଜେନାଙ୍କୁ ମହାବିଦ୍ୟାଳୟ ପକ୍ଷରୁ ନିମନ୍ତ୍ରିତ କରାଯାଇ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର କରାଯାଇଥିଲା। ମାତ୍ର ତାଙ୍କୁ ଅତିଥି ଭାବେ ମଞ୍ଚରେ ବସା ନ ଯାଇ ମଞ୍ଚ ତଳେ ବସା ଯାଇଥିଲା। ଏହାସହ ଶିଳାନ୍ୟାସ ଉତ୍ସବର ଫଳକକୁ ଭାଙ୍ଗି ଦିଆଯାଇଥିଲା, ଯାହାକୁ ନେଇ ଉତ୍ସବରେ ସମ୍ବର୍ଦ୍ଧନା ସମୟରେ ଜେନା ଅସନ୍ତୋଷ ବ୍ୟକ୍ତ କରିବା ସହ ମାନପତ୍ର ଓ ଉପଢ଼ୌକନ ଫେରାଇ ଦେଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଏମ୍‌ପି ରୀତା ତରାଇ, ପୁରାତନ ଛାତ୍ର ସଂସଦ ସଭାପତି ପବିତ୍ର ମାହାଲା, ସମ୍ପାଦକ ଦେବରାଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବୀରେନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସଲିଳରାଜନନ୍ଦନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରାଜେନ୍ଦ୍ର ପାଢ଼ୀ ଧନ୍ୟବାଦ ଦେଇଥିଲେ। ଜେନାଙ୍କ ଅସନ୍ତୋଷ ନେଇ ମହାବିଦ୍ୟାଳୟ ପରିଚାଳନା କମିଟିର ପ୍ରତିକ୍ରିୟା ମିଳି ପାରିନାହିଁ।

### ସମ୍ବର୍ଦ୍ଧିତ ବେଳେ ଅସନ୍ତୋଷ ବ୍ୟକ୍ତ କଲେ ପୂର୍ବତନ ଏମ୍‌ପି, ମାନପତ୍ର ଓ ଉପଢୌକନ ଫେରାଇ ଦେଲେ

## ଯବାନ ଜିତେନ୍ଦ୍ର ମୋହନ ଜେନାସାମନ୍ତଙ୍କୁ ଶ୍ରଦ୍ଧାଞ୍ଜଳି

**ଧର୍ମଶାଳା,୧୨।୮(ଡି.ଏନ.ଏ.)**

ଯବାନ ଜିତେନ୍ଦ୍ର ମୋହନ ଜେନାସାମନ୍ତଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ଜନକସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ବାମଦେବ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ହରେକୃଷ୍ଣ ଜେନା, ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ପଲେଇ, ଧୀରେନ୍ଦ୍ର ବଳିଆରସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯବାନଙ୍କ ବହୁମୁଖୀ ପ୍ରତିଭାର ସ୍ତୁତିଚାରଣ କରିଥିଲେ। ଶିକ୍ଷାବିତ୍ ଭଞ୍ଜକିଶୋର ଦାଶ, ପ୍ରଧାନଶିକ୍ଷକ ମୋହନ ଚରଣ ସାମଲ, ଯୁଧିଷ୍ଠିର ଖୁଣ୍ଟିଆ, ଅଧ୍ୟାପକ ଚନ୍ଦନ ପ୍ରଧାନ, ମନୋରଞ୍ଜନ ଜେନା ଓ ଅଭିମନ୍ୟୁ ଧଳ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ରବି ନାରାୟଣ ଜେନା ସୂଚନା ପ୍ରଦାନ କରିଥିବା ବେଳେ ଦୋଳଗୋବିନ୍ଦ ସାହୁ ଓ ସୌମେନ୍ଦ୍ର ଜେନାସାମନ୍ତ ସଭା ପରିଚାଳନାରେ ସହାୟତା କରିଥିଲେ।

## ଅସହାୟ ବୃଦ୍ଧା ଉଦ୍ଧାର

**ପାଣିକୋଇଲି,୧୨।୮(ଡି.ଏନ.ଏ.)**

ପାଣିକୋଇଲି ଥାନା ଦାମୋଦରପୁର ଗ୍ରାମର ମା'ତାରିଣୀଙ୍କ ମନ୍ଦିର ନିକଟରୁ ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଛି। ପୋଲିସ ସହାୟତାରେ ତାଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ 'ଆମେ ବିପଦରେ ସାଥି' ବୃଦ୍ଧାଶ୍ରମରେ ରଖାଯାଇଥିଲା। ପରେ ରେଡ୍‌କ୍ରସର ଆଜୀବନ ସଦସ୍ୟ ତାରିଣୀ ପଟ୍ଟନାୟକ, ବରିଷ୍ଠ ଉପଦେଷ୍ଟା ସୁବାସ ଧଳ, କନ୍‌ଷ୍ଟେବଳ ନାରାୟଣ ଦେହୁରୀଙ୍କ ସହଯୋଗରେ ତାଙ୍କୁ ଦାନଗଦିସ୍ଥିତ ବୃଦ୍ଧାଶ୍ରମରେ ଛାଡି ଦିଆଯାଇଛି।

# ମଡେଲ ସ୍କୁଲ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର


ମଡେଲ୍ ସ୍କୁଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

**ରସୁଲପୁର,୧୨।୮(ଡି.ଏନ.ଏ.)**

ବରୀ ନିର୍ବାଚନମଣ୍ଡଳୀସ୍ଥ ରସୁଲପୁର ବ୍ଲକ୍ ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତର ହିଙ୍ଗୁଳା ଗୋପାଳ ପଣ୍ଡା ହାଇସ୍କୁଲ, ରାଉତରାପୁର ପଞ୍ଚାୟତର ଦର୍ଶନ ହାଇସ୍କୁଲ ଓ ବନ୍ଧଡ଼ିହ ପଞ୍ଚାୟତର ବନ୍ଧଡ଼ିହ ହାଇସ୍କୁଲକୁ ମଡେଲ ସ୍କୁଲରେ ପରିଣତ କରିବା ପ୍ରସ୍ତାବ ଗୁରୁବାରଠାରୁ କାର୍ଯ୍ୟକାରୀ ହୋଇଛି। ବରୀ ବିଧାୟିକା ସୁନନ୍ଦା ଦାସ ବନ୍ଧଡ଼ିହ ହାଇସ୍କୁଲରେ ଏହି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜୁଲାଇ ୩୦ରେ ବିଧାୟିକା ପ୍ରସ୍ତାବିତ ମଡେଲ ସ୍କୁଲ ଗୁଡିକର କ୍ଷେତ୍ର ପରିଦର୍ଶନ କରିଥିଲେ। ତେବେ ଏହି କାର୍ଯ୍ୟ ବନ୍ଧଡିହ ହାଇସ୍କୁଲରୁ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ନିର୍ମାଣ କାର୍ଯ୍ୟ ତ୍ୱରିତ ଉପାୟରେ କାର୍ଯ୍ୟକାରୀ ହେବ। ଏଥିସକାଶେ ଓଡ଼ିଶା ଖଣିଜ ଆଞ୍ଚଳିକ ଉନ୍ନୟନ ପାଇଁ ଉଦ୍ଦିଷ୍ଟ ସହାୟତା ଅର୍ଥ ଅର୍ଥାତ ଓଏମ୍‌ବିଏଡିସି (ଓଡ଼ିଶା ମିନେରାଲ ବିଅରିଂ ଏରିଆସ୍ ଡେଭଲପମେଣ୍ଟ କର୍ପୋରେଶନ)ପାଣ୍ଠିରୁ ୬୦ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି। ଉକ୍ତଅର୍ଥକୁ ବିନିଯୋଗ କରାଯାଇ ବିଦ୍ୟାଳୟ ଖେଳପଡ଼ିଆ ଉନ୍ନତୀକରଣ, ସ୍ମାର୍ଟ କ୍ଲାସ ରୁମ୍, ପାଚେରି, ଇ-ଲାଇବ୍ରେରି, ଲାବୋରେଟରି ଓ ପରିସ୍ରାଗାର ଆଦି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବ। ବିଦ୍ୟାଳୟ ପରିସରରେ ଥିବା ବିପଦସଂକୁଳ ଘରକୁ ଭାଙ୍ଗି ଦିଆଯିବ। ସେହି ସ୍ଥାନରେ ନୂତନ କୋଠା ନିର୍ମାଣ କରାଯିବ। ଏହାଛଡ଼ା ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ କରାଯାଇ ଶୈକ୍ଷିକ ପରିବେଶର ଉନ୍ନତୀକରଣ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ କହିଛନ୍ତି।

# ବିଶ୍ୱରଞ୍ଜନଙ୍କ ଉଚ୍ଚଶିକ୍ଷାରେ ପ୍ରତିବନ୍ଧକ ଆର୍ଥିକ ଅନଟନ

**ଯାଜପୁର ଅଫିସ,୧୨।୮**


ବିଶ୍ୱରଞ୍ଜନ ସାହୁ।

ଅର୍ଥ ଅଭାବରୁ ବିଶ୍ୱରଞ୍ଜନ ସାହୁଙ୍କ ଉଚ୍ଚଶିକ୍ଷା ଆଶା ମଉଳି ଯାଇଛି। ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ତଥା ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ମାଣତିରୀ ଗ୍ରାମର ସ୍ୱର୍ଗତ ବ୍ରଜକିଶୋର ସାହୁଙ୍କ ବଡ଼ ପୁଅ ବିଶ୍ୱରଞ୍ଜନ ଚଳିତ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କ ବାପାଙ୍କ ୯ମାସ ତଳେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିବା ପରେ ଆର୍ଥିକ ଅନଟନ ଲାଗି ରହିଛି। ପରିବାରରେ ଆଉ କେହି ରୋଜଗାରିଆ ନାହାନ୍ତି। ଏମିତି କି ଏହି ପରିବାରର ଗୁଣ୍ଠେ ଚାଷ ଜମି ନାହିଁ। ଏଭଳି ସ୍ଥିତିରେ ନିଜର ବିଧବା ମା'ବିମଳା ସାହୁ ଏବଂ ଦଶମ ଶ୍ରେଣୀରେ ପଢୁଥିବା ସାନ ଭାଇ ଚିତ୍ତରଞ୍ଜନଙ୍କ ସହ କେମିତି ଆଗକୁ ପାଠ ପଢିବେ ସେ ନେଇ ବିଶ୍ୱରଞ୍ଜନ ଚିନ୍ତାରେ ଦିନ କାଟୁଛନ୍ତି। ତାଙ୍କର ଡାକ୍ତର ହେବା ସ୍ୱପ୍ନ ମଉଳି ଯିବ ବୋଲି କୋହଭରା କଣ୍ଠରେ ସେ କହିଛନ୍ତି। ଏଭଳି ପରିସ୍ଥିତିରେ ଜଣେ ମେଧାବୀର ସ୍ୱପ୍ନ ମରିଯିବା ଆଗରୁ ସରକାର, ଦାୟିତ୍ୱବାନ ପ୍ରଶାସକ ଏବଂ ବଦାନ୍ୟ ବ୍ୟକ୍ତିମାନେ ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆଗେଇ ଆସିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ଶିକ୍ଷା ବ୍ୟବସାୟ କରୁଥିବା ଯେକୌଣସି ଘରୋଇ ଯୁକ୍ତ ୨ କଲେଜ କର୍ତ୍ତୃପକ୍ଷ ତାଙ୍କୁ ପୋଷ୍ୟ ଛାତ୍ର ଭାବେ କୋଳେଇ ନେଲେ ତାଙ୍କ ସ୍ୱପ୍ନ ପୂରଣ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି।

## ନିଖୋଜ ଯୁବତୀ ଉଦ୍ଧାର, ଥାନାରେ ପଚରାଉଚରା

**ରସୁଲପୁର,୧୨।୮(ଡି.ଏନ.ଏ.)**

କୁଆଖିଆ ଥାନା ସିଂହାପୁର ପଞ୍ଚାୟତ ବାମଦେଇପୁର ଅଞ୍ଚଳରୁ ୩ ଦିନ ତଳେ ନିଖୋଜ ହୋଇଥିବା ଜଣେ ଯୁବତୀଙ୍କୁ ଗୁରୁବାର ଉଦ୍ଧାର କରାଯାଇଛି। ଏହାପରେ ପୋଲିସ ତାଙ୍କୁ ନେଇ ପଚରାଉଚରା ଚଳାଇଛି। ତଦନ୍ତ ସରି ନ ଥିବାରୁ ପୋଲିସ ଏ ସମ୍ପର୍କରେ ସୂଚନା ଦେବାକୁ ମନା କରିଛି। ଯୁବତୀଙ୍କ ବୟାନ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତାଙ୍କୁ କେହି ଅପହରଣ କରିଥିଲେ କି ସେ ନିଜ ଇଚ୍ଛାରେ ପଳାଇ ଯାଇଥିଲେ। କେମିତି ଗଲେ ଓ କେଉଁଠି ରହୁଥିଲେ। ଯଦି କାହା ସାଥିରେ ଯାଇଥିଲେ, ତେବେ ସେ ବ୍ୟକ୍ତି କିଏ। ଏଭଳି ନାନା ପ୍ରଶ୍ନ ଯୁବୀତଙ୍କୁ ପଚରାଯାଉଛି। ଏସବୁ ପ୍ରଶ୍ନ ଆଧାରରେ ବୟାନ ରେକର୍ଡ କରାଯାଉଛି। ଯଦି କେହି ଯୁବତୀଙ୍କୁ ଅପହରଣ କରିନେଇ ହଇରାଣ ହରକତ କରୁଥିବା ସେ ଅଭିଯୋଗ କରନ୍ତି ତେବେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବ ବୋଲି ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଯୁବତୀ ନିଖୋଜ ନେଇ ତାଙ୍କ ପରିବାର ପକ୍ଷରୁ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଯୁବତୀଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ଗାଁ ନିକଟସ୍ଥ ଏକ ନିଛାଟିଆ ସ୍ଥାନରୁ ଉଦ୍ଧାର କରି ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ପରିବାର ଲୋକେ ପୋଲିସକୁ ଅବଗତ କରିଥିଲେ। ପୋଲିସ ପହଞ୍ଚି ଯୁବତୀଙ୍କୁ ଥାନାକୁ ନେଇଥିଲା।

# ଉପଭୋକ୍ତାଙ୍କ ଧାରଣା, ପ୍ରତିଶ୍ରୁତି ପରେ ସ୍ଥଗିତ

### ଅଘୋଷିତ ବିଦ୍ୟୁତ୍ କାଟର ପ୍ରତିବାଦ

**ପାଣିକୋଇଲି,୧୨।୮(ଡି.ଏନ.ଏ.)**



ପାଣିକୋଇଲି ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଉପଭୋକ୍ତା ଧାରଣା ଦେଇଛନ୍ତି।

ଯାଜପୁର ଜିଲା ପାଣିକୋଇଲି ବିଦ୍ୟୁତ୍ ଉପଖଣ୍ଡ ଅଧୀନ ଷଠିପୁର ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ ଜନଜୀବନକୁ ବ୍ୟତିବ୍ୟସ୍ତ କରିଛି। ଶ୍ରାବଣ ମାସରେ ଖରା ସହ ଗୁଳୁଗୁଳି ଲାଗି ରହିଛି। ଏପରି ସମୟରେ ବିଦ୍ୟୁତ୍ କାଟ ଲୋକମାନଙ୍କୁ ଚିନ୍ତାରେ ପକାଇଛି। ବିଦ୍ୟୁତ କାଟ ଯୋଗୁ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଛାତ୍ରୀଛାତ୍ରଙ୍କ ଅନଲାଇନ ପାଠ ପଢା ବ୍ୟାହତ ହେଉଛି। ଏହାର ପ୍ରତିବାଦରେ ଗୁରୁବାର ପାଣିକୋଇଲି ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତାମାନେ ଧାରଣାରେ ବସିଥିଲେ। ଧାରଣାରତ ଉପଭୋକ୍ତାମାନେ କହିଛନ୍ତି, ପ୍ରତିମାସରେ ବିଲ ଆଦାୟକୁ ଗୁରୁତ୍ୱ ଦିଆଯାଉଥିବାବେଳେ ବିଦ୍ୟୁତ୍ ସରବରାହ ଉପରେ ଧ୍ୟାନ ଦିଆଯାଉ ନାହିଁ। ଷଠିପୁରରେ ନିର୍ମିତ ଗ୍ରୀଡ କାମ ସରିଥିଲେ ବି ତାହା କାର୍ଯ୍ୟକ୍ଷମ ହୋଇପାରୁନି। ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ମୀନକେତନ ସାମଲ ଧାରଣାକାରୀଙ୍କ ନିକଟକୁ ଆସି ୩ ଦିନ ମଧ୍ୟରେ ଅର୍ଥାତ୍ ଅଗଷ୍ଟ ୧୫ ସୁଦ୍ଧା ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି।

# ଆଖି ବୁଜିଲେ କିଡ୍‌ନୀ ଆକ୍ରାନ୍ତ ଶିଶିର

### ଅର୍ଥ ଅଭାବରୁ ହୋଇ ପାରିଲାନି ଚିକିତ୍ସା

**ରସୁଲପୁର,୧୨।୮(ଡି.ଏନ.ଏ.)**


ଶିଶିର ସାମଲଙ୍କ ଫାଇଲ ଫଟୋ।

ରସୁଲପୁର ବ୍ଲକ୍ ଅଧୀନ ଓଡ଼ିଶୋ ପଞ୍ଚାୟତ ହାଟସିଂହାପୁର ଗ୍ରାମର ଲକ୍ଷ୍ମୀପ୍ରିୟା ସାମଲଙ୍କ ଉପରେ ଦୁଃଖର ପାହାଡ଼ ଖସି ପଡ଼ିଛି। ପ୍ରାୟ ୪ମାସ ତଳେ ସ୍ୱାମୀ ଭାସ୍କରଙ୍କୁ ହରାଇଥିଲେ। ସେହି ଦୁଃଖର ବ୍ୟଥାରେ ଉପଶମ ଲାଗି ନ ଥିବାବେଳେ ବୁଧବାର ରାତିରେ ତାଙ୍କ ବଡ଼ ପୁଅ ଶିଶିର ସାମଲ(୨୯) ଆଖି ବୁଜିଛନ୍ତି। ଉଭୟ ବାପପୁଅ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା କୁହାଯାଉଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳାଇ ଦେଇଛି। ଅର୍ଥାଭାବରୁ ଶିଶିରଙ୍କ କିଡ୍‌ନୀ ପ୍ରତ୍ୟାରୋପଣ ହୋଇ ପାରିଲାନି। ତେଣୁ ସେ ଆର ପାରିକୁ ଚାଲିଗଲେ ବୋଲି ପରିବାର ପକ୍ଷରୁ କୁହାଯାଉଛି। ସରକାର ଗରିବ ଲୋକଙ୍କ ଚିକିତ୍ସା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଶିଶିରଙ୍କୁ ଚିକିତ୍ସା ସୁବିଧା ନ ମିଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ମିଳିଥିବା ସୂଚନା ଅନୁସାରେ, ଶିଶିରଙ୍କ ପରିବାରରେ ଅଭାବ ଅନଟନ ଲାଗି ରହୁଥିଲା। ଘରର ବଡ଼ପୁଅ ହୋଇଥିବାରୁ ସେ ସୁଦୂର ଗୋଆରେ ଯାଇ ସିକ୍ୟୁରିଟି ଗାର୍ଡ କାମ କରୁଥିଲେ। କରୋନା ଯୋଗୁ ଗତବର୍ଷ ଘରକୁ ଫେରି ଆସିଥିଲେ। ଗାଁରେ ରହୁଥିବା ବେଳେ ଏଣେତେଣେ କାମଧନ୍ଦା କରୁଥିଲେ। ବାପାଙ୍କ ମୃତ୍ୟୁପରେ ସେ ମାନସିକ ଚାପରେ ରହି ଆସୁଥିଲେ। ୩ମାସ ତଳେ ଶିଶିରଙ୍କୁ ଜ୍ୱର ହୋଇଥିଲା। ସେ ଡାକ୍ତରୀ ପରୀକ୍ଷା କରାଇ ଔଷଧ ଖାଇଥିଲେ ମଧ୍ୟ ଜ୍ୱର ଭଲ ହେଲାନାହିଁ। ଶେଷରେ କଟକ ବଡ଼ ଡାକ୍ତରଖାନା ଯାଇ ପରୀକ୍ଷାନିରୀକ୍ଷା କରିବାରୁ ତାଙ୍କର କିଡ୍‌ନୀ ୨ଟି ପ୍ରଭାବିତ ହୋଇଥିବା ଜଣାପଡ଼ିଥିଲା। ତେଣୁ ତୁରନ୍ତ ଗୋଟିଏ କିଡ୍‌ନୀ ପ୍ରତ୍ୟାରୋପଣ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ଏଥିପାଇଁ ଆବଶ୍ୟକ ଅର୍ଥ ଶିଶରଙ୍କ ପରିବାର ଯୋଗାଡ଼ କରି ପାରିନ ଥିଲେ। ଫଳରେ କିଡ୍‌ନୀ ବଦଳିବା ସମ୍ଭବପର ହୋଇପାରିଲା ନାହିଁ। ବିକଳ୍ପ ଚିକିତ୍ସା ଭାବେ ଡାଏଲେସିସ୍ କରାଯାଉଥିଲା। ସେ କଟକର ନେଫ୍ରୋଲୋଜି ବିଭାଗରେ ଭର୍ତ୍ତି ହୋଇଥିଲେ। ସ୍ୱାମୀ ପରେ ବଡ଼ପୁଅଙ୍କୁ ହରାଇ ଲକ୍ଷ୍ମୀ ମୂକ ପାଲଟି ଯାଇଛନ୍ତି। ତାଙ୍କର ଏବେ ସାହା କେବଳ ସାନପୁଅ ସାଗର ସାମଲ(୨୦)। ତେଣୁ ପ୍ରଶାସନ ଏହି ପରିବାର ପ୍ରତି ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଖରସ୍ରୋତାରେ ମେଗା ପାନୀୟ ଜଳ ପ୍ରକଳ୍ପକୁ ବିରୋଧ


କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଖରସ୍ରୋତା ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀ ନିର୍ମାଣସ୍ଥଳକୁ ଆସୁଛନ୍ତି।


ଆନ୍ଦୋଳନକାରୀ ଅଞ୍ଚଳବାସୀଙ୍କୁ ରୋକିବା ପାଇଁ ମୁତୟନ ହୋଇଥିବା ବ୍ୟାପକ ପୋଲିସ ଫୋର୍ସ।



ପ୍ରକଳ୍ପ ନିର୍ମାଣ ସ୍ଥଳରେ ରହିଥିବା ଯନ୍ତ୍ରାଂଶ ଓ ଗାଡ଼ିକୁ ଉତ୍ତ୍ୟକ୍ତ ଲୋକେ ଭଙ୍ଗାରୁଜା କରୁଛନ୍ତି।



କେନ୍ଦ୍ରାପଡ଼ା ସହର ଗରାପୁରରେ ଭିତରକନିକା ଇକୋ ସେନ୍‌ସିଟିଭି ଜୋନର ସଦସ୍ୟ ଶ୍ରୀକାନ୍ତ ନାୟକ ପ୍ରକଳ୍ପକୁ ବିରୋଧ କରି ଅନଶନରେ ବସିଛନ୍ତି।


ଜଣେ ଆନ୍ଦୋଳନକାରୀ ଅସୁସ୍ଥ ହୋଇପଡ଼ିଛନ୍ତି।


ଘଟଣାସ୍ଥଳରେ ଆଇଜି ନରସିଂହ ଭୋଳ, ଜିଲାପାଳ ଅମୃତ ଋତୁରାଜ, ଏସ୍‌ପି ମଡକର ସନ୍ଦିପ ସମ୍ପଦ ଓ ଅନ୍ୟମାନେ।

# ସେବା ପାଇଁ ସମର୍ପିତ ଥିଲେ ଉମା

ନିଜର ୫ ପୁଅ, ଗୋଟିଏ ଝିଅ ଜନ୍ମ ଦେଇଥିଲେ ସିନା, ଅସୁମାରୀ ଲୋକ ଯେ ତାଙ୍କୁ ମା'ର ଆସନରେ ବସାଇଥିଲେ, ତାହା କେହି କଳ୍ପନା କରି ନ ଥିବେ। ଅଗଷ୍ଟ ୪ ବୁଧବାର ଶ୍ରାବଣ କୃଷ୍ଣ ଏକାଦଶୀରେ ଉମା ନନ୍ଦ ଦୁନିଆରୁ ବିଦାୟ ନେଇଥିଲେ। ଶେଷ ଦର୍ଶନ ପାଇଁ ଆସିଥିବା ପିଲାଠାରୁ ବୁଢ଼ୀ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ବ୍ୟଥିତ ହୋଇପଡିଥିଲେ।

ଜନ୍ମ ନେଇଥିଲେ ପବିତ୍ର ବାଲି ତୃତୀୟାରେ। ନାଁ ଦିଆଯାଇଥିଲା ଉମା । ଯାହାଙ୍କ ହାତ ଧରି ବାହା ହୋଇଥିଲେ, ତାଙ୍କ ନାମ ଥିଲା ଉମାକାନ୍ତ, ଯାହାଙ୍କୁ ସମସ୍ତେ କାଲୁ ନନ୍ଦ ନାମରେ ଜାଣନ୍ତି। ନୂଆ ରାଜଧାନୀ ନିର୍ମାଣରେ ସେ ଥିଲେ ଅନ୍ୟତମ ମୁଖ୍ୟ ସ୍ଥପତି। ଉଭୟ ସ୍ତ୍ରୀ ସ୍ୱାମୀ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ। ସୁନ୍ଦରପଦା ଗାଁର ବୋହୂ ହେଲାପରେ ବିରାଟ ପରିବାରର ବୋଝ ଦକ୍ଷତାର ସହିତ ବୋହିନେଲେ ଉମା। ବିଦେଶୀଙ୍କୁ ଆତିଥେୟତା ଦେବାକୁ ଓଡିଶା ସରକାର ତାଙ୍କ ସାହଚର୍ଯ୍ୟ ଲୋଡୁଥିଲେ। ସ୍ଥାନୀୟ ମହିଳାଙ୍କୁ ସଶକ୍ତ କରିବାରେ ତାଙ୍କ ଅବଦାନ ଅତୁଳନୀୟ।



ବୟସର ଅପରାହ୍ନରେ ତାଙ୍କ ସ୍ୱାମୀ ଆଖି ବୁଜିଲେ । ଘରର ସବୁ ଦାୟିତ୍ୱ ପଡିଲା ତାଙ୍କ କାନ୍ଧରେ । ଠାକୁର ପୂଜା, ଅତିଥି ଅଭ୍ୟାଗତ ଚର୍ଚ୍ଚାରେ ନିମଗ୍ନ ରହିଲେବି ତାଙ୍କର ପରାମର୍ଶ ଓ ସହଯୋଗ ଲୋଡିବାକୁ ତାଙ୍କୁ ମା'ପରି ମାନୁଥିବା ଲୋକଙ୍କ ଭିଡ କମୁ ନ ଥିଲା କେବେ । କାହାକୁ ବି ପଦେ କଡା ଭାଷାରେ କଥା କହୁ ନ ଥିଲେ। ବଡ଼ ବୋହୂ ତାଙ୍କଠୁ ଶିଖିଲେ ଘର ଚଳାଇବାର କଳା ତ ବଡ଼ ମଝିଆ ରୋଷେଇ କରି ସମସ୍ତଙ୍କୁ ଖୁଆଇବାର କୌଶଳ ଓ ସାନ ତିନି ବୋହୂ ଅତିଥି ଅଭ୍ୟାଗତଙ୍କୁ ଆପ୍ୟାୟିତ କରିବାର ଶୈଳୀ।

ମୋ ବାହାଘର ପାଇଁ ପାତ୍ରୀ ଠିକ୍‌କରିଥିଲେ ସେ। ଆମ ଘରେ ମନୋନୀତ ହେବାରୁ ବିବାହ ହେଲା। ଅନୁଜ ପ୍ରତିମ 'ଜୀବନ'ସହ ତାଙ୍କ ଝିଅ 'ରୀତା'ର ବାହାଘର ପ୍ରସ୍ତାବ ଦେଇଥିଲି ଯାହା ସଫଳ ହୋଇଥିଲା। ଜୀବନ 'ନାଲକୋ' ଜେନେରାଲ ମ୍ୟାନେଜର ପଦବୀରୁ ଅବସର ନେଇଛନ୍ତି । ମୁଁ ଚାକିରି କ୍ଷେତ୍ରରୁ ଭୁବନେଶ୍ୱର ଆସିଲେ, ଉମା ମାଉସୀଙ୍କର ଆଶୀର୍ବାଦ ନେଉଥିଲି । ଦଶଦୁଠରେ ସ୍ନାନ ତର୍ପଣ କଲାବେଳେ ତାଙ୍କ ବିସ୍ତାରିତ ମାତୃତ୍ୱକୁ ଅନୁଭବ କରି ଶୀହରିତ ହେଉଛି । ହେ ଦୟାମୟ, ଏହି ପୁଣ୍ୟାତ୍ମାଙ୍କୁ କୋଳେଇ ନିଅ, ଏତିକି ପ୍ରାର୍ଥନା।

**–ଜାନକୀଶ ବଡ଼ପଣ୍ଡା**

# କନିକା ପ୍ରଜାମେଳିର ପୁନରାବୃତ୍ତି

**କେନ୍ଦ୍ରାପଡ଼ା ଅଫିସ,୧୨।୮**

କନିକା ରାଜାଙ୍କର ୬୪ ପ୍ରକାର କରକୁ ପ୍ରଜା ବହନ କରୁଥିଲେ। ଏହା ବିରୋଧରେ ୧୯୨୨ରେ ପ୍ରଜାମେଳି ହୋଇଥିଲା। ରାଜାସାହେବ ପ୍ରଜାଙ୍କ ଦମନଲୀଳା ପାଇଁ ବ୍ରିଟିଶ ପୋଲିସର ସହାୟତା ନେଇଥିଲେ। ଏହା ସତ୍ତ୍ୱେ ପ୍ରଜାଙ୍କ ବିଜୟ ହୋଇଥିଲା। ୧୦୦ ବର୍ଷରେ ଏହାର ପୁନରାବୃତ୍ତି ହୋଇଥିବା ସଂଗ୍ରାମ ସମିତିର କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ପଣ୍ଡା କହିଛନ୍ତି। ସେ କହିଛନ୍ତି , ସେତେବେଳେ ଏହି ପ୍ରଜାମେଳି କର ପାଇଁ ହୋଇଥିବା ବେଳେ ଏବେ ମାଟି ମାଆର ସୁରକ୍ଷା ପାଇଁ ଲଢ଼େଇ ହେଉଛି। ଖରସ୍ରୋତାରୁ ପାଣି ଉଠାଗଲେ ସ୍ଥାନୀୟ ଅଞ୍ଚଳର ଜୀବନଜୀବିକା ଉପରେ ପ୍ରଭାବ ପକାଇବ। ଏଠାରୁ ସ୍ରୋତ କମିଲେ ସମୁଦ୍ରର ଲୁଣାପାଣି ମାଡ଼ି ଆସିବ। ଫଳରେ ସ୍ଥାନୀୟ ଅଞ୍ଚଳର ଚାଷ, ପାନୀୟ ଜଳ ଓ ମତ୍ସ୍ୟଜୀବୀଙ୍କ ସମସ୍ୟା ବଢ଼ିବ।

## ଆଦାନୀଙ୍କୁ ଜଳ ଦେବା ପାଇଁ ମସୁଧା

ଆନ୍ଦୋଳନରେ ଭାଗ ନେଇଥିବା ଲିପ୍‌ସା ନାୟକ କହିଛନ୍ତି, ଭଦ୍ରକର ପାନୀୟ ଜଳ ପ୍ରକଳ୍ପକୁ କେହି ବିରୋଧ କରୁନାହାନ୍ତି। ତେବେ ଓଡ଼ିଶାର ଏକମାତ୍ର କେନ୍ଦ୍ରାପଡ଼ା ଜିଲାକୁ କେନ୍ଦ୍ର ସରକାର ଜଳ ସଙ୍କଟ ଜିଲା ଭାବେ ଚିହ୍ନଟ କରି ଜଳଶକ୍ତି ସଂରକ୍ଷଣ ଅଭିଯାନ ଚଳାଇଛନ୍ତି। ଖରସ୍ରୋତାରୁ ଅତ୍ୟଧିକ ପାଣି ଉଠାଣକୁ ସନ୍ଦେହ କରାଯାଉଛି। ଏହି ପ୍ରକଳ୍ପ ଅଧୀନରେ ୬,୧୮,୨୫୩ ଜଣ ଲୋକ ଅଛନ୍ତି। ରାଜୀବ ଗାନ୍ଧୀ ଡ୍ରିଙ୍କିଙ୍ଗ୍ ୱାଟର ମିଶନ ଅନୁଯାୟୀ ଗ୍ରାମାଞ୍ଚଳର ଜଣେ ବ୍ୟକ୍ତିଙ୍କ ଦୈନିକ ଖର୍ଚ୍ଚ ବା ପିଇବା ପାଇଁ ୩ ଲିଟର, ରୋଷେଇରେ ୫ ଲିଟର, ଗାଧୋଇବାରେ ୧୫ ଲିଟର, ଘର ଓ ଧୁଆଧୋଇରେ ୭ ଲିଟର, ଅନ୍ୟ ଖର୍ଚ୍ଚ ପାଇଁ ୧୦ ଲିଟର ମୋଟ ୪୦ ଲିଟର ପାଣି ଆବଶ୍ୟକ। ଏହି ହିସାବରେ ଦୈନିକ ପ୍ରାୟ ୨୫ ମିଲିୟନ ଲିଟର ଉଠିବା କଥା। ତେବେ ଏହି ପ୍ରକଳ୍ପରୁ ଦୈନିକ ୧୪୨ ମିଲିୟନ ଲିଟର ଉଠାଯିବ ବୋଲି ଡିପିଆର୍ ହୋଇଛି। ଅବଶିଷ୍ଟ ଜଳ ଧାମରାସ୍ଥିତ ଆଦାନୀ କମ୍ପାନୀ ଛଡ଼ା ଅନ୍ୟ କେଉଁଠାରେ ବ୍ୟୟ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି।



## ପରିବେଶବିତ୍‌ଙ୍କ ଅନଶନ ତୃତୀୟ ଦିନରେ

ଖରସ୍ରୋତା ନଦୀରୁ ପାଣି ଉଠାଗଲେ ଜାତୀୟ ଉଦ୍ୟାନ ଭିତରକନିକା ଜୈବ ବିବିଧତା ଉପରେ ପ୍ରଭାବ ପକାଇବ। ମଧୁରଜଳ ସ୍ରୋତ ଆର୍ଦ୍ରଭୂମିରେ ପହଞ୍ଚି ପାରିବନି। ଫଳରେ ହେନ୍ତାଳ ବଣ ଧ୍ୱଂସ ହୋଇଯିବ। ପରିବେଶ ପ୍ରତି ବିପଦ ସମ୍ପର୍କରେ ବିଶେଷଜ୍ଞଙ୍କ ଦ୍ୱାରା ଅନୁଧ୍ୟାନ କରାଯାଉ ଦାବି କରି ମଙ୍ଗଳବାରଠାରୁ ପରିବେଶବିତ୍ ତଥା ଭିତରକନିକା ଇକୋ ସେନ୍‌ସେଟିଭ ଜୋନ ମନିଟରିଂ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ ଆମରଣ ଅନଶନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ବସିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ପ୍ରକଳ୍ପ ସ୍ଥାନ ନୂଆହାଟ ଓ ପାଣିଉଠା ସ୍ଥାନ ବରୁଣାଡିହା ଇକୋ ସେନ୍‌ସେଟିଭ ଜୋନ୍ ମଧ୍ୟରେ ଅଛି। ପ୍ରକଳ୍ପ ପାଇଁ ହୋଇଥିବା ରିଜୋଲ୍ୟୁଶନରେ ଅନିୟମିତତା ହୋଇଥିବା ଜିଲାପାଳ, ଡିଏଫ୍‌ଓଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଚିଠି ହୋଇଛି। ଏହାସତ୍ତ୍ୱେ ଠିକା ସଂସ୍ଥା ଦ୍ୱାରା ଏକ ମିଛ ପରିବେଶ ଅନୁଧ୍ୟାନ ରିପୋର୍ଟକୁ ଦର୍ଶାଇ ଜିଲା ପ୍ରଶାସନ ପ୍ରକଳ୍ପ କାମକୁ ଜୋର ଜବରଦସ୍ତ କରିବାକୁ ଚାହୁଁଛନ୍ତି। ତେବେ କନିକା ମାଟିର ସନ୍ତାନମାନେ ଏଥିପ୍ରତି ସଜାଗ ରହିଛନ୍ତି। ଏକ ବିଶେଷଜ୍ଞ କମିଟି ଭିତରକନିକା ଅଞ୍ଚଳ ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହୁ ବୋଲି ସେ ଦାବି କରିଛନ୍ତି।

## ଗରାପୁରରେ ମାନବ ଶୃଙ୍ଖଳ

ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର ଆହ୍ୱାନକ୍ରମେ ରାଜକନିକାରେ ପାଣି ପାଇଁ ରଣକ୍ଷେତ୍ର ପାଲଟିଥିବା ବେଳେ ଏହାର ପ୍ରତିଧ୍ୱନି କେନ୍ଦ୍ରାପଡ଼ା ସହର ନିକଟ ଗରାପୁରରେ ଶୁଣିବାକୁ ମିଳିଛି। ପରିବେଶବିତ୍ ଶ୍ରୀକାନ୍ତ ନାୟକଙ୍କ ଅନଶନ ସ୍ଥଳଠାରୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନ ଭିତରକନିକାର ସୁରକ୍ଷା ଦାବି କରି ବହୁ ସାମାଜିକ କର୍ମୀ ମାନବ ଶୃଙ୍ଖଳ ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ଶୁଭାଶିଷ ଷଡ଼ଙ୍ଗୀ କୁହନ୍ତି, ଜାତୀୟ ଉଦ୍ୟାନ ଭିତରକନିକାର ହେନ୍ତାଳବଣ ଓ ଜୈବ ବିବିଧତା ବିଶ୍ୱ ପାଇଁ ଆକର୍ଷଣ। ଏହି ପ୍ରାକୃତିକ ସମ୍ପଦର ସୁରକ୍ଷା ଦ୍ୱାରା କେନ୍ଦ୍ରାପଡ଼ା ଜିଲାର ଅଧିବାସୀ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇଛନ୍ତି। ହେନ୍ତାଳବଣ ସୃଷ୍ଟି ପାଇଁ ଲୁଣା ସହିତ ମଧୁରଜଳର ସମ୍ମିଶ୍ରଣ ଆବଶ୍ୟକ। ଖରସ୍ରୋତାରୁ ପାଣି ଉଠାଗଲେ ଭିତରକନିକା ଆର୍ଦ୍ରଭୂମିକୁ ପ୍ରଭାବିତ କରିବ। ମାନବଶୃଙ୍ଖଳର ନେତୃତ୍ୱ ସାମାଜିକ କର୍ମୀ ଗୌତମ ସାହୁ, ପ୍ରତାପ ଚନ୍ଦ୍ର ପାଢ଼ୀ, ମାନସୀ ମଲ୍ଲିକ ପ୍ରମୁଖ ନେଇଥିଲେ।

# ମାସକ ପରେ ବି ଖୋଲିନି ରହସ୍ୟ

## ପୋଡ଼ି ହୋଇ ଏସିଏଫ୍‌ଙ୍କ ମୃତ୍ୟୁ ଘଟଣା

**ପାରଳାଖେମୁଣ୍ଡି,୧୨।୮(ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ଦେହରେ ନିଆଁ ଲାଗି ମୃତ୍ୟୁ ଘଟଣାକୁ ଶୁକ୍ରବାର ମାସେ ପୂରିବ। ହେଲେ ଏ ଯାଏ ପୋଲିସ ସୌମ୍ୟଙ୍କ ଦେହରେ କେମିତି ନିଆଁ ଲାଗିଲା ତାହା ସ୍ପଷ୍ଟ କରିପାରିନାହିଁ। ଏପଟେ ନ୍ୟାୟ ପାଇଁ ସୌମ୍ୟଙ୍କ ପରିବାର ଲୋକେ ଚାହିଁ ରହିଛନ୍ତି। ଘଟଣାର ତଦନ୍ତ ପାଇଁ ପୋଲିସ ସୌମ୍ୟଙ୍କ ନିଜ ଘର ବାଲେଶ୍ୱର ଜିଲା ଖଇରା, ଶ୍ୱଶୁରଘର ମୟୂରଭଞ୍ଜ ଜିଲା କପ୍ତିପଦା ଓ ସ୍ତ୍ରୀ ବିଦ୍ୟାଭାରତୀ ପଢୁଥିବା ବଲାଙ୍ଗୀର ଜିଲାକୁ ଯାଇ ତଦନ୍ତ କରିଛି। ଏପରିକି ପାରଳାଖେମୁଣ୍ଡି ଡିଏଫ୍‌ଓଙ୍କୁ ମଧ୍ୟ ପଚରାଉଚରା କରିଛି। ଏସବୁ ସତ୍ତ୍ୱେ ବି ଘଟଣା ସ୍ପଷ୍ଟ କରାଯାଇ ନ ଥିବାରୁ ତଦନ୍ତକୁ ନେଇ ସୌମ୍ୟଙ୍କ ପରିବାର ପ୍ରଶ୍ନ ଉଠାଇଛନ୍ତି ।

ସୌମ୍ୟଙ୍କ ମୃତ୍ୟୁ ସମୟରେ ଗଜପତି ଏସ୍‌ପି ଥିବା ତପନ କୁମାର ପଟ୍ଟନାୟକ ଗତମାସରେ ଅବସର ଗ୍ରହଣ କରିଛନ୍ତି। ବର୍ତ୍ତମାନ ଏସ୍‌ପିଙ୍କ ଦାୟିତ୍ୱରେ ଥିବା ଏସ୍‌ପି ବାମଦେବ ସିଂ ସୌମ୍ୟଙ୍କ ମୃତ୍ୟୁ ଘଟଣାର ତଦନ୍ତ ଚାଲିଛି। ଟେକ୍ନିକାଲ ରିପୋର୍ଟ ଆସିନାହିଁ। ରିପୋର୍ଟ ଆସିବା ପରେ ତଦନ୍ତ ଆଗକୁ ବଢ଼ିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୧୨ ତାରିଖ ରାତିରେ ସ୍ତ୍ରୀଙ୍କ ସହ ଥିବା ବେଳେ ପୋଡ଼ିଯାଇଥିଲେ ସୌମ୍ୟ। ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟ, ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ଓ ପରେ କଟକର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ୧୩ ତାରିଖରେ ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କୁ ଯୋଜନାବଦ୍ଧ ଭାବେ ପୋଡ଼ି ମାରି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଘଟଣା ପରେ ପୋଲିସ, ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛି। ଏପରିକି କ୍ରାଇମ୍‌ବ୍ରାଞ୍ଚ ଟିମ୍ ମଧ୍ୟ ପାରଳାଖେମୁଣ୍ଡିକୁ ଯାଇ ପୋଲିସକୁ ତଦନ୍ତରେ ସହଯୋଗ କରିଛି। ୩୦ ଦିନ ଭିତରେ ବିଦ୍ୟାଭାରତୀଙ୍କୁ ତାଙ୍କ ବାପଘରେ ପୋଲିସ ୨ ଥର ଜେରା କରିଛି। ତାଙ୍କ ସହ ମାମଲାରେ ପକ୍ଷଭୁକ୍ତ ଥିବା ଗଜପତି ଡିଏଫ୍‌ଓ, ରୋଷେୟା ଓ ଗୁରାଣ୍ଡି ଥାନା ଆଇଆଇସି, ବଲାଙ୍ଗୀର ଯାଇଥିବା କାର୍ ଡ୍ରାଇଭରଙ୍କୁ ବି ଜେରା ହୋଇସାରିଛି। ତଥାପି ମୃତ୍ୟୁ ରହସ୍ୟ ଉପରୁ ପରଦା ହଟିପାରିନାହିଁ।



**୩୧୮ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ**

ଭାରତୀୟ ପୁଞ୍ଜି ବଜାରର ସୂଚକାଙ୍କ ଗୁରୁବାର ରେକର୍ଡ ଉଚ୍ଚ ସ୍ତରରେ ରହିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ୩୧୮ ପଏଣ୍ଟ ବଢ଼ିବା ଯୋଗୁ ୫୪,୮୪୪ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି କାରବାର ୮୨ ପଏଣ୍ଟ ଉଚ୍ଚରେ ରହି ୧୬,୩୬୪ ପଏଣ୍ଟ ସ୍ତରରେ କାରବାର ବନ୍ଦ ହୋଇଛି। ରିୟଲ ଇଷ୍ଟେଟ, ଆଇଟି, ବ୍ୟାଙ୍କିଙ୍ଗ ଏବଂ ବିଶ୍ୱ ବଜାରରେ ଉନ୍ନତ ରହିବା ଯୋଗୁ କାରବାର ରେକର୍ଡ ସ୍ତରରେ ବନ୍ଦ ହୋଇଥିବା ଜଣାପଡିଛି।



## ସଂକ୍ଷେପରେ

### ଖୁଚୁରା ମୁଦ୍ରାସ୍ଫୀତି ୫.୫୯%

ନୂଆଦିଲ୍ଲୀ,୧୨।୮: ଜୁଲାଇ ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୩ ମାସର ସର୍ବନିମ୍ନ ସ୍ତର ୫.୫୯% ସ୍ତରରେ ରହିଛି। ୨ ମାସ ଧରି ଉଚ୍ଚ ସ୍ତରରେ ରହିବା ପରେ ଦରଦାମ ରିଜର୍ଭ ବ୍ୟାଙ୍କର ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ରହିଥିବା ଜଣାପଡ଼ିଛି। ଜୁନ୍‌ରେ ଖାଉଟି ମୂଲ୍ୟସୂଚୀ(ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ୬.୨୬% ସ୍ତରରେ ରହିଥିଲା। ଜୁଲାଇରେ ଖାଦ୍ୟସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ୩.୯୬% ସ୍ତରରେ ରହିଛି ଏହା ଜୁନ୍‌ରେ ୫.୧୫% ସ୍ତରରେ ଥିଲା। ନିକଟରେ ଆର୍‌ବିଆଇ ଏହାର ରେପୋ ରେଟ୍‌କୁ ଅପରିବର୍ତ୍ତିତ ରଖିଛି। ୨୦୨୧-୨୨ରେ ମୁଦ୍ରାସ୍ଫୀତି ୫.୭% ସ୍ତରରେ ରହିବ ବୋଲି ଏହା ଆକଳନ କରିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସ ଲାଗି ମୁଦ୍ରାସ୍ଫୀତି ୫.୯%, ତୃତୀୟ ଲାଗି ୫.୩୫ ଏବଂ ୪ର୍ଥ ତ୍ରୈମାସରେ ଏହା ୫.୮% ରହିବ ବୋଲି କହିଛି। ସେହିଭଳି ଆସନ୍ତା ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ମୁଦ୍ରାସ୍ଫୀତି ୫.୧% ରହିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଆକଳନ କରିଛି।

### ଔଦ୍ୟୋଗିକ ଉତ୍ପାଦନ ୧୩.୬% ବୃଦ୍ଧି

ନୂଆଦିଲ୍ଲୀ,୧୨।୮: ଜୁଲାଇରେ ଔଦ୍ୟୋଗିକ ଉତ୍ପାଦନ ୧୩.୬% ବଢ଼ିଛି। ଲୋବେସ୍ ଇଫେକ୍ଟ ଯୋଗୁ ଏଭଳି ହୋଇଥିବା ଜଣାପଡ଼ିଛି। ଶିଳ୍ପ କ୍ଷେତ୍ର ଉତ୍ପାଦନକୁ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି)ରେ ହିସାବ କରାଯାଉଥିବା ବେଳେ ଗତବର୍ଷ ଜୁଲାଇରେ ଏହା ୧୬.୬% କମିଥିଲା। ଚଳିତ ବର୍ଷ ମେ ମାସରେ ଏହା ୨୯.୩% ବଢ଼ିଥିଲା। ମାଇନିଂ କାର୍ଯ୍ୟକଳାପ ୨୩.୧% ବଢ଼ିଥିବା ବେଳେ ମାନୁଫାକଚରିଂରେ ୧୩% ବୃଦ୍ଧି ଘଟିଛି। ଚଳିତ ବର୍ଷ ଏପ୍ରିଲ-ଜୁନ ଅବଧିରେ ଆଇଆଇପି ୪୫% ବଢ଼ିଛି। ଗତ ବର୍ଷ ସମାନ ଅବଧିରେ ଏହା ୩୫.୬% ନିମ୍ନରେ ରହିଥିଲା। କରୋନା ମହାମାରୀ ଯୋଗୁ ଶିଳ୍ପ କ୍ଷେତ୍ର ଉତ୍ପାଦନ ପ୍ରଭାବିତ ହୋଇଥିବା ଜଣାପଡିଛି। ଗତ ମାର୍ଚ୍ଚରେ ଏହା ୧୮.୭% ଖସିଯାଇଥିଲା। ଏପ୍ରିଲ ୨୦୨୦ରେ ଏଥିରେ ୫୭.୩% ହ୍ରାସ ହୋଇଥିଲା। କରୋନା ଜନିତ ଲକଡାଉନ ଲାଗି କଳକାରଖାନା ବନ୍ଦ ହେବା ଯୋଗୁ ଶିଳ୍ପକ୍ଷେତ୍ର ଉତ୍ପାଦନ ପ୍ରଭାବିତ ହୋଇଥିବା ଜଣାପଡିଛି।

# ସ୍ୱାଭାବିକ ହୋଇନି ଅର୍ଥ ବ୍ୟବସ୍ଥା

ନୂଆଦିଲ୍ଲୀ,୧୨।୮

**ଜିଡିପିରେ ସୁଧାର ଲାଗି ସରକାର ପ୍ରତିଶ୍ରୁତିବଦ୍ଧ: ସୀତାରାମନ**



କରୋନା ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଗତ ବର୍ଷ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ରଣାତ୍ମକ ରହିଥିଲା। ଅର୍ଥ ବ୍ୟବସ୍ଥା ପୁନରୁଦ୍ଧାର ସହ ଏହାର ସୁଧାର ଲାଗି ସରକାର ପ୍ରତିଶ୍ରୁତିବଦ୍ଧ। ଅଭିବୃଦ୍ଧିକୁ ଫେରାଇଆଣିବା ଲାଗି ଆବଶ୍ୟକ ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ନିର୍ମଳା ସୀତାରାମନ ଶୁକ୍ରବାର କହିଛନ୍ତି।

କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ (ସିଆଇଆଇ)ର ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ସରକାରଙ୍କ ପଦକ୍ଷେପ ଯୋଗୁ କୋର ସେକ୍ଟରର ଅଭିବୃଦ୍ଧି ୮.୯% ରହିଛି। ଅର୍ଥ ବ୍ୟବସ୍ଥାର ପୁନରୁଦ୍ଧାର ଲାଗି ସଂସ୍କାର ପ୍ରକ୍ରିୟା ଜାରି ରହିବ। କରୋନାର ୨ଟି ଲହରରେ ଅର୍ଥ ବ୍ୟବସ୍ଥା ଉପରେ ଯେଉଁ ଚାପ ପଡିଛି ବର୍ତ୍ତମାନ ସବୁକିଛି ସ୍ୱାଭାବିକ ହୋଇପାରିନାହିଁ। ସରକାର ଏବଂ ଶିଳ୍ପ ଜଗତର ମିଳିତ ସହଯୋଗ ଯୋଗୁ ଅର୍ଥବ୍ୟବସ୍ଥା ଲାଭବାନ ହୋଇଛି। ଏ କ୍ଷେତ୍ରରେ ସମସ୍ତ ଅଂଶୀଦାରଙ୍କ ଉଦ୍ୟମ ରହିଛି। ସରକାର ଗ୍ରହଣ କରିଥିବା ଆତ୍ମନିର୍ଭର ଭାରତ ଯୋଜନାକୁ ସଫଳ କରିବା ଲାଗି ସେ ଶିଳ୍ପ କ୍ଷେତ୍ରର ସହଯୋଗ ଲୋଡିଛନ୍ତି।

ସ୍ଥିତି ସମ୍ଭାଳିବା ଲାଗି ରିଜର୍ଭ ବ୍ୟାଙ୍କ ଯେଉଁ ପଦକ୍ଷେପମାନ ଗ୍ରହଣ କରିଛି ତାକୁ ସୀତାରାମନ ପ୍ରଶଂସା କରିଛନ୍ତି। ସେହିଭଳି ବିନିବେଶ ଏବଂ ଘରୋଇକରଣ କାର୍ଯ୍ୟକ୍ରମକୁ ଠିକ୍ ସମୟରେ ସାରିବା ଲାଗି ଯୋଜନା ରଖାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ଶିଳ୍ପ ଜଗତ ଚ୍ୟାଲେଞ୍ଜ ନେବାର କ୍ଷମତା ପ୍ରଦର୍ଶନ କରିବା ସହ ନିବେଶ ଲାଗି ଆଗେଇ ଆସିବାକୁ ଅର୍ଥମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। ଶିଳ୍ପ ସଂସ୍ଥାଗୁଡିକ ବାଣିଜ୍ୟ ବୃଦ୍ଧି ନିଷ୍ପତ୍ତି, ନୂଆ ନୂଆ ବ୍ୟବସାୟ ପରିସର ଖୋଜିବା, ସ୍ଥିତିକୁ ଡରି ନଯାଇ ନିୟନ୍ତ୍ରଣ କରିବାକୁ ବଳ ଯୋଗାଡ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏ ଦିଗରେ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି ସେ ସ୍ପଷ୍ଟ କରିଥିବା ଜଣାପଡିଛି।

## ଯାତ୍ରୀବାହୀ ଯାନ ବିକ୍ରି ୪୫% ବଢ଼ିଲା

ନୂଆଦିଲ୍ଲୀ,୧୨।୮



ଚଳିତ ବର୍ଷ ଜୁଲାଇରେ ଯାତ୍ରୀବାହୀ ଯାନର ହୋଲସେଲ ବିକ୍ରି ୪୫% ବଢି ୨.୬୪ ଲକ୍ଷ ୟୁନିଟ ଛୁଇଁଛି। ଏହା ଗତ ବର୍ଷ ଜୁଲାଇରେ ୧.୮୨ ଲକ୍ଷ ୟୁନିଟ ରହିଥିଲା ବୋଲି ଅଟୋମୋବାଇଲ ଶିଳ୍ପ ସଂଘ ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକଚର୍ସ(ସିଆମ୍) ପକ୍ଷରୁ ସୂଚନା ମିଳିଛି। ଏହି ଅବଧିରେ ଓଇଏମ୍‌ଗୁଡିକରୁ ଡିଲରଶିପକୁ ଟୁହ୍ୱିଲର୍ସ ଡେସପାଚ୍ ୨% ହ୍ରାସ ଘଟି ୧୨.୫୩ ଲକ୍ଷ ୟୁନିଟ ରହିଛି। ଏହା ଗୋଟିଏ ବର୍ଷ ତଳେ ସମାନ ଅବଧିରେ ୧୨.୮୧ ଲକ୍ଷ ୟୁନିଟ ରହିଥିଲା। ଗତ ମାସରେ ମୋଟର ସାଇକେଲ ବିକ୍ରି ୮.୩୭ ଲକ୍ଷ ୟୁନିଟ ରହିଛି। ଏହା ୨୦୨୦ ଜୁଲାଇରେ ୮.୮୮ ଲକ୍ଷ ୟୁନିଟ ରହିଥିଲା। ସ୍କୁଟର ବିକ୍ରି ୧୦% ବଢି ୩.୬୬ ଲକ୍ଷ ୟୁନିଟରେ ପହଞ୍ଚିଛି। ଏହା ଗତ ବର୍ଷ ସମାନ ମାସରେ ୩.୩୪ ଲକ୍ଷ ୟୁନିଟ ଥିଲା। ୩ ଚକିଆ ବିକ୍ରି ୪୧% ବଢ଼ି ୧୭,୮୮୮ ୟୁନିଟ ରହିଛି। ବାଣିଜ୍ୟିକ ଯାନ ବିକ୍ରିକୁ ବାଦ ଦେଲେ ବିଭିନ୍ନ ବର୍ଗରେ ମୋଟ ବିକ୍ରି ୧୫.୩୬ ଲକ୍ଷ ୟୁନିଟ ରହିଛି।

## ରିଲାଏନ୍ସର ଡିଜିଟାଲ ଇଣ୍ଡିଆ ସେଲ୍

ନୂଆଦିଲ୍ଲୀ,୧୨।୮




ସ୍ୱାଧୀନତା ଦିବସ ଅବସରରେ ରିଲାଏନ୍ସ ଡିଜିଟାଲ ପକ୍ଷରୁ ଡିଜିଟାଲ ଇଣ୍ଡିଆ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ବର୍ଷର ଡିଜିଟାଲ ଇଣ୍ଡିଆ ସେଲ୍‌କୁ ଅଧିକ ଆକର୍ଷଣୀୟ କରିବା ଲାଗି ଅଫର ଏବଂ ରିହାତି ପ୍ରଦାନ କରାଯାଉଛି। ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ ଷ୍ଟୋର ଏବଂ ରିଲାଏନ୍ସ ଡିଜିଟାଲ ଡଟ୍ ଇନ୍‌ରେ ଏହି ଅଫରର ସୁବିଧା ଗ୍ରାହକ ଉଠାଇପାରିବେ। ଅଗଷ୍ଟ ୧୬ ଯାଏ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କାର୍ଡ ଏବଂ ଇଏମ୍‌ଆଇ ଟ୍ରାଞ୍ଜାକଶନ କ୍ଷେତ୍ରରେ ୧୦% ତ୍ୱରିତ ରିହାତି ଲାଭ କରିହେବ। ଚଳିତ ମାସ ଶେଷ ଯାଏ ପେଟିଏମ ଦ୍ୱାରା ୯,୯୯୯ ଟଙ୍କାର ଟ୍ରାଞ୍ଜାକଶନ କ୍ଷେତ୍ରରେ ୫୦୦ ଟଙ୍କାର ୱାଲେଟ କ୍ୟାଶବ୍ୟାକ ରହିଛି। ଜେଷ୍ଟ ମନି ଦ୍ୱାରା ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ ନୋକଷ୍ଟ ଇଏମ୍‌ଆଇ ଏବଂ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହାବାଦ ଟିଭି, ଲାପଟପ୍, ମୋବାଇଲ ଫୋନ୍ ଏବଂ ହୋମ ଆପ୍ଲାଏନ୍ସର ବିସ୍ତୃତ ବର୍ଗରେ ଗ୍ରାହକ ଆକର୍ଷଣୀୟ ରିହାତି ଲାଭ କରିପାରିବେ।

୧୩,୯୯୦ ଟଙ୍କାର ଆରମ୍ଭ ମୂଲ୍ୟରୁ ସ୍ମାର୍ଟ ଟିଭି କ୍ରୟ ସୁବିଧା ମିଳିବ। ୧୬,୯୯୯ ଟଙ୍କା ଆରମ୍ଭ ମୂଲ୍ୟରୁ ଲାପଟପ୍, ୨୯,୯୯୯ ଟଙ୍କା ମୂଲ୍ୟରେ ୱାନପ୍ଲସ ନର୍ଡ ୨ ସ୍ମାର୍ଟଫୋନ୍, ୨୬୯୯ ଟଙ୍କାର ସ୍ୱତନ୍ତ୍ର ଅଫର ପ୍ରାଇସରେ ଫାୟାରବୋଲ୍ଟ ଅଗ୍ନି ସ୍ମାର୍ଟୱାଚ ଏବଂ ୭୯୯୯ ଟଙ୍କାରେ ବିଟି ୱାୟାରଲେସ ଇୟରଫୋନ ମିଳୁଛି। ଇଲେକଟ୍ରୋନିକ୍ସ ଆଇଟମ ଉପରେ ମଧ୍ୟ ଆକର୍ଷଣୀୟ ଅଫର ମଧ୍ୟ ମିଳୁଛି। ଏଲ୍‌ଜି, ସାମସଙ୍ଗ ଏବଂ ୱର୍ଲପୁଲ ବ୍ରାଣ୍ଡର ଫ୍ରଷ୍ଟ ଫ୍ରି ରେଫ୍ରିଜରେଟର ୨୩,୯୯୦ ଟଙ୍କା ଆରମ୍ଭ ମୂଲ୍ୟରୁ ଉପଲବ୍ଧ। ଏହା ଉପରେ ଗିଫ୍ଟ ମଧ୍ୟ ମିଳୁଛି। ଗ୍ରାହକଙ୍କ ଲାଗି ସହଜ ଫାଇନାନ୍ସ ଏବଂ ଇଏମ୍‌ଆଇ ବିକଳ୍ପ ରହିଛି। ଷ୍ଟୋର ପକ୍ଷରୁ ସାମଗ୍ରୀର ତ୍ୱରିତ ଡେଲିଭରି ପ୍ରଦାନ କରାଯାଉଛି।

## ଆକାଶ ପକ୍ଷରୁ ଜେଇଇ ଆଡ୍‌ଭାନ୍ସ ମକ୍ ଟେଷ୍ଟ

ନୂଆଦିଲ୍ଲୀ,୧୨।୮

ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ(ଏଇଏସ୍‌ଏଲ୍) ସର୍ବଭାରତୀୟ ସ୍ତରରେ ଜେଇଇ ଆଡ୍‌ଭାନ୍ସ ମକ୍ ଟେଷ୍ଟ ୨୧ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୧୪ରେ ଅନଲାଇନରେ ଅନୁଷ୍ଠିତ ହେବ। ଏହି ଟେଷ୍ଟରେ ଭାଗ ନେବା ଲାଗି ପଞ୍ଜୀକରଣ ଜାରି ରହିଛି। ଏଥିରେ ଛାତ୍ରୀଛାତ୍ରଙ୍କ ଲାଗି ୨ଟି ପେପର ରହିଛି, ଯାହାର ଅବଧି ପେପର ପିଛା ୩ ଘଣ୍ଟା ଲେଖାଏ ରହିଛି। ସମାନ ଦିନରେ ଏହି ୨ ପେପର ଦେବାକୁ ପଡ଼ିବ। ଟପ୍ ହଜାର ଛାତ୍ରୀଛାତ୍ର ଏବଂ ଭଲ ପ୍ରଦର୍ଶନ କରିଥିବା ୫ ହଜାର ଛାତ୍ରୀଛାତ୍ରଙ୍କୁ ଆଡଭାନ୍ସ କ୍ରାସ କୋର୍ସ ଏବଂ ଟେଷ୍ଟ ସିରିଜ କ୍ଷେତ୍ରରେ ରିହାତି ପ୍ରଦାନ କରାଯିବ। ଏହି ମକ୍ ଟେଷ୍ଟରେ ଭାଗ ନେବା ଲାଗି ଅନୁଷ୍ଠାନର ୱେବସାଇଟ କିମ୍ବା ନିକଟସ୍ଥ ସେଣ୍ଟରକୁ ଯାଇ ସବିଶେଷ ସୂଚନା ଲାଭ କରିପାରିବ ବୋଲି ଆକାଶ ପକ୍ଷରୁ ସୂଚନା ରହିଛି।

## କୃଷି ଉତ୍ପାଦନ: ଅଣଖାଦ୍ୟ ସାମଗ୍ରୀ ଅଂଶ ବଢୁଛି

ଭୁବନେଶ୍ୱର,୧୨।୮

**ଆଇସିସିର ଜାତୀୟ ଇ-ସମ୍ମିଳନୀ**



ରାଜ୍ୟର କୃଷି ଅର୍ଥନୀତି ଦ୍ରୁତ ଗତିରେ ବଦଳୁଛି। ଧାନ ଏଠାରେ ମୁଖ୍ୟ ଫସଲ ହୋଇଥିଲେ ମଧ୍ୟ ଅଣଖାଦ୍ୟ ସାମଗ୍ରୀ ଚାଷର ଭାଗ ମଧ୍ୟ ଦ୍ରୁତ ହାରରେ ବଢ଼ିବାରେ ଲାଗିଛି ବୋଲି ରାଜ୍ୟ କୃଷି ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁ କହିଛନ୍ତି। ରାଜ୍ୟର ମୋଟ କୃଷିଜାତ ସାମଗ୍ରୀ ଉତ୍ପାଦନରେ ଧାନର ଭାବ ୪୮% ସ୍ତରରେ ରହିଛି। ତୈଳବୀଜ, ଫାଇବର ଓ ଆଖୁ ଭଳି ଅଣଖାଦ୍ୟ ସାମଗ୍ରୀ ଉତ୍ପାଦନର ଅବଦାନ କିଛି ବର୍ଷ ପୂର୍ବରୁ ମାତ୍ର ୨.୬% ଥିଲା। ଏହି ସବୁ କ୍ଷେତ୍ରରେ ସ୍ଥିତି ବର୍ତ୍ତମାନ ବଦଳୁଛି। ଫୁଲ ଚାଷ ଓ ପଶୁପାଳନରେ ମଧ୍ୟ ଉନ୍ନତି ଘଟିଛି ବୋଲି ସେ କହିଛନ୍ତି।

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଗୁରୁବାର ଆୟୋଜିତ କୃଷି ଉପରେ ଜାତୀୟ ଇସମ୍ମିଳନୀ–ମହାମାରୀର ମୁକାବିଲାରେ ଉଦବୋଧନ ଦେଇ ସେ କହିଛନ୍ତି, କୃଷକଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଲାଗି ରାଜ୍ୟର ସ୍ୱତନ୍ତ୍ର କୃଷି ବଜେଟ ରହିଛି। ଏଥିରେ କୃଷି ପାଇଁ ୧୩% ବ୍ୟୟବରାଦ କରାଯାଇଛି। ଖାଦ୍ୟ ପ୍ରକ୍ରିୟାକରଣ ଓ ଶୀତଳଭଣ୍ଡାର କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶର ଆବଶ୍ୟକତା ରହିଛି। କୃଷି କ୍ଷେତ୍ରରେ ଯୁବବର୍ଗଙ୍କ ଲାଗି ଉଦ୍ୟୋଗୀ ହେବାର ବିଶେଷ ସୁଯୋଗ ରହିଥିବାରୁ ସେ ଦିଗରେ ସହାୟତା ପ୍ରଦାନ କରିବା ଲାଗି ସାହୁ ଶିଳ୍ପ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।

ଗ୍ଲୋବାଲ୍ ଏଗ୍ରି ସିଷ୍ଟମ୍‌ର ଅଧ୍ୟକ୍ଷ ଗୋକୁଳ ପଟ୍ଟନାୟକ କହିଛନ୍ତି, କରୋନା ମହାମାରୀ କୃଷି କ୍ଷେତ୍ରର ଯୋଗାଣ ଶୃଙ୍ଖଳ ଓ ଦୂରଦୂରାନ୍ତରେ ସାମଗ୍ରୀ ପହଞ୍ଚାଇବା ସମସ୍ୟାକୁ ସାମ୍ନାକୁ ଆଣିଛି। ନାବାର୍ଡର ସିଜିଏମ୍ ସି ଉଦୟଭାସ୍କର କ୍ଷୁଦ୍ର ଯୋଗାଣ ଶୃଙ୍ଖଳ ବ୍ୟବସ୍ଥାର ଉନ୍ନତୀକରଣ ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଆଇସିସି ଓଡ଼ିଶାର ଏଗ୍ରି ଆଣ୍ଡ ଫୁଡ୍ ପ୍ରୋସେସିଂ କମିଟିର ମେଣ୍ଟର ତଥା ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡକ୍ଟର ପ୍ରଦୀପ୍ତ ମହାନ୍ତି କହିଛନ୍ତି, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମଧ୍ୟରେ ସମନ୍ୱୟ ଦରକାର। ପାରାଦୀପ ଫସଫେଟ୍ ଲିମିଟେଡ୍‌ର ଚିଫ୍ ଅପରେଟିଂ ଅଫିସର ରଣଜିତ ଦୁଗ୍ ନାନୋ ୟୁରିଆର ଉପାଦେୟତା ଉପରେ ଆଲୋଚନା କରିଛନ୍ତି। ଏହି ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା ପରିଷଦର ଅଧ୍ୟକ୍ଷ ଜେ ବି ପାଣି, ସହଅଧ୍ୟକ୍ଷ ଏମ୍. କେ. ଗୁପ୍ତା, ଆଇସିସି ଏଗ୍ରି ବିଜନେସ୍ କମିଟିର ଅଧ୍ୟକ୍ଷ ଶ୍ରୀକାନ୍ତ ଗୋଏଙ୍କା, ସଂଯୋଜକ ଶ୍ରୀରାମ ପଣ୍ଡା ଓ ଓୟୁଏଟିର କୁଳପତି ଡକ୍ଟର ପୱନ କୁମାର ଅଗ୍ରୱାଲ୍ ଉପସ୍ଥିତ ଥିଲେ।

## ରାଜ୍ୟ

# ହାତୀଙ୍କୁ ସୁସ୍ୱାଦୁ ଖାଦ୍ୟ ଖୁଆଇଲେ ଅତିଥି

ବାରଙ୍ଗ,୧୨।୮(ଡି.ଏନ୍.ଏ.)




**ନନ୍ଦନକାନନରେ ବିଶ୍ୱ ହସ୍ତୀ ଦିବସ ପାଳିତ**

ବିଶ୍ୱ ହସ୍ତୀ ଦିବସ ଅବସରରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗୁରୁବାର ଚଳିତବର୍ଷ ଷଷ୍ଠଥର ପାଇଁ ହସ୍ତୀ ଦିବସ ପାଳନ ହୋଇଛି। କୋଭିଡ୍ କଟକଣା ପାଇଁ ବିନା ସାଜସଜ୍ଜାରେ ଏହାକୁ ପାଳନ କରାଯାଇଛି। କେବଳ ହାତୀଙ୍କୁ ଗାଧୋଇ ଦେବା ପରେ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରାଯିବା ସହ ହାତୀ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ।

ସକାଳ ସାଢେ ୧୦ଟାରେ ପିସିସିଏଫ୍ ଶଶୀ ପଲ ଓ ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ହାତୀ ସଫାରିର ହାତୀଶାଳରେ ପହଞ୍ଚିଥିଲେ। ସେଠାରେ ଆଗରୁ ଅପେକ୍ଷା କରି ରହିଥିବା ପ୍ରେମା, ବାସନ୍ତୀ ଓ ହୀରାଙ୍କୁ ପାଚିଲା କଦଳୀ ଓ ଆଖୁ ଆଦି ସୁସ୍ୱାଦ ଖାଦ୍ୟ ଖାଇବାକୁ ଅତିଥିମାନେ ଦେଇଥିଲେ। ପରେ ହାତୀ ଛୁଆ ମାମା ପାଖରେ ପହଞ୍ଚି ତାକୁ ମଧ୍ୟ ଖୁଆଇଥିଲେ। ପର୍ଯ୍ୟଟକମାନେ ହାତୀ ସଫାରିରେ ବୁଲି ହାତୀ ଦେଖିଥିଲେ। ଏହାପରେ ମାହୁନ୍ତମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ପର୍ଯ୍ୟଟକଙ୍କୁ ନେଇ ଏକ ଦସ୍ତଖତ ଅଭିଯାନ ସହ କୁଇଜ ପ୍ରତିଯୋଗିତା ହୋଇଥିଲା। କୃତୀ ପର୍ଯ୍ୟଟକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାସହିତ ହାତୀ ସୁରକ୍ଷା ନେଇ ଅନ୍‌ଲାଇନରେ ଏକ ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ହାତୀଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ବହୁବିଧ ଉଦ୍ୟମ ତଥା ପଦକ୍ଷେପ ନେଇଚାଲିଛନ୍ତି। ହାତୀମାନେ ସମୟାନୁକ୍ରମେ ସ୍ଥାନ ପରିବର୍ତ୍ତନ କରି ନୂଆ ଜାଗାକୁ ଯାଉଥିବାରୁ ବିଭିନ୍ନ ସମସ୍ୟା ଉପୁଜୁଛି। ହାତୀଙ୍କର ଗତିବିଧିକୁ ଅନୁଧ୍ୟାନ କରିବା ପାଇଁ ମୋବାଇଲ ଆପ ସହ ଅନ୍ୟାନ୍ୟ ମାଧ୍ୟମରେ ମନିଟରିଂ କରାଯାଉଛି। ଅନ୍ୟପଟେ ଆଗ ଅପେକ୍ଷା ଏବେ ଦାନ୍ତ ପାଇଁ ହାତୀ ମୃତ୍ୟୁ ପରିମାଣ କମିଛି। ହେଲେ ଏବେ ଜଳବାୟୁ ପରିବର୍ତ୍ତନ ହେବାରୁ ନୂଆ ନୂଆ ରୋଗ ସହ ବିଦ୍ୟୁତ୍ ପାଇଁ ଅଧିକ ହାତୀ ମୃତ୍ୟୁ ହେଉଛି। ତେଣୁ ହାତୀଙ୍କର ସୁରକ୍ଷା ସହ ସେମାନଙ୍କ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ପିସିସିଏଫ୍ ଶଶୀ ପଲ କହିଥିଲେ। ଉତ୍ସବରେ ଉପ–ନିର୍ଦ୍ଦେଶକ ସଞ୍ଜିତ କୁମାର, ଏସିଏଫ୍ ଅମୂଲ୍ୟ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଚନ୍ଦକା–ଡମପଡ଼ା ଅଭୟାରଣ୍ୟରେ ଗୋଡିବାରିଠାରେ ହସ୍ତୀ ଦିବସ ପାଳନ ହୋଇଛି। ଏଠାରେ ଥିବା ୩ ହାତୀ ମଧ୍ୟରୁ ନନ୍ଦ ଓ ଯଶୋଦା ସାମିଲ ଥିଲେ। ଡିଏଫ୍‌ଓ ମହମ୍ମଦ ଜମିର, ଏସିଏଫ ହିମାଂଶୁ ମହାନ୍ତି ଓ ରେଞ୍ଜର ମାନସ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ନନ୍ଦ ଓ ଯଶୋଦାଙ୍କୁ ଖାଦ୍ୟ ଖାଇବାକୁ ଦେଇଥିଲେ। ଏହାପରେ କୁମାରଖୁଣ୍ଟିରେ ଦଣ୍ଡ ଭୋଗୁଥିବା ଶଙ୍କର ପାଇଁ ଖାଦ୍ୟ ପଠାଇଥିଲେ। ଶେଷରେ ଅତିଥିମାନେ ୩ଜଣ ମାହୁନ୍ତଙ୍କୁ ନୂଆ ପୋଷାକ ପ୍ରଦାନ କରିଥିଲେ।

## ଭିଜିଲାନ୍ସ ହାତରେ ଧରାପଡ଼ିଲେ ଆକାଉଣ୍ଟାଣ୍ଟ

ନବରଙ୍ଗପୁର,୧୨।୮ (ବି.ପ୍ର.)

**ଲାଞ୍ଚ ନେଉଥିଲେ ୨୦ ହଜାର**



ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛି।

୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି ନବରଙ୍ଗପୁର ଜିଲା ଗ୍ରାମ୍ୟ ଜଳ ଯୋଗାଣ କାର୍ଯ୍ୟାଳୟ ଆକାଉଣ୍ଟାଣ୍ଟ ସୁମିତ କୁମାର। ଏକ କାମର ଚୁକ୍ତିନାମା କରାଇବା ପାଇଁ ଠିକାଦାରଙ୍କଠାରୁ ଟଙ୍କା ନେଉଥିବା ବେଳେ ସେ ଧରାପଡ଼ିଛନ୍ତି। ସୁମିତଙ୍କ କାର୍ଯ୍ୟାଳୟ ସମେତ ଭଡ଼ା ଘରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଛି। ତାଙ୍କ ଘରୁ ନଗଦ ୪୧ ହଜାର ଟଙ୍କା ଓ କେତେକ ବ୍ୟାଙ୍କ ପାସ୍‌ବୁକ୍ ଜବତ କରାଯାଇଛି। ସୁମିତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ କହିଛନ୍ତି।

ସୂଚନା ଅନୁଯାୟୀ, ଉମରକୋଟ ବ୍ଲକ ଉମଗାଁରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧୀନରେ ଠିକାଦାର ନବୀନ ନାୟକଙ୍କୁ ୧ କୋଟି ୬୭ ଲକ୍ଷ ୫୭ ହଜାର ୭୪ ଟଙ୍କାର ଏକ କାମ ମିଳିଥିଲା। ଏହି କାମର ଚୁକ୍ତିନାମା କରାଇବାକୁ କିନ୍ତୁ ଆକାଉଣ୍ଟାଣ୍ଟ ସୁମିତ କୋଡିଏ ହଜାର ଟଙ୍କା ଦାବି କରିଥିଲେ। ଗୁରୁବାର ସୁମିତ ଟଙ୍କା ନେବାବେଳେ ପୂର୍ବ ଯୋଜନା ମୁତାବକ ସେଠାରେ ଉପସ୍ଥିତ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରି ନେଇଥିଲେ। ସୁମିତଙ୍କ ଅଫିସ ସମେତ ତାଙ୍କ ଭଡ଼ା ଘରେ ମଧ୍ୟ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି। ତାଙ୍କ ଘରୁ ନଗଦ ୪୧ ହଜାର ଟଙ୍କା ସହ କିଛି ବ୍ୟାଙ୍କ ପାସ୍‌ବୁକ ଜବତ କରାଯାଇଛି। ଏହି ଚଢ଼ାଉରେ ନବରଙ୍ଗପୁର ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଘ, କୋରାପୁଟ ଡିଏସ୍‌ପି ଅନନ୍ତ କୁମାର ମଲ୍ଲିକ ଓ ଅନ୍ୟମାନେ ସାମିଲ ଥିଲେ।

## ମାଓବାଦୀ ନେତା ରାକେଶଙ୍କ ଅଡିଓ ଟେପ୍ ଜାରି

ମାଲକାନଗିରି, ୧୨।୮ (ଡି.ଏନ.ଏ.)

କୋରାପୁଟ–ମାଲକାନଗିରି ବିଶାଖା ବର୍ଡର ଜୋନାଲ କମିଟି ମାଓବାଦୀ ନେତା ରାକେଶ ଟେପ୍ରେ ଗୁରୁବାର ଏକ ଅଡିଓ ଟେପ୍ ଜାରି କରି ସରକାରଙ୍କ ବିରୋଧରେ ମତ ରଖିଛନ୍ତି। ବିକାଶ ନାମରେ ସୁରକ୍ଷା କର୍ମୀମାନେ ଆଦିବାସୀଙ୍କ ଉପରେ ଅତ୍ୟାଚାର କରୁଥିବା ଏବଂ ମାଓବାଦୀ ସମର୍ଥକ କହି ସେମାନଙ୍କୁ ମାଡ଼ ମାରୁଥିବା ସେ ଜାରି ଅଡିଓରେ ଅଭିଯୋଗ କରିଛନ୍ତି। ସ୍ୱାଭିମାନ ଅଞ୍ଚଳରେ ବିକାଶ ନାମରେ କୋଟିକୋଟି ଟଙ୍କା ସରକାର ବ୍ୟୟ କରୁଥିଲେ ସୁଦ୍ଧା ଅଞ୍ଚଳବାସୀଙ୍କ କୌଣସି ବିକାଶ ହୋଇନାହିଁ। ଆଦିବାସୀଙ୍କ ହକ୍ ଜଳ, ଜଙ୍ଗଲ ଓ ଜମି ପାଇଁ ମାଓବାଦୀ ସଙ୍ଗଠନ ତାର ସଂଗ୍ରାମ ଜାରି ରଖିବ ବୋଲି ରାକେଶ ଏହି ଅଡିଓରେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଦୀର୍ଘ ବର୍ଷ ଧରି ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳବାସୀ ଜଳବନ୍ଦୀ ଜୀବନ ବିତାଉଥିଲେ। ଏହାର ସୁଯୋଗ ନେଇ ମାଓବାଦୀମାନେ ଉକ୍ତ ଅଞ୍ଚଳକୁ ନିଜର ଗଡ଼ରେ ପରିଣତ କରିଥିଲେ। ତେବେ ୨୦୧୮ ଜୁଲାଇରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁପ୍ରିୟା ସେତୁ ଲୋକାର୍ପଣ କରିବା ପରେ ସ୍ୱାଭିମାନ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହୋଇଛି। ବିଦ୍ୟାଳୟ, ନଳକୂପ ଖନନ, ପ୍ରତି ଗ୍ରାମକୁ ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମାଛ, ହଳଦୀ, ଅଦା, ମାଣ୍ଡିଆ, ପନିପରିବା ଚାଷକୁ ପ୍ରଶାସନ ଅଗ୍ରାଧିକାର ଦେଇଛି। ଲୋକଙ୍କ ସୁରକ୍ଷା ପାଇଁ ୩ଟି ଥାନା, ୫ଟି ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ଏପରିସ୍ଥଳେ ଉକ୍ତ ଅଞ୍ଚଳରେ ମାଓବାଦୀ ସେମାନଙ୍କ ସ୍ଥିତି ରକ୍ଷାରେ ବିଫଳ ହୋଇଛନ୍ତି। ପୁଣି ଉକ୍ତ ଅଞ୍ଚଳରେ ନିଜ ସ୍ଥିତି ଜାହିର ଲାଗି ଉଦ୍ୟମ କରି ଗୁରୁବାର ଏପରି ଏକ ଅଡିଓ ଜାରି କରିଥିବା ଜଣାପଡିଛି।

# ବାଟରେ ପ୍ରସବ କଲେ ମହିଳା

ଖଜୁରିପଡ଼ା,୧୨।୮(ଡି.ଏନ.ଏ.)



ଖଟିଆରେ ମା’ ଓ ଶିଶୁ।

- ଆସିପାରିଲାନି ଆମ୍ବୁଲାନ୍ସ
- ସେବା ଯୋଗାଇଲେ ଆଶାକର୍ମୀ

କନ୍ଧମାଳ ଜିଲାରେ ପୁଣି ଜନନୀ ଯନ୍ତ୍ରଣା ପଦାକୁ ଆସିଛି। ରାସ୍ତା ସାଜିଛି ବାଧକ। ଗାଁକୁ ଆମ୍ବୁଲାନ୍ସ ଯାଇପାରିଲା ନାହିଁ। ଖଟିଆରେ ବୁହାହୋଇ ଆସିଲା ବେଳେ ବାଟରେ ପ୍ରସବ କଲେ ମହିଳା। ପାଖରେ କେବଳ ଭରସା ଥିଲେ ଆଶାକର୍ମୀ ବୈଦେହୀ ବେହେରା। ତାଙ୍କ ସେବା ଯୋଗୁ ମହିଳା ଜଣକ ଶିଶୁ ଜନ୍ମଦେବାରେ ଅସୁବିଧା ହୋଇ ନାହିଁ। ଫଳରେ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

ପ୍ରକାଶ ଯେ, କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ସୁଦ୍ରୁକୁମ୍ପା ପଞ୍ଚାୟତ ଦଡ଼ମାସ୍କା ଗ୍ରାମର ବିଜୟ କହଁରଙ୍କ ସ୍ତ୍ରୀ ସସ୍ମିତାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଡାକ୍ତରଖାନା ନେବାକୁ ଆମ୍ବୁଲାନକୁ ଫୋନ କରାଯାଇଥିଲା। ହେଲେ ଗାଁ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ଯାଇପାରି ନ ଥିଲା। ସସ୍ମିତାଙ୍କୁ ପ୍ରାୟ ୧ କି.ମି.ଖଟରେ ବୋହି ଆଣିଲା ବେଳେ ବାଟରେ ସେ ଏକ ଶିଶୁ ଜନ୍ମ ଦେଇଥିଲେ। ପାଖରେ ଆଶାଦିଦି ଥିବାରୁ ସମସ୍ତ ସେବା ଯୋଗାଇ ମୁଖ୍ୟ ରାସ୍ତା ଯୋଗୀମାରି ମୁଣ୍ଡା ପଡ଼ିଆ ଛକରୁ ଆମ୍ବୁଲାନ୍ସରେ ଫୁଲବାଣୀ ଡାକ୍ତରଖାନାକୁ ନେଇଥିଲେ। ବର୍ତ୍ତମାନ ସସ୍ମିତା ଓ ନବଜାତ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ଦୁଇ ଦିନ ଭିତରେ ଗାଁ ରାସ୍ତା କାମ କରା ନ ଗଲେ ଲୋକେ ରାଜରାସ୍ତାକୁ ଆସି ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## କଣ୍ଟାବାଞ୍ଜିରେ ବାଣିଜ୍ୟକର, ଜିଏସ୍‌ଟି ଚଢ଼ାଉ

**୩ଟି ଫାର୍ମରେ ଟିକସ ଫାଙ୍କି ତନାଘନା**

କଣ୍ଟାବାଞ୍ଜି, ୧୨।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲାର ବ୍ୟବସାୟିକ ସହର କଣ୍ଟାବାଞ୍ଜିର ତିନି ବ୍ୟବସାୟିକ ପ୍ରତିଷ୍ଠାନରେ ଗୁରୁବାର ବାଣିଜ୍ୟକର, ଅର୍ଥ ଏବଂ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସହରର ବାଲାଜୀ ଇଲେକ୍ଟ୍ରିକ୍ସ, ହସ୍ତିମଲ ହମିରଲାଲ କ୍ଲଥ୍ ଷ୍ଟୋର ଏବଂ କମଳା ଡାଇଙ୍ଗ୍ ଆଣ୍ଡ ୱର୍କରେ ଏହି ଟିମ୍ ଚଢ଼ାଉ କରିଥିଲେ। ଏହି ତିନୋଟି ବ୍ୟବସାୟିକ କେନ୍ଦ୍ରରେ ଟିକସ ଫାଙ୍କିକୁ ନେଇ ଗୁରୁତର ଅଭିଯୋଗ ରହିଥିଲା। ଭବାନୀପାଟଣା ବାଣିଜ୍ୟକର, ଅର୍ଥ ଏବଂ ଜିଏସ୍‌ଟି ବିଭାଗର ଯୁଗ୍ମ କମିଶନର ଦେବବ୍ରତ ବେହେରାଙ୍କ ନିର୍ଦ୍ଦେଶକ୍ରମେ ୧୮ ଜଣିଆ ଟିମ୍ ଗୁରୁବାର ପୂର୍ବାହ୍ନରେ ଉପରୋକ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲା। ଚଢ଼ାଉ ବେଳେ ଟିକସ ଫାଙ୍କୁଥିବା ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଛି। କେଉଁଠାରୁ ବିକ୍ରି ସାମଗ୍ରୀ ଆସୁଥିଲା, କିଭଳି ଭାବେ ବିନା ବିଲ୍‌ରେ ସାମଗ୍ରୀ ବିକ୍ରୟ ହେଉଥିଲା ଟିମ୍ ତାହାର ତଦନ୍ତ କରିଥିଲା। ତିନି ବ୍ୟବସାୟିକ ପ୍ରତିଷ୍ଠାନରେ ଯେତିକି କାଗଜପତ୍ର ଯାଞ୍ଚ କରାଯାଇଛି ସେଥିରୁ ଅଧିକାଂଶ କାଗଜପତ୍ରରେ ଅନିୟମିତତା କରାଯାଇଥିବା ଜଣାପଡିଛି। ଏହି ପ୍ରକ୍ରିୟାକୁ ଆହୁରି କିଛି ସମୟ ଲାଗିବ ଓ ଏହା ଏକ ବଡ଼ଧରଣର ଟିକସ୍ ଠକେଇ ବୋଲି ଆଲୋଚନା ହେଉଛି। ଏହି ଚଢାଉରେ ବିଭାଗୀୟ ଅଧିକାରୀ ନୀଳାଦ୍ରି ବିହାରୀ ଦାଢିଆ, ଭବାନୀ ଶଙ୍କର ପଟେଲ, ସବନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ତେବେ କେତେ ଟଙ୍କାର ଟିକସ ଫାଙ୍କି କରାଯାଇଛି ସେନେଇ ବିଭାଗ ପକ୍ଷରୁ ସ୍ପଷ୍ଟ ହୋଇନାହିଁ।

# ଏକାଧିକ କ୍ରୀଡ଼ାରେ ପାରଦର୍ଶୀ



ଅଶୋକ ମହାନ୍ତି

**ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଏକାଧିକ କ୍ରୀଡ଼ା ଶୃଙ୍ଖଳାରେ ଦକ୍ଷତା ଏବଂ ସାମର୍ଥ୍ୟ ପ୍ରଦର୍ଶନ କରିଥିବା କେତେଜଣ କ୍ରୀଡ଼ାବିତ୍‌ଙ୍କ ସମ୍ପର୍କରେ ପ୍ରଥମ ଭାଗ ଜୁଲାଇ ୯ ତାରିଖରେ ପ୍ରକାଶ ପାଇଥିଲା। ଏହି ତାଲିକାରେ ରହିଥିବା ଆଉ କେତେଜଣ ଖ୍ୟାତନାମା ଓ ଜଣାଶୁଣା କ୍ରୀଡ଼ାବିତ୍‌ଙ୍କୁ ନେଇ ଏଇ ଆଲେଖ୍ୟ...**

(ଭାଗ-୨)

**ସୁବିମଲ (ଚୁନି) ଗୋସ୍ୱାମୀ (ଭାରତ, ୧୯୩୮-୨୦୨୦)**

(ଅନ୍ତର୍ଜାତୀୟ ଫୁଟ୍‌ବଲର ଓ ପ୍ରଥମ ଶ୍ରେଣୀ କ୍ରିକେଟର)

**ଫୁଟ୍‌ବଲ:** ୬୦ ଦଶକରେ ଦେଶର ସର୍ବାଧିକ ଚର୍ଚ୍ଚିତ କ୍ରୀଡ଼ା ବ୍ୟକ୍ତିତ୍ୱ ଏବଂ ଅନ୍ୟତମ ଶ୍ରେଷ୍ଠ ଫୁଟ୍‌ବଲ ଖେଳାଳି ଚୁନି ଗୋସ୍ୱାମୀ ୧୯୬୦ ରୋମ୍ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ଅଧିନାୟକତ୍ୱରେ ଭାରତୀୟ ଫୁଟ୍‌ବଲ ଦଳ ୧୯୬୨ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ଜିତିବାରେ ସଫଳ ହୋଇଥିଲା। ୩୦ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୯ଟି ଗୋଲ ଦେଇଥିବା ଚୁନି ୧୯୫୪ରୁ ୧୯୬୮ ପର୍ଯ୍ୟନ୍ତ ଦେଶର ପ୍ରସିଦ୍ଧ ଫୁଟ୍‌ବଲ କ୍ଲବ ମୋହନବାଗାନ୍ ପାଇଁ ଖେଳିଥିଲେ। ତାଙ୍କ ନେତୃତ୍ୱରେ ମୋହନବାଗାନ୍ ଲଗାତର ୩ ଥର ଡୁରାଣ୍ଡ କପ୍ ଏବଂ ୪ ଥର କଲିକତା ଲିଗ୍ ଟାଇଟଲ ହାସଲ କରିଥିଲା।

**କ୍ରିକେଟ:** ଚୁନି ଜଣେ ଦକ୍ଷ ଅଲ ରାଉଣ୍ଡର ଭାବେ ବେଙ୍ଗଲ ରଣ୍ଜୀ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବା ସହ ପ୍ରଥମ ଶ୍ରେଣୀ କ୍ରିକେଟରେ ୪୬ଟି ମ୍ୟାଚ୍‌ରୁ ଗୋଟିଏ ଶତକ ଏବଂ ୭ଟି ଅର୍ଦ୍ଧଶତକ ସହିତ ୧୫୯୨ ରନ୍ କରିଥିଲେ ଏବଂ ୪୭ଟି ଉଇକେଟ ହାସଲ କରିଥିଲେ। ୧୯୬୬ରେ ପୂର୍ବାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମିଳିତ ଦଳ ପକ୍ଷରୁ ଖେଳି ଭାରତ ଗସ୍ତରେ ଥିବା ୱେଷ୍ଟଇଣ୍ଡିଜ ବିପକ୍ଷରେ ୮ ଉଇକେଟ ଅକ୍ତିଆର କରିଥିଲେ। ଏଥିରେ ୱେଷ୍ଟଇଣ୍ଡିଜ୍ ଦଳର ଇନିଂସ ପରାଜୟ ହୋଇଥିଲା।

**ଡେନିସ୍ କମ୍ପଟନ୍ (ଇଂଲଣ୍ଡ : ୧୯୧୮-୧୯୯୭)**

(ଅନ୍ତର୍ଜାତୀୟ କ୍ରିକେଟର ଏବଂ ପ୍ରଥମ ଶ୍ରେଣୀ ଫୁଟ୍‌ବଲର)

**କ୍ରିକେଟ:** ୪୦ ଏବଂ ୫୦ ଦଶକରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏବଂ ଆକର୍ଷଣୀୟ କ୍ରିକେଟରଭାବେ ପରିଚିତ ଥିଲେ ଡେନିସ୍ କମ୍ପଟନ୍। ୧୯୩୬ରୁ ୧୯୫୭ ମଧ୍ୟର ମିଡିଲସେକ୍ସ ପକ୍ଷରୁ ପ୍ରଥମ ଶ୍ରେଣୀ ଏବଂ ଇଂଲଣ୍ଡ ପାଇଁ ଟେଷ୍ଟ କ୍ରିକେଟ ଖେଳିଥିଲେ। ଜଣେ ଡାହାଣହାତି ବ୍ୟାଟ୍ସମ୍ୟାନ୍ ଏବଂ ବାମହାତି ଅନ୍ ଅର୍ଥୋଡକ୍ସ ସ୍ପିନର ଭାବେ କମ୍ପଟନ୍ ୭୮ଟି ଟେଷ୍ଟ ମ୍ୟାଚ୍‌ରେ ୧୭ ଶତକ ଏବଂ ୨୮ଟି ଅର୍ଦ୍ଧଶତକ ସହ ୫୮୦୭ ରନ୍ ଏବଂ ୨୫ଟି ଉଇକେଟ ନେଇଥିଲେ। ଏହା ବ୍ୟତୀତ ୫୧୫ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୧୨୩ ଶତକ ଏବଂ ୧୮୩ ଅର୍ଦ୍ଧଶତକ ସହ ୩୮୯୪୨ ରନ୍ କରିଥିଲେ ଏବଂ ୬୨୨ଟି ଉଇକେଟ ହାସଲ କରିଥିଲେ।

**ଫୁଟ୍‌ବଲ:** ଜଣେ ଦକ୍ଷ ଉଇଙ୍ଗର ଭାବେ କମ୍ପଟନ ୧୯୩୬ରୁ ୧୯୫୦ ମଧ୍ୟରେ ଇଂଲଣ୍ଡର ପ୍ରସିଦ୍ଧ ଫୁଟ୍‌ବଲ କ୍ଲବ ଆର୍ସନେଲ ତରଫରୁ ୫୪ଟି ମ୍ୟାଚ୍ ଖେଳି ୧୫ଟି ଗୋଲ ସ୍କୋର କରିଥିଲେ ଏବଂ ୧୯୫୦ରେ ଏଫ୍ଏ କପ୍ ଜିତିଥିବା ଆର୍ସନେଲ କ୍ଲବର ସଦସ୍ୟ ଥିଲେ। ବିଶ୍ୱଯୁଦ୍ଧ ସମୟରେ ଇଂଲଣ୍ଡ ତରଫରୁ ୧୨ଟି 'ଅନ୍ ଅଫିସିଆଲ୍' ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ।

**ଇଆନ ବୋଥାମ (ଇଂଲଣ୍ଡ, ଜନ୍ମ-୧୯୫୫)**

(ଅନ୍ତର୍ଜାତୀୟ କ୍ରିକେଟର ଏବଂ ପ୍ରଥମ ଶ୍ରେଣୀ ଫୁଟ୍‌ବଲର)

**କ୍ରିକେଟ:** କିମ୍ବଦନ୍ତୀ ଅଲରାଉଣ୍ଡର ଇଆନ ବୋଥାମଙ୍କର ୧୯୭୭ରୁ ୧୯୯୨ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଦର୍ଶନ ନିମ୍ନ ପ୍ରକାରେ ଥିଲା

ଟେଷ୍ଟ ମ୍ୟାଚ-୧୦୨, ରନ୍-୫୨୦୦, ଶତକ-୧୪, ଅର୍ଦ୍ଧଶତକ-୨୨, ଉଇକେଟ-୩୮୩

ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର-୨୦୮

ଏକଦିବସୀୟ- ୧୧୬, ରନ୍-୨୧୧୩, ଶତକ-୦, ଅର୍ଦ୍ଧଶତକ-୯, ଉଇକେଟ-୧୪୫

ପ୍ରଥମ ଶ୍ରେଣୀ-୪୦୨, ରନ୍-୧୯୩୯୯, ଶତକ-୩୮, ଅର୍ଦ୍ଧଶତକ-୯୭, ଉଇକେଟ-୧୧୭୨

**ଫୁଟ୍‌ବଲ:** ୧୯୮୦ରୁ ୧୯୮୫ ମଧ୍ୟରେ ସ୍କନଥୋର୍ପ ୟୁନାଇଟେଡ୍ କ୍ଲବ ତରଫରୁ ୧୧ଥର ଇଂଲିଶ ଲିଗ୍‌ରେ ଖେଳିଥିଲେ।

**ରିଚାର୍ଡ ଇଆନ ଚାର୍ଲ୍ସୱର୍ଥ (ଅଷ୍ଟ୍ରେଲିଆ, ଜନ୍ମ-୧୯୫୨)**

ଅନ୍ତର୍ଜାତୀୟ ହକି ଖେଳାଳି ଏବଂ ପ୍ରଥମ ଶ୍ରେଣୀ କ୍ରିକେଟର

**ହକି:** ଅଷ୍ଟ୍ରେଲିଆର ସର୍ବକାଳୀନ ଅନ୍ୟତମ ଶ୍ରେଷ୍ଠ ହକି ଖେଳାଳି ହେଉଛନ୍ତି ରିକ ଚାର୍ଲ୍ସୱର୍ଥ। ସେ ୧୯୭୨ରୁ ୧୯୮୮ ମଧ୍ୟରେ ଅଷ୍ଟ୍ରେଲିଆ ତରଫରୁ ୨୨୭ଟି ମ୍ୟାଚ ଖେଳି ୮୫ଟି ଗୋଲ ସ୍କୋର କରିଥିଲେ। ମଣ୍ଟ୍ରିଲ ଅଲିମ୍ପିକ (୧୯୭୬)ରେ ରୌପ୍ୟ, ୧୯୮୬ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ, ୧୯୭୮ ଓ ୧୯୮୨ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ବିଜେତା ହୋଇଥିଲେ।

**କ୍ରିକେଟ:** ରିକ୍ ୱେଷ୍ଟର୍ନ ଅଷ୍ଟ୍ରେଲିଆ ତରଫରୁ ୧୯୭୨-୭୯ ମଧ୍ୟରେ ୪୨ଟି ମ୍ୟାଚ ଖେଳି ଗୋଟିଏ ଶତକ, ୧୬ଟି ଅର୍ଦ୍ଧଶତକ ସହ ୨୩୭୭ ରନ୍ ସ୍କୋର କରିଥିଲେ।

**ଚାର୍ଲସ ବର୍ଜେସ ଫ୍ରେ (ଇଂଲଣ୍ଡ, ୧୮୭୨-୧୯୫୬)**

(ଅନ୍ତର୍ଜାତୀୟ କ୍ରିକେଟର ଏବଂ ପ୍ରଥମ ଶ୍ରେଣୀ ଫୁଟ୍‌ବଲର)

ଚାର୍ଲ୍ସ ବର୍ଜେସ ଫ୍ରେ ଥିଲେ ଏକାଧାରାରେ ଜଣେ ରାଜନୈତିକ, କୂଟନୀତିଜ୍ଞ, ଲେଖକ, ବିଦ୍ୱାନ, ସମ୍ପାଦକ, ପ୍ରକାଶକ ଏବଂ ପ୍ରଖ୍ୟାତ କ୍ରୀଡାବିତ୍। ପ୍ରସିଦ୍ଧ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ସମୟରେ ତାଙ୍କୁ କ୍ରିକେଟ, ଫୁଟ୍‌ବଲ ଏବଂ ଆଥ୍‌ଲେଟିକ୍ସରେ ଉତ୍ତମ ପ୍ରଦର୍ଶନ ପାଇଁ 'ବ୍ଲୁ' ପ୍ରଦାନ କରାଯାଇଥିଲା।

**କ୍ରିକେଟ:** ୧୯୮୬ରେ ସେ ଇଂଲଣ୍ଡ ତରଫରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟେଷ୍ଟ କ୍ରିକେଟ ଜୀବନ ଆରମ୍ଭ କରିଥିଲେ। ୨୬ଟି ଟେଷ୍ଟ ମ୍ୟାଚ୍‌ରେ ୨ଟି ଶତକ ଏବଂ ୭ଟି ଅର୍ଦ୍ଧଶତକ ସହିତ ସେ ୧୨୨୩ ରନ୍ ସ୍କୋର କରିଥିଲେ। ସସେକ୍ସ ଏବଂ ହାମ୍ପସାୟାର ପାଇଁ ୩୯୪ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୯୪ ଶତକ ଏବଂ ୧୨୪ ଅର୍ଦ୍ଧଶତକ ସହିତ ୩୦୮୮୬ ରନ୍ ସ୍କୋର କରିଥିଲେ।

**ଫୁଟ୍‌ବଲ:** ସାଉଥାମ୍ପଟନ, କରିନ୍‌ଥିଆନ୍ସ ଏବଂ ପୋର୍ଟସ୍‌ମାଉଥ ତରଫରୁ ପ୍ରଥମ ଶ୍ରେଣୀ ଫୁଟ୍‌ବଲ ଖେଳିଥିଲେ। ୧୯୦୧ରେ ଇଂଲଣ୍ଡ ଜାତୀୟ ଫୁଟ୍‌ବଲ ଦଳର ସଦସ୍ୟ ଭାବେ ଆୟର୍ଲାଣ୍ଡ ବିପକ୍ଷରେ ଏକମାତ୍ର ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ।

ବି.ଦ୍ର.:- ଲିଖିତ ପ୍ରାମାଣିକ ତଥ୍ୟ ଅଭାବରୁ ବିଶ୍ୱର ଦୁଇଜଣ ମହାନ୍ କ୍ରୀଡ଼ାବିତ୍‌ଙ୍କ ନାମ ଏହି ତାଲିକାରେ ସ୍ଥାନ ପାଇ ନ ଥିବା ସ୍ଥଳେ ସେମାନଙ୍କ ସମ୍ବନ୍ଧରେ କିଛି ରୋଚକପୂର୍ଣ୍ଣ ତଥ୍ୟ ପ୍ରକାଶ କରିବା ପ୍ରାସଙ୍ଗିକ ମନେହୁଏ। ସେଇ ଦୁଇଜଣ ହେଲେ ବିଶ୍ୱର ଏକମାତ୍ର କ୍ରିକେଟର ଭାବେ ଉଭୟ ଭାରତ ଓ ଇଂଲଣ୍ଡ ତରଫରୁ ଟେଷ୍ଟମ୍ୟାଚ୍ ଖେଳିଥିବା ଇଫ୍ତିକାର ଅଲ୍ଲି ଖାନ୍ ପଟୌଦି ଏବଂ ୱେଷ୍ଟଇଣ୍ଡିଜର ବିଶ୍ୱବନ୍ଦିତ କ୍ରିକେଟର ସାର୍ ଭିଭିଆନ ରିଚାର୍ଡସ।

**ଇଫ୍ତିକାର ଅଲ୍ଲି ଖାନ୍ ପଟୌଦି : ୧୯୩୨-୩୪ (ପଟୌଦିର ଅଷ୍ଟମ ନବାବ (ବରିଷ୍ଠ) (୧୯୪୨-୫୨)**

ଇଫ୍ତିକାର ଅଲ୍ଲି ଖାନ୍ ୧୯୩୨-୩୪ରେ ଇଂଲଣ୍ଡକୁ ୩ଟି ଟେଷ୍ଟରେ ପ୍ରତିନିଧିତ୍ୱ କରିଥିବା ବେଳେ ୧୯୪୬ରେ ଇଂଲଣ୍ଡ ବିପକ୍ଷରେ ଭାରତ ପକ୍ଷରୁ ଅଧିନାୟକ ଭାବେ ୩ଟି ଟେଷ୍ଟ ଖେଳିଥିଲେ। ଅକ୍ସଫୋର୍ଡରେ ଅଧ୍ୟୟନ ସମୟରେ ସେ ଉଭୟ କ୍ରିକେଟ ଏବଂ ହକିରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରିଥିଲେ ଏବଂ 'ବ୍ଲୁ' ଅର୍ଜନ କରିଥିଲେ। ୧୯୨୮ ଆମଷ୍ଟରଡାମ୍ ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ଭାଗନେଇ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ହକି ଦଳର ଚୟନ କୋଲକାତାଠାରେ ହୋଇଥିଲା। ଭାରତୀୟ ଦଳର ପ୍ରମୁଖ ସଦସ୍ୟ ଥିବା ଫିରୋଜ ଖାନ୍ (ଯିଏକି ସବୁଠାରୁ ବର୍ଷୀୟାନ ସ୍ୱର୍ଣ୍ଣପଦକ ବିଜେତା ଅଲିମ୍ପିୟାନ ଭାବେ ୧୦୧ ବର୍ଷରେ ୨୦୦୫ରେ ପରଲୋକ ଗମନ କରିଥିଲେ)ଙ୍କ ଏକ ସାକ୍ଷାତ୍‌କାର ଅନୁସାରେ ସେ ସମୟରେ ଇଂଲଣ୍ଡରେ ରହୁଥିବା/ଅଧ୍ୟୟନ କରୁଥିବା ୪ ଜଣ ଭାରତୀୟ ଖେଳାଳିଙ୍କୁ ଜାତୀୟ ଅଲିମ୍ପିକ୍ସ ଦଳରେ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଜୟପାଲ ସିଂ ମୁଣ୍ଡା (ଅକ୍ସଫୋର୍ଡ ବ୍ଲୁ) ଏବଂ ଏସ୍.ଏମ୍. ୟୁସୁଫ୍ (କେମ୍ବ୍ରିଜ୍‌ରେ ଅଧ୍ୟୟନ ରତ) ଭାରତୀୟ ଦଳରେ ଯୋଗଦେଇଥିବା ବେଳେ ଅନ୍ୟ ଦୁଇ ଜଣ ଇଫ୍ତିକାର ଅଲ୍ଲି ଖାନ୍ (ଅକ୍ସଫୋର୍ଡରେ ଅଧ୍ୟୟନ ରତ) ଏବଂ ଏଲ୍‌ସି କାରବେରି ଦଳରେ ଯୋଗ ଦେଇ ନ ଥିଲେ। ଭାରତୀୟ ଦଳ ସହିତ ସାମିଲହୋଇ କେତେକ ଅଭ୍ୟାସ ମ୍ୟାଚ୍ ଖେଳିଥିଲେ ମଧ୍ୟ ଅଧ୍ୟୟନ ଏବଂ କ୍ରିକେଟ ପାଇଁ ଅଧିକ ମନୋନିବେଶ ଫଳରେ ଅଲିମ୍ପିକ୍ସରେ ଭାରତୀୟ ଦଳରେ ଖେଳିବାର ସୁଯୋଗ ହରାଇଥିଲେ।

**ସାର୍ ଭିଭିଆନ ରିଚାର୍ଡସ (ୱେଷ୍ଟଇଣ୍ଡିଜ୍, ଜନ୍ମ -୧୯୫୨)**

'ଅରିଜିନାଲ ମାଷ୍ଟର ବ୍ଲାଷ୍ଟର', ବିଶ୍ୱ କ୍ରିକେଟର ଦୁର୍ଦ୍ଧର୍ଷ ବ୍ୟାଟ୍ସମ୍ୟାନ୍, ୱିଜଡେନ୍ ଦ୍ୱାରା ମନୋନୀତ ବିଶ୍ୱର 'ଶ୍ରେଷ୍ଠ ଏକଦିବସୀୟ ବ୍ୟାଟ୍ସମ୍ୟାନ୍' ଭିଭିଆନ ରିଚାର୍ଡସନ୍‌ଙ୍କର ଅବିଶ୍ୱସନୀୟ ପ୍ରଦର୍ଶନ ଥିଲା ଏହିପରି..

ବ୍ୟାଟିଂ: ଟେଷ୍ଟ- ୧୨୧, ରନ୍-୮୫୪୦, ଶତକ-୨୪, ଅର୍ଦ୍ଧଶତକ-୪୫

ଏକଦିବସୀୟ- ୧୮୭, ରନ୍-୮୭୨୧, ଶତକ-୧୧, ଅର୍ଦ୍ଧଶତକ-୪୫

ପ୍ରଥମଶ୍ରେଣୀ- ୫୦୭, ରନ୍-୩୬୨୧୨, ଶତକ-୧୧୪, ଅର୍ଦ୍ଧଶତକ-୧୬୨

ବୋଲିଂ (ଅଫ୍ ବ୍ରେକ୍)- ଟେଷ୍ଟ- ୩୨ ଉଇକେଟ, ଏକଦିବସୀୟ- ୧୧୮ ଉଇକେଟ, ପ୍ରଥମଶ୍ରେଣୀ- ୨୨୩ ଉଇକେଟ।

**ଫୁଟ୍‌ବଲ:** କିଛି କ୍ରୀଡ଼ା ସ୍ତମ୍ଭକାରଙ୍କ ଦ୍ୱାରା ବିଭିନ୍ନ ପତ୍ରିକାରେ ପ୍ରକାଶିତ ସୂଚନା ଅନୁସାରେ ଭିଭିଆନ ଆଣ୍ଟିଗୁଆ ଏବଂ ବାରବୁଦା ତରଫରୁ ୧୯୭୪ ଫିଫା ବିଶ୍ୱକପ୍ ଫାଇନାଲ୍ସ ପାଇଁ କନକାକାଫ୍ ପ୍ରତିଯୋଗିତାରେ ଏକ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ୍ ଖେଳିଥିଲେ।



ଇଆନ ବୋଥାମ

ଚୁନି ଗୋସ୍ୱାମୀ

**ବାର୍ସିଲୋନା ଛାଡ଼ି ଲିଓନେଲ ମେସି ଏବେ ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) କ୍ଲବରେ ଯୋଗଦେଇଛନ୍ତି। ଏଥିପାଇଁ ମେସି ଦୀର୍ଘ ୨୧ ବର୍ଷର ସମ୍ପର୍କକୁ ଛିନ୍ନ କରିବାକୁ ବାଧ୍ୟ ହୋଇଛନ୍ତି। ବାର୍ସିଲୋନା ଛାଡ଼ିବା ମେସିଙ୍କ ପାଇଁ ଏକ ଦୁଃଖଦ ନିଷ୍ପତ୍ତି ଥିଲା...**




ଲିଓନେଲ ମେସି

# ମେସିଙ୍କ ଦୁଃଖ

ଫୁଟ୍‌ବଲ ସୁପରଷ୍ଟାର ଲିଓନେଲ ମେସିଙ୍କ ପେସାଦାର କ୍ୟାରିୟରରେ ଏକ ବଡ଼ ପରିବର୍ତ୍ତନ ହୋଇଛି। ନିଜର ପ୍ରିୟ କ୍ଲବ ବାର୍ସିଲୋନା ଛାଡ଼ି ମେସି ଏବେ ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି)ରେ ଯୋଗଦେଇଛନ୍ତି। ଏହାକୁ ମେସି ଓ ଫୁଟ୍‌ବଲ ପ୍ରଶଂସକମାନେ ସହଜରେ ଗ୍ରହଣ କରିପାରିନାହାନ୍ତି। ବାର୍ସିଲୋନା ସହ ୨୧ ବର୍ଷର ମଧୁର ସମ୍ପର୍କ ଛିନ୍ନ ହୋଇଛି। ଇଚ୍ଛା ନ ଥିଲେ ବି ମେସିଙ୍କୁ ଶେଷରେ ଏହି ସମ୍ପର୍କକୁ କାଟିବାକୁ ପଡ଼ିଛି। ମାତ୍ର ୧୩ ବର୍ଷ ବୟସରୁ ମେସି ବାର୍ସିଲୋନା ସହ ଜଡ଼ିତ ରହିଆସିଥିଲେ। ଏହି କ୍ଲବରେ ମେସିଙ୍କ ଶୈଶବ ଓ ଯୌବନ କଟିଥିଲା। ଦୀର୍ଘ ଦୁଇ ଦଶନ୍ଧିର ଏହି ସମ୍ପର୍କରେ କାହାର ନଜର ଲାଗିଗଲା। ଏକ ଖବରଦାତା ସମ୍ମିଳନୀରେ ଏ ବିଷୟରେ ଘୋଷଣା କରିବା ବେଳେ ମେସି ନିଜର କୋହ ସମ୍ଭାଳି ନ ପାରି ଭୋ ଭୋ କରି କାନ୍ଦି ପକାଇଥିଲେ। କୋଭିଡ୍-୧୯ ମହାମାରୀ କାରଣରୁ ଏହି ସ୍ପାନିଶ ଫୁଟ୍‌ବଲ କ୍ଲବ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଭୟଙ୍କର ଭାବେ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିଲା। ବାର୍ସିଲୋନା ଉପରେ ଏବେ ୮,୦୦୦ କୋଟି ଟଙ୍କାର ଋଣଭାର ରହିଛି। ୨୦୧୭ରେ ମେସି ୪,୯୦୦ କୋଟି ଟଙ୍କାରେ କ୍ଲବ ସହ ଶେଷଥର ପାଇଁ ଚୁକ୍ତି କରିଥିଲେ। ତେଣୁ ମେସିଙ୍କ ସହ ନୂଆ ଚୁକ୍ତି କରିବାକୁ ବାର୍ସିଲୋନା ସକ୍ଷମ ନ ଥିଲା। ଫଳରେ ପାଖାପାଖି ଦୁଇ ଦଶନ୍ଧିର ସମ୍ପର୍କ ଶେଷ ହୋଇଥିଲା। ରବିବାର ବାର୍ସିଲୋନା ତରଫରୁ ମେସିଙ୍କୁ କେମ୍ପ ନୌ ଷ୍ଟାଡିୟମରେ ବିଦାୟୀ ସମାରୋହରେ ଫେୟାରୱେଲ ଦିଆଯାଇଥିଲା। ଏହି ସମାରୋହରେ ମେସି ଭାବପ୍ରବଣ ହୋଇ ଲୁହକୁ ଆଖିରେ ରୋକିପାରି ନ ଥିଲେ। ବାର୍ସିଲୋନା ମୋ ପାଇଁ ଘର ଥିଲା। ଏହି କ୍ଲବରେ ୨୧ ବର୍ଷ ବିତାଇବା ପରେ ଏହାକୁ ଛାଡ଼ିବା ମୋ ପାଇଁ ଆଦୌ ସହଜ ନ ଥିଲା। ଏଭଳି ଦିନ ଆସିବ ବୋଲି କେବେ ଭାବି ନ ଥିଲି। ଏଥିପାଇଁ ଆଦୌ ପ୍ରସ୍ତୁତ ନ ଥିଲି। କିନ୍ତୁ ସ୍ପାନିଶ ଲିଗ୍‌ର ଆର୍ଥିକ ନିୟମ କାରଣରୁ କ୍ଲବ ସହ ଚୁକ୍ତି ବଳବତ୍ତର ରହିବା ସମ୍ଭବ ନ ଥିଲା। କିନ୍ତୁ କ୍ଲବ ସହ ଜଡ଼ିତ ରହିବ ବୋଲି ଭରସା ଥିଲା। ଏପରିକି ପାଉଣା ୫୦ ପ୍ରତିଶତ କମ୍ କରିବାକୁ ପ୍ରସ୍ତୁତ ଥିଲି ଓ ଏ ନେଇ ପ୍ରସ୍ତାବ ଦେଇଥିଲି। କିନ୍ତୁ ଦୁର୍ଭାଗ୍ୟବଶତଃ ଏହା ସମ୍ଭବ ହୋଇପାରିଲା ନାହିଁ ବୋଲି ମେସି ବିଦାୟୀ ସମାରୋହରେ କହିଛନ୍ତି। ଏହି ଅବସରରେ ସମାରୋହରେ କ୍ରମାଗତ ଭାବେ ମେସିଙ୍କୁ ସମ୍ମାନ ଜଣାଇ ଲୋକେ ତାଳି ବଜାଇ ଚାଲିଥିଲେ।

ବାର୍ସିଲୋନା ପାଇଁ ମେସି ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଥିଲେ। ୨୧ ବର୍ଷ ଏହି କ୍ଲବ ପାଇଁ ଖେଳି ମେସି ରେକର୍ଡ ୭୭୮ଟି ମ୍ୟାଚ୍ ଖେଳି ସର୍ବାଧିକ ୬୭୨ ଗୋଲ ସ୍କୋର କରିଛନ୍ତି। ସେହିପରି ସେ ସ୍ପାନିଶ ଲିଗ୍‌ରେ ୫୨୦ଟି ମ୍ୟାଚ୍ ଖେଳି ୪୭୪ଟି ଗୋଲ ସ୍କୋର କରିବା ସହ ସର୍ବାଧିକ ସ୍କୋରର ସାବ୍ୟସ୍ତ ହୋଇଥିଲେ। ମେସି ମଧ୍ୟ ବାର୍ସିଲୋନାକୁ ଏକାଧିକ ଟୁର୍ନାମେଣ୍ଟରେ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ମେସି ଏବେ ଫ୍ରାନ୍ସର ପିଏସ୍‌ଜି କ୍ଲବ ତରଫରୁ ଖେଳିବେ ଓ ଏ ନେଇ ସେ ଏକ ଦୁଇ ବର୍ଷିଆ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଖୁବ୍‌ଶୀଘ୍ର ସେ ଏବେ ପିଏସ୍‌ଜି ତରଫରୁ ପଡ଼ିଆକୁ ଓହ୍ଲାଇବେ ଓ ଗୋଲ ସ୍କୋର କରିବେ ବୋଲି ଆଶା କରାଯାଉଛି। ୩୪ ବର୍ଷୀୟ ମେସିଙ୍କୁ ପିଏସ୍‌ଜି ପ୍ରତିବର୍ଷ ୨୫ ମିଲିୟନ ପାଉଣ୍ଡ ବା ୨୫୮ କୋଟି ଟଙ୍କା ଦେବ। ଅବଶ୍ୟ ମେସିଙ୍କ ପାଉଣା ତାଙ୍କ ବନ୍ଧୁ ତଥା ବ୍ରାଜିଲ ତାରକା ଫୁଟ୍‌ବଲର ନେମାରଙ୍କଠାରୁ କମ୍ ବୋଲି କୁହାଯାଉଛି। ମେସି ଏବେ ପିଏସ୍‌ଜିରେ ନେମାର ଓ ଫ୍ରାନ୍ସ ଫୁଟ୍‌ବଲର କିଲିଆନ ଏମ୍ବାପ୍ପେଙ୍କ ସହ ମ୍ୟାଚ ଖେଳିବେ। ଫଳରେ ଫୁଟ୍‌ବଲରେ ଏକ ଭିନ୍ନ ପ୍ରକାର ସମୀକରଣ ଦେଖିବାକୁ ମିଳିବ। ଇତିମଧ୍ୟରେ ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ପହଞ୍ଚିବାପରେ ମେସିଙ୍କୁ ଜୋରଦାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବାର୍ସିଲୋନା ସହ ପୂର୍ବର ସମ୍ପର୍କକୁ ଭୁଲି ମେସି ପିଏସ୍‌ଜି ସହ ନୂଆ ଅଭିଯାନ ଆରମ୍ଭ କରିବେ। ଏହା ଆଗକୁ ଐତିହାସିକ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଆର୍ଜେଣ୍ଟିନା ଅଧିନାୟକ ମେସି ଗତ ଜୁଲାଇରେ ନିଜ ଦେଶ ପାଇଁ କୋପା ଆମେରିକା ଜିତି ପ୍ରଥମ ଅନ୍ତର୍ଜାତୀୟ ମେଜର ଟାଇଟଲ ହାସଲ କରିଥିଲେ। ସେ ଆର୍ଜେଣ୍ଟିନା ପାଇଁ ୧୫୧ଟି ମ୍ୟାଚ୍ ଖେଳି ୭୬ଟି ଗୋଲ ସ୍କୋର କରିଛନ୍ତି।

# ମେଗା ଇଭେଣ୍ଟର ମାସ



ନିର୍ମଳ କୁମାର ମିଶ୍ର

**କ୍ରୀଡ଼ା ଦୃଷ୍ଟିକୋଣରୁ ଜୁଲାଇ ମାସ ୨୦୨୧ ବର୍ଷ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। କୋଭିଡ୍-୧୯ ଚ୍ୟାଲେଞ୍ଜ ସତ୍ତ୍ୱେ ଏହି ମାସରେ ୪ଟି ମେଜର କ୍ରୀଡ଼ା ଇଭେଣ୍ଟ ସଫଳତାର ସହ ଆୟୋଜିତ ହୋଇଛି। ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବା ସହ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟୁର୍ନାମେଣ୍ଟ ୱିମ୍ବଲଡନ ସମେତ ବିଶ୍ୱ ଫୁଟ୍‌ବଲର ଦୁଇ ବଡ଼ ଟୁର୍ନାମେଣ୍ଟ ୟୁରୋକପ୍ ଓ କୋପା ଆମେରିକା ମଧ୍ୟ ଏହି ମାସରେ ଆୟୋଜିତ ହୋଇଥିଲା...**

ଜାପାନର ଟୋକିଓରେ ନିକଟରେ ଅଲିମ୍ପିକ୍ସର ୩୨ତମ ସଂସ୍କରଣ ସଫଳତାର ସହ ସମ୍ପନ୍ନ ହୋଇଛି। ଏହା ଜୁଲାଇ ୨୩ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ଚାଲିଥିଲା। କ୍ରୀଡ଼ାଜଗତରେ ଜୁଲାଇ ମାସ ବେଶ୍ ଘଟଣା ବହୁଳ ରହିଥିଲା। ଅଲିମ୍ପିକ୍ସ ଆରମ୍ଭ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ପ୍ରତିଯୋଗିତା ଏହି ମାସରେ ଅନୁଷ୍ଠିତ ହୋଇଥିଲା। ଏହା ମଧ୍ୟରେ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ୍ ଟେନିସ ସହ ଫୁଟ୍‌ବଲର ଦୁଇ ମେଗା ପ୍ରତିଯୋଗିତା ୟୁରୋ କପ୍ ଫୁଟ୍‌ବଲ ଏବଂ କୋପା ଆମେରିକା ଫୁଟ୍‌ବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଦର୍ଶକମାନେ ୟୁରୋପିୟନ ଫୁଟ୍‌ବଲ ଶୈଳୀ ଏବଂ ଆମେରିକୀୟ ଫୁଟ୍‌ବଲ ଦେଶଗୁଡ଼ିକର କଳାକୌଶଳର ଭରପୂର ଆନନ୍ଦ ନେଇଥିଲେ। ଅନ୍ୟ ପକ୍ଷରେ ବିଶ୍ୱର ଏକନମ୍ବର ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍‌ଙ୍କୁ ମିଳିଛି ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ। କ୍ୟାରିୟରରେ ମୋଟ ୨୦ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତି ସେ ସ୍ପେନର ରାଫାଲ ନାଡାଲ ଏବଂ ସୁଇଜରଲାଣ୍ଡର ରୋଜର ଫେଡେରରଙ୍କ ସମକକ୍ଷ ହୋଇଛନ୍ତି। ଏବେ ତାଙ୍କର ନଜର ୟୁଏସ୍ ଓପନ ଉପରେ ରହିଛି। ଆଉ ଗୋଟିଏ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କଲେ ସେ ରେକର୍ଡ କରିବେ।

ଫୁଟ୍‌ବଲ କଥା ବିଚାରକଲେ ଏଥର ୟୁରୋକପ୍ ଫାଇନାଲରେ ପରସ୍ପରକୁ ଭେଟିଥିଲେ ୟୁରୋପିଆନ ଫୁଟ୍‌ବଲର ଦୁଇ ଆଗଧାଡ଼ିର ଦେଶ ଇଂଲଣ୍ଡ ଓ ଇଟାଲୀ। ଫାଇନାଲ ମ୍ୟାଚ ଏକ୍ସଟ୍ରା ଟାଇମରେ ମ୍ୟାଚ ୧-୧ରେ ଡ୍ର ରହିବା ଫଳରେ ପେନାଲଟି ସୁଟ୍ ଆଉଟ୍‌ରେ ୩-୨ରେ ବିଜୟୀ ହୋଇ ଐତିହାସିକ ସଫଳତା ପାଇଥିଲା ଇଟାଲୀ। ଭରପୂର ଷ୍ଟାଡିୟମରେ ଇଟାଲୀ ତା'ର ୩୪ତମ କ୍ରମାଗତ ବିଜୟ ସହ ୨ୟ ଥର ପାଇଁ ୟୁରୋକପ ଚାମ୍ପିୟନ ହୋଇଥିଲା। ଏହା ଥିଲା ୨୦୦୬ ବିଶ୍ୱକପ ଟାଇଟଲ ହାସଲ ପରେ ୨ୟ ମେଗା ଟୁର୍ନାମେଣ୍ଟ ବିଜୟ। ୧୯୬୮ ପରଠାରୁ ଦିଗହରା ହୋଇଥିବା ଇଟାଲୀ ଫୁଟ୍‌ବଲ ତା'ର ହୃତଗୌରବ ଫେରିପାଇବା ପରେ ଦେଶରେ ଅଭୂତପୂର୍ବ ଆନନ୍ଦ ଦେଖାଯାଇଛି। ୨୦୧୮ରୁ ରୋବେରଟୋ ମାନ୍‌ସିନି ଜାତୀୟ ଦଳର କୋଚ ହେବା ପରଠାରୁ ଏହା ଇଟାଲୀ ଫୁଟ୍‌ବଲ ଦଳର କ୍ରମାଗତ ୩୪ତମ ବିଜୟ ଏବଂ ଲକ୍ଷ୍ୟ ୨୦୨୨ ବିଶ୍ୱକପରେ ନିଜର ଆଧିପତ୍ୟ ବିସ୍ତାର କରିବା। ଅନ୍ୟପକ୍ଷରେ ଯୁବ ଏବଂ ଅଭିଜ୍ଞ ଖେଳାଳିମାନଙ୍କୁ ନେଇ ଇଂଲଣ୍ଡ ଦଳ ଅଳ୍ପକେ ଚାମ୍ପିୟନ ହେବାରୁ ବଞ୍ଚିତ ହୋଇଛି।

ୟୁରୋକପ୍ ଟାଇଟଲ ସହ ଇଟାଲୀ ଦଳ




ସେହିପରି ଦକ୍ଷିଣ ଆମେରିକାର ସର୍ବବୃହତ୍ ତଥା ସର୍ବଶ୍ରେଷ୍ଠ ଫୁଟ୍‌ବଲ ଟୁର୍ନାମେଣ୍ଟ କୋପା ଆମେରିକାରେ ଆର୍ଜେଣ୍ଟିନା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବ୍ରାଜିଲକୁ ଐତିହାସିକ ମାରାକାନା ଷ୍ଟାଡିୟମରେ ହରାଇ ଚାମ୍ପିୟନ ହୋଇଛି। ନେମାରଙ୍କ ନେତୃତ୍ୱାଧୀନ ବ୍ରାଜିଲ ମଧ୍ୟ ହଟ୍ ଫେଭରାଇଟ ରହିଥିଲା। ମେସିଙ୍କ ସ୍ୱପ୍ନ ସାକାର ହେବା ପାଇଁ ଆର୍ଜେଣ୍ଟିନାକୁ ୨୮ବର୍ଷ ଅପେକ୍ଷା କରିବାକୁ ହେଲା। ୧୯୯୩ ପରେ ଏହା ସମ୍ଭବ ହେବା ଯୋଗୁ ଆର୍ଜେଣ୍ଟିନା ପାଇଁ ବିଶ୍ୱକପ୍ ପ୍ରସ୍ତୁତି ନିମନ୍ତେ ଏହା ସହାୟକ ହୋଇପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆର୍ଜେଣ୍ଟିନା ଦଳ ଅପରାଜୟ ରହିଥିବା ବେଳେ ଅନ୍ୟତମ ଶକ୍ତିଶାଳୀ ଦେଶ ଉରୁଗୁଏ ସହିତ ୧୫ଥର ଟାଇଟଲ ବିଜୟ ସହ ସମକକ୍ଷ ହୋଇଛି। କୋଭିଡ-୧୯ର ଭୟାବହତା ମଧ୍ୟରେ ଏହି ଦୁଇ ମେଗା ଫୁଟ୍‌ବଲ ଟୁର୍ନାମେଣ୍ଟ କୋଟି କୋଟି ଫୁଟ୍‌ବଲ ପ୍ରେମୀଙ୍କୁ ବାନ୍ଧି ରଖିବାକୁ ସକ୍ଷମ ହୋଇଥିଲା।

## କାଳବୈଶାଖୀ: ଗଛ ପଡ଼ି ଜଣେ ଆହତ

ବାସୁଦେବପୁର,(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଗ୍ରାମରେ ଗୁରୁବାର କାଳବୈଶାଖୀରେ ଏକ ଗଛ ପଡ଼ି ଜଣେ ଯୁବକ ଆହତ ହୋଇଛନ୍ତି। ସେ ହେଲେ ବାବୁଲା ନାୟକ। ସେ ବିଲରେ କାମ କରୁଥିବା ବେଳେ ତାଙ୍କ ଉପରେ ଗଛଟି ପଡ଼ି ଯାଇଥିଲା। ସେ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି।

### ସଂକ୍ଷେପରେ

## ପଙ୍ଗାମୁଣ୍ଡାଇ ଇନ୍‌ଡୋର ଷ୍ଟାଡିୟମକୁ ମିଳିଲା ମଞ୍ଜୁରୀ

ପଟ୍ଟାମୁଣ୍ଡାଇ,୧୨।୮(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ କ୍ରୀଡାବିତମାନଙ୍କ ଆଶା ପୂରଣ ହେଲା। ପଟ୍ଟାମୁଣ୍ଡାଇ ସହରରେ ଏକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ରାଜ୍ୟ ସରକାର ୯.୫୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଜୁନ ୧୮ରେ ସ୍ଥାନୀୟ ବିଧାୟକ ଧ୍ରୁବ ସାହୁ ଉପସ୍ଥିତିରେ ଶିକ୍ଷାବିତ, କ୍ରୀଡାବିତ, ସାମାଜିକ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଭିସିରେ ଆଲୋଚନା କରିଥିଲେ। କେନ୍ଦ୍ରାପଡା ଜିଲା ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଅଞ୍ଚଳରେ କ୍ରୀଡାର ବିକାଶ ସହ କ୍ରୀଡାବିତ ସୃଷ୍ଟି କରିବାକୁ ଏକ ଇନ୍‌ଡୋର ଷ୍ଟାଡିୟମ ସ୍ଥାପନ ପାଇଁ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ ନିବେଦନକୁ ଗ୍ରହଣ କରି ଗତ ୯ ତାରିଖରେ ପୌରାଞ୍ଚଳରେ ଇନ୍‌ଡୋର ଷ୍ଟାଡିୟମ ପାଇଁ ମଞ୍ଜୁରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ପାଇଁ ବିଜେଡି ଓ କ୍ରୀଡାବିତଙ୍କ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ପୌରପରିଷଦ କାର୍ଯ୍ୟାଳୟ ନିକଟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ସାହୁ ଯୋଗଦେଇ ଇନ୍‌ଡୋର ଷ୍ଟାଡିୟମ ଦ୍ୱାରା ଛାତ୍ରୀଛାତ୍ର, ଯୁବପିଢି, କ୍ରୀଡାବିତଙ୍କୁ ପ୍ରଶିକ୍ଷଣ ଓ ଅଭ୍ୟାସର ସୁଯୋଗ ମିଳିବ। କ୍ରୀଡାବିତ୍‌ଙ୍କ ଦକ୍ଷତା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ନିୟମିତ ଅଭ୍ୟାସ ଓ ପ୍ରଶିକ୍ଷଣ ଦ୍ୱାରା ସେମାନେ ରାଜ୍ୟ, ଦେଶ ତଥା ଆନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରି କେନ୍ଦ୍ରାପଡା ଜିଲା ସହ ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ବିଧାୟକ ସାହୁ ଆଶା ପ୍ରକାଶ କରିଥିଲେ। ଏହି ନୂତନ ଇନ୍‌ଡୋର ଷ୍ଟାଡିୟମକୁ ବିଜୁ ପଟ୍ଟନାୟକ ନାମରେ ନାମିତ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ, କ୍ୟାପଟେନ ମନୋଜ ପରିଡା, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ପ୍ରାକ୍ତନ ପୌରାଧକ୍ଷ ହେମନ୍ତ ସାହୁ, ମନୋଜ ନାୟକ, ବୁଦ୍ଧା ଲେଙ୍କା, ମଳୟ ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ପଟ୍ଟାମୁଣ୍ଡାଇ ପାଇଁ ଇନ୍‌ଡୋର ଷ୍ଟାଡିୟମ ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ଲଙ୍କଲେଶ୍ୱର,୧୨।୮(ଡି.ଏନ.ଏ.): ବାଲିଆପାଳ ବ୍ଲକ ଅଧୀନ ଦେଉଳା ପଞ୍ଚାୟତର ବିରିପାଲିଆ ଗ୍ରାମର ପଙ୍କଜିନି ଦାସ (୬୮) ନାମ୍ନୀ ବୃଦ୍ଧା ବୁଧବାର ସନ୍ଧ୍ୟାରେ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ମୃତ ପଙ୍କଜିନିଙ୍କ ପୁଅ ୨୫ବର୍ଷ ହେଲା ଘର ଛାଡ଼ି କୁଆଡ଼େ ଚାଲିଯାଇଛନ୍ତି। ବୋହୂ ଚାଷ କାମ ପାଇଁ ବିଲକୁ ଯାଇଥିବା ବେଳେ ଏଭଳି ଘଟଣା ଘଟିଛି। ବୋହୂ ସୁକାନ୍ତୀ ବିଲରୁ ଆସି ପଙ୍କଜିନୀଙ୍କୁ ଖୋଜି ନ ପାଇ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ପୋଖରୀରୁ ବୃଦ୍ଧାଙ୍କୁ ଉଦ୍ଧାର କରି ନିକଟସ୍ଥ ବାଲିଆପାଳ ଇଡ଼କ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଆପାଳ ଥାନା ଏଏସ୍‌ଆଇ ମନୋରଞ୍ଜନ ପୁହାଣ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ.୩୩/୨୧) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# ୫୦ ହଜାର ହେକ୍ଟର ଜମିରେ ଜଳ ନିଷ୍କାସନ ସମସ୍ୟା

ଜଗତ୍‌ସିଂହପୁର ଅଫିସ, ୧୨।୮

ଜଗତ୍‌ସିଂହପୁର ଜିଲାରେ ଡ୍ରେନେଜ୍ ସମସ୍ୟା ଚାଷ ପାଇଁ କାଳ ହୋଇଛି। ଦିନେ, ଦୁଇଦିନ ଲଗାଣ ବର୍ଷା ହେଲେ ଅଧିକାଂଶ ଜମିରୁ ଜଳ ନିଷ୍କାସନ ସହଜ ହେଉନାହିଁ। ଫଳରେ ଚାଷ ପ୍ରଭାବିତ ହେଉଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଦାବି ହୋଇ ଆସୁଥିଲେ ହେଁ କେହି ଶୁଣୁନାହାନ୍ତି। ଏହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ଜିଲାର ଜଳ ନିଷ୍କାସନର ମୁଖ୍ୟ ମାଧ୍ୟମ ହେଉଛି ହଂସୁଆ ଓ ଏଥି ସଂଲଗ୍ନ ଡ୍ରେନ୍। ଏଥିରେ ୬୫ ହଜାର ହେକ୍ଟର ଚାଷଜମିରୁ ଜଳ ନିଷ୍କାସନର ବ୍ୟବସ୍ଥା ରହିଛି। ହେଲେ ନାଳର ଆଶାଜନକ ପୁନରୁଦ୍ଧାର ହେଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଚଳିତବର୍ଷ ଜିଲାର ପାଖାପାଖି ୫୦ ହଜାର ହେକ୍ଟର ଜମିରେ ଜଳ ନିଷ୍କାସନ ସମସ୍ୟା ରହିଛି। ବର୍ଷା ଲାଗି ରହିଲେ ଆଗକୁ ଚାଷୀ ମୁଣ୍ଡରେ ଚଡକ ପଡିବା ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ହଂସୁଆର ଉତ୍ପତ୍ତି ସ୍ଥଳରୁ ଜଟାଧାରୀ ମୁହାଣ ପର୍ଯ୍ୟନ୍ତ ସୁବିସ୍ତୃତ ଯୋଜନା ପ୍ରସ୍ତୁତ କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ଚାଷୀମାନେ ଦାବି କରିଛନ୍ତି। ଏଥିସହ ଜଳ ନିଷ୍କାସନ ପାଇଁ



ହଂସୁଆ ସଫେଇରେ ମାଛ ଧରିବା ଲାଗି ବାଉଁଶ ପୋତି ବାଡ଼ କରାଯାଇଛି।

ଡ୍ରେନ୍‌ଗୁଡିକର ଶଯ୍ୟା ଖନନ, ବେଆଇନ ଘେରିବନ୍ଧ ଉଚ୍ଛେଦ, ହଂସୁଆ ପାର୍ଶ୍ୱରେ ଲାଗିଥିବା ସନ୍ତରା ଓ କଣ୍ଟା ବୁଦାଗୁଡିକର ମୂଳୋତ୍ପାଟନ, ଅତି ଅଣଓସାରିଆ ସ୍ଥାନକୁ ଗଭୀର ଓ ପ୍ରସାରିତ କରିବା, ବିଭିନ୍ନ ସ୍ଥାନରେ ସ୍ଲୁଇସ୍ ଆଦି କରିବା ଜରୁରୀ ହୋଇପଡିଛି। ଏପରି କି ଯନ୍ତ୍ରଚାଳିତ ବୋଟ ମାଧ୍ୟମରେ ସର୍ଭେ କରାଯାଇ ଅଙ୍କାବଙ୍କା ସ୍ଥାନକୁ ଠିକ୍ କରିବାକୁ ମଧ୍ୟ ଯୋଜନା ହେବା ଦରକାର। ମାର୍ଚ୍ଚରୁ ମେ ମାସ ଭିତରେ ଡ୍ରେନ୍‌ରୁ ଦଳ ସଫା କରାଗଲା ବେଳେ ଏହାକୁ ତଳ ମୁଣ୍ଡକୁ ଠେଲି ଦିଆଯାଉଛି। ବିଲର ଉର୍ବରତା ପାଇଁ ଦଳକୁ ଖତ କରାଯିବା ଦରକାର। ପ୍ରତିବର୍ଷ ପରିଚାଳନା କମିଟି ବୈଠକରେ ଅନେକ କିଛି ପ୍ରତିଶ୍ରୁତି ଦିଆଯାଉଛି। ପରବର୍ତ୍ତୀ ସମୟରେ ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନି।

ହଂସୁଆ ଡ୍ରେନ୍ କଟକ ସଦର ଅଞ୍ଚଳରୁ ବାହାରି ଜଗତ୍‌ସିଂହପୁର ଜିଲା ଦେଇ ଯାଇଛି। ଜିଲାର ପାଖାପାଖି ୬୫ ହଜାର ହେକ୍ଟର ଚାଷଜମିରୁ ଉଦ୍‌ବୃତ୍ତ ଜଳ ଏହି ଡ୍ରେନ୍ ଓ ତତ୍‌ସଂଲଗ୍ନ ଛୋଟ ଡ୍ରେନେଜ କଟ୍‌କୁ ନିଷ୍କାସିତ ହେବା କଥା। କିନ୍ତୁ ଯାହା ଦେଖାଯାଉଛି, ହଂସୁଆର ଉଦ୍‌ବୃତ୍ତ ଜଳ ଚାଷଜମିକୁ ମାଡି ଆସି ବିପଦ ସୃଷ୍ଟି କରୁଛି। ସେହିପରି ବିନା ଯୋଜନାରେ ପ୍ରାକୃତିକ ନାଳ ଉପରେ ଆର୍‌ଡି ପକ୍ଷରୁ ଏକାଧିକ ପୋଲ କରାଯିବା ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି। ସାଦେଇପୁର, ଗନେଇଲୋ ଆଦି କେତେକ ଅଞ୍ଚଳରେ ଚିଙ୍ଗୁଡିଘେରି ହୋଇଥିବାରୁ ସମସ୍ୟା ଦେଖାଦେଇଛି। ରଘୁନାଥପୁର ବ୍ଲକ ଅଧୀନ ନେଦାଳ, ଦେଉଳୀ, କୋଟକଣା, କୁଆମଙ୍ଗା, କନ୍ଦରାପଟି, ଧରାଧରପୁର, ବରାଗୋଳ, ବଣିକୁଣ୍ଡ, ସାଦେଇପୁର, ଅଢେଇକୁଳ, ସାନକୋରକର, ବଡକୋରକର, ଗୁଆଳିପୁର, ରାଧାନଗର, ମନ୍ଦାରପୁର, କପାଳେଶ୍ୱର, ଟିକିଣିଆ, ସାନସାଳିଜଙ୍ଗା, ଏରଣ୍ଡପାଳ, କଳାହାରୀ, ଅଚ୍ୟୁତପୁର, ନେଉଳିଆ, ପୀତାମ୍ବରପୁର, ଗୋପାଳପୁର, ପାଣ୍ଡରା, ଏରଡଙ୍ଗା, ନାଳିବର, ପୁରୁଣାବସନ୍ତ, ବାଲହଂସା, ବାର୍ଡିରା, ଇଚ୍ଛାପୁର, ଗୋବିନ୍ଦା ପୋଖରୀ, ରାଢଙ୍ଗ, ଜିରା ଓ କଳିଙ୍ଗା ଆଦି ମୌଜାରେ ବିଲରେ ବର୍ଷାଜଳ ଗଚ୍ଛିତ ରହି ସମସ୍ୟା ସୃଷ୍ଟି କରୁଛି। ଅନୁରୂପ ଭାବେ ବିରିଡ଼ି ବ୍ଲକର ଦରଡ଼ା ଶାସନ, ଗରାମ, ଶଙ୍ଖପୁର, ଅଲାଣ୍ଡୋ, ଗୋବିନ୍ଦପୁର, ବଡ଼ଖଣ୍ଡାୟିତା, ତେନ୍ତୁଳିଆ, ଅଡଙ୍ଗମଜୁରାଇ, ଅଡଙ୍ଗଗଡ଼, ଅରଣା, ମାଳିଅଞ୍ଚ, କୋଶଳ, କଣ୍ଟୁଆର, ଶିବପୁର, ଶଙ୍କରପୁର, ପାର୍ବତୀପୁର ଓ ଷଡେଇକଣା ମୌଜାରେ ପାଣି ଜମୁଛି। ତିର୍ତ୍ତୋଲ ବ୍ଲକର ସଅଁରା, ବରୁଣପଡ଼ା, କୋରକର, ବେଗୁନିଆ, ଅଡଙ୍ଗା, ସେଉଳ, ପଟିଲୋ, ଇଟାଙ୍ଗ, ଜଜାଙ୍ଗ, ସୁସଙ୍ଗ, ମର୍ଦ୍ଦଳ, ଦୁର୍ଗା, ରଙ୍କେଇ, କୁରାଡ, କୋଷ୍ଟି ମଲ୍ଲିକାପୁର, ବାଲିକୁଦା ବ୍ଲକର ତଣ୍ଡିକୁଳ, ସାରଣା, ମୁଲୁଗାଁ, ଜେନାମଣି, ବସନ୍ତପୁର, ଜଗତ୍‌ସିଂହପୁର ବ୍ଲକର ସାଁପୁର, ଗୋବିନ୍ଦାପୋଖରୀ ଓ ଲହଙ୍ଗା ଆଦି ମୌଜାର ଚାଷ ଜମି ଜଳପ୍ଲାବିତ ହୁଏ। ଏରସମା ବ୍ଲକର ନାରଦିଆ, ଗଡ଼ବିଷନପୁର, ଜାନକାଦେଇପୁର, ପୋଖରିଆପଡ଼ା, ପଏଦା, ଶ୍ରୀଚନ୍ଦନପୁର, ନଗରୀ, ଓ ଜିରାଇଲୋ ଦେଇ ଜଟାଧାର ମୁହାଣ ପର୍ଯ୍ୟନ୍ତ ଜଳ ନିଷ୍କାସନ ସମସ୍ୟା ସୃଷ୍ଟି ହେଉଛି। ନାଉଗାଁ ବ୍ଲକର ଗୋବରୀ ଡ୍ରେନେଜ୍ ଦ୍ୱାରା ପ୍ରଭାବିତ ବାଂଶ, କୋରୁଅ, ଧୂଆଁପଦା, ଡେରିକି, ତେଣ୍ଟୋଇ, କୋଳିଡିଅ, ନାଉଗାଁ, ରୋହିଆ, ତିରୁଣା, ଗାରୋଇ, ଘୋଡାଂଶ, ନୂଆଗାଁ, ସୁଦକଣ୍ଠି, ଗୋପାଳପୁର, ଦେବୀଦୋଳ ଓ ଅରକୁଦ ଆଦି ମୌଜା ମଧ୍ୟ ପ୍ରଭାବିତ ହେଉଛି। ଅଳକା ଡ୍ରେନ୍ ସମସ୍ୟା ଯୋଗୁ ବାଲିକୁଦାର କଣିଆ, ଥାଇଲୋ, କଟିକଟା, ନବାଙ୍ଗ, ନାରଦିଆ, ରମ୍ପିଲା, ତିତିରା, ସୋମପୁର ଅଞ୍ଚଳର ଚାଷଜମି କ୍ଷତିଗ୍ରସ୍ତ ହେଉଛି। ଜଗତ୍‌ସିଂହପୁରରୁ ବାହାରିଥିବା ମାଧପୁର ଡ୍ରେନେଜ୍ କଟ୍ ନାଳିବର ପାଖରେ ହଂସୁଆରେ ମିଶିଛି। କୁଆଖାଇ ଡ୍ରେନେଜ୍ କଟ୍ ଅଳା, ସିଙ୍ଗାରପୁରରୁ ବାହାରି ପଳାଶୋଳ, ସମଙ୍ଗ, ଜେନାସାହି, ଜୈନାବାଜ, ତିଙ୍ଗେଶ୍ୱର ପର୍ଯ୍ୟନ୍ତ ଯାଇଛି। ତେବେ ଜିଲାରେ ଜଳ ନିଷ୍କାସନ ସମସ୍ୟାକୁ ନେଇ ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଜଳସେଚନ ନିର୍ବାହୀଯନ୍ତ୍ରୀ ହରେକୃଷ୍ଣ ବେହେରାଙ୍କୁ ପଚାରିବାରେ ନିକଟରେ ନୂଆ କରି ଯୋଗ ଦେଇଛି। ତେବେ ଯାହା ସବୁ ସମସ୍ୟା ରହିଛି ତା'ର ସମାଧାନ ସହ ଆଗକୁ କ'ଣ ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ପଡିବ ତା' ଉପରେ ବିଚାରବିମର୍ଶ ପରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

**ଜଗତ୍‌ସିଂହପୁର ଜିଲା**
- ହଂସୁଆର ଉଦ୍‌ବୃତ୍ତ ଜଳ ଚାଷ ଜମି ପାଇଁ କାଳ
- ମାଷ୍ଟର ପ୍ଲାନ୍ ପାଇଁ ଦାବି
- ସଫେଇ ସମୟରେ ବାହାରୁଥିବା ଦଳ ଖତ କରାଯାଉ

# ଭୂମିଯୋଗ୍ୟ ପ୍ରମାଣପତ୍ର ଅପେକ୍ଷାରେ ବସ୍ତିବାସିନ୍ଦା

ପାରାଦୀପ,୧୨।୮(ସ୍ୱ.ପ୍ର.)

ପରାଦୀପ ପୌରପରିଷଦ ବସ୍ତିବାସିନ୍ଦାଙ୍କ ପାଇଁ ରାଜ୍ୟ ସରକାର ଯେଉଁ ଏଲଇସି (ଲ୍ୟାଣ୍ଡ ଏଲିଜବୁଲ ସାର୍ଟିଫିକେଟ) ବା ଭୂମି ଯୋଗ୍ୟ ପ୍ରମାଣପତ୍ର ଦେବେ ବୋଲି ଘୋଷଣା କରିଥିଲେ ତାହା ଏବେ ଶିଥିଳ ଅବସ୍ଥାରେ ଅଛି। ପୌରାଞ୍ଚଳରେ ଥିବା ୧୪,୬୧୫ ବସ୍ତିବାସିନ୍ଦା ଏବେ ସେହି ଏଲଇସିକୁ ଅପେକ୍ଷା କରିଛନ୍ତି। ୨୦୨୦ ସେପ୍ଟେମ୍ବରରୁ ଏଲଇସି ଆସି ପୌର କାର୍ଯ୍ୟାଳୟରେ ରହିଛି। କିନ୍ତୁ କେବେ ଲୋକଙ୍କୁ ବଣ୍ଟାଯିବ ସେସମ୍ପର୍କରେ ସରକାରୀ କଳ ଓ ଦଳ କିଛି ସ୍ପଷ୍ଟ କରୁନାହିଁ।

ସୂଚନାଯୋଗ୍ୟ, ୧୯୭୯ରୁ ପାରାଦୀପ ବିଜ୍ଞପିତ ଅଞ୍ଚଳ ଭାବେ ଆରମ୍ଭ ହୋଇଥିଲା। ୨୦୦୨ରୁ ପୌରପରିଷଦ ମାନ୍ୟତା ପାଇଛି। ପାରାଦୀପ ବନ୍ଦର ଅଞ୍ଚଳ ଯେଉଁଠି ପାରାଦୀପ ପୌରପରିଷଦ ଅଞ୍ଚଳ ସେଇଠି। ଅର୍ଥାତ ସମାନ ଜାଗାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୨ ପ୍ରକାର ଶାସନ ଚାଲିଛି। ଯାହାକୁ ସାଧାରଣରେ ଦ୍ୱୈତ୍ୟଶାସନ କୁହାଯାଏ। ସେହି ପୌରାଞ୍ଚଳରେ ଏବେ (୨୦୧୧ଜନଗଣନା ଅନୁସାରେ)ସମୁଦାୟ ୧୭,୪୧୧ ଘର




ପାରାଦୀପ ପୌର ପ୍ରଶାସନ ଭବନ।

**୨୦୨୦ରୁ ପୌର କାର୍ଯ୍ୟାଳୟରେ ପଡ଼ିରହିଛି**

ଅଛି। ସେଥିରେ ସମୁଦାୟ ଜନସଂଖ୍ୟା ହେଲା ୬୮,୫୮୫। ୧୯ ୱାର୍ଡକୁ ନେଇ ଗଠିତ ପୌରାଞ୍ଚଳରେ ଛୋଟବଡ ୬୩ ବସ୍ତି ରହିଛି। ଏସବୁ ବସ୍ତିର ଘରସଂଖ୍ୟା ୧୪,୬୧୫ ହୋଇଥିବାବେଳେ ଏଠାରେ ୩୮,୫୭୪ ଜଣ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରେ ୪,୬୫୪ ଅନୁସୂଚିତ ଜାତି ଓ ଜନଜାତିର ଲୋକେ ରହିଛନ୍ତି। ଉକ୍ତ ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାଯାଏ ସିଂହଭାଗ ଲୋକ ବସ୍ତିରେ ରହୁଛନ୍ତି। ୪୨ ବର୍ଷର ପୌରପରିଷଦ ଏପର୍ଯ୍ୟନ୍ତ ବସ୍ତିବାସିନ୍ଦାଙ୍କୁ ସର୍ବନିମ୍ନ ମୌଳିକ ଅଧିକାର ଦେବାରେ ସଫଳ ହୋଇନାହିଁ। କାରଣ ଅନେକ ସରକାରୀ ଯୋଜନା ବସ୍ତିବାସିନ୍ଦାଙ୍କ ପାଇଁ କରାଗଲେ ସେଥିରେ ବନ୍ଦର ପ୍ରଶାସନର ନିୟମ ଅନ୍ତରାୟ ସୃଷ୍ଟି କରିଥାଏ। ବସ୍ତିରେ ଥିବା କଚ୍ଚାଘରକୁ ପକ୍କାଘର କରିବା ପାଇଁ ରାଜ୍ୟ ସରକାର୨୦୧୮ରେ ଘୋଷଣା କରିଥିଲେ। ସେଥିପାଇଁ ସେତେବେଳେ କୁହାଯାଇଥିଲା, ଯେଉଁମାନେ ସହରାଞ୍ଚଳରେ ବାସ କରୁଛନ୍ତି ସେମାନଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଦିଆଯିବ। ଏହିକ୍ରମରେ ପାରାଦୀପ ପୌରପରିଷଦ ପାଇଁ ୨୦୧୮ରେ ଉଷା ସର୍ଭେ କରାଯାଇଥିଲା। ସେତେବେଳେ କୁହାଯାଇଥିଲା, ପାରାଦୀପ ବସ୍ତିବାସିନ୍ଦାଙ୍କ ପାଇଁ ପ୍ରଥମେ ଭୂମିଯୋଗ୍ୟ ପ୍ରମାଣପତ୍ର ଦିଆଯିବ। ସେହି ସର୍ଭେ ରିପୋର୍ଟ ଅନୁସାରେ ସରକାର ୧୧,୪୬୯ ଜଣଙ୍କୁ ଏଲଇସିରେ ସାମିଲ କରିଛନ୍ତି। ସେହି ସାର୍ଟିଫିକେଟ ଗୁଡିକ ୨୦୨୦ ସେପ୍ଟେମ୍ବରରୁ ଆସି ପୌର କାର୍ଯ୍ୟାଳୟରେ ରହିଛି। କିନ୍ତୁ ଲୋକଙ୍କୁ ବଣ୍ଟନ କରାଯାଇନାହିଁ। ସମ୍ଭବତଃ ଏହା ପୌର ନିର୍ବାଚନ ପୂର୍ବରୁ ବଣ୍ଟାଯିବ ବୋଲି ଚର୍ଚ୍ଚା ହେଉଛି।

ଏହି ସାର୍ଟିଫିକେଟ ବଣ୍ଟନ ପ୍ରସଙ୍ଗରେ ପୌରନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟ କୁହନ୍ତି, ଏଥିପାଇଁ ଟିକେ ଅଡୁଆ ଅଛି। ଏଲଇସି (ଭୂମି ଯୋଗ୍ୟ ପ୍ରମାଣପତ୍ର)କୁ ଲୋକ ନେଇ କିଛି କରିପାରିବେ ନାହିଁ। କାରଣ ଏହା ବନ୍ଦର ଜାଗା। ଏବେ ଏଲଇସି ବଦଳରେ ଏଲଆରସି (ଭୂମି ଅଧିକାର ପ୍ରମାଣପତ୍ର)କରାଯିବା ପାଇଁ ଉଚ୍ଚସ୍ତରୀୟ ତର୍ଜମା କରାଯାଉଛି। ଏହା ସଫଳ ହେଲେ ଲୋକେ ପାଇଥିବା ଜାଗାରେ ଘରବାଡି କରିପାରିବେ। ତେବେ ଏହା ବିଳମ୍ବ ହୋଇପାରେ ବୋଲି ରାଉତରାୟ କହିଛନ୍ତି। ଏଲଇସି ଓ ଏଲ୍‌ଆରସିକୁ ନେଇ ପ୍ରଶାସନ ଦ୍ୱନ୍ଦରେ ଥିବାବେଳେ ପ୍ରମାଣପତ୍ର ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ମଣିଷର ପ୍ରତିଶୋଧ, ସାପକୁ କାମୁଡ଼ି ମାରିଦେଲେ

କଳିଙ୍ଗନଗର,୧୨।୮(ଡି.ଏନ.ଏ.)

ଯାଜପୁର ଜିଲା ଦାନଗଦୀ ବ୍ଲକ ଅଧୀନ ଶାଳିଜଙ୍ଗା ପାଞ୍ଚାୟତ ଗମ୍ଭାରୀପାଟିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବୁଧବାର ସନ୍ଧ୍ୟାରେ ଗ୍ରାମର କିଶୋର ବଦରା (୪୫) ବିଲରୁ ଫେରୁଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରେ ସାପକୁ ଧରି ଦେଖିଥିଲେ ଯେ ତାହା ଚିତି ସାପ। ତେଣୁ ସଙ୍ଗେସଙ୍ଗେ ସେ ପ୍ରତିଶୋଧ ପରାୟଣ ହୋଇ ସାପଟିକୁ କାମୁଡ଼ି ମାରିଦେବା ସହ ତା'ର ରକ୍ତ ପିଇ ଯାଇଥିଲେ। ପରେ ଘରକୁ ଆସି ତାଙ୍କ ସ୍ତ୍ରୀକୁ ଏ କଥା ଜଣାଇଥିଲେ। ଏପରି କି ହାତରେ ମୃତ ସାପକୁ ଧରି ଗାଁରେ ବୁଲିଥିଲେ। କିଛି ସମୟ ପରେ ଗୁଣିଆପାଖକୁ ଯାଇ ଝଡ଼ା ଫୁଙ୍କା କରିଥିଲେ। କିନ୍ତୁ ମେଡିକାଲ ଯାଇ ନ ଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲ ଯିବାକୁ ଯେତେ ବାଧ କରିଥିଲେ ମଧ୍ୟ ସେ କାହା କଥା ଶୁଣି ନ ଥିଲେ। ସେ ତାଙ୍କ ଗାଁ ପାଖ ଗଳିସନ୍ଧି ନାମକ ଏକ ସ୍ଥାନକୁ ଯାଇ ଝଡାଫୁଙ୍କା କରିଥିବା କହିଛନ୍ତି। ଏବେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।



କିଶୋର ବଦରାଙ୍କୁ ସାପ କାମୁଡ଼ିବା ପରେ ସେ ରାଗରେ ସାପକୁ କାମୁଡ଼ି ମାରୁଛନ୍ତି।

# ନାବାଳିକା ଆତ୍ମହତ୍ୟାକୁ ନେଇ ତେଜୁଛି ଅସନ୍ତୋଷ

ଭଦ୍ରକ ଅଫିସ, ୧୨।୮

ଭଦ୍ରକ ଜିଲା ପୁରୁଣାବଜାର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ନ୍ୟାୟ ଦାବିରେ ବିଭିନ୍ନ ସଙ୍ଗଠନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା, ହୋହଲ୍ଲା ସାଙ୍ଗକୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି। ଏପରିକି ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ ଅସନ୍ତୋଷ ବୃଦ୍ଧି ପାଉଛି। ଏବିଭିପି ପକ୍ଷରୁ ବନ୍ତ ଛକ ପୋଲ ତଳେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୃତା ନାବାଳିକାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ଦାବି ହୋଇଛି। ଭାଜପା ମହିଳା ମୋର୍ଚ୍ଚା ଓ ଯୁବମୋର୍ଚ୍ଚା ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ସେହିପରି କୁଆଁସ ଗ୍ରାମବାସୀ ଓ କିନ୍ନରମାନଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଉକ୍ତ ନାବାଳିକାଙ୍କୁ ଦୁର୍ବ୍ୟବହାର ନେଇ ଗତ ୨ ତାରିଖରେ ଥାନାରେ ଏତଲା ଦିଆଯାଇଥିଲା। ପୋଲିସର କୋହଳ ମନୋଭାବ ଯୋଗୁ ଅଭିଯୁକ୍ତ ଜେଲ ଯାଇ ବେଲ୍‌ରେ ଆସି ପୁଣି ନାବାଳିକାଙ୍କୁ ଧମକ ଦେଇଥିଲେ। ଅପବାଦ ସହି ନ ପାରି ନାବାଳିକା ଜଣଙ୍କ ୮ ତାରିଖରେ ଆତ୍ମହତ୍ୟା କରିଛନ୍ତି। ଏନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ସତ୍ତ୍ୱେ ଅଭିଯୁକ୍ତଙ୍କୁ ପୁଣି ଗିରଫ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ସାର୍ଥକ ରାୟ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଘରେ ପଶି ସୁନା ଲୁଟ୍

ପାଟଣା,୧୨।୮(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଏରଣ୍ଡେଇ ପଞ୍ଚାୟତ ଡିଆନାଳି ଗ୍ରାମର ନେତ୍ରାନନ୍ଦ ମହାନ୍ତଙ୍କ ଘରେ କେହି ନଥିବା ବେଳେ ଦୁର୍ବୃତ୍ତ ଗୁରୁବାର ପୂର୍ବାହ୍ନରେ ଚାବି ଭାଙ୍ଗି ଘରେ ପଶି ଆଲମିରା ତାଡ଼ି ନଗଦ ୮୦ ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟିନେଇଛନ୍ତି। ଅଭିଯୋଗ ପରେ ଲୁଟେରାଙ୍କୁ ଧରିବା ପାଇଁ ପାଟଣା ପୋଲିସ ଏକ ମାମଲା (ନଂ.୧୯/୨୧) ରୁଜୁ କରି ବିଭିନ୍ନ ଅଞ୍ଚଳରେ ଛାନ ଭିନ ଜାରି ରଖିଛି ବୋଲି ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

# ରାସ୍ତା ପାଇଁ ରାସ୍ତାରୋକୋ

ରୂପସା,୧୨।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଇଡ଼ିଦା ପଞ୍ଚାୟତ ଅଧୀନ ମଛଦା ଗ୍ରାମରେ ଗୁରୁବାର ରାସ୍ତା କାମକୁ କେନ୍ଦ୍ର କରି ଉତ୍ତେଜନା ଦେଖାଦେଇଛି। ରାସ୍ତା ନିର୍ମାଣ ଦାବିରେ ଗ୍ରାମବାସୀ ୭ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଆର୍‌ଆଇ ଓ ସରପଞ୍ଚ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଗ୍ରାମର ମୁଖ୍ୟରାସ୍ତା ଅତ୍ୟନ୍ତ ତଳିଆ ହୋଇଥିବାରୁ ଅନେକ ସମୟରେ ରାସ୍ତା ଉପରେ ପାଣି ଜମି ରହେ। ଫଳରେ ଜନସାଧାରଣ ଯା'ଆସ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦାବି ମୁତାବକ ଏକ ପ୍ରକଳ୍ପ ମଞ୍ଜୁର ହୋଇ ଉକ୍ତ ରାସ୍ତା ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନୂତନ କଂକ୍ରିଟ୍ ରାସ୍ତା କାର୍ଯ୍ୟ ଜାରି ରହିଥିଲା। ମାତ୍ର ପୂର୍ବତନ ସରପଞ୍ଚ ଓ କେତେଜଣ ଲୋକ ଆସି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲେ। ଫଳରେ ଗ୍ରାମବାସୀ ଏହାକୁ ବିରୋଧ କରି ରାସ୍ତା ଉପରେ ବାଡ଼ ରଖି ରାସ୍ତା ଅବରୋଧ କରିବା ସହ ଧାରଣାରେ ବସିଥିଲେ। ରାସ୍ତା କାମ ପୁନର୍ବାର ଆରମ୍ଭ ନ ହେବା ଯାଏ ରାସ୍ତା ଅବରୋଧ ଜାରି ରହିବ ବୋଲି ଦାବି କରିଥିଲେ। ସକାଳ ୮ଟାରୁ ଏହି ରାସ୍ତାରୋକୋ ଆରମ୍ଭ ହୋଇଥିବାରୁ ଅନେକ ଲୋକ ଯାତାୟାତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବସ୍ତା ତହସିଲଦାର କାର୍ତ୍ତିକ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ସାହାଡ଼ା ଆର୍‌ଆଇ ଶୁଭଜିତ ମଣ୍ଡୁଆଳ ଓ ସରପଞ୍ଚ ଦେବୀପ୍ରସାଦ ଭଞ୍ଜ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହିତ ରାସ୍ତା ନିର୍ମାଣର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।



ରାସ୍ତା ନିର୍ମାଣ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

# 'ପାରମ୍ପରିକ କୃଷି ପ୍ରତି ଚାଷୀକୁଳ ବିମୁଖ'

ବାଲେଶ୍ୱର ଅଫିସ,୧୨।୮

ରାଜ୍ୟରେ ଚାଷୀକୁଳ ପାରମ୍ପରିକ ଚାଷରୁ ବିମୁଖ ହେଉଛନ୍ତି। କେନ୍ଦ୍ର ସରକାର ଦେଉଥିବା କେନ୍ଦ୍ରୀୟ ଅର୍ଥର ବାଟମାରଣା ସହିତ ପ୍ରକଳ୍ପର ବାସ୍ତବିକ ଅଗ୍ରଗତି ହୋଇପାରୁ ନ ଥିବା ଅଭିଯୋଗ ଆଣି ହିତାଧିକାରୀ ଚୟନରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ଦାବି କରିଛନ୍ତି। ରାଜ୍ୟରେ ବହୁବିଧ କୃଷି ପାଇଁ ପର୍ଯ୍ୟାପ୍ତ ସମ୍ଭାବନା ଥିବା ସତ୍ତ୍ୱେ ଭିତ୍ତିଭୂମିର ବିକାଶ ହେଉ ନ ଥିବାରୁ ଆମେ ଅନେକ ପଛରେ ରହିଛୁ। ଉନ୍ନତ ଜଳସେଚନ, ପର୍ଯ୍ୟାପ୍ତ ଶୀତଳଭଣ୍ଡାର, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ପ୍ରତି ବ୍ଲକରେ ପରିବା ମଣ୍ଡି, ଚାଷୀଙ୍କ ପାଇଁ ଉନ୍ନତ ବିହନ ଓ ଜୈବିକ ରାସାୟନର ବ୍ୟବସ୍ଥା, କୃଷିଜାତ ଦ୍ରବ୍ୟ ସୁରକ୍ଷିତ କରିବା ଉପରେ ରାଜ୍ୟ ସରକାର ଆନ୍ତରିକତାର ସହିତ କାମ କରିବା ପାଇଁ ଦାବି କରାଯାଇଛି। ଧାନର ଅଭାବୀ ବିକ୍ରି ତ୍ରୁଟିପୂର୍ଣ୍ଣ ଟୋକନ ବଣ୍ଟନ ହେବା ସହ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ହିତାଧିକାରୀ ଚୟନରେ




ସାଙ୍ଗଠନିକ ବୈଠକରେ କୃଷକ ମୋର୍ଚ୍ଚାର କର୍ମକର୍ତ୍ତା।

ରାଜ୍ୟ ସରକାର ପକ୍ଷପାତିତ କରି ଦଳୀୟ ଭିତ୍ତିରେ ଚୟନ କରୁଥିବାରୁ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି ବୋଲି ଗୁରୁବାର ଅନୁଷ୍ଠିତ ଭାଜପା କୃଷକ ମୋର୍ଚ୍ଚାର ଉତ୍ତର ଓଡ଼ିଶା କ୍ଷେତ୍ରୀୟ ସାଙ୍ଗଠନିକ ବୈଠକରେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଯୋଗଦେଇ କହିଛନ୍ତି। ବାଲେଶ୍ୱର ସମେତ ଆଖପାଖ ଜିଲାରେ ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ରହିଛି, ରାଜ୍ୟରେ ପାଣିପଞ୍ଚାୟତ କାଗଜକଲମରେ ସୀମିତ। ଜିଲାରେ 'ୟାସ୍' ବାତ୍ୟା ପରବର୍ତ୍ତୀ ସମୁଦ୍ର ଉପକୂଳବର୍ତ୍ତୀ ଚାଷୀଙ୍କ ସମସ୍ୟା ଅତ୍ୟନ୍ତ ଚିନ୍ତାର ବିଷୟ। ଆଜି ପର୍ଯ୍ୟନ୍ତ ୧୦୦୦ରୁ ଊର୍ଦ୍ଧ୍ୱ ହେକ୍ଟର ଜମିରୁ ଲୁଣା ପାଣି ନିଷ୍କାସିତ ହୋଇପାରି ନ ଥିବା ବେଳେ ହଜାର ହଜାର ହେକ୍ଟର ଜମି ଚାଷ ଅନୁପଯୋଗୀ ହୋଇପଡ଼ିଛି। ସରକାରଙ୍କର ସେଥିପ୍ରତି କୌଣସି ଧ୍ୟାନ ନାହିଁ କି ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ କୁମାର ପଟେଲ, ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ କାମାକ୍ଷା ପ୍ରସାଦ ପ୍ରଧାନ, ମୋର୍ଚ୍ଚାର ଜିଲା ସଭାପତି କୈଳାଶ ଚନ୍ଦ୍ର ବାରିକ, ନମାମି ଗଙ୍ଗେ ରାଜ୍ୟ ସଭାପତି ମହେଶ୍ୱର ସାହୁ, ମୋର୍ଚ୍ଚାର ରାଜ୍ୟ ଉପସଭାପତି ରାଧାକାନ୍ତ ମହାନ୍ତ, ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଂଶୁମାନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗଦାନ ବଞ୍ଚାଇବ ଜୀବନ

**ଜୀବନର ଅନ୍ତିମ ସତ୍ୟ ହେଉଛି ମୃତ୍ୟୁ। ନିଃଶ୍ୱାସ ବନ୍ଦ ହୋଇଗଲେ ଶରୀର ହୋଇଯାଏ ଅଲୋଡ଼ା। ପ୍ରକୃତିର ନିୟମ ଅନୁଯାୟୀ ବିଘଟନ ହେବା ଆରମ୍ଭ କରେ। ଏହାପରେ ଧର୍ମୀୟ ପରମ୍ପରା ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ ହୁଏ ଏବଂ ପଞ୍ଚଭୂତରେ ବିଲୀନ ହୋଇଯାଏ ନଶ୍ୱର ଶରୀର। କେଉଁ ଆବହମାନ କାଳରୁ ଏହି ଚିରାଚରିତ ପ୍ରକ୍ରିୟା ଚାଲି ଆସିଛି। ହେଲେ ମୃତ୍ୟୁ ପରେ ବି ଜଣେ ଜନମାନସରେ ଜୀବିତ ରହିପାରିବ ଏବଂ ଦେଇପାରିବ ଅନ୍ୟକୁ ନୂଆ ଜୀବନ। ଏଥିଲାଗି ବିକଳ୍ପ ହେଉଛି ଅଙ୍ଗଦାନ। ଏଭଳି ମହତ୍ ଉଦ୍ଦେଶ୍ୟକୁ ବାସ୍ତବ ରୂପ ଦେବାକୁ ପ୍ରତିବର୍ଷ ଅଗଷ୍ଟ ୧୩ରେ ପାଳିତ ହୁଏ 'ବିଶ୍ୱ ଅଙ୍ଗଦାନ ଦିବସ'।**




**ଆଜି ବିଶ୍ୱ ଅଙ୍ଗଦାନ ଦିବସ**

ହାର୍ଟ, ଲିଭର, ପାନକ୍ରିୟାଜ, କିଡ୍‌ନୀ, ଫୁସ୍‌ଫୁସ୍, ଚକ୍ଷୁ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗର ସ୍ୱାସ୍ଥ୍ୟ ଥରେ ବିଗିଡ଼ିଗଲେ ଆଉଥରେ ପୂର୍ବାବସ୍ଥାକୁ ଫେରିଆସିବା ବଡ଼ କଷ୍ଟକର। ପର୍ଯ୍ୟାପ୍ତ ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ରୋଗୀ ଜୀବନ ବଞ୍ଚାଇବା ଅନେକାଂଶରେ ସମ୍ଭବ ହୁଏନାହିଁ। ହେଲେ ଠିକ୍ ସମୟରେ ଅଙ୍ଗପ୍ରତିରୋପଣ କରାଯାଇପାରିଲେ ରୋଗୀକୁ ନୂଆ ଜୀବନ ମିଳେ। ଅଙ୍ଗଦାନ ଏବଂ ପ୍ରତିରୋପଣକୁ ପ୍ରୋତ୍ସାହିତ କରିବା, ଅଙ୍ଗଦାତାଙ୍କ ନିଃସ୍ୱାର୍ଥପର ଅବଦାନକୁ ଜନମାନସରେ ପରିଚିତ କରାଇବାକୁ ପ୍ରତିବର୍ଷ ଅଗଷ୍ଟ ୧୩ରେ ପାଳିତ ହେଉଛି ବିଶ୍ୱ ଅଙ୍ଗଦାନ ଦିବସ। ଭାରତରେ ନଭେମ୍ବର ୨୭ରେ ଏହା ପାଳନ କରାଯାଏ। ଦିବସ ପାଳନ ଉପଲକ୍ଷେ ସରକାର ଅଙ୍ଗଦାନ ଲାଗି ନାଗରିକଙ୍କୁ ଉତ୍ସାହିତ କରିଥାଆନ୍ତି। ବିଭିନ୍ନ ସଚେତନତାଭିତ୍ତିକ କାର୍ଯ୍ୟକ୍ରମ, ପ୍ରତିଯୋଗିତା, ଟିଭି ଶୋ' ଆୟୋଜନ କରାଯାଇଥାଏ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଙ୍ଗଦାନ କରୁଥିବା ବ୍ୟକ୍ତି ଏବଂ ଏହାକୁ ପ୍ରୋତ୍ସାହିତ କରୁଥିବା ଅନୁଷ୍ଠାନକୁ ପ୍ରତିବର୍ଷ 'ସୁରଜ ପୁରସ୍କାର' ଦିଆଯିବ ବୋଲି ଘୋଷଣା କରିଛନ୍ତି। ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକର ୨୨ ବର୍ଷୀୟ ଯୁବକ ସୁରଜ ସେଠୀଙ୍କ ଦୁର୍ଘଟଣାରେ ମୃତ୍ୟୁ ପରେ ତାଙ୍କ ପରିବାର ସଦସ୍ୟ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କର ୨ କିଡ୍‌ନୀ, ୨ ଆଖି, ହୃତ୍‌ପିଣ୍ଡ, ଯକୃତ ୬ଜଣଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା। ୨୦୧୯ ଅକ୍ଟୋବରରେ ଘଟିଥିବା ଏହି ଘଟଣା ସେତେବେଳେ ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ଇତିହାସରେ ୧୯୫୪ ବର୍ଷ ସବୁବେଳେ ଅଭୁଲା। ସେହିବର୍ଷ ଯୁକ୍ତରାଷ୍ଟ୍ର ଆମେରିକାରେ ଜଣେ ବ୍ୟକ୍ତି ଦାନ କରିଥିବା ଲିଭରକୁ ଅନ୍ୟ ଜଣଙ୍କଠାରେ ସଫଳତାର ସହ ପ୍ରତିରୋପଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଯାଆଁଳା ଭାଇ ରୋନାଲ୍ଡ ଏବଂ ରିଚାର୍ଡ ହେରିକ୍‌ଙ୍କ ମଧ୍ୟରେ କିଡ୍‌ନୀ ପ୍ରତିରୋପଣ କରିଥିଲେ ଡା. ଜୋଶେଫ ମୁରେ। ଏଥିଲାଗି ତାଙ୍କୁ ୧୯୯୦ରେ ସମ୍ମାନଜନକ ନୋବେଲ ପୁରସ୍କାର (ଭେଷଜ ବିଜ୍ଞାନ ପାଇଁ) ପ୍ରଦାନ କରାଯାଇଥିଲା। ଏହା ପରେ ୧୯୬୦ରେ ଲିଭର, ହାର୍ଟ, ପାନକ୍ରିୟାଜ ଏବଂ ୧୯୮୦ରେ ଫୁସ୍‌ଫୁସ୍ ପ୍ରତିରୋପଣ ସଫଳତାର ସହ କରାଯାଇପାରିଥିଲା।

**କେଉଁମାନେ କରିପାରିବେ**

ଜଣେ ସୁସ୍ଥ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଅଙ୍ଗଦାନ କରିପାରିବେ। ଅଙ୍ଗଦାନ ଲାଗି ଇଚ୍ଛୁକ ବ୍ୟକ୍ତିଙ୍କ ବୟସ ୧୮ରୁ ଅଧିକ ହୋଇଥିବା ଜରୁରୀ। ଅଙ୍ଗଦାନ ସାଧାରଣତଃ ଦୁଇ ପ୍ରକାର। ପ୍ରଥମତଃ ଜୀବିତ ଅବସ୍ଥାରେ ଏବଂ ଦ୍ୱିତୀୟତଃ ମୃତ୍ୟୁ ପରେ। ଜୀବିତାବସ୍ଥାରେ ଅଙ୍ଗଦାତା କିଡ୍‌ନୀ, ଲିଭର ଦାନ କରିପାରିବେ। କାରଣ ମଣିଷ ଶରୀରରେ ୨ଟି କିଡ୍‌ନୀ ରହିଥାଏ। ଦ୍ୱିତୀୟତଃ ମୃତ୍ୟୁ ପରେ ହୃତ୍‌ପିଣ୍ଡ, ଚକ୍ଷୁ, ଅସ୍ଥି, ଚର୍ମ, ପାନକ୍ରିୟାଜ୍ ଭଳି ଅଙ୍ଗଦାନ କରାଯାଇପାରିବ। ଜଣେ ବ୍ରେନ୍ ଡେଡ୍ ରୋଗୀଙ୍କ ନିକଟରୁ ୬ ଜୀବନ ରକ୍ଷାକାରୀ ଅଙ୍ଗପ୍ରତ୍ୟଙ୍ଗ ସହ ମୋଟ ୩୭ ପ୍ରକାର ଅଙ୍ଗ ସଂଗୃହୀତ ହୋଇପାରିବ।

**ଭାରତରେ ଅଙ୍ଗଦାନ ନୈରାଶ୍ୟଜନକ**

ଭାରତରେ ୧୦ ଲକ୍ଷରେ ଅଙ୍ଗଦାନ ହାର ମାତ୍ର ୦.୬%। କେବଳ ଦକ୍ଷିଣ ଭାରତୀୟ ରାଜ୍ୟରେ ଅଙ୍ଗଦାନକୁ ନେଇ ସକାରାତ୍ମକ ଭାବନା ଦେଖିବାକୁ ମିଳୁଛି। ହେଲେ ଅବଶିଷ୍ଟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଅଙ୍ଗଦାନକୁ ନେଇ ସେଭଳି ଉତ୍ସାହ ଦେଖିବାକୁ ମିଳେନାହିଁ। ଏହା ପଛରେ ପ୍ରମୁଖ କାରଣ ରହିଛି ଧର୍ମୀୟ ଭାବନା, ଇଚ୍ଛାଶକ୍ତି ଏବଂ ମାନସିକତାର ଅଭାବ। ସେହିପରି ଅଙ୍ଗ ପ୍ରତିରୋପଣ ଲାଗି ଉଚ୍ଚ ପ୍ରଶିକ୍ଷିତ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ରହିଛି। ଏକ ଆକଳନ ଅନୁଯାୟୀ ଦେଶରେ ସଡ଼କ ଦୁର୍ଘଟଣାରେ ବାର୍ଷିକ ୮୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟୁଛି। ଏହି ଘଟଣାଗୁଡ଼ିକ ମଧ୍ୟରୁ ପ୍ରାୟ ୫୦% ହେଉଛି ବ୍ରେନ୍‌ଡେଡ୍। ଯଦି ଏଭଳି ମାମଲାରେ ମରଶରୀରରୁ ଅଙ୍ଗପ୍ରତ୍ୟଙ୍ଗ ସଂଗ୍ରହ କରାଯାଏ ତା'ହେଲେ ଭାରତରେ ଅଙ୍ଗ ପ୍ରତିରୋପଣ ବିପ୍ଳବରେ ପରିଣତ ହୋଇପାରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ଆଦିଶକ୍ତି ଆରାଧନା କରିବେ ୪ ମହିଳା

**ପଶ୍ଚିମବଙ୍ଗ ଦୁର୍ଗାପୂଜା ଇତିହାସରେ ପ୍ରଥମ**



କୋଲକାତା: ଚିରାଚରିତ ଢଙ୍ଗଠାରୁ କିଛି ଭିନ୍ନ କରିବାକୁ ଚେଷ୍ଟା କରିଥାନ୍ତି। ଏମିତି କିଛି ଭିନ୍ନତା ଆପଣାଇବାକୁ ହେଲେ ସେମାନଙ୍କୁ ସମାଜରେ କିଛି ପ୍ରତିବନ୍ଧକର ସାମ୍ନା ବି କରିବାକୁ ପଡ଼ିଥାଏ। ଠିକ୍ ଏମିତି କିଛି କାମ କରି ଚର୍ଚ୍ଚାକୁ ଆସିଛନ୍ତି କୋଲକାତାର ୪ଜଣ ମହିଳା। ପ୍ରଥମ ଥର ପାଇଁ ଏଥର ଦୁର୍ଗାପୂଜାରେ ସେମାନେ ପୂଜକ ସାଜିଛନ୍ତି।

ପଶ୍ଚିମବଙ୍ଗ ଦୁର୍ଗାପୂଜା ଇତିହାସରେ ପ୍ରଥମ ଥର ପାଇଁ ଆଦିଶକ୍ତିଙ୍କର ଆରାଧନା କରିବାକୁ ଯାଉଛନ୍ତି ୪ଜଣ ମହିଳା। କୋଲକାତାର ୬୬ ପଲ୍ଲୀ ନାମକ କ୍ଲବ୍‌ରେ ପୂଜା ଦାୟିତ୍ୱ ନେଇଛନ୍ତି ସେମାନେ। ପ୍ରଥମ ଥର ପାଇଁ ମାଆ ଦୁର୍ଗାଙ୍କ ପୂଜାକର୍ମ ନିମନ୍ତେ ମହିଳାମାନଙ୍କୁ ନିୟୋଜିତ କରାଯାଇଛି ବୋଲି ଆୟୋଜକମାନେ କହିଛନ୍ତି। ଉକ୍ତ ୪ ମହିଳା ପୁରୋହିତ ହେଉଛନ୍ତି ନନ୍ଦିନୀ, ରୁମା, ସେମନ୍ତୀ ଓ ପୌଲମୀ। ସେମାନେ ସମସ୍ତ ବିଧିରେ ହିଁ ମାଆଙ୍କର ପୂଜା ଅର୍ଚ୍ଚନା କରିବେ ବୋଲି ଆୟୋଜକମାନେ କହିଛନ୍ତି। ମହିଳା ପୁରୋହିତମାନେ କହିଛନ୍ତି, ମାଆ ଦୁର୍ଗା ସମସ୍ତଙ୍କର ଆରାଧ୍ୟା। ତେଣୁ ତାଙ୍କ ପାଖରେ ନାରୀ ପୁରୁଷର ଭେଦଭାବ ରହିବା ଉଚିତ ନୁହେଁ। ତେଣୁ ନିଷ୍ଠା ଓ ଭକ୍ତିରେ ମାଆଙ୍କର ଆରାଧନା ସମସ୍ତେ କରିପାରିବେ ବୋଲି ସେମାନେ କହିଛନ୍ତି। କୋଲକାତାରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

# ସିଟ୍ ପାଇଁ ମା', ଝିଅଙ୍କ ଝଗଡ଼ା

**ଉଡ଼ିପାରିଲାନି ବିମାନ**

ବସ୍ ହେଉ ଅଥବା ରେଳ, ଅନେକ ସମୟରେ ଗାଡ଼ିରେ ସିଟ୍ ପାଇଁ ଯାତ୍ରୀମାନଙ୍କ ମଧ୍ୟରେ ଝଗଡ଼ା ଦେଖିବାକୁ ମିଳିଥାଏ। ହେଲେ ଯଦି ବିମାନରେ ସେଭଳି ଘଟେ ତାହା ଚକିତ କରିବା ସ୍ୱାଭାବିକ। ଆମେରିକାର କାଲିଫର୍ନିଆର ସାକ୍ରାମେଣ୍ଟୋ ବିମାନବନ୍ଦରରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ସେଠାରେ ଜଣେ ମହିଳା ଏବଂ ତାଙ୍କ ଝିଅ ସିଟ୍ ପାଇଁ ଏଭଳି ଝଗଡ଼ା କରିଥିଲେ ଯେ ବିମାନଟି ଏୟାରପୋର୍ଟରେ ଘଣ୍ଟାଏ ଧରି ଛିଡ଼ା ହୋଇରହିଥିଲା। ବହୁତ କଷ୍ଟରେ ଉଭୟଙ୍କୁ ବିମାନରୁ ଓହ୍ଲାଇବା ପରେ ଅନ୍ୟ ଯାତ୍ରୀମାନେ ଶାନ୍ତିରେ ନିଃଶ୍ୱାସ ମାରିଥିଲେ।

ଦକ୍ଷିଣପଶ୍ଚିମ ଏୟାରଲାଇନ୍ସର ଉକ୍ତ ବିମାନଟି କାଲିଫର୍ନିଆର ସାକ୍ରାମେଣ୍ଟୋ ବିମାନବନ୍ଦରରୁ ଉଡାଣ କରିବାର ଥିଲା। ହେଲେ ବିମାନର ଯାତ୍ରୀଙ୍କ ମଧ୍ୟରେ ସେହି ମା-ଝିଅ ରହିଥିଲେ। ସେମାନେ ଟିକେଟ ବୁକ୍ କରିଥିଲେ ହେଁ ସିଟ୍ ଆବଣ୍ଟନ 'ପ୍ରଥମେ ଆସ, ପ୍ରଥମେ ପାଅ' ଆଧାରରେ ହୋଇଥିଲା। ଉଭୟ ବହୁତ ବିଳମ୍ବରେ ପହଞ୍ଚିଥିଲେ, ସେଥିପାଇଁ ତାଙ୍କୁ ପାର୍ଶ୍ୱ ସିଟ୍ ମିଳିପାରି ନ ଥିଲା। ବିମାନଟି ସମ୍ପୂର୍ଣ୍ଣ ପ୍ୟାକ୍ ଥିବାରୁ ସେ ଚାହୁଁଥିବା ଦ୍ୱିତୀୟ ସିଟ୍ ନ ଥିବା କର୍ମଚାରୀମାନେ ତାଙ୍କୁ କହିଥିଲେ। ଏପରିକି ସେମାନେ ଚାହିଁଲେ ଅନ୍ୟ ଏକ ବିମାନରେ ଯାଇପାରିବେ ବୋଲି ପରାମର୍ଶ ଦେଇଥିଲେ। ହେଲେ ଉଭୟ ଜିଦ୍‌ରେ ଅଟଳ ଥିଲେ। ବିମାନ କର୍ମଚାରୀ ତାଙ୍କୁ ବୁଝାଇବା ପାଇଁ ବାରମ୍ବାର ଚେଷ୍ଟା କରିଥିଲେ। ମାତ୍ର ଉଭୟେ କଥା ଶୁଣି ନ ଥିଲେ। ଫଳରେ ବିମାନଟି ଦୀର୍ଘ ଏକ ଘଣ୍ଟା ଧରି ବିମାନବନ୍ଦରରେ ଛିଡ଼ା ହୋଇଥିଲା। ପରେ କ୍ରୁ ସଦସ୍ୟମାନେ ଉଭୟଙ୍କୁ ବିମାନରୁ ଓହ୍ଲାଇଦେଇଥିଲେ। ବିମାନରେ ଥିବା ଜଣେ ଯାତ୍ରୀ ଏହି ଘଟଣାର ଭିଡିଓ ପ୍ରସ୍ତୁତ କରିଥିଲେ, ଯାହା କି ସୋସିଆଲ ମିଡିଆରେ ଭାଇରାଲ ହେଉଛି।





# ସାରାଙ୍କ ପିଛା ଛାଡୁନି ବିବାଦ

ମୁମ୍ବାଇ: ସୈଫ ଲଳନା ସାରା ଅଲ୍ଲୀ ଖାନ୍ ଯେଉଁଆଡେ ବିବାଦ ସେହିଆଡ଼େ। ଖୁବ୍ କମ୍ ଦିନ ହେଲା ବଲିଉଡ୍‌ରେ ପାଦ ଦେଇଥିବା ଏହି ଅଭିନେତ୍ରୀ ଏକାଧିକ ବିବାଦକୁ ନେଇ ଚର୍ଚ୍ଚାରେ ରହିଆସିଛନ୍ତି। କେବେ ଭାଇଙ୍କ ସହ ବିକିନିକୁ ନେଇ ତ କେବେ ସୁଶାନ୍ତ ସିଂହ ରାଜପୁତଙ୍କ ସହ ଡ୍ରଗ୍ସ ସେବନ କାରଣରୁ ତାଙ୍କୁ ସମାଲୋଚନା କରାଯାଇଛି। ଗୁରୁବାର ଜନ୍ମଦିନ ପାଳନ କରିବା ପରେ ସେ ୨୬ ବର୍ଷରେ ପାଦ ଥାପିଛନ୍ତି। ଫିଲ୍ମ ଅପେକ୍ଷା ବିବାଦ ଯୋଗୁ ସେ ଅଧିକ ଚର୍ଚ୍ଚାରେ ରହୁଛନ୍ତି। ଭାଇ ଇବ୍ରାହିମ ଅଲ୍ଲୀ ଖାନ୍‌ଙ୍କ ସହ ବିକିନି ପିନ୍ଧା ଫଟୋ ସେ ଶେୟାର କରିଥିବାରୁ ତାଙ୍କୁ ଲୋଚନା କରାଯାଇଥିଲା। ରିୟା ଚକ୍ରବର୍ତ୍ତୀ ଏନ୍‌ସିବିକୁ ସାରାଙ୍କ ବିଷୟରେ ବଡ଼ କଥା କହିଥିଲେ। ୨୦୧୮ରେ ଥାଇଲାଣ୍ଡ ଗସ୍ତ ବେଳେ ସୁଶାନ୍ତଙ୍କ ସହ ମିଶି ସାରା ଡ୍ରଗ୍ସ ସେବନ କରିବା କଥା ଉଠିବା ପରେ ଏନ୍‌ସିବି ସାରାଙ୍କୁ ସମନ କରି ପଚରାଉଚରା କରିଥିଲା। କରନ୍ ଜୋହରଙ୍କ ଶୋ' 'କଫି ଉଇଥ୍ କରନ୍‌ରେ' କାର୍ତ୍ତିକ ଆର୍ଯ୍ୟନଙ୍କ ସହ ସାରା ଡେଟ୍‌ରେ ଯିବାକୁ ଚାହୁଁଥିବା କହିବା ପରେ ତାହା ବେଶ୍ ଚର୍ଚ୍ଚାରେ ରହିଥିଲା। ଗତବର୍ଷ ମାର୍ଚ୍ଚରେ ମା' ଅମୃତା ସିଂହଙ୍କ ସହ ସାରା କାଶୀ ବିଶ୍ୱନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ହେଲେ ଅନେକଙ୍କୁ ତାହା ପସନ୍ଦ ଆସି ନ ଥିଲା। କେବଳ ମୋଟା ଅଙ୍କର ଦକ୍ଷିଣା ପାଇଁ ପୂଜକମାନେ ତାଙ୍କୁ ମନ୍ଦିର ଭିତରକୁ ଯିବାକୁ ଅନୁମତି ଦେଇଥିବା ସମାଲୋଚକମାନେ ସୋସିଆଲ ମିଡିଆରେ କମେଣ୍ଟ କରିଥିଲେ। ସେହିଭଳି କିଛି ଦିନ ପୂର୍ବେ ସାରା ଆସାମର କାମାକ୍ଷାଦେବୀ ମନ୍ଦିରକୁ ଯାଇଥିଲେ। ସେଠାରେ ସେ ଉଠାଇଥିବା ଫଟୋ ବେଶ୍ ଭାଇରାଲ ହୋଇଥିଲା। ଏଥିପାଇଁ ଲୋକେ ତାଙ୍କର ଧର୍ମକୁ ନେଇ ପ୍ରଶ୍ନ କରିଥିଲେ। ସେ ହିନ୍ଦୁ ନା ମୁସଲମାନ ବୋଲି କମେଣ୍ଟ କରିଥିଲେ।


**ମନେ ପଡ଼ନ୍ତି**

ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ



ମାନ୍ୟାପୁ ଗୋପିଚାନ୍ଦ (ଗୋପି ବାବୁ)
ପ୍ଲଟ୍ ନଂ.- ୮୪, ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ:୧୪|୦୭|୧୯୬୪
ତିରୋଧାନ:୦୩|୦୮|୨୦୨୧
ଗୋପି ବାବୁ ଜଣେ ମହାନ୍, ଦୟାଭାବାପନ୍ନ, କଠିନ ପରିଶ୍ରମୀ ବ୍ୟକ୍ତିତ୍ୱ, ଯାହାଙ୍କ ଦୂରଦୃଷ୍ଟି ଓ ଅନୁକମ୍ପା ଅତୁଲ୍ୟ। ଏବେବି ଆପଣଙ୍କ ଅନୁପସ୍ଥିତି ଆମ ସମସ୍ତଙ୍କୁ ବିବ୍ରତ କରୁଛି। ଆପଣଙ୍କର ଭଲ ପାଇବା କେବେବି ଭୁଲି ହେବ ନାହିଁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଶ୍ରେୟା ଏଣ୍ଟରପ୍ରାଇଜେସ୍‌ର କର୍ମଚାରିବୃନ୍ଦ
ଧ-୨୧୩୨୮



**CLASSIFIED DISPLAY**

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9457719344
9458657264

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ ୨୨୨/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
7983517788
8004625362

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋଣା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

DHANLAXMI FINANCE
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ସବୁଥିରେ ଆଗୁଆ ବାମହାତୀ




**ଆଜି ଅନ୍ତର୍ଜାତୀୟ ବାମହାତୀ ଦିବସ**

ବିଶ୍ୱରେ ଅଧିକାଂଶ ଲୋକେ ଡାହାଣ ହାତରେ ନିଜର ସମସ୍ତ କାର୍ଯ୍ୟ କରିଥାନ୍ତି। ଅନେକେ କିନ୍ତୁ ଦୈନନ୍ଦିନ କାମ ପାଇଁ ବାମ ହାତ ବ୍ୟବହାର କରିଥାନ୍ତି। ବିଜ୍ଞାନ ଅନୁସାରେ ମଣିଷର ମସ୍ତିଷ୍କ ଦୁଇ ଭାଗ ବା ଅର୍ଦ୍ଧଗୋଲକ(ହେମିସ୍ପିୟର)ରେ ବିଭକ୍ତ। ମସ୍ତିଷ୍କର ଡାହାଣ ଭାଗ ଶରୀରର ବାମ ଅଙ୍ଗ ଏବଂ ବାମ ଭାଗ ହେମିସ୍ପିୟର ଡାହାଣ ଅଙ୍ଗଗୁଡ଼ିକର ସୁପରିଚାଳନା କରିଥାଏ। ଫଳରେ ଶରୀରରେ ସନ୍ତୁଳନ ରକ୍ଷା ସମ୍ଭବ ହୋଇଥାଏ। ଅଧିକାଂଶ ଲୋକଙ୍କ କ୍ଷେତ୍ରରେ ମସ୍ତିଷ୍କର ବାମ ଭାଗ ଅଧିକ ସକ୍ରିୟ ରହିଥାଏ। ତେଣୁ ସେମାନେ ଡାହାଣ ହାତରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିଥାନ୍ତି। ମାତ୍ର କେତେକଙ୍କ କ୍ଷେତ୍ରରେ ମସ୍ତିଷ୍କର ଡାହାଣ ଭାଗ ଅଧିକ ସକ୍ରିୟ ରହିଥାଏ। ଫଳରେ ସେମାନେ ବାମହାତରେ ସମସ୍ତ କାର୍ଯ୍ୟ କରିଥାନ୍ତି। ଏଭଳି ବ୍ୟକ୍ତି ବିଶେଷଙ୍କୁ ବାମହାତୀ କୁହାଯାଇଥାଏ। ମସ୍ତିଷ୍କର ବାମ ଅଂଶ ବାକ୍ ଶକ୍ତି, ଗାଣିତିକ ଦକ୍ଷତା, ଲେଖିବା କୌଶଳ ଏବଂ ବୁଝିବା ଶକ୍ତିକୁ ପରିଚାଳିତ କରିଥାଏ। ତେଣୁ ଏହା ଯୋଗୁ ପ୍ରଭାବିତ ହେଉଥିବା ଡାହାଣ ହାତୀ ବ୍ୟକ୍ତିବିଶେଷଙ୍କଠାରେ ସାଧାରଣତଃ ଏଭଳି ଦକ୍ଷତା ଅଧିକ ରହିଥାଏ। ଅପରପକ୍ଷରେ ମସ୍ତିଷ୍କର ଡାହାଣ ଅଂଶ ଚେତନା ଶକ୍ତି, ସ୍ମୃତି, ତର୍କ ଶକ୍ତି ଏବଂ ସମସ୍ୟା ସମାଧାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଫଳରେ ଏହି ଅଂଶ ସକ୍ରିୟ ଥିବା ବାମହାତୀଙ୍କ ଠାରେ ଏସବୁ କ୍ଷେତ୍ରରେ ଦକ୍ଷତା ପ୍ରାୟତଃ ଦୃଷ୍ଟି ଗୋଚର ହୋଇଥାଏ। ବାମହାତୀଙ୍କ କ୍ଷେତ୍ରରେ ର୍ୟୁମାଟିକ୍ ହାର୍ଟ ଡିଜିଜ୍(ଆର୍‌ଏଚ୍‌ଡି) ଦେଖା ଦେବାର ଆଶଙ୍କା ମଧ୍ୟ ରହିଥାଏ। ଏହାର ପ୍ରଭାବରେ ହୃତ୍‌ପିଣ୍ଡର ୪ଟି କୋଠରୀରେ ବେଳେବେଳେ କ୍ଷତ ସୃଷ୍ଟି ହୋଇ ଆକ୍ୟୁଟ ର୍ୟୁମାଟିକ୍ ଫିଭର(ଏଆର୍‌ଏଫ୍) ଦେଖାଦେଇଥାଏ।

ବାମହାତୀଙ୍କ ସଂଖ୍ୟା ପୃଥିବୀରେ ପ୍ରାୟ ୧୦ ପ୍ରତିଶତ। ଏଭଳି ବ୍ୟକ୍ତି ବିଶେଷଙ୍କ ପାଇଁ ପ୍ରତିବର୍ଷ ଅଗଷ୍ଟ ୧୩ରେ ଅର୍ନ୍ତଜାତୀୟ ବାମହାତୀ ଦିବସ ପାଳନ କରାଯାଇଥାଏ। ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଥିଲେ ବି ବାମହାତୀମାନେ ବହୁ କ୍ଷେତ୍ରରେ ଆଗୁଆ ହେବା ସହ ନଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ସେମାନଙ୍କ ମଧ୍ୟରେ ଫିଲୋସୋଫର ଆରିଷ୍ଟଟଲ, ପ୍ରସିଦ୍ଧ ଚିତ୍ରକର ଲିଓନାର୍ଡୋ ଦା ଭିନ୍ସି, ନୋପୋଲିୟନ ବୋନାପାର୍ଟେ, ବେସ୍ ବଲ୍ ଖେଳାଳି ବାବେ ରୁଥ୍, କ୍ରିକେଟର ଆଲାନ୍ ବର୍ଡର, ଗ୍ୟାରୀ ସୋବର୍ସ, ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟସ୍, ମାର୍କ ଜୁକରବର୍ଗ ଆଦିଙ୍କ ନାମ ରହିଛି।

ତାଲିକାରେ ଜାତିର ପିତା ମହାତ୍ମା ଗାନ୍ଧୀ, ମଦର ଟେରେସା, ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରିକେଟ ଖେଳାଳି ମାଷ୍ଟର ବ୍ଲାଷ୍ଟର ସଚିନ୍ ତେନ୍ଦୁଲକର, କ୍ରିକେଟର ସୌରଭ ଗାଙ୍ଗୁଲୀ, ଗୌତମ ଗମ୍ଭୀର, ଶିଖର ଧାଓ୍ୱନ, ଯୁବରାଜ ସିଂ, ସୁରେଶ ରୈନା, ବିଗ୍ ବି ଅମିତାଭ ବଚ୍ଚନ, ଅଭିନେତା ରଜନୀକାନ୍ତ, ଶିଳ୍ପପତି ରତନ ଟାଟା ଆଦି ବହୁ ବ୍ୟକ୍ତିଙ୍କ ନାମ ରହିଛି।

## ପ୍ରଧାନମନ୍ତ୍ରୀ ମୋଦି ବାମହାତୀ

ବାମହାତୀ ସଫଳ ଭାରତୀୟଙ୍କ ତାଲିକା ମଧ୍ୟ କିଛି କମ୍ ନୁହେଁ। ଭାରତରେ ୧୦ରୁ ୧୨ ପ୍ରତିଶତ ବାମହାତୀ ରହିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ବାମହାତୀ। ତାଲିକାରେ ଜାତିର ପିତା ମହାତ୍ମା ଗାନ୍ଧୀ, ମଦର ଟେରେସା, ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଗ୍ ବି ଅମିତାଭ ବଚ୍ଚନ, ଅଭିନେତା ରଜନୀକାନ୍ତ, ଶିଳ୍ପପତି ରତନ ଟାଟା ଆଦି ବହୁ ବ୍ୟକ୍ତିଙ୍କ ନାମ ରହିଛି।

## ବାମହାତୀ କ୍ରିକେଟର

କ୍ରିକେଟର ସୌରଭ ଗାଙ୍ଗୁଲୀ, ଗୌତମ ଗମ୍ଭୀର, ଶିଖର ଧାଓ୍ୱନ, ଯୁବରାଜ ସିଂ, ସୁରେଶ ରୈନା ବାମହାତୀ ଖେଳାଳି ଭାବେ ବେଶ୍ ଜଣାଶୁଣା।

## ଆମେରିକାର ବାମହାତୀ ରାଷ୍ଟ୍ରପତି

ଆମେରିକାର ରାଷ୍ଟ୍ରପତିଙ୍କ ମଧ୍ୟରେ ଜେମ୍ସ ଏ. ଗ୍ୟାରିଫିଲ୍ଡ ହେର୍ବର୍ଟ ହୋଭର, ହ୍ୟାରୀ ଏସ୍. ଟ୍ରୁମ୍ୟାନ୍, ଗେର୍ଲାଡ୍ ଫୋର୍ଡ, ରୋନାଲ୍ଡ ରେଗାନ୍, ଜର୍ଜ ଏଚ୍. ଡବ୍ଲ୍ୟୁ. ବୁଶ୍, ବିଲ୍ କ୍ଲିଣ୍ଟନ୍, ବାରାକ୍ ଓବାମା ପ୍ରମୁଖ ବାମହାତୀ ଅଛନ୍ତି।

# ପାରାଲିମ୍ପିକ୍ସ ପରେ ଜାତୀୟ କ୍ରୀଡ଼ା ପୁରସ୍କାର

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ପ୍ରତିବର୍ଷ ଅଗଷ୍ଟ ୨୯ରେ ଅନୁଷ୍ଠିତ ହୋଇ ଆସୁଥିବା ଜାତୀୟ କ୍ରୀଡ଼ା ଉତ୍ସବକୁ ଘୁଞ୍ଚାଇ ଦିଆଯାଇଛି। ଏହାଦ୍ୱାରା ସିଲେକ୍ସନ ପ୍ୟାନେଲ ଟୋକିଓ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ପାରା ଆଥଲେଟ୍‌ମାନଙ୍କ ପ୍ରଦର୍ଶନକୁ ବିଚାରକୁ ନେଇ ପାରିବେ ବୋଲି ସରକାର ମନେ କରୁଛନ୍ତି। ପାରାଲିମ୍ପିକ୍ସ ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ପୁରସ୍କାର ବିଜେତାଙ୍କୁ ବାଛିବା ଲାଗି ସିଲେକ୍ସନ ପ୍ୟାନେଲ ଗଠନ ସରିଛି। ମାତ୍ର ପାରାଲିମ୍ପିକ୍ସରେ ଯଦି କେହି ପଦକ ଜିତନ୍ତି ସେମାନଙ୍କ ନାମ ବିଚାରକୁ ନିଆଯାଇପାରେ ବୋଲି ଏଠାରେ ନ୍ୟାଶନାଲ ୟୁଥ୍ ଆୱାର୍ଡ ଉତ୍ସବରେ ଯୋଗଦାନପୂର୍ବକ ଠାକୁର ତାଙ୍କ ଉଦ୍‌ବୋଧନରେ କହିଛନ୍ତି। ଅଗଷ୍ଟ ୨୯ରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଦେଶର ରାଷ୍ଟ୍ରପତି ପ୍ରତିବର୍ଷ ଖେଳରତ୍ନ ପୁରସ୍କାର, ଅର୍ଜୁନ ପୁରସ୍କାର, ଦ୍ରୋଣାଚାର୍ଯ୍ୟ ପୁରସ୍କାର ଓ ଧ୍ୟାନଚାନ୍ଦ ପୁରସ୍କାର ପ୍ରଦାନ କରିଥାନ୍ତି। ଏହି ଦିନ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ମଧ୍ୟ। ଗତବର୍ଷ ଭଳି ଏହି ପୁରସ୍କାର ଉତ୍ସବ ଭର୍ଚୁଆଲି ଅନୁଷ୍ଠିତ ହେବ। ଦୁଇଥର ସମୟ ସୀମା ଘୁଞ୍ଚିବା ପରେ ଜାତୀୟ ସମ୍ମାନ ପାଇଁ ଆବେଦନ ପ୍ରକ୍ରିୟା ଜୁଲାଇ ୫ରେ ଶେଷ ହୋଇଛି। କରୋନା ମହାମାରୀ ଯୋଗୁ ଅନ୍‌ଲାଇନ ଜରିଆରେ ବ୍ୟକ୍ତିଗତଭାବେ ଆବେଦନ ପାଇଁ ଏଥର ଅନୁମତି ଥିଲା। କିନ୍ତୁ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ମଧ୍ୟ ନାମ ସୁପାରିସ କରିଥିଲେ। ନିକଟରେ ଶେଷ ହୋଇଥିବା ଟୋକିଓ ଗେମ୍ସରେ ଭାରତୀୟ ଦଳ ଏ ପର୍ଯ୍ୟନ୍ତ ସବୁଠାରୁ ଭଲ ପ୍ରଦର୍ଶନ କରିପାରିଛି। ଦେଶର ଆଥ୍‌ଲେଟମାନେ ୭ ପଦକ ଜିତିଥିଲେ। ତନ୍ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ଦୁଇ ରୌପ୍ୟ ଓ ୪ ବ୍ରୋଞ୍ଜ ଅନ୍ତର୍ଭୁକ୍ତ। ଭାରତ ଏଥର ପାରାଲିମ୍ପିକ୍ସର ଅନ୍ୟ ସଂସ୍କରଣ ତୁଳନାରେ ସବୁଠାରୁ ଅଧିକ ୫୪ଜଣ ଆଥ୍‌ଲେଟ ପଠାଇଛି। ଗତ ପାରାଲିମ୍ପିକ୍ସରେ ଭାରତ ଦୁଇ ସ୍ୱର୍ଣ୍ଣ, ଏକ ରୌପ୍ୟ ଓ ଏକ ବ୍ରୋଞ୍ଜ ସମେତ ମୋଟ ୪ ପଦକ ଜିତିଥିଲା। ଖେଳରତ୍ନ ହେଉଛି ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ, ନିକଟରେ ଏହା ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ନାମରେ ନାମିତ କରାଯାଇଛି। ପୂର୍ବରୁ ଏହି ପୁରସ୍କାର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନାମରେ ନାମିତ କରାଯାଇଥିଲା। ଗତବର୍ଷ ପୁରସ୍କାର ରାଶିକୁ ଯଥେଷ୍ଟ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ପୁରସ୍କାରର ପରିମାଣ ୭.୫ ଲକ୍ଷ ଟଙ୍କା ରହିଥିବା ବେଳେ ବର୍ତ୍ତମାନ ତାହା ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅର୍ଜୁନ ପୁରସ୍କାର ୫ ଲକ୍ଷରୁ ୧୫ ଲକ୍ଷ , ଦ୍ରୋଣାଚାର୍ଯ୍ୟ ପୁରସ୍କାର (ଲାଇଫ୍‌ଟାଇମ୍) ୫ ଲକ୍ଷରୁ ୧୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଦ୍ରୋଣାଚାର୍ଯ୍ୟ (ରେଗୁଲାର) ୫ ଲକ୍ଷ ଟଙ୍କା ପରିବର୍ତ୍ତେ ୧୦ ଲକ୍ଷ ଟଙ୍କା ପାଇବେ।




# ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ନୀରଜ ନମ୍ବର-୨

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ଭାରତର ଅଲିମ୍ପିକ୍ସ ଚାମ୍ପିୟନ ନୀରଜ ଚୋପ୍ରା ପୁରୁଷ ଜାଭେଲିନ ଥ୍ରୋ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ୨ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ଏ କ୍ଷେତ୍ରରେ ସେ ୧୪ଟି ସ୍ଥାନ ଲମ୍ଫ ମାରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟ ପାଇଁ ତାଙ୍କୁ ଏହି ସଫଳତା ମିଳିଛି। ୨୩ ବର୍ଷୀୟ ଚୋପ୍ରା ୮୭.୫୮ ମିଟର ଦୂରକୁ ଜାଭେଲିନ ଥ୍ରୋ କରି ଭାରତ ପାଇଁ ଆଥ୍‌ଲେଟିକ୍ସରୁ ପ୍ରଥମ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଅଲିମ୍ପିକ୍ସ ପୂର୍ବରୁ ସେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୧୬ ନମ୍ବର ସ୍ଥାନରେ ଥିଲେ ଏବଂ ତାଙ୍କ ଆଭରେଜ ପରଫରମାନ୍ସ ସ୍କୋର ୧୨୨୪ ଥିଲା। ମାତ୍ର ୱାର୍ଲ୍ଡ ଆଥ୍‌ଲେଟିକ୍ସ ପକ୍ଷରୁ ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ୍‌ରେ ନୀରଜଙ୍କୁ ୨ ନମ୍ବର ର୍ୟାଙ୍କିଙ୍ଗ ମିଳିଛି ଏବଂ ତାଙ୍କ ଆଭରେଜ ପରଫରମାନ୍ସ ସ୍କୋର ୧୩୧୫ ରହିଛି। ଜର୍ମାନୀର ଜୋହାନେସ ଭେଟେର

**ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ**

୧୩୯୬ ଆଭରେଜ ପରଫରମାନ୍ସ ସ୍କୋର ସହ ର୍ୟାଙ୍କିଙ୍ଗ୍‌ର ପ୍ରଥମ ସ୍ଥାନରେ ଅଛନ୍ତି। ମାତ୍ର ଭେଟେର ଗତ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଦାବିଦାର ଭାବେ ଉଭା ହୋଇଥିଲେ ହେଁ ନୈରାଶ୍ୟଜନକ ଆରମ୍ଭ ଯୋଗୁ ଫାଇନାଲରେ ୯ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ନୀରଜ ଅଲିମ୍ପିକ୍ କ୍ୱାଲିଫିକେଶନ ରାଉଣ୍ଡରେ ୧୨୯୬ ପରଫରମାନ୍ସ ପଏଣ୍ଟ ହାସଲ କରିଥିଲେ। ସେହିପରି ଫାଇନାଲରେ ସ୍ୱର୍ଣ୍ଣ ବିଜୟୀ ପ୍ରଦର୍ଶନରେ ୧୫୯୫ ପରଫରମାନ୍ସ ପଏଣ୍ଟ ପାଇଥିଲେ। ଏହା ବ୍ୟତୀତ ନୀରଜ ଚଳିତ ବର୍ଷ ଆଉ ୩ଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ତାହା ହେଲା ଫେଡେରେଶନ କପ୍, ଇଣ୍ଡିଆନ ଗ୍ରାଁ ପ୍ରି-୩ ଏବଂ କୌର୍ଟାନେ ଗେମ୍ସ (ଫିନ୍‌ଲାଣ୍ଡ)। ଏହି ତିନୋଟି ପ୍ରତିଯୋଗିତାର ବୃହତ୍ ଥ୍ରୋକୁ ମଧ୍ୟ ର୍ୟାଙ୍କିଙ୍ଗ ପ୍ରକ୍ରିୟାରେ ବିଚାରକୁ ନିଆ ଯାଇଥିଲା।

ଅଲିମ୍ପିକ ଫାଇନାଲ୍ସର ଶୀର୍ଷ ୮ ଜଣଙ୍କ ମଧ୍ୟରେ ରହିପାରି ନ ଥିଲେ ହେଁ ଭେଟେର ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷସ୍ଥାନ ବଜାୟ ରଖିଛନ୍ତି। କାରଣ ଟୋକିଓ ଗେମ୍ସ ପୂର୍ବରୁ ସେ ଚଳିତ ବର୍ଷ ୭ ଥର ୯୦ ମିଟରରୁ ଊର୍ଦ୍ଧ୍ୱ ଜାଭେଲିନ ଥ୍ରୋ କରିଥିଲେ। ପୋଲାଣ୍ଡର ମାର୍ସିନ କ୍ରୁକୋୱସ୍କି ଅଲିମ୍ପିକ୍ ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥିଲେ ହେଁ ର୍ୟାଙ୍କିଙ୍ଗ୍‌ର ତୃତୀୟ ସ୍ଥାନରେ ରହିଛନ୍ତି। କାରଣ ସେ ପୂର୍ବରୁ ଚଳିତ ବର୍ଷ ସିଜନର ଦ୍ୱିତୀୟ ଶ୍ରେଷ୍ଠ ୮୯.୫୫ ମିଟର ଥ୍ରୋ କରିଥିଲେ ଏବଂ ତାଙ୍କ ଆଭରେଜ ପରଫରମାନ୍ସ ସ୍କୋର ହେଉଛି ୧୩୦୨। ଟୋକିଓ ଅଲିମ୍ପିକ୍ସ ସିଲଭର ମେଡାଲିଷ୍ଟ ଚେକ୍ ରିପବ୍ଲିକର ଜାକୁବ ଭାଡଲେଜ ୧୨୯୮ ପଏଣ୍ଟ ସହିତ ୪ର୍ଥ ସ୍ଥାନରେ ରହିଛନ୍ତି। ବିଶ୍ୱ ର୍ୟାଙ୍କିଙ୍ଗ୍ ସମୟରେ ଅଲିମ୍ପିକ୍ସ ଏବଂ ବିଶ୍ୱ ଚାମ୍ପିୟନଶିପ୍ ପରି ମେଗା ଇଭେଣ୍ଟରୁ ଅନ୍ୟ ପ୍ରତିଯୋଗିତା ଅପେକ୍ଷା ଅଧିକ ପଏଣ୍ଟ ମିଳିଥାଏ। ବିଶ୍ୱ ର୍ୟାଙ୍କିଙ୍ଗ୍ ସାଧାରଣତଃ ବୁଧବାର କିମ୍ବା କୌଣସି ବଡ଼ ପ୍ରତିଯୋଗିତା ଶେଷ ହେବାପରେ ପ୍ରକାଶ ପାଇଥାଏ।




# ୫୪ ଜଣିଆ ଭାରତୀୟ ଦଳକୁ ବିଦାୟୀ ସମ୍ବର୍ଦ୍ଧନା

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୫ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ଟୋକିଓ ପାରାଲିମ୍ପିକ୍ସରେ ଏକ ୫୪ ଜଣିଆ ଭାରତୀୟ ଦଳ ଅଂଶଗ୍ରହଣ କରିବ। ଟୋକିଓ ଯିବା ପୂର୍ବରୁ ଗୁରୁବାର ଏହି ଦଳକୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଓ ଜାତୀୟ ପାରାଲିମ୍ପିକ୍ସ ଆସୋସିଏଶନ ଏହି ଦଳକୁ ବିଦାୟ ଜଣାଇଛନ୍ତି। ଖେଳାଳିମାନେ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି।

ଭାରତ ୯ଟି କ୍ରୀଡ଼ାରେ ଅଂଶଗ୍ରହଣ କରିବ। ଭାରତୀୟ ଦଳରେ ଦେବେନ୍ଦ୍ର ଝାଝରିଆ, ହାଇଜମ୍ପର ମାରିୟାପ୍ପାନ ଥଙ୍ଗାଭେଲୁ ଓ ଏଫ୍- ୬୪ ଜାଭେଲିନ ଥ୍ରୋୟର ବିଶ୍ୱ ଚାମ୍ପିୟନ ସନ୍ଦୀପ ଚୌଧୁରୀଙ୍କ ଭଳି ଆଥ୍‌ଲେଟ ସାମିଲ ହୋଇଛନ୍ତି। ଝାଝରିଆ ଏଫ୍- ୪୬ ଜାଭେଲିନ ଥ୍ରୋ'ରେ ୨୦୦୪, ୨୦୧୬ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଓ ଏଥର ମଧ୍ୟ ସ୍ୱର୍ଣ୍ଣିମ ସଫଳତା ହାସଲ କରି ହ୍ୟାଟ୍ରିକ ଅର୍ଜନ କରିବା ଲକ୍ଷ୍ୟରେ ରହିଛନ୍ତି।

ମେରିୟାପ୍ପାନ ୨୦୧୬ ରିଓ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆସନ୍ତା ୨୪ ଉଦ୍‌ଘାଟନୀ ଉତ୍ସବରେ ସେ ଭାରତୀୟ ଦଳର ପତାକା ବାହକ ଦାୟିତ୍ୱ ତୁଲାଇବେ। ଆଥ୍‌ଲେଟମାନେ କଡ଼ା ବାୟୋ-ବବଲରେ ଥିବାରୁ ବିଦାୟୀ ସମ୍ବର୍ଦ୍ଧନାରେ ଭର୍ଚୁଆଲ ଭାବେ ଯୋଗ ଦେଇଥିଲେ। ଏଥର ଆମ

**ଟୋକିଓ ପାରାଲିମ୍ପିକ୍ସ**

ଆଥ୍‌ଲେଟମାନେ ଐତିହାସିକ ସଫଳତା ହାସଲ କରିବେ ବୋଲି ଠାକୁର କହିଛନ୍ତି। ଗତ ସଂସ୍କରଣଠାରୁ ଅଧିକ ସଂଖ୍ୟକ ପାରା ଆଥ୍‌ଲେଟ ଏଥର ଅଂଶଗ୍ରହଣ କରିବେ। ଖେଳାଳିମାନଙ୍କ ଉପରେ ଆମର ବିଶ୍ୱାସ ଓ ଭରସା ରହିଛି। ଗତ ସଂସ୍କରଣଠାରୁ ଭାରତ ଏଥର ଆହୁରି ଭଲ ପ୍ରଦର୍ଶନ କରିବ। ପାରା ଆଥ୍‌ଲେଟମାନେ ଏପର୍ଯ୍ୟନ୍ତ ୩ଟି ଖେଳରତ୍ନ, ୭ଟି ପଦ୍ମଶ୍ରୀ ଓ ୩୩ଟି ଅର୍ଜୁନ ପୁରସ୍କାର ହାସଲ କରିଛନ୍ତି ବୋଲି ଠାକୁର କହିଛନ୍ତି। ଭାରତୀୟ ଦଳର ଭଲ ପ୍ରଦର୍ଶନ ନେଇ ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଅଧ୍ୟକ୍ଷ ଦୀପା ମଲିକ ଆଶାବାଦୀ ଅଛନ୍ତି। ୨୦୧୬ ରିଓ ସଂସ୍କରଣରେ ଦୀପା ରୌପ୍ୟ ପଦକ ହାସଲ କରିଥିଲେ। ଏଥର କଥା ଅଲଗା ହେବ ବୋଲି ସେ କହିଛନ୍ତି। ଆମ ଆଥ୍‌ଲେଟମାନେ ଫର୍ମରେ ଅଛନ୍ତି। ତେଣୁ ଭାରତ ରେକର୍ଡ ସଂଖ୍ୟକ ପଦକ ହାସଲ କରିବ ବୋଲି ସେ ପୂର୍ବାନୁମାନ କରିଛନ୍ତି। ପିସିଆଇ ସାଧାରଣ ସମ୍ପାଦକ ଗୁର୍‌ଶରନ ସିଂ ଭାରତୀୟ ଦଳର ଚେଫ୍ ଡି ମିଶନ ଦାୟିତ୍ୱରେ ରହିବେ। ପାରାଲିମ୍ପିକ୍ସ ଗେମ୍ସରେ ଏଥର ବ୍ୟାଡ୍‌ମିଣ୍ଟନ ଡେବ୍ୟୁ କରିବ। ଭାରତର ୭ ଖେଳାଳି ବ୍ୟାଡ୍‌ମିଣ୍ଟନରେ ଅଂଶଗ୍ରହଣ କରିବେ। ୟୁରୋ ସ୍ପୋର୍ଟ୍ସ ଓ ଡିଡି ସ୍ପୋର୍ଟ୍ସରେ ସିଧାପ୍ରସାରଣ କରାଯିବ। ଅଗଷ୍ଟ ୨୭ରେ ଭାରତ ଅଭିଯାନ ଆରମ୍ଭ କରିବ। ଭାରତୀୟ ପୁରୁଷ ଓ ମହିଳା ତୀରନ୍ଦାଜ ପ୍ରଥମେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

## ଭୁବନେଶ୍ୱର 'ବି' ୯ ଉଇକେଟରେ ବିଜୟୀ




ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି): ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ରିଜର୍ଭ ଦିବସରେ ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱର 'ବି' ୯ ଉଇକେଟରେ ପୁରୀକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୩୪ ଓଭରରେ ୭୩ ରନ କରି ଅଲଆଉଟ ହୋଇଥିଲା। ଭୁବନେଶ୍ୱର ଦଳର ବିଶାଲ କୁମାର ମାତ୍ର ୯ ରନ ଦେଇ ୪ଟି ଉଇକେଟ ନେଇଥିଲେ। ୭୪ ରନର ବିଜୟ ଲକ୍ଷ୍ୟକୁ ଭୁବନେଶ୍ୱର 'ବି' ୧୩.୪ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ହାସଲ କରି ନେଇଥିଲା।

# ପୋଲାଣ୍ଡରେ କ୍ୟାରିୟର ଜାରି ରଖିବେ ବେଲାରୁଷ ସ୍ପ୍ରିଣ୍ଟର

ୱାରସ, ୧୨।୮ (ଏପି)

ଗତ ସପ୍ତାହରେ ବହୁ ଝଡ଼ଝଞ୍ଜା ପରେ କ୍ରିଷ୍ଟିନା ତିସିମାନୋସ୍କାୟା ଶେଷରେ ନିଜକୁ ସୁରକ୍ଷିତ ମନେ କରିଛନ୍ତି। ଟୋକିଓ ଅଲିମ୍ପିକ୍ସ ବେଳେ ବେଲାରୁଷର ଏହି ସ୍ପ୍ରିଣ୍ଟର ଟିମ୍ ଅଫିସିଆଲଙ୍କ କାର୍ଯ୍ୟଶୈଳିକୁ ସମାଲୋଚନା କରିଥିଲେ। ଏଥିପାଇଁ ନିଜ ଦେଶରେ ଦଣ୍ଡର ଆଶଙ୍କା ରହିଥିବାରୁ ସେ ପୋଲାଣ୍ଡ ପଳାୟନ କରି ସେଠାରେ ଶରଣାର୍ଥୀ ଭାବେ ଅବସ୍ଥାନ କରୁଛନ୍ତି। ବର୍ତ୍ତମାନ ସେ ୱାର୍ଲ୍ଡ କ୍ଲାସ ରନିଂ କ୍ୟାରିୟର ଉପରେ ଧ୍ୟାନଦେବେ ବୋଲି କହିଛନ୍ତି। ଟ୍ରେନିଂ ଆରମ୍ଭ କରିବା ଲାଗି ଆବଶ୍ୟକ ସହାୟତା ଯୋଗାଇଦେବା ଲାଗି ସେ ପୋଲାଣ୍ଡ ଅଫିସିଆଲଙ୍କ ସହ ଆଲୋଚନା କରିଥିବା ୱାରସ ଅଲିମ୍ପିକ ସେଣ୍ଟରଠାରେ ଏକ ସାକ୍ଷାତ୍‌କାରରେ ଏହି ୨୪ବର୍ଷୀୟା ଧାବିକା ଏକ ସାକ୍ଷାତ୍‌କାରରେ କହିଛନ୍ତି। ଗୋଟିଏ ଦିନରେ ତାଙ୍କ ଜୀବନ ପଥ ବଦଳିଗଲା। ସେ ଏକ ନୂଆ ଦେଶରେ ତାଙ୍କ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି। ସାକ୍ଷାତ୍‌କାର ବେଳେ ନିକଟରେ ତାଙ୍କ ସ୍ୱାମୀ ଆର୍ସେନି ଜିଡାନେଭିଚ୍ ଉପସ୍ଥିତ ଥିଲେ। ପୋଲାଣ୍ଡରେ ରହି ଏଠାରେ ସେମାନେ ତାଙ୍କ କ୍ୟାରିୟର ଜାରି ରଖିବା ଲାଗି ଯୋଜନା କରିଥିବା କ୍ରିଷ୍ଟିନା କହିଛନ୍ତି। ସେ କହିଛନ୍ତି, ତାଙ୍କ ୨୫ବର୍ଷୀୟ ସ୍ୱାମୀ ଜଣେ ଆଥଲେଟ୍ସ ଟ୍ରେନର ଏବଂ ତାଙ୍କ କୋଚ୍ ମଧ୍ୟ। ବେଲାରୁଷରେ ସେମାନେ ଏକ ଅନ୍‌ଲାଇନ ଟ୍ରେନିଂ ପ୍ରୋଗ୍ରାମ୍ ଆରମ୍ଭ କରିଥିଲେ। ସେମାନଙ୍କ ପାଖରେ ସୁଚିନ୍ତିତ ଯୋଜନା ରହିଛି। ତାହାକୁ ସେମାନେ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି। ସେମାନେ ଇତିମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ପୋଲାଣ୍ଡ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ନ୍ୟାଶନାଲ ଆଥଲେଟିକ୍ସ ଟିମ୍ ସହ ଆଲୋଚନା କରିଛୁ। ସୂଚନାଯୋଗ୍ୟ, କ୍ରିଷ୍ଟିନା ଟୋକିଓରେ ୨୦୦ ମିଟରରେ ଭାଗ ନେବେ ବୋଲି ଆଶା କରୁଥିଲେ। ମାତ୍ର ତାଙ୍କୁ ୪x୪୦୦ ମିଟର ରିଲେରେ ଅଂଶଗ୍ରହଣ କରିବା ଲାଗି କୁହାଯାଇଥିଲା। ମାତ୍ର ସେ ପୂର୍ବରୁ ଥରେ ହେଲେ ଏହି ଇଭେଣ୍ଟରେ ଭାଗ ନେଇ ନ ଥିଲେ। ଟିମ୍ ମ୍ୟାନେଜମେଣ୍ଟର ଏହି ନିଷ୍ପତ୍ତିକୁ ସେ ଇନ୍‌ଷ୍ଟାଗ୍ରାମ୍‌ରେ ସମାଲୋଚନା କରିଥିଲେ। ଫଳସ୍ୱରୂପ ତାଙ୍କୁ ଆଗୁଆ ସ୍ୱଦେଶ ଫେରିଯିବାକୁ ବାଧ୍ୟ କରାଯାଇଥିଲା। ସୋସିଆଲ ମିଡିଆରେ କ୍ରିଷ୍ଟିନାଙ୍କ ପ୍ରତିକ୍ରିୟାକ ନେଇ ବେଲାରୁଷ ସରକାରୀ ଗଣମାଧ୍ୟମରେ ତୀବ୍ର ନିନ୍ଦା କରାଯାଇଥିଲା। ଏଥିରୁ ସ୍ପଷ୍ଟ ସୂଚୀତ ହୋଇଥିଲା ଯେ, କ୍ରିଷ୍ଟିନା ସ୍ୱଦେଶ ଫେରିଲେ ଦଣ୍ଡିତ ହେବା ଆଶଙ୍କା ରହିଥିଲା ଏପରିକି ତାଙ୍କ ଜୀବନ ପ୍ରତି ବିପଦ ଥିଲା। କାରଣ ସ୍ପ୍ରିଣ୍ଟରଙ୍କ କହିବା ଅନୁସାରେ ବେଲାରୁଷରେ ଏକଛତ୍ରବାଦ ଶାସନ ଚାଲିଛି। ସରକାରଙ୍କ ନିର୍ଦ୍ଦେଶକୁ ଅମାନ୍ୟ ଅବା ସମାଲୋଚନା କଲେ ସମ୍ପୃକ୍ତ ବ୍ୟକ୍ତିକୁ ଦଣ୍ଡିତ କରାଯାଉଛି। ଅଲିମ୍ପିକ୍ସ ଆରମ୍ଭ ପୂର୍ବରୁ କ୍ରିଷ୍ଟିନାଙ୍କୁ ଯେତେବେଳେ ବାଧ୍ୟତାମୂଳକ ଦେଶକୁ ପଠାଇବାର ବ୍ୟବସ୍ଥା କରାଗଲା ସେ ଟୋକିଓସ୍ଥିତ ନାରିଟା ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସ୍ଥାନୀୟ ପୋଲିସର ସହାୟତା ଲୋଡିଥିଲେ। ଏପରିକି ସେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଅନ୍ୟ କୌଣସି ଦେଶ ପଳାୟନ ପାଇଁ ଯୋଜନା କରିଥିଲେ। ପୋଲାଣ୍ଡ କିନ୍ତୁ ଆଶ୍ରୟ ଦେବାକୁ ରାଜି ହେବା ସହ ପ୍ରଥମେ ତାଙ୍କୁ ଭିଜା ପ୍ରଦାନ କରିଥିଲା।



ସ୍ୱାମୀ ଆର୍ସେନି ଜିଡାନେଭିଚ୍‌ଙ୍କ ସହ କ୍ରିଷ୍ଟିନା ତିସିମାନୋସ୍କାୟା।

# ପଦକ କାମୁଡ଼ି କ୍ଷମା ମାଗିଲେ ମେୟର

ଟୋକିଓ, ୧୨।୮ (ଏପି)

ଜଣେ ସଫ୍ଟବଲ ଖେଳାଳିଙ୍କ ଅଲିମ୍ପିକ ସ୍ୱର୍ଣ୍ଣ ପଦକକୁ ପାଟିରେ କାମୁଡ଼ି ଥିବା ଜଣେ ଜାପାନୀ ମେୟର ଗୁରୁବାର କ୍ଷମା ପ୍ରାର୍ଥନା କରିଛନ୍ତି। ଅଗଷ୍ଟ ୪ରେ ଜାପାନ ଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)କୁ ପରାସ୍ତ କରିବା ପରେ ମିଉ ଗୋଟୋ ନାମ୍ନୀ ଖେଳାଳିଜଣକ ପଦକ ସହ ନାଗୋୟା ମେୟର ତାକାଶି କାୱାମୁରାଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ତାକାଶିଙ୍କର କିନ୍ତୁ ସ୍ୱର୍ଣ୍ଣପଦକଟି ଉପରେ ଲୋଲୁପ ଦୃଷ୍ଟି ପଡ଼ିଥିଲା। ପଦକଟିକୁ ତାଙ୍କ ବେକରେ ଝୁଲାଇ ଦେବା ଲାଗି ସେ ମିଉଙ୍କୁ କହିଥିଲେ। ସଫ୍ଟବଲ ଖେଳାଳି ଜଣଜ ମେୟରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିଥିଲେ। ତାକାଶି ତାଙ୍କ ମୁହଁରୁ ମାସ୍କ ଖୋଲିଦେଇଥିଲେ ଏବଂ ସ୍ୱର୍ଣ୍ଣପଦକଟିକୁ କାମୁଡ଼ି ଧରିଥିଲେ। ଘଟଣାଟିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରୁ ମେୟର ଜଣକ ପରେ ତାଙ୍କର ଏହି ଭଲ କାର୍ଯ୍ୟପାଇଁ ଅନୁତାପ କରି ଗୁରୁବାର କ୍ଷମାପ୍ରାର୍ଥନା କରିଥିଲେ। ପଦକଟିର ସେ କୌଣସି କ୍ଷତି ଘଟାଇ ନାହାନ୍ତି। ତେବେ ଏହାର ଅବିକଳ ତିଆରି କରିବା ଲାଗି ଆବଶ୍ୟକ ଖର୍ଚ୍ଚ ବହନ କରିବାକୁ ସେ ପ୍ରସ୍ତୁତ ଥିବା କହିଥିଲେ। ମିଉ କିନ୍ତୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ଅଫରକୁ ଗ୍ରହଣ କରିଥିଲେ। ଆଇଓସି ତାଙ୍କୁ ଅବିକଳ ଏକ ନୂଆ ସ୍ୱର୍ଣ୍ଣପଦକ ଯୋଗାଇ ଦେବ ବୋଲି କହିଥିଲା। ଜାପାନ ପାଇଁ ଜୁଡୋରେ ସ୍ୱର୍ଣ୍ଣ ଜିତିଥିବା ପାଓହିସା ଟାକାଟୋ କହିଛନ୍ତି, ତାଙ୍କ କ୍ଷେତ୍ରରେ ଯଦି ଏହା ଘଟିଥାନ୍ତା ସେ କାନ୍ଦି ପକାଇଥାନ୍ତେ। ତାଙ୍କ ସ୍ୱର୍ଣ୍ଣ ପଦକଟିରେ ଯେପରି ସାମାନ୍ୟ ଦାଗ ନ ପଡ଼େ ସେ ନେଇ ବେଶ୍ ଯତ୍ନବାନ। ଫେନ୍‌ସିଂରେ ରୌପ୍ୟ ଜିତିଥିବା ୟୁକି ଓଟା କହିଛନ୍ତି, ମେୟର ଜଣକ ଆଥଲେଟଙ୍କ ପ୍ରତି ଅସମ୍ମାନ କରିଛନ୍ତି। ଏହାଦ୍ୱାରା କୋଭିଡ୍ ପ୍ରୋଟୋକଲର ଅବମାନନା କରିଛନ୍ତି।




ମେୟର ତାକାଶି କାୱାମୁରା ପଦକ କାମୁଡୁଥିବାବେଳେ ମିଉ ଗୋଟୋ ଚାହିଁ ରହିଛନ୍ତି।

## ରାଉରକେଲା ବିଜୟୀ

ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ରିଜର୍ଭ ଦିବସରେ ଅନୁଷ୍ଠିତ ଗୋଟିଏ ମ୍ୟାଚରେ ରାଉରକେଲା ୧୦୮ ରନରେ ମୟୂରଭଞ୍ଜକୁ ପରାସ୍ତ କରିଛି। ଏସସିବି ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଉରକେଲା ୪୭.୨ ଓଭରରେ ୧୭୦ ରନ କରି ସମସ୍ତ ଉଇକେଟ

**କଳାହାଣ୍ଡି କପ୍ କ୍ରିକେଟ**

ହରାଇଥିଲା। ଦଳ ପକ୍ଷରୁ ହେମନ୍ତ ନାୟକ ସର୍ବାଧିକ ୭୨ ରନ କରିଥିବାବେଳେ ବିପକ୍ଷ ଦଳର ଆଦିତ୍ୟ କେ. ବାସା ୪ଟି ଉଇକେଟ ନେଇଥିଲେ। ୧୭୧ ରନ ବିଜୟ ଲକ୍ଷ୍ୟର ପିଛା କରି ମୟୂରଭଞ୍ଜ ୩୦.୩ ଓଭରରେ ୬୨ ରନକରି ଅଲଆଉଟ ହୋଇ ଯାଇଥିଲା। ବିଜୟୀ ଦଳର କୌଶିକ କେ. ଦାସ ୭ ଓଭରରେ ୩ଟି ମେଡେନ ନେବାସହ ମାତ୍ର ୮ ରନ ଦେଇ ୪ଟି ଉଇକେଟ ନେଇଥିଲେ। ସେହିପରି ଗୋବିନ୍ଦ ତାଦିଆ ୭.୩ ଓଭରରେ ୧ ମେଡେନ ନେଇ ୧୧ ରନ ବିନିମୟରେ ୪ ଉଇକେଟ ସଫଳତା ପାଇଥିଲେ।

# ଭାରତୀୟ ମହିଳା କ୍ରିକେଟ ଦଳର ଫିଲ୍ଡିଂ କୋଚ୍, ଟ୍ରେନର ବଦଳିବେ

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ଭାରତୀୟ ମହିଳା କ୍ରିକେଟ ଦଳର ଫିଲ୍ଡିଂ କୋଚ୍ ଅଭୟ ଶର୍ମା ବଦଳିବେ। ଗତ ୟୁକେ ଟୁର୍ ସମୟରେ ତାଙ୍କ କାର୍ଯ୍ୟକୁ ଖେଳାଳିମାନେ ଖୁବ୍ ପ୍ରଶଂସା କରିଥିଲେ। ମାତ୍ର ସେ ଅଷ୍ଟ୍ରେଲିଆ ଟୁର୍ ପୂର୍ବରୁ ବେଙ୍ଗାଲୁରୁ ବାୟୋ-ବବ୍‌ଲରେ ପ୍ରବେଶ କରିନାହାନ୍ତି। ତେଣୁ ତାଙ୍କ ସହିତ ଟ୍ରେନର ନରେଶ ରାମଦାସ ବଦଳିବାର ସୂଚନା ମିଳିଛି। ନ୍ୟାଶନାଲ କ୍ରିକେଟ ଏକାଡେମୀର ଅନ୍ୟତମ ସପୋର୍ଟ ଷ୍ଟାଫ୍ ଶର୍ମା ମଙ୍ଗଳବାର ସନ୍ଧ୍ୟାସୁଦ୍ଧା ବାୟୋ-ବବ୍‌ଲରେ ପ୍ରବେଶ ନ କରିବା ଖେଳାଳିଙ୍କୁ ଆଶ୍ଚର୍ଯ୍ୟ କରିଛି। ୟୁକେ ଟୁର୍‌ଠାରୁ ପୂର୍ବତନ ଭାରତୀୟ ଓପନର ଓଡ଼ିଶାର ଶିବସୁନ୍ଦର ଦାସ ବ୍ୟାଟିଂ କୋଚ୍ ଦାୟିତ୍ୱ ତୁଲାଇ ଆସୁଛନ୍ତି। ସେ ଅଷ୍ଟ୍ରେଲିଆ ଟୁର୍‌ରେ ମଧ୍ୟ ଏହି କାର୍ଯ୍ୟରେ ଅପରିବର୍ତ୍ତିତ ରହିବେ। ମୁଖ୍ୟ କୋଚ୍ ରମେଶ ପାୱାର ବୋଲିଂ ବିଭାଗ କଥା ବୁଝିବେ। ନୂଆ ଫିଲ୍ଡିଂ କୋଚ୍ ଏବଂ ଟ୍ରେନରଙ୍କ ନାମ ଖୁବ୍‌ଶୀଘ୍ର ଅନୁମୋଦିତ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜରୁ କାର୍ଯ୍ୟ ଆରମ୍ଭ କରିଥିବା ଅଭୟଙ୍କର ୟୁକେ ଟୁର୍ ଦ୍ୱିତୀୟ କାର୍ଯ୍ୟକାଳ ଥିଲା।




ଗୁରୁବାର ଭୁବନେଶ୍ୱରରେ ଟୋକିଓ ହକି ଅଲିମ୍ପିଆନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଅତିଥି ଓ ଅନ୍ୟମାନେ।

# ଟୋକିଓ ହକି ଅଲିମ୍ପିଆନଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି)

ଟୋକିଓ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ଦୀପ୍‌ଗ୍ରେସ୍ ଏକ୍କା ଓ ନମିତା ଟପ୍ପୋଙ୍କୁ ହକି ପ୍ରେମୀ ଓ ଖେଳାଳିଙ୍କ ପକ୍ଷରୁ ଗୁରୁବାର ଏଠାରେ ସମ୍ବର୍ଦ୍ଧିତ କରାଯାଇଛି। ଅଲିମ୍ପିଆନ ମାନଙ୍କୁ ଏହି ଅବସରରେ ମୋମେଣ୍ଟୋ ଓ ଉପଢୌକନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପୂର୍ବତନ ଖେଳାଳି ରୋଶନ ମିଞ୍ଜ୍ ଓ ଦୀପସାନ ତିର୍କୀ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। ୧୯୮୨ ଏସୀୟ କ୍ରୀଡ଼ାରେ ପାକିସ୍ତାନଠାରୁ ଭାରତ ହାରିବାପରେ ସାରା ଦେଶରେ ନୈରାଶ୍ୟ ଖେଳି ଯାଇଥିଲା। ଏବେ କିନ୍ତୁ ଆମ ଖେଳାଳିମାନେ ସେମାନଙ୍କ ପ୍ରଦର୍ଶନ ଦ୍ୱାରା ସାରା ଦେଶକୁ ଗର୍ବିତ କରିଛନ୍ତି ବୋଲି ଅତିଥି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଖେଳାଳିମାନେ ସେମାନଙ୍କ ଅନୁଭୂତିକୁ ସଂକ୍ଷେପରେ ବର୍ଣ୍ଣନା କରିଥିଲେ। ଆର୍ଚିଡ ବିଲ୍ଡର୍ସ ପକ୍ଷରୁ ମଧ୍ୟ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ପରିଚାଳନା କରିଥିଲେ।

# ଲୋକେଶ ରାହୁଲଙ୍କ ଶତକ





ଶତକୀୟ ଓପନିଂ ଭାଗୀଦାରି ଅବସରରେ ଲୋକେଶ ରାହୁଲ ଓ ରୋହିତ ଶର୍ମା।

**ଲର୍ଡ୍ସରେ ଭାରତୀୟ ଓପନରଙ୍କ ଶତକ**

୧୮୪: ଭିନୁ ମଙ୍କଡ, ୧୯୫୨
୧୨୭*: ଲୋକେଶ ରାହୁଲ, ୨୦୨୧
୧୦୦: ରବି ଶାସ୍ତ୍ରୀ, ୧୯୯୦

**ଏସିଆ ବାହାରେ ସର୍ବାଧିକ ଶତକ ହାସଲକାରୀ ଭାରତୀୟ ଓପନର**

୧୫: ସୁନୀଲ ଗାଭାସ୍କର
୪: ବୀରେନ୍ଦ୍ର ସେହ୍ୱାଗ/ଲୋକେଶ ରାହୁଲ
୩: ଭିନୁ ମଙ୍କଡ/ରବି ଶାସ୍ତ୍ରୀ

**ଲର୍ଡ୍ସ, ୧୨।୮**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଗୁରୁବାର ଲର୍ଡ୍ସ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଲୋକେଶ ରାହୁଲଙ୍କ ଶତକ ଏବଂ ୨ଟି ଶତକୀୟ ଭାଗୀଦାରି ବଳରେ ଭାରତ ପ୍ରଥମ ଦିବସରେ ନିଜର ସ୍ଥିତି ଦୃଢ଼ କରିଛି। ପ୍ରଥମ ଦିବସ ଖେଳ ଶେଷ ବେଳକୁ ଭାରତ ୯୦ ଓଭରରେ ୩ ଉଇକେଟ ହରାଇ ୨୭୬ ରନ ସଂଗ୍ରହ କରିଛି। ଲୋକେଶ ରାହୁଲ ୧୨୭ (୨୪୮ବଲ, ୧୨ ଚୌକା, ୧ ଛକା) ଓ ଅଜିଙ୍କ୍ୟ ରାହାନେ ୧ ରନରେ ଅପରାଜିତ ରହିଛନ୍ତି।

## ୨ଶତକୀୟ ଭାଗୀଦାରି

ବର୍ଷା ଯୋଗୁ ଖେଳ ବିଳମ୍ବରେ ଆରମ୍ଭ ହୋଇଥିଲା। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଭାରତର ଦୁଇ ଓପନର ରୋହିତ ଓ ଲୋକେଶ ଶତକୀୟ ଭାଗୀଦାରି ଗଢ଼ି ଇଂଲଣ୍ଡ ବୋଲରଙ୍କୁ ବେଶ୍ କିଛି ସମୟ ନାକେଦମ୍ କରିଥିଲେ। ଓପନିଂ ଯୋଡ଼ିରେ ୨୬୩ ବଲ୍‌ରୁ ୧୨୬ ରନ ଯୋଗ ହେବାପରେ ପ୍ରଥମ ଉଇକେଟର ପତନ ଘଟିଥିଲା। ରୋହିତ ଶର୍ମାଙ୍କୁ ଆଉଟ କରି ଅଭିଜ୍ଞ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନ ଇଂଲଣ୍ଡକୁ ବ୍ରେକ୍ ଥ୍ରୁ ଦେଇଥିଲେ। ୧୮୫ ମିନିଟ କ୍ରିଜ୍‌ରେ ରହିଥିବା ରୋହିତ ୧୪୫ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହାୟତାରେ ୮୩ ରନ କରିଥିବାବେଳେ ଆଣ୍ଡରସନଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଏହି ଉଇକେଟର ପତନ ଇଂଲଣ୍ଡ ବୋଲରଙ୍କୁ ସାମୟିକ ଆଶ୍ୱସ୍ତ କରିଥିଲା। ଟେଷ୍ଟ ସ୍ପେଶାଲିଷ୍ଟ କୁହା ଯାଉଥିବା ଚେତେଶ୍ୱର ପୂଜାରାଙ୍କ କ୍ରମାଗତ ବିଫଳତା ଭାରତ ପାଇଁ ଚିନ୍ତାର କାରଣ ପାଲଟିଥିଲା। ପ୍ରଥମ ଟେଷ୍ଟରେ ନିରାଶ କରିଥିବା ପୂଜାରା ଏଠାରେ ୨୩ ବଲ୍‌ରୁ ମାତ୍ର ୯ ରନ କରିଥିବାବେଳେ ଆଣ୍ଡରସନଙ୍କ ବଲ୍‌ରେ ଜନି ବେୟାରଷ୍ଟୋଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଫର୍ମରେ ଥିବା ରାହୁଲ କିନ୍ତୁ ହାସଲ କରିଥିଲେ କ୍ୟାରିୟରର ୬ଷ୍ଠ ଟେଷ୍ଟ ଶତକ। ସେ ୨୧୨ଟି ବଲ୍‌ର ସମ୍ମୁଖୀନ ହୋଇ ୯ ଚୌକା ଓ ୧ ଛକା ସହାୟତାରେ ୧୦୦ ରନ ପୂରଣ କରିଥିଲେ। ଆରମ୍ଭରେ ଅପେକ୍ଷାକୃତ ଧିମା ଖେଳିଥିବା ରାହୁଲ ପରେ ସ୍ୱାଭାବିକ ଢଙ୍ଗରେ ବ୍ୟାଟିଂ କରି ଦଳୀୟ ଇନିଂସକୁ ଆଗେଇ ନେଇଥିଲେ। ତୃତୀୟ ଉଇକେଟରେ ରାହୁଲ ଓ କୋହଲି ଶତକୀୟ ଭାଗୀଦାରି ଗଢ଼ିଥିଲେ। ୨୦୮ ବଲ୍‌ରୁ ଦୁହେଁ ୧୧୭ ରନର ପାର୍ଟନରଶିପ୍ ଗଢ଼ିଥିଲେ। ଆତ୍ମବିଶ୍ୱାସର ସହିତ ଖେଳିଥିବା କୋହଲି ୧୦୩ ବଲ୍‌ରୁ ୩ ଚୌକା ସହାୟତାରେ ୪୨ ରନ କରିଥିବାବେଳେ ଓଲି ରବିନସନଙ୍କ ଏକ ୱାଇଡ୍ ବଲ୍‌କୁ ଡିଫେନ୍ସ କରିବାକୁ ଯାଇ ପ୍ରଥମ ସ୍ଲିପ୍‌ରେ ଜୋ ରୁଟ୍‌ଙ୍କୁ କ୍ୟାଚ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ ଆଣ୍ଡରସନ ୨ଟି ଓ ଓଲି ରବିନସନ ଗୋଟିଏ ଉଇକେଟ ନେଇଥିଲେ। ଭାରତୀୟ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଥିଲା। ଆହତ ଶାର୍ଦ୍ଦୁଳ ଠାକୁରଙ୍କ ସ୍ଥାନରେ ଈଶାନ୍ତ ଶର୍ମାଙ୍କୁ ସ୍ଥାନ ମିଳିଥିଲା। ଇଂଲଣ୍ଡ ଦଳରେ କିନ୍ତୁ ୩ ପରିବର୍ତ୍ତନ କରାଯାଇଥିଲା। ଆହତ ଷ୍ଟୁଆର୍ଟ ବ୍ରଡ୍, ଡାନ୍ ଲରେନ୍ସ ଓ ଜ୍ୟାକ କ୍ରଲିଙ୍କୁ ବାଦ୍ ଦିଆ ଯାଇଥିଲା। ସେମାନଙ୍କ ସ୍ଥାନରେ ମୋଇନ ଅଲୀ, ହସୀବ ଅହମଦ ଓ ମାର୍କ ଉଡ୍ ଦଳରେ ସାମିଲ ହୋଇଥିଲେ। ପ୍ରଥମ କ୍ରିକେଟ ଟେଷ୍ଟ ବର୍ଷା ଯୋଗୁ ଅମୀମାଂସିତ ରହିଥିଲା। ଏହି ମ୍ୟାଚରେ ଭାରତ ବିଜୟୀ ହେବା ସମ୍ଭାବନା ସୃଷ୍ଟି ହୋଇଥିଲେ ହେଁ ବର୍ଷା ପାଇଁ ଅନ୍ତିମ ଦିବସ ଖେଳ ସମ୍ପୂର୍ଣ୍ଣ ବାତିଲ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୨୭୬/୩ (ଲୋକେଶ ରାହୁଲ-୧୨୭*, ରୋହିତ ଶର୍ମା-୮୩, ବିରାଟ କୋହଲି-୪୨, ଜେମ୍ସ ଆଣ୍ଡରସନ-୨/୫୨, ଓଲି ରବିନସନ-୧/୪୭)।







**Fujitsu General (India) Pvt. Ltd., Email:** info@fujitsu-general.com, **For Enquiries:** Satya 97482 46449 / 94370 06449, Suryakanta 91786 64290, **General Arcade: Bhubaneswar: Patia:** S.P. Refrigeration & Electronics 96680 91087 / 94370 11087, **Berhampur:** Kalinga Enterprises 93383 01549 / 78095 77777 / 94397 21119 / 98613 28990, **Authorised Distributors: Coastal Odisha: Baleswar:** Mohapatra Sales Mart 94370 52545, **Sambalpur:** G.N. Electronics 89081 12233, **Authorised Dealers: Bhubaneswar:** Sahid Nagar Cool Care Refrigeration 94370 44416, **Cuttack:** Mission Road Ace Enterprises 98617 68101, **Station Road:** L.P. Electronics 70085 53244 / 94370 24291, **Dolomundai:** Rausan Refrigeration 97763 26781, **Rayagada:** Maheswari Refrigeration 99382 06654, **Bargarh:** New Patra Needs 97763 23188, **Rourkela:** PMA Corporation 94370 43020. **Registered Office:** 1st Floor, 10(26), 80th Street, 18th Avenue, Ashok Nagar, Chennai 600 083. **CIN:** U31100TN2018FTC126102.

**Also Available At:** Great Eastern RETAIL | GUPTA DISTRIBUTORS

Terms & Conditions apply. Features and specifications may vary from model to model. Please refer to product catalogue for details. Actual product may differ from the one shown above. 10 years warranty on inverter compressor is on select models and includes 5 years standard warranty & 5 years extended warranty. 5 years warranty on inverter PCB is for the outdoor unit on select models and includes 1 year standard warranty & 4 years extended warranty. To avail extended warranty – a) Registration of product within 30 days of purchase & installation by authorised service partner is mandatory and subject to verification by the company; & b) Servicing & maintenance of product during warranty period at a nominal cost by authorised service partner is mandatory. For product registration, call 1860 2081 007 or WhatsApp 6379 881 007 or register through our General Air Conditioner Customer Mobile App. Price offered is at the sole discretion of the authorised channel partner. Low Cost EMI offer is at the sole discretion of the financier. Low Cost EMI offer is through select NBFCs. Free Standard Installation with 3 metres piping kit is valid on select models of Inverter and Split air conditioners. All offers are valid against installation by authorised service partner and subject to verification by the company. All offers are valid on select models sold through authorized channel partners only. We have not authorised any e-commerce website to sell our products. Offers valid till stocks last and for a limited period only. To dispose e-waste through an authorized recycler please visit www.fujitsu-general.com/g-in/epr-e-waste or call us at 1860 2081 007.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଟ୍ରାଫିକ୍ ନିୟମ ନ ମାନିଲେ ସରକାରୀ ସେବା ମିଳିବନି

ଛତ୍ରପୁର,୧୨।୮(ଡି.ଏନ.ଏ)

ଗଞ୍ଜାମ ଜିଲା ସଡକ ସୁରକ୍ଷା କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ ଅଧ୍ୟକ୍ଷତା କରି ଜିଲାରେ ଦୁର୍ଘଟଣା ଓ ତତ୍‌ଜନିତ ମୃତ୍ୟୁ ହ୍ରାସ କରିବା ଦିଗରେ ବିଭିନ୍ନ ମତାମତ ଦେଇଥିଲେ। ପୋଲିସ ଓ ଜିଲା ପ୍ରଶାସନ ଲୋକଙ୍କ ଜୀବନ ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ନେଉଛି। ହେଲେ କେତେଜଣ ଅମାନିଆଙ୍କ ପାଇଁ ଦୁର୍ଘଟଣା ଘଟିବା ସହ ନୀରିହ ଲୋକଙ୍କ ଜୀବନହାନୀ ଘଟୁଛି ବୋଲି ବୈଠକରେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପିଙ୍କ ସମେତ ସଡ଼କ ସୁରକ୍ଷା କମିଟିର ସଦସ୍ୟମାନେ ମତ ରଖିଛନ୍ତି । ଟ୍ରାଫିକ ନିୟମ ସମ୍ପର୍କରେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବା, ସମସ୍ତ ସରକାରୀ କର୍ମଚାରୀ କାର୍ଯ୍ୟାଳୟକୁ ଦୁଇଚକିଆ କିମ୍ବା ଚାରି ଚକିଆ ଯାନରେ ଯା' ଆସ କରିବା ବେଳେ ନିୟମକୁ କଡାକଡି ପାଳନ କରିବା ପାଇଁ କୁହାଯିବ । ସେହିପରି ସାଧାରଣ ଜନତା ସରକାରୀ ସେବା ପାଇବା ନିମନ୍ତେ ବିଭିନ୍ନ କାର୍ଯ୍ୟାଳୟକୁ ଗାଡ଼ିରେ ଆସୁଥିଲେ ସେମାନଙ୍କୁ ମଧ୍ୟ ଏହି ନିୟମ ମାନିବାକୁ ବାଧ କରାଯିବ । ନଚେତ ସେମାନଙ୍କୁ ସରକାରୀ ସୁବିଧା ପାଇବାରୁ ବଞ୍ଚିତ କରାଯିବ ବୋଲି ସଚେତନ କରିବାକୁ କମିଟିର ସଦସ୍ୟମାନେ କହିଥିଲେ। ସେହିପରି ଦୁର୍ଘଟଣା ପ୍ରବଣ ଅଳ ଗୁଡ଼ିକୁ ଏକ ସ୍ୱତନ୍ତ୍ର କମିଟି ମାଧ୍ୟମରେ ଅନୁଧ୍ୟାନ କରାଯିବ । କେଉଁ କାରଣରୁ ଦୁର୍ଘଟଣା ଅଧିକା ହେଉଛି ତାହାକୁ କିପରି ରୋକିପାରିବାରେ ସଫଳ ହେବା ସେ ଦିଗରେ ସ୍ୱତନ୍ତ୍ର କମିଟି ସରଜମିନ ତଦନ୍ତ କରି ରିପୋର୍ଟ ସଂଗ୍ରହ କରିବେ। ଆସନ୍ତା ମାସ ୨୦ ତାରିଖରେ ରମ୍ଭା, ସୁବଳୟା, ଭେଜିପୁଟ ଓ କେଶପୁରରେ ଏହି କମିଟି ଅନୁଧ୍ୟାନ କରିବ । ସେହିପରି ହଳଦିଆପଦର ଓଭରବ୍ରିଜ ପାଶ୍ୱରେ ଥିବା ସର୍ଭିସ, ରାସ୍ତାରେ ଦୁର୍ଘଟଣା ଅଧିକ ହେଉଥିବା ନେଇ ପୋଲିସ, ଜାତୀୟ ରାଜପଥ ବିଭାଗ ଏବଂ ପରିବହନ ବିଭାଗ ମିଳିତ ଭାବେ ଅନୁଧ୍ୟାନ କରିବେ ।



ବୈଠକରେ ଉପସ୍ଥିତ ଏଡିଏମ ଓ ଅନ୍ୟମାନେ ।

- ଦୁର୍ଘଟଣାପ୍ରବଣ ଅଞ୍ଚଳ ଅନୁଧ୍ୟାନ କରିବ ସ୍ୱତନ୍ତ୍ର କମିଟି
- ଲକ୍‌ଡାଉନରେ ବଢ଼ିଛି ଦୁର୍ଘଟଣାଜନିତ ମୃତ୍ୟୁ

ମିଳିଥିବା ତଥ୍ୟ ଅନୁସାରେ ୧୬ ନମ୍ବର ଜାତୀୟ ରାଜପଥ ଓ ୫୯ ରାଜ୍ୟ ଜାତୀୟ ରାଜପଥ ବିଗତ କିଛି ବର୍ଷ ହେଲା ଦୁର୍ଘଟଣାରେ ମୃତକ ଓ ଗୁରୁତରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲାରେ ଚଳିତ ବର୍ଷ ଜାନୁୟାରୀରୁ ଜୁନ ମାସ ମଧ୍ୟରେ ୩୧୩ଟି ସଡକ ଦୁର୍ଘଟଣା ଘଟିଛି। ସେଥିରେ ୧୫୯ ଜଣଙ୍କ ମୃତ୍ୟୁ ଘଟିଛି। ଜାନୁୟାରୀରେ ୧୮ଟି ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଫେବୃୟାରୀରେ ୭୫ଟି ଦୁର୍ଘଟଣାରେ ୩୪, ମାର୍ଚ୍ଚରେ ୬୩ ଦୁର୍ଘଟଣାରେ ୩୬, ଏପ୍ରିଲରେ ୬୧ ଦୁର୍ଘଟଣାରେ ୩୧, ମେ'ରେ ୪୮ ଦୁର୍ଘଟଣାରେ ୨୨ ଏବଂ ଜୁନରେ ୪୮ ଦୁର୍ଘଟଣାରେ ୨୫ ଜଣଙ୍କ ମୃତ୍ୟୁ ହୋଇଛି। ୬ ମାସରେ ଦୁର୍ଘଟଣାରେ ଜାତୀୟ ରାଜପଥରେ ୫୧ ଜଣଙ୍କ ମତ୍ୟୁ ହୋଇଥିବା ବେଳେ ରାଜ୍ୟ ଜାତୀୟ ରାଜପଥରେ ୪୩, ରାଜ୍ୟ ରାଜପଥରେ ୪୮ ଏବଂ ଅନ୍ୟାନ୍ୟ ପଥରେ ୧୭ ଜଣଙ୍କ ମୃତ୍ୟୁ ହୋଇଥିଲା । ସେହିପରି ୨୧୩ ଜଣ ଗୁରୁତର ଆହତ ହୋଇଥିଲେ। ବୈଠକ ପ୍ରାରମ୍ଭରେ ଗଞ୍ଜାମ ଆରଟିଓ ବିକାଶ ଚନ୍ଦ୍ର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏମ୍‌ଭିଆଇ ଶିବରାମ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ମିଶ୍ର, ଗଞ୍ଜାମ ଅତିରିକ୍ତ ଏସ୍‌ପି, ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷ, ଜିଲା ସୂଚନା ଲୋକ ସଂପର୍କ ଅଧିକାରୀ ରବିନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ୪ ମାସ ହେଲା ସୋଲାର ଜଳ ପ୍ରକଳ୍ପ ଅଚଳ

ଛତ୍ରପୁର,୧୨।୮(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ୧ନଂ ୱାର୍ଡ ଧୋବା ସାହିର ୫୦ଟି ପରିବାର ୪ ମାସ ହେଲା ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ଏଠାରେ ଥିବା ସୋଲାରଚାଳିତ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ଏହି ସମସ୍ୟା ଉପୁଜିଛି।

ସୂଚନା ଅନୁସାରେ, ନରେନ୍ଦ୍ରପୁର ଗ୍ରାମକୁ ବସୁଧା ଯୋଜନାରେ ପାନୀୟ ଜଳ ଜଳଯୋଗାଣ କରାଯାଇଛି। ହେଲେ ରେଳପଥ ପାର୍ଶ୍ୱରେ ଧୋବାସାହି ଥିବାରୁ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା ହୋଇପାରିନାହିଁ। ଜିଲା ପ୍ରଶାସନ ତରଫରୁ ସେଠାରେ ୫୦ ପରିବାରକୁ ପାନୀୟ ଜଳ ଯୋଗାଣ ନିମନ୍ତେ ଏକ ସୋଲାରଚାଳିତ ଜଳ ପ୍ରକଳ୍ପ ହୋଇଥିଲା। ହେଲେ ଏବେ ୪ ମାସ ହେଲା ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଦଳିତ ପରିବାରଗୁଡ଼ିକ ନଦୀନାଳ, ପୋଖରୀରୁ ପାଣି ପିଇ ରୋଗରେ ପଡୁଛନ୍ତି। ସୋଲାର ଜଳ ପ୍ରକଳ୍ପ ଅଚଳ ସମ୍ପର୍କରେ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏହାକୁ ତୁରନ୍ତ ପୁନଃକାର୍ଯ୍ୟକ୍ଷମ କରିବାକୁ ଗ୍ରାମ୍ୟ କମିଟିର ସଭାପତି ପିତାମ୍ବର ସେଠୀ ଦାବି କରିଛନ୍ତି।

## ସଂକ୍ଷେପରେ

### ବୃଦ୍ଧଙ୍କ ଆତ୍ମହତ୍ୟା

ଆସିକା,୧୨।୮(ଡି.ଏନ୍.ଏ.): ଆସିକାର ଥାନା ଅନ୍ତର୍ଗତ ପଢାଳ ଗ୍ରାମରେ ଗୁରୁବାର ଜଣେ ବୃଦ୍ଧ ଘର ସିଲିଂରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଗଙ୍ଗାଧର ବେହେରା (୭୦) । ଆତ୍ମହତ୍ୟାର କାରଣ ଜଣାପଡିନାହିଁ । ମୃତକଙ୍କ ଭ୍ରାଇଁ ଜୟରାମ ବେହେରା ଏ ନେଇ ଆସିକା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଛି । ନଂ.୧୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି ।

### ସୋରଡ଼ା ବ୍ଲକରେ ୨ ପଜିଟିଭ ଚିହ୍ନଟ

ସୋରଡା,୧୨।୮(ଡି.ଏନ୍.ଏ.):ସୋରଡ଼ା ବ୍ଲକରେ ୨ କରୋନା ପଜିଟିଭ ଚିହ୍ନଟ ପରେ ପୁଣି ଚିନ୍ତା ବଢିଛି। ବ୍ଲକ ସ୍ୱାସ୍ଥ୍ୟ ବିଭାଗର ପ୍ରକଳ୍ପ ପରିଚାଳକ ଗୋଲକ ଗରିଆଗଡ଼ୁଙ୍କ ସୂଚନା ଅନୁଯାୟୀ, ସରାବାଡ଼ି ଗ୍ରାମରେ ଜଣଙ୍କୁ ୨ ଦିନ ହେଲା ଜ୍ୱର ସହ ନିଃଶ୍ୱାସ ନେବାରେ କଷ୍ଟ ହୋଇଥିଲା। ତାଙ୍କ କରୋନା ରିପୋର୍ଟ ପଜିଟିଭ ଆସିବାପରେ ହୋମ୍ ଆଇସୋଲେଶନରେ ରହିବାକୁ କୁହାଯାଇଛି । ସେହିପରି ରାଇକିଆ ବ୍ଲକ ସିଙ୍ଘାପଲ୍ଲୀ ଗ୍ରାମରୁ ଚିହ୍ନଟ ଅନ୍ୟ ଜଣେ କରୋନା ଆକ୍ରାନ୍ତଙ୍କୁ ୨ ଦିନ ହେଲା ଏମ୍‌କେସିଜି ବ୍ରହ୍ମପୁର ପଠାଯାଇଛି ।

### ନୂତନ ବିଇଓଙ୍କ ଦାୟିତ୍ୱ ଗ୍ରହଣ

ଧରାକୋଟ,୧୨।୮(ଡି.ଏନ୍.ଏ.):ଧରାକୋଟ ବ୍ଲକର ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ କଙ୍କୋରାଡ ଏନ୍‌ବି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଭାଗୀରଥି ବେହେରା ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ଏବିଇଓ ପ୍ରଦୀପ କୁମାର ହୋତା ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ସିଆର୍‌ସିସିମାନେ ଫୁଲତୋଡା ଦେଇ ସ୍ୱାଗତ ଜଣାଇଥିଲେ। ଶିକ୍ଷାର ଗୁଣାତ୍ମକ ବିକାଶ ସହ ଛାତ୍ରୀଛାତ୍ରୀଙ୍କ ଚରିତ୍ର ଗଠନ ପ୍ରକ୍ରିୟା ଜାରି ରହିବ ବୋଲି ନୂତନ ବିଇଓ ବେହେରା କହିଛନ୍ତି। ବ୍ଲକର ୫ଟି ସ୍ମାର୍ଟ କ୍ଲାସ୍ ହେବ ବୋଲି ସେ ସୂଚନା ଦେଇଛନ୍ତି।

### ଅଖିଳ ଭାରତ ଛାତ୍ର ସଂଘର ପ୍ରତିଷ୍ଠା ଦିବସ

ଦିଗପହଣ୍ଡି,୧୨।୮(ଡି.ଏନ.ଏ.):ଦିଗପହଣ୍ଡି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଗୁରୁବାର ଅଖିଳ ଭାରତ ଛାତ୍ର ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଶ୍ୱନାଥ ଦାସଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନା ସଭାରେ ଅଖିଳ ଭାରତ ଛାତ୍ର ସଂଘର ପ୍ରାକ୍ତନ ଜିଲା କାର୍ଯ୍ୟକର୍ତ୍ତା ଅଳକ ନାଥ ମିଶ୍ର ଅତିଥି ଭାବେ ଯୋଗଦେଇ ଶିକ୍ଷା ଏକ ସୁଯୋଗ ନୁହେଁ ତାହା ସମସ୍ତଙ୍କ ମୌଳିକ ଅଧିକାର ବୋଲି କହିଥିଲେ। ୧୯୩୬ ମସିହା ଅଗଷ୍ଟ ୧୨ ତାରିଖରେ ଶହୀଦ ଭଗତ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଖିଳ ଭାରତ ଛାତ୍ର ସଙ୍ଗଠନ ପ୍ରତିଷ୍ଠା ହୋଇଥିଲା। ସଂଗଠନର ଆହ୍ୱାନରେ ଦେଶର ଲକ୍ଷ ଲକ୍ଷ ଛାତ୍ର ଇଂରେଜ ସରକାର ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ ବୋଲି ଆଲୋଚନା ହୋଇଥିଲା। ସମୀର ଜେନା, ସୁଦୀପ କୁମାର ଦାସଙ୍କ ସମେତ ସ୍ଥାନୀୟ ଖେମୁଣ୍ଡି କଲେଜର ବହୁ ସଂଖ୍ୟକ ଛାତ୍ର ସଭାରେ ଅଂଶଗ୍ରହଣ କରିଥିଲେ।

### ମଦ ଜବତ, ଜଣେ ଗିରଫ

ଗଞ୍ଜାମ,୧୨।୮(ଡି.ଏନ.ଏ.): ଗଞ୍ଜାମ ଥାନା ଅଞ୍ଚଳରୁ ପୋଲିସ ୩୦ ଲିଟର ଦେଶୀ ମଦ ଜବତ କରିଛି। ଗଞ୍ଜାମ ଆଖଡାବନ୍ଧ ସାହି ଛକ ନିକଟରେ ପାଟ୍ରୋଲିଂ ବେଳେ ପୋଲିସ ବାଇକ୍‌ରେ ଏହି ମଦ ନେଇ ଯାଉଥିବା ପ୍ରମୋଦ ପ୍ରଧାନଙ୍କୁ ଗିରଫ କରିଛି । ଏ ନେଇ ନଂ.୧୩୬/୨୧ ରେ ମାମଲା ରୁଜୁ କରାଯାଇଛି।

# ପାହାଡ଼ ତଳି ଗାଁରେ ଜଳାଭାବ

## ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ

ଖଣ୍ଡପଡ଼ା,୧୨।୮(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତର ଏକ ପାହାଡ ତଳି ଗାଁ ଘୋଡାମାରିଦ୍ୱାର । ଗୋକୁଳାନନ୍ଦଜୀଉ ପୀଠ ଅନ୍ତର୍ଗତ ମହୁକୋଣ ପାହାଡ ଦକ୍ଷିଣ ପାର୍ଶ୍ୱରେ ବାସ କରୁଥିବା ୫ଶହରୁ ଉର୍ଦ୍ଧ୍ୱ ଜନ ସଂଖ୍ୟା ବିଶିଷ୍ଟ ସିଧାମୂଳା ପଞ୍ଚାୟତର ୭ନଂ ୱାର୍ଡ ଭାବେ ଏହି ଗାଁ ପରିଚିତ । ଗାଁର ମୁଖ୍ୟ ସମସ୍ୟା ହେଉଛି ଜଳାଭାବ । ଏପରି କି ସ୍ନାନ ଶୌଚାଦି ପାଇଁ ପାଣି ନାହିଁ। ଗାଁରେ ୪ଟି ନଳକୂପ ଥିଲେ ମଧ୍ୟ ତାହା ଲୋକମାନଙ୍କ ଆବଶ୍ୟକତାକୁ ପୁରଣ କରି ପାରୁନାହିଁ । ପାହାଡ଼ ପାଦଦେଶରେ ଥିବା ପୁଷ୍କରିଣୀ ବର୍ଷର ସବୁ ସମୟରେ ଶୁଖିଲା ପଡିଛି । ପାହାଡରୁ ଗଡି ଆସୁଥିବା ବର୍ଷା ଜଳ ଉକ୍ତ ପୁଷ୍କରିଣୀରେ ଜମା ହୋଇ ଲୋକଙ୍କ ପାଣି ସମସ୍ୟାକୁ ଅନେକାଂଶରେ ସମାଧାନ କରୁଥିଲା । ମାତ୍ର ପାହାଡ ତଳେ ଗାଁକୁ ଏକ ନୂଆ ରାସ୍ତା ନିର୍ମାଣ ପରଠାରୁ ବର୍ଷାଦିନେ ପାହାଡରୁ ନିର୍ଗତ ପାଣି ଅନ୍ୟତ୍ର ବହିଯାଉଛି। ଫଳରେ ଉକ୍ତ ପୋଖରୀ ଶୁଖିଲା ପଡିଛି । ଗ୍ରାମବାସୀ ସ୍ନାନ ଶୌଚାଦି ପାଇଁ ପ୍ରାୟ ୨ କି.ମି.ଦୂର ମହାନଦୀ କିମ୍ବା ଅନ୍ୟତ୍ର ଯାଉଛନ୍ତି। ଗ୍ରାମ ଲୋକଙ୍କ ଆବଶ୍ୟକତାକୁ ନଜରରେ ରଖି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପୋଖରୀ ଖୋଳାଯାଇଥିଲେ ସେଥିରେ ବି ପାଣି ନାହିଁ । ଅନ୍ୟପକ୍ଷେ ଉକ୍ତ ଗ୍ରାମର ଅଳ୍ପ ଦୂରରେ ଥିବା ଅକୁରାବନ୍ଧ ସର ନାଳଟି ଦଳରେ ପୂର୍ଣ୍ଣ ହୋଇ ରହିଛି । ସେହି ନାଳରେ ଲୋକେ ସ୍ନାନ ଶୌଚାଦି କଲେ ମ୍ୟାଲେରିଆ ଓ ବାତ ଜ୍ୱରରେ ପୀଡିତ ହେଉଥିବା ଅଭିଯୋଗ ହୋଇଛି ।

# ଆଶୀର୍ବାଦ ଲାଗି ଶିଶୁ ଚିହ୍ନଟ ଶିବିର

ଆର.ଉଦୟଗିରି, ୧୨।୮(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନା ଲାଗି ଆର୍.ଉଦୟଗିରି ବ୍ଲକ ରାମଗିରି ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଶିଶୁ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ଜିଲା ଶିଶୁ ବିକାଶ ବିଭାଗୀୟ ଅଧିକାରୀମାନେ ଏହି ଯୋଜନାର ନିୟମାବଳୀ ଅନୁଯାୟୀ, ବାପା କିମ୍ବା ମା' ନଚେତ୍ ଉଭୟଙ୍କୁ ହରାଇଥିବା ଶିଶୁଙ୍କୁ ଆର୍.ଉଦୟଗିରି ବ୍ଲକ ଛେଲାଗଡ଼, ଶିଆଳିଲଟି ଓ ରାମଗିରି ପଞ୍ଚାୟତ ଏବଂ ନୂଆଗଡ଼ ବ୍ଲକର ବେତାରସିଂ ଓ ସମ୍ବଲପୁର ପଞ୍ଚାୟତର ଅଙ୍ଗନୱାଡି କର୍ମୀମାନଙ୍କ ସହାୟତାରେ ଚିହ୍ନଟ କରିଛନ୍ତି। ଏଭଳି ମୋଟ ୪୨ ଶିଶୁଙ୍କୁ ଚୟନ କରାଯାଇଥିବା ବେଳେ ସେଥିମଧ୍ୟରେ ୩୫ ଜଣ ବାପାଙ୍କୁ ଏବଂ ୭ଜଣ ଉଭୟ ମା ବାପାଙ୍କୁ ହରାଇଛନ୍ତି। ବାପା କିମ୍ବା ମା'ଙ୍କୁ ହରାଇଥିବା ଶିଶୁଙ୍କୁ ସରକାର ୧୮ବର୍ଷ ପର୍ଯ୍ୟନ୍ତ ମାସିକ ୧୫୦୦ ଟଙ୍କା ସହାୟତା ଯୋଗାଇବାକୁ ଥିବା ବେଳେ ଉଭୟ ମା' ବାପାଙ୍କୁ ହରାଇଥିବା ଶିଶୁ ୨୫୦୦ ଟଙ୍କା ଭତ୍ତା ପାଇବେ। ଚୟନ ସମୟରେ ଜିଲା ଶିଶୁ ମଙ୍ଗଳ ସମିତି ଚେୟାର ପର୍ସନ ପ୍ରମୋଦ ରାଉଳ, ସଦସ୍ୟା ଅଳକା ସାହୁ, ସଦସ୍ୟ ହିରଣ୍ୟ ରାୟ ଓ ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପର୍ଯ୍ୟବେକ୍ଷଣ ଅଧିକାରୀ ଜୟ ପ୍ରକାଶ ବାଡ଼ତ୍ୟା ଓ ସାମାଜିକ କର୍ମୀ ସତ୍ୟବାନ ସାହୁ ଉପସ୍ଥିତ ଥିଲେ। ରାମଗିରି ସରପଞ୍ଚ ଆଦିକନ୍ଦ କାର୍ଯୀ, ଏସ୍‌ଡବ୍ଲ୍ୟୁଡବ୍ଲ୍ୟୁଏସ୍‌ର ନିର୍ମଳା ପଟ୍ଟନାୟକ ପ୍ରମୁଖ ଅଧିକାରୀମାନଙ୍କୁ ସହଯୋଗ କରିଥିଲେ।

# ମହିଳା ମହାବିଦ୍ୟାଳୟରେ ବିଧାୟକ



ଛାତ୍ରୀଙ୍କୁ ମାସ୍କ ବଣ୍ଟନ କରୁଛନ୍ତି ବିଧାୟକ।

ଜି.ଉଦୟଗିରି,୧୨।୮(ଡି.ଏନ୍.ଏ.)

କରୋନା ପ୍ରକୋପ କମିଥିବା ଯୋଗୁ ରାଜ୍ୟରେ ଦଶମ, ଦ୍ୱାଦଶ ଶ୍ରେଣୀ ଖୋଲିଛି। ଗୁରୁବାର ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ସ୍ଥାନୀୟ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ପହଞ୍ଚି ମାସ୍କ ବାଣ୍ଟିବା ସହିତ କରୋନା ସମୟରେ କିଭଳି ସୁରକ୍ଷିତ ଏବଂ ସତର୍କ ରହିବାକୁ ହେବ ସେ ସମ୍ପର୍କରେ ପରାମର୍ଶ ଦେଇଛନ୍ତି। ବିଧାୟକଙ୍କୁ ଅଧକ୍ଷ ଶିବରାମ ସାହୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। କଲେଜ ପ୍ରତିଷ୍ଠାତା ସଭ୍ୟ ଶିଶିର ପଟ୍ଟନାୟକ, ପୂର୍ବତନ ସମ୍ପାଦକ ସୂର୍ଯ୍ୟ ନାରାୟଣ ପାତ୍ର, ଅଧାପିକା ଡ. ବବିତାରାଣୀ ପଟ୍ଟନାୟକ, ମିନତୀ ଦାଶ, ସୁଧାରାଣୀ ପାତ୍ର, ସସ୍ମିତା ଦାଶ ପ୍ରମୁଖ ଉପସ୍ଥିତ ରହି କଲେଜର ବିଭିନ୍ନ ସମସ୍ୟା ଓ ରୌପ୍ୟ ଜୟନ୍ତୀ ସମ୍ପର୍କରେ ବିଧାୟକଙ୍କ ସହ ଆଲୋଚନା କରିଥିଲେ। କଲେଜରେ କନ୍‌ଫରେନ୍ସ ହଲ୍ ନ ଥିବାରୁ ଏହା ଖୁବ୍‌ଶୀଘ୍ର ହେବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ସହିତ ନଗର ସଭାପତି ଗୋପାଳ ମହାପାତ୍ର ଓ ଅନ୍ୟ ବିଜେଡି ନେତା ଓ କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଓଡ଼ଗାଁ ଏନଏସିରେ ଜବରଦଖଲ ଉଚ୍ଛେଦ



ନବନିର୍ମିତ ଏକ ଘରକୁ ଉଚ୍ଛେଦ କରାଯାଉଛି ।

ଓଡ଼ଗାଁ,୧୨।୮(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ ଏନଏସି ଅଧୀନ ବିଭିନ୍ନ ବଜାର, ବସଷ୍ଟାଣ୍ଡ, ପରିବା ବଜାର ଗଳି, କଲେଜ ଓ ଥାନା ସାମ୍ନା ଅଞ୍ଚଳ, ସରକାରୀ ପଲିଟେକନିକ ସାମ୍ନାରେ ବହୁ ମୁଲ୍ୟବାନ ଜାଗା ଜବରଦଖଲକାରୀଙ୍କ କବ୍‌ଜା ରହିଥିବା ସରକାରୀ ବାବୁଙ୍କୁ ଅଛପା ନ ଥିଲା । ମୁଖ୍ୟତଃ ସ୍ଥାନୀୟ ଓଡ଼ଗାଁ ଓ ଦଳକ ପଞ୍ଚାୟତକୁ ନେଇ ଏନଏସି ଗଠନ ହେବାପରେ ଜାରିଙ୍ଗି ମୌଜା ଉପରେ ଜବରଦଖଲକାରୀଙ୍କ ନଜର ପଡିଥିଲା । ଏହି ପରିପ୍ରେକ୍ଷୀରେ ବୁଧବାର ଏନଏସି ତରଫରୁ ଜାରିଙ୍ଗି ମୌଜାରୁ ଜବରଦଖଲ ଉଚ୍ଛେଦ କରିବାକୁ ଏନଏସି କର୍ତ୍ତୃପକ୍ଷ ୨୪ ଘଣ୍ଟିଆ ନୋଟିସ ଦିଆଯାଇଥିଲା । ହେଲେ ଏଥିପ୍ରତି ସେମାନେ ଆଦୌ ନିଘା ନ କରିବାରୁ ଏନଏସି ଓ ରାଜସ୍ୱ ଅଧିକାରୀ ପୋଲିସ ଫୋର୍ସ ସହାୟତାରେ ନୋଟିସ ଦେବାର ୭ ଦିନ ପରେ ଜେସିବି ଲଗାଇ ଜବରଦଖଲ ଉଚ୍ଛେଦ କରିଛନ୍ତି। ଏଥିରେ ପ୍ରଶାସନ ୬ ଅର୍ଦ୍ଧ ନିର୍ମିତ ଘର ଓ ଦୁଇଟି ପାଚେରୀ ଭାଙ୍ଗିଥିବା ଏନଏସି ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ଅନ୍ୟ କେତେଜଣ ଅଯୋଗ୍ୟ ହିତାଧିକାରୀ ଅଥବା ଜବର ଦଖଲକାରୀଙ୍କୁ ଜବରଦଖଲ ଉଚ୍ଛେଦ କରିବାକୁ ନୋଟିସ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି । ଉକ୍ତ ଉଚ୍ଛେଦ କାର୍ଯ୍ୟକ୍ରମରେ ଏନଏସି ନିର୍ବାହୀ ଅଧିକାରୀଙ୍କ ସହିତ ଆଦର୍ଶ ଥାନା ଅଧିକାରୀ ସୟ କୁମାର ପରିଡା, ଅତିରିକ୍ତ ତହସିଲଦାର ନିରନ ନାୟକ ଓ ଗୋଟିଏ ସେକ୍ସନ ପୋଲିସ ଫୋର୍ସ ମୁତୟନ ରହିଥିଲେ ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ

## ଯୁବକଙ୍କୁ ହତ୍ୟା ଘଟଣା

ଫୁଲବାଣୀ ଅଫିସ/ଚକାପାଦ, ୧୨।୮

କନ୍ଧମାଳ ଜିଲା ଚକାପାଦ ବ୍ଲକ ସୁବଳୟା ଗ୍ରାମରେ ବ୍ରାହ୍ମଣପାଦ ଗ୍ରାମର ଯଶବନ୍ତ ବେହେରାଙ୍କୁ ହତ୍ୟା ଘଟଣାର ପ୍ରକୃତ ଅପରାଧୀଙ୍କୁ ଗିରଫ ଦାବିରେ ଥାନା ଘେରାଉ କରାଯାଇଛି। ଗୁରୁବାର ବ୍ରହ୍ମଣପାଦ ଗ୍ରାମବାସୀ ଥାନା ସମ୍ମୁଖରେ ମୃତଦେହ ରଖି ଥାନା ଘେରାଉ କରିଥିଲେ। ଯେଉଁ ଯୁବକ ହତ୍ୟା କରିଛନ୍ତି ବୋଲି କହୁଛନ୍ତି, ସେ ପ୍ରକୃତରେ ହତ୍ୟାକାରୀ ନୁହନ୍ତି। ଏହି ଘଟଣାରେ ଅନ୍ୟମାନେ ସାମିଲ ଅଛନ୍ତି। ତୁରନ୍ତ ପ୍ରକୃତ ଅପରାଧୀଙ୍କୁ ଧରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ହତ୍ୟା ଘଟଣାରେ ୪/୫ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ପ୍ରକୃତ ଅପରାଧିଙ୍କୁ ଧରାଯିବ ବୋଲି ଥାନାଧିକାରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ମୃତଦେହ ଧରି ଫେରିଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ ବ୍ରାହ୍ମଣପାଦର ଯଶବନ୍ତଙ୍କୁ ସୁବଳୟା ଗ୍ରାମରେ ହତ୍ୟା କରାଯାଇଥିଲା । ଭଉଣୀଙ୍କୁ ଯଶବନ୍ତ ଦୁର୍ବ୍ୟବହାର କରିବାରୁ ତାଙ୍କୁ ହତ୍ୟା କରିଛି ବୋଲି ସୁବଳୟା ଗ୍ରାମର ମକରନ୍ଦ ପୋଲିସ ଆଗରେ ସ୍ୱୀକାର କରିଥିଲେ । ହେଲେ ଏହି ଘଟଣାରେ ଅନ୍ୟମାନେ ସାମିଲ ଅଛନ୍ତି। ହତ୍ୟାକାଣ୍ଡ ପଛରେ ଅନ୍ୟ କାରଣ ରହିଛି ବୋଲି ବ୍ରାହ୍ମଣପାଦ ଗ୍ରାମବାସୀଙ୍କ ସମେତ ଯଶବନ୍ତଙ୍କ ପରିବାର ଲୋକେ କହୁଛନ୍ତି।

# ଭଞ୍ଜନଗରର ଅବିନାଶ, ରାଜା ସ୍ୱର୍ଣ୍ଣ ଜିତିଲେ

## ଇଣ୍ଡୋ-ନେପାଳ କବାଡ଼ି ପ୍ରତିଯୋଗିତା

ଭଞ୍ଜନଗର,୧୨।୮(ଡି.ଏନ.ଏ)

ନେପାଳର ପୋଖରାରେ ଅଗଷ୍ଟ ୫ରୁ ୯ତାରିଖ ପର୍ଯ୍ୟନ୍ତ ଭାରତ-ନେପାଳ ଗ୍ରୀଷ୍ମକାଳୀନ କ୍ରୀଡ଼ା ଚାମ୍ପିୟନଶିପ୍ ୨୦୨୧ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତର ଗ୍ରୀଷ୍ମକାଳୀନ କ୍ରୀଡ଼ା ସଙ୍ଗଠନ (ଏସ୍‌ଏସ୍‌ଏଫ୍)ପକ୍ଷରୁ ଅଣ୍ଡର ୧୯ କବାଡ଼ି ଟିମ୍ ଭାଗ ନେଇଥିଲା । ଉକ୍ତ ଟିମ୍‌ରେ ଭଞ୍ଜନଗରର କୁମାର ଅବିନାଶ ଓ ରାଜା ନାୟକ ଦଳପାଇଁ ଖେଳି ସ୍ୱର୍ଣ୍ଣ ପଦକ ଜିତିବାରେ ପ୍ରମୁଖ ଭୂମିକା ନିଭାଇଛନ୍ତି। ଭଞ୍ଜନଗରରେ ଏହି ଖବର ପହଞ୍ଚିବା ପରେ କ୍ରୀଡ଼ାପ୍ରେମୀ ଖୁସିବ୍ୟକ୍ତ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ କୋଚ୍ ପି.କାର୍ତ୍ତିକା ରାଓଙ୍କ ସହ ଅବିନାଶ ଓ ରାଜା ନେପାଳରୁ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଲାଲସିଂ ସିଆରସିସି ବୃନ୍ଦାବନ ସେଠୀଙ୍କ ପୁଅ ଅବିନାଶ ଏହା ପୂର୍ବରୁ ଏକାଧିକ ଥର ରାଜ୍ୟ ଓ ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ନିଭାଇଛନ୍ତି । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ଏକାଧିକ ଥର ସମ୍ବର୍ଦ୍ଧିତ ହୋଇଛନ୍ତି। ସେହିପରି ଭଞ୍ଜନଗର ସହର ମସ୍‌ଜିଦ୍ ମାର୍ଗରେ ରାଜାଙ୍କ ଘର। ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପୁଅ ରାଜା ମଧ୍ୟ ଜାତୀୟ ଓ ରାଜ୍ୟସ୍ତରରେ ଏକାଧିକ ପ୍ରତିଯୋଗିତାରେ ଭାଗ ନେଇଛନ୍ତି ।



ଅବିନାଶ ଓ ରାଜା ।

# ଇନ୍‌ଡୋର ଷ୍ଟାଡିୟମ ଲାଗି ଖୁସି ବ୍ୟକ୍ତ କଲେ କ୍ରୀଡ଼ାବିତ୍

ସୋରଡ଼ା/ରମ୍ଭା/କବିସୂର୍ଯ୍ୟନଗର, ୧୨।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିବା ପରେ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସୋରଡ଼ାରେ ୬ କୋଟି ବ୍ୟୟରେ ନିର୍ମାଣ ହେବ ଇନ୍‌ଡୋର ଷ୍ଟାଡିୟମ। ଏହାଦ୍ୱାରା କ୍ରୀଡ଼ାପ୍ରେମୀ, ଛାତ୍ରୀଛାତ୍ର, ଯୁବଗୋଷ୍ଠୀ ଓ ବରିଷ୍ଠ ନାଗରିକମାନେ ଉପକୃତ ହୋଇପାରିବେ। ଗୁରୁବାର ସ୍ଥାନୀୟ ଖୁଣ୍ଟେଶରୀ ପାହାଡ଼ କଲ୍ୟାଣ ମଣ୍ଡପଠାରେ ଆୟୋଜିତ କ୍ରୀଡ଼ାବିତ୍‌ଙ୍କ ସମାବେଶରେ କ୍ରୀଡ଼ାବିତ ରଜନୀ ମହାପାତ୍ର ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ପାଇଁ ଆୟୋଜିତ ଏହି ସମାବେଶରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ, କ୍ରୀଡ଼ାବିତ ଜିତୁ ପାଣ୍ଡେ, ରଜନୀ ମହାପାତ୍ର , ସଞ୍ଜୀବ ଅଧିକାରୀ, ଡାକ୍ତର ଆଶିଷ ଖାଡଙ୍ଗା ଜୟଦୁର୍ଗା କ୍ଲବ ସଭାପତି ଦୁର୍ଗାଚରଣ ଶତପଥୀଙ୍କ ସମେତ କଲେଜ ଛାତ୍ରୀଛାତ୍ର ଓ ବହୁ କ୍ରୀଡ଼ାବିତ ଯୋଗଦେଇଥିଲେ। ବସନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ରମ୍ଭାଠାରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ଘୋଷଣା ହୋଇଥିବାରୁ ସ୍ଥାନୀୟ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ସଭା ଆୟୋଜନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ସହରବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଯାଇଛି। ଏହି ଇନ୍‌ଡୋର ଷ୍ଟାଡିୟମ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ଭାବେ ମଧ୍ୟ ବ୍ୟବହାର କରାଯିବ। ସଭାରେ ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀ, ରାମଚନ୍ଦ୍ର ପଣ୍ଡା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସୌଦାମିନୀ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ନଗର ସଭାପତି ବନବାସୀ ନାହାକ ଅତିଥି ପରିଚୟ ଦେଇଥିଲେ। ସେହିପରି କବିସୂର୍ଯ୍ୟନଗରରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହେବ ବୋଲି ଘୋଷଣା ପରେ ଅଞ୍ଚଳରେ ବହୁ କ୍ରୀଡ଼ା ପ୍ରତିଭା ବାହାରିବେ ବୋଲି ଜିଲା ବିଜେଡି ଉପସଭାପତି ମନୋରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମତପ୍ରକାଶ ପାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନଗର ବିଜେଡି କାର୍ଯ୍ୟକାରୀ ସଭାପତି ରସଲ ଦାସ, ନଗର ଛାତ୍ର ବିଜେଡି ସଭାପତି ବିକ୍ରାନ୍ତ କୁମାର ସାହୁ, ନଗର ମହିଳା ସଭାପତି ଲକ୍ଷ୍ମୀପ୍ରିୟା ସାହୁ, ବ୍ଲକ ଅଧ୍ୟକ୍ଷ ସନ୍ତୋଷ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।



ସୋରଡ଼ାରେ ଆୟୋଜିତ ସମାବେଶରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ୨୯ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୧୨।୮:** ନୟାଗଡ଼ ଜିଲାରେ କରୋନାରେ ୨୯ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ସଂଖ୍ୟାକୁ ମିଶାଇ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ହଜାର ୯୨୪ରେ ପହଞ୍ଚିଛି । ଗୁରୁବାର ରିପୋର୍ଟରେ ଭାପୁର ବ୍ଲକରେ ୫, ଗଣିଆ ବ୍ଲକରେ ୨, ଖଣ୍ଡପଡ଼ା ବ୍ଲକରେ ୫, ନୟାଗଡ଼ ବ୍ଲକରେ ୨, ନୂଆଗାଁ ବ୍ଲକରେ ୨, ଓଡ଼ଗାଁ ବ୍ଲକରେ ୬, ରଣପୁର ବ୍ଲକ ୫ ଓ ନୟାଗଡ଼ ପୌରାଞ୍ଚଳରେ ୨ଜଣ ଚିହ୍ନଟ ହୋଇଛନ୍ତି। ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୬୪ଜୀବନ ନେଇଛି।

### ୫୦ ଲିଟର ଦେଶୀ ମଦ ଜବତ, ୨ ଗିରଫ

**ନୟାଗଡ଼ ଅଫିସ,୧୨।୮:** ନୟାଗଡ଼ ସଦର ଥାନା ପୋଲିସ ୫୦ ଲିଟର ଦେଶୀ ମଦ ଜବତ କରିଛି । ଏହି ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା । ସେମାନେ ହେଲେ ନୟାଗଡ଼ ଟାଉନ ଥାନା ଅଧୀନ ଗାନ୍ଧୀନଗରର ପ୍ରଦୀପ୍ତ ମହାନ୍ତି ଓ ରବୀନ୍ଦ୍ର ଜେନା । ଉଭୟଙ୍କ ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ, ନୟାଗଡ଼ ସଦର ଥାନା ପୋଲିସ ବାଲୁଗାଁ ଅଞ୍ଚଳରେ ବୁଧବାର ରାତିରେ ପାଟ୍ରୋଲିଂ କରୁଥିଲା । ଏହି ସମୟରେ ବାଲୁଗାଁ ଦିଗରୁ ପ୍ରଦୀପ୍ତ ଓ ରବୀନ୍ଦ୍ର ଏକ ବାଇକ୍ (ନଂ.ଓଡି୨୫ ଏଫ ୦୪୩୫)ରେ ୫୦୦ ଦେଶୀ ପାଉଚ ଧରି ଆସୁଥିବା ବେଳେ ବୋଦାପଡା ଲୁଣିଝରା ନଦୀ ପାଖରେ ସେମାନେ ଧରାପଡ଼ିଥିଲେ । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୨୫/୨୧) ରୁଜୁ ହୋଇଛି ।

### ବାଇକ୍ ଚୋରି ର୍ୟାକେଟ ସକ୍ରିୟ

**ଖଣ୍ଡପଡ଼ା,୧୨।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ଓ ତା'ର ଆଖପାଖ ଅଞ୍ଚଳରେ କିଛିଦିନ ବ୍ୟବଧାନରେ ପୁଣି ବାଇକ୍ ଚୋରି ର୍ୟାକେଟ ସକ୍ରିୟ ହୋଇଛି । ବୁଧବାର ରାତିରେ ଖଣ୍ଡପଡ଼ା ସହରର ୧ନଂ. ୱାର୍ଡସ୍ଥିତ ଭାରତ ଫାଇନାନ୍ସ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରୁ କେହି ଦୁର୍ବୃତ୍ତ ଏକ ବାଇକ୍‌କୁ ଚୋରି କରି ନେଇଥିବା ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି । ଉକ୍ତ ସଂସ୍ଥାର କର୍ମଚାରୀ ତଥା ଗାଡ଼ି ମାଲିକ ଜାହିର ଅହମ୍ମଦ ଖାନ୍ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଆରମ୍ଭ କରିଛି ।

### ଜଙ୍ଗଲ ଅଧିକାର ଆଇନ ପ୍ରଶିକ୍ଷଣ ଶିବିର

**ଦଶପଲ୍ଲା,୧୨।୮(ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ୍-୨୦୦୬ ଏବଂ ପରବର୍ତ୍ତୀ ସମୟରେ ସଂଶୋଧିତ ନିୟମ-୨୦୧୨ ସମ୍ପର୍କରେ ଗୁରୁବାର ଦଶପଲ୍ଲାରେ ୨ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଭୁବନେଶ୍ୱରର ବସୁନ୍ଧରା ଅନୁଷ୍ଠାନର ପ୍ରଶିକ୍ଷକମାନେ ଏହି ତାଲିମ ଦେଉଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଦଶପଲ୍ଲା ବ୍ଲକ୍ ସମେତ ନୂଆଗାଁ ଓ ଗଣିଆ ବ୍ଲକ୍‌ର କର୍ମୀମାନେ ଯୋଗଦେଇଛନ୍ତି । ମୁଖ୍ୟତଃ ଜଙ୍ଗଲ ଅଧିକାର ଆଇନର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ଉପରେ ଏହି ପ୍ରଶିକ୍ଷଣ ଦିଆଯାଉଛି । ତାଲିମ୍‌ଦାତା ଭାବେ ବସୁନ୍ଧରାର ରଞ୍ଜିତ ପଟ୍ଟନାୟକ, ସର୍ବେଶ୍ୱର ସିଂ ସାହୁ, ସୁଶାନ୍ତ ଦଳେଇ, ମ୍ୟାପିଂ ଏକ୍ସପର୍ଟ ସ୍ୱପ୍ନେଶ୍ୱର ଭାଇ ପ୍ରମୁଖ ଯୋଗଦେଇ କାର୍ଯ୍ୟ ସମ୍ପାଦନ କରିଥିଲେ। ନୟାଗଡ଼ ଜିଲା ସଂଯୋଜକ ଅଶୋକ ପରିଡ଼ା ଏବଂ ସାଥୀ ନିତ୍ୟାନନ୍ଦ ନାଏକ, ଭାଇ ଅକ୍ଷୟ କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ତାଲିମ୍ ପରେ କର୍ମୀମାନେ ବିଭିନ୍ନ ପଞ୍ଚାୟତକୁ ଯାଇ ବନବାସୀମାନଙ୍କୁ ଏ ସମ୍ପର୍କରେ ସଚେତନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

### ନବୋଦୟ ପରୀକ୍ଷାରେ ୪୯ ଛାତ୍ରୀଛାତ୍ର ଅନୁପସ୍ଥିତ

**ଖଣ୍ଡପଡ଼ା,୧୨।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ଖଲିସାହିସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ଦେବ ବାଳିକା ଉଚ୍ଚ ବିଦ୍ୟାଳୟ ୨ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଶେଷ ହୋଇଛି । ଏହି ପରୀକ୍ଷା ପାଇଁ ଆବେଦନ କରିଥିବା ସମୁଦାୟ ୪୯ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ । ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୧୮୦ ଛାତ୍ରୀଛାତ୍ର ପରୀକ୍ଷା ଦେବାର ଥିଲା । ସେମାନଙ୍କ ମଧ୍ୟରୁ ୩୦ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ସେହିପରି ଶ୍ରୀ ନୀଳକଣ୍ଠେଶ୍ୱର ଦେବ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୯୭ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭୮ ଜଣ ପରୀକ୍ଷା ଦେଇଥିବା ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁ ସୂଚନା ଦେଇଛନ୍ତି । ବିଡିଓ ଅରୁଣିମା ସାହୁ, ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ବସନ୍ତ କୁମାର ନାୟକ, ଏବିଇଓ ରବୀନ୍ଦ୍ର ନାଥ ରାଉତରାୟ ପ୍ରମୁଖ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ ।

# ଏକାଦଶ, ଦ୍ୱାଦଶ ଶ୍ରେଣୀ ସିଟ୍ ବଢୁ

**ନୟାଗଡ଼ ଅଫିସ,୧୨।୮**

ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ସିଟ୍ ସଂଖ୍ୟା ବୃଦ୍ଧି କରାଯାଉ । ସେହିପରି କଳା ଏବଂ ବାଣିଜ୍ୟ ବିଭାଗରେ ଏକାଦଶ ଶ୍ରେଣୀ ଖୋଲିବାର ବ୍ୟବସ୍ଥା କରାଯାଉ । ଏ ନେଇ କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରୀୟ ବିଦ୍ୟାଳୟର ଚେୟାରମ୍ୟାନ ତଥା ନୟାଗଡ ଜିଲାପାଳ ପୋମା ଟୁଡୁଙ୍କୁ ଭେଟି ସିଟ୍ ବୃଦ୍ଧି ଓ ଏକାଦଶ ଶ୍ରେଣୀ ଖୋଲିବା ନେଇ ଦାବି ରଖିଛନ୍ତି ।

ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ ଭାବେ ସ୍ଥାନୀୟ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଚାଲଛି । ଅଭିଭାବକ ସଂଘର ଦାବି କ୍ରମେ ସେଠାରେ ବିଜ୍ଞାନ ବିଷୟରେ ଏକାଦଶ ଶ୍ରେଣୀ ଖୋଲିଥିଲା । ସେ ସମୟରେ ୫୦ଟି ସିଟ ପାଇଁ ଅନୁମୋଦନ ମିଳିଥିଲା । ତେବେ ଇତିମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ ନିଜସ୍ୱ ଗୃହକୁ ଗତବର୍ଷଠାରୁ ସ୍ଥାନାନ୍ତର ହୋଇ ସାରିଛି । ହାଉସିଂ ବୋର୍ଡ ନିକଟରେ ଖୋଲିଥିବା କେନ୍ଦ୍ରୀୟ ବିଦ୍ୟାଳୟ ସ୍ୱୟଂ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇଥିବା ବେଳେ ବିଜ୍ଞାନ ବିଭାଗର ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ସିଟ ସଂଖ୍ୟା ମାତ୍ର ୫୦ରେ ସୀମିତ ରହିଛି । ଏହାର ସିଟତ ସଂଖ୍ୟା ବୃଦ୍ଧି ପାଉନାହିଁ । ଏଭଳିସ୍ଥଳେ ଜିଲାର ଅନ୍ୟାନ୍ୟ ବିଦ୍ୟାଳୟରୁ ସିବିଏସଇରେ



ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ।

**ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ**
- ଜିଲାପାଳଙ୍କୁ ଭେଟିଲା ଅଭିଭାବକ ମହାସଂଘ
- ଏକାଦଶ, ଦ୍ୱାଦଶ ଶ୍ରେଣୀରେ ବିଜ୍ଞାନରେ ବଢୁ ସିଟ୍

ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ସିବିଏସ୍‌ଇରେ ଏକାଦଶ କିମ୍ବା ଦ୍ୱାଦଶ ଶ୍ରେଣୀ ପଢ଼ିବାରୁ ବଞ୍ଚିତ ହେଉଛନ୍ତି । ଅନ୍ୟପକ୍ଷରେ କୋଭିଡ୍ ମହାମାରୀ ଯୋଗୁ ଚଳିତବର୍ଷ କୌଣସି ବିଦ୍ୟାଳୟର ଦଶମ ଶ୍ରେଣୀର ଅଫଲାଇନ ପରୀକ୍ଷା ହୋଇ ପାରି ନାହିଁ । ତେବେ ପାସହାର ୯୮%ରୁ ଅଧିକ ହୋଇଛି । ଫଳରେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପାଇଁ ସିଟ୍ ବୃଦ୍ଧିର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ସିଏଚଏସଇ ପାଠ୍ୟକ୍ରମ ପାଇଁ ଯୁକ୍ତ ୨ ଶ୍ରେଣୀରେ ୫୫ ହଜାର ସିଟ ବୃଦ୍ଧି କରିଛନ୍ତି ।

ଚଳିତ ବର୍ଷ କେନ୍ଦ୍ରୀୟ ବିଦ୍ୟାଳୟକୁ ମିଶାଇ ନୟାଗଡ ଜିଲାରୁ ସିବିଏସଇ ପାଠ୍ୟକ୍ରମରେ ୧୦ମ ପାସ କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩ଶହରୁ ଉର୍ଦ୍ଧ୍ୱ । ତେବେ ଏକାଦଶ ଶ୍ରେଣୀରେ ପାଠ ପଢ଼ିବା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ଜିଲାର ଦୁଇଟି ଶିକ୍ଷାନୁଷ୍ଠାନ । ନବୋଦୟ ବିଦ୍ୟାଳୟରେ ନିଜ ସ୍କୁଲ ପିଲାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଆଡମିଶନର ସୁଯୋଗ ମିଳିଛି । ଅନ୍ୟ ବିଦ୍ୟାଳୟର ପିଲାମାନେ ଏଠାରେ ଉଚ୍ଚଶିକ୍ଷା ପାଇଁ ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ମହାସଂଘ ପକ୍ଷରୁ ସଭାପତି ପ୍ରଶାନ୍ତ କୁମାର ଦାସ, ଉପସଭାପତି ନିରଞ୍ଜନ ବିଶ୍ୱାଳ, ସଂପାଦକ ଲକ୍ଷ୍ମୀଧର ସାହୁ, ଜଲା ସଂଯୋଜକ ଗୌରୀଶଙ୍କର ଦାସ, ପରାମର୍ଶଦାତା ରାଜେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ଦାବି ଜଣାଇଛନ୍ତି ।

# ନୟାଗଡ଼କୁ ରେଳ ଚଳାଚଳ ନେଇ ତତ୍ପରତା

**ନୟାଗଡ଼ ଅଫିସ,୧୨।୮**

ଭୁବନେଶ୍ୱରରୁ ନୟାଗଡ଼ ଜିଲାର ମହିପୁରକୁ ପୁଣି ରେଳ ଚଳାଚଳ କରିବ । ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁଙ୍କ ଚିଠି ପାଇବା ପରେ ରେଳ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ରେଳ ଚଳାଚଳ ନେଇ ପୂର୍ବତଟ ରେଳପଥର ଉପମୁଖ୍ୟ ଯାତ୍ରୀ ପରିବହନ ପ୍ରବନ୍ଧକ ଗତ ୧୦ ତାରିଖରେ ଖୋର୍ଦ୍ଧା ଡିଭିଜନର ଡିଭିଜନାଲ ମ୍ୟାନେଜରଙ୍କୁ ଚିଠି ଲେଖିଛନ୍ତି । କରୋନାର ୨ୟ ଲହର ଯୋଗୁ ଗତ ଏପ୍ରିଲ ୨୭ରୁ ନୟାଗଡ଼କୁ ରେଳ ଚଳାଚଳ ବନ୍ଦ ରହିଛି । କରୋନାର ଆଳ ଦେଖାଇ ପୂର୍ବତଟ ରେଳବାଇ ନୟାଗଡ଼ ଜିଲା ସଦର ମହକୁମାର ନୟାଗଡ଼ ଟାଉନ ଷ୍ଟେଶନ ସମେତ ମହିପୁର, ସୁନାଖଳା, ଖୋର୍ଦ୍ଧା ଟାଉନ, ବେଗୁନିଆ, ବୋଲଗଡ ଆଦି ଷ୍ଟେଶନରୁ କର୍ମଚାରୀଙ୍କୁ ସମୂହ ବଦଳି କରିଥିଲା । କର୍ମଚାରୀଙ୍କ ସମୂହ ବଦଳି ପରେ ସବୁ ଷ୍ଟେଶନରେ ତାଲା ଝୁଲିଥିଲା । ଜିଲାବାସୀ ଓ ଜିଲା କଂଗ୍ରେସ ପୂର୍ବତଟ ରେଳବାଇର ଏପରି ନିଷ୍ପତ୍ତି ପ୍ରତିବାଦ କରି ଆନ୍ଦୋଳନ କରିବାକୁ ଧମକ ଦେଇଥିଲେ । ସେହିପରି କର୍ମଚାରୀ ବଦଳି ପରେ ଖୋର୍ଦ୍ଧା ଓ ନୟାଗଡ଼ ସେକ୍ସନର କାମକୁ ପୂର୍ବତଟ ରେଳବାଇ ବନ୍ଦ କରିଥିଲା । ପୁଣି ନୟାଗଡ଼ରୁ ମହିପୁର ବିଦ୍ୟୁତୀକରଣ କାର୍ଯ୍ୟ ଓ ମହିପୁର-ଦଶପଲ୍ଲା ରେଳପଥ କାମ ବନ୍ଦ ରହିଥିଲା । ରେଳପଥ କାମ ବନ୍ଦ କରାଇବା ପରେ ୨୦୨୧ ସୁଦ୍ଧା ଦଶପଲ୍ଲାକୁ ରେଳ ଚଳାଚଳର ଆଶା ମଉଳି ଯାଇଥିଲା । ଏପରିସ୍ଥଳେ ନୟାଗଡ଼କୁ ରେଳ ଚଳାଚଳ ନେଇ ମନ୍ତ୍ରୀ ସାହୁ ରେଳ ବିଭାଗକୁ ଅନୁରୋଧ କରିଥିଲେ ।

# କୁରାଳ ଅଞ୍ଚଳରେ ୟୁରିଆ ସାର ଚଢ଼ା ଦରରେ ବିକ୍ରି

**ଓଡ଼ଗାଁ, ୧୨।୮(ସ୍ୱ.ପ୍ର.)**

ସମ୍ପ୍ରତି ବର୍ଷା କମ୍ ଯୋଗୁ ଚାଷ କାର୍ଯ୍ୟ ବହୁ ପଛୁଆ ହୋଇଯାଇଛି । ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅଧୀନ ବିଭିନ୍ନ ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ଚଢ଼ା ଦରରେ ୟୁରିଆ ସାରର ବିକ୍ରି ହେଉଥିବା ଅଭିଯୋଗ ହେଉଛି । କୃଷିମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ୟୁରିଆସାର ଚଢ଼ା ଦରରେ ବିକ୍ରିକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି । ବ୍ଲକ ଅଧୀନ କୁରାଳ ପ୍ରାଥମିକ କୃଷି ସେବା ସମବାୟ ସମିତିରେ ୟୁରିଆ ବସ୍ତା ପିଛା ସରକାରୀ ଧାର୍ଯ୍ୟ ମୂଲ୍ୟ ୨୬୬. ୫୦ପଇସା ରହିଥିବା ବେଳେ ୩୦୦ ଟଙ୍କା ନିଆଯାଉଛି । ଏପରିକି ଧାନ ବିକ୍ରି ସମୟରେ କଟ୍‌ନୀ ଛଟ୍‌ନୀ ବାବଦରେ ଧାନ କୁଇଣ୍ଟାଲ ପିଛା ୫ କେଜି କଟାଯାଉଥିବା ଅଭିଯୋଗ ହୋଇଛି । ଏତଦ୍‌ବ୍ୟତୀତ ଚାଷୀଙ୍କ ଋଣ ନିମନ୍ତେ ହାତଗୁଞ୍ଜା ମଗାଯାଉଥିବା ଅଭିଯୋଗ କରିଛନ୍ତି । ଏସବୁ କାରଣରୁ ଅସନ୍ତୋଷ ବ୍ୟକ୍ତକରି ୩୦୦ରୁ ଊର୍ଦ୍ଧ୍ୱ ଚାଷୀ ନୟାଗଡରେ ଅବସ୍ଥାପିତ ସହକାରୀ ସମବାୟ ନିବନ୍ଧକ(ଏଆରସିଏସ୍) ଏବଂ ସମବାୟ ସମିତି ସମୂହ ଉପନିବନ୍ଧକ, ପୁରୀ ମଣ୍ଡଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଏଆର୍‌ସିଏସ୍ ଭାସ୍କର ଚନ୍ଦ୍ର ପାଣିଗ୍ରାହୀଙ୍କୁ ପଚାରିବାରେ ୟୁରିଆ ବସ୍ତା ପିଛା ୨୭୦ ଟଙ୍କାରେ ବିକ୍ରି କରିବାକୁ କୁହାଯାଇଛି । ଯଦି କେହି ଚାଷୀଙ୍କୁ ଅଧିକ ଦରରେ ବିକ୍ରି କରୁଥିବା ନଜରକୁ ଆସେ ତେବେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷେ ଚାଷୀମାନଙ୍କ ଆବଶ୍ୟକ ଅନୁସାରେ ଖୁଚୁରା ୟୁରିଆ ମିଳୁ ନ ଥିବା ନେଇ ପଣ୍ଡିଖାରୀ ଶାସନର ଚାଷୀ ଅଶୋକ କୁମାର ମହାପାତ୍ର ଓ ଦଣ୍ଡୋରର ଶାନ୍ତନୁ ବିଷୋୟୀ କ୍ଷୋଭ ପ୍ରକାଶ କରିଛନ୍ତି । ତୁରନ୍ତ ଚାଷୀମାନଙ୍କୁ ଖୁଚୁରା ୟୁରିଆ ପ୍ରଦାନ କରିବା ସହ ଅଭାବୀ ସାର ବିକ୍ରି ପ୍ରତି ପ୍ରଶାସନ ଧ୍ୟାନ ଦେବାକୁ ଉଭୟେ ଅନୁରୋଧ କରିଛନ୍ତି ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା



ସମୀକ୍ଷା ବୈଠକରେ ବ୍ଲକ୍ ଅଧ୍ୟକ୍ଷ ଓ ଅନ୍ୟମାନେ ।

**ଖଣ୍ଡପଡ଼ା, ୧୨।୮ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଏକ ସମୀକ୍ଷା ବୈଠକ ବ୍ଲକ୍ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ ବିଡିଓ ଅରୁଣିମା ସାହୁଙ୍କ ସମେତ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀ ଓ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରେ ବ୍ଲକ୍ ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ବ୍ଲକ୍ ଅଧ୍ୟକ୍ଷ ମତ ଦେବା ସହ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ୍ ନ ପଡନ୍ତି ସେଥିପ୍ରତି ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟିଦେବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ଯୋଗ୍ୟ ହିତାଧିକାରୀମାନଙ୍କୁ କେହି ଲାଞ୍ଚ ମାଗିଲେ କିମ୍ବା କୌଣସି କାରଣରୁ ଆବାସ ଯୋଜନାରୁ ବଞ୍ଚିତ ହେଲେ ସମ୍ପୃକ୍ତ ହିତାଧିକାରୀମାନେ ବିଡିଓ ଓ ବ୍ଲକ୍ ଅଧ୍ୟକ୍ଷଙ୍କୁ ସିଧାସଳଖ ଭେଟି ଅଭିଯୋଗ କରିପାରିବେ ବୋଲି ଉକ୍ତ ବୈଠକରେ ମତ ପ୍ରକାଶ ପାଇଥିଲା । ଶେଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ଲକ ପ୍ରଶାସନ ଜରିଆରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଜନହିତକର ଯୋଜନାର ସଫଳ ରୂପାୟନ ନେଇ ଆଲୋଚନା ହୋଇଥିଲା ।

## ମହିଳାଙ୍କୁ ହତ୍ୟା ଅଭିଯୋଗ

**ନୟାଗଡ଼ ଅଫିସ,୧୨।୮**

ନୟାଗଡ଼ ଟାଉନ ଥାନା ନବଘନପୁର ଗାଁରେ ପ୍ରମିଳା ସେଠୀ (୨୭) ନାମକ ଜଣେ ମହିଳାଙ୍କୁ ଶାଶୁ ଘର ପକ୍ଷରୁ ହତ୍ୟା କରାଯାଇଥିବା ମୃତକଙ୍କ ବାପା ଅଭିଯୋଗ କରିଛନ୍ତି । ତେବେ ପ୍ରମିଳା ଆତ୍ମହତ୍ୟା କରିଛନ୍ତି ନାଁ ତାଙ୍କୁ ହତ୍ୟା କରାଯାଇଛି ସେନେଇ ଅଭିଯୋଗ କରାଯାଇନାହିଁ । ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖିଛି । ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ । ଶାଶୁ ଘର ପକ୍ଷରୁ ବୋହୂ ଆତ୍ମହତ୍ୟା କରିଥିବା କୁହାଯାଇଛି । ଶାଶୁ ଓ ବୋହୂଙ୍କ ମଧ୍ୟରେ ଝଗଡ଼ା ପରେ ପ୍ରମିଳା ଆତ୍ମହତ୍ୟା ଉଦ୍ୟମ କରିଥିଲେ । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ପ୍ରମିଳାଙ୍କ ବାପା ତଥା ଶରଣକୁଳ ଥାନା ଅଞ୍ଚଳର ହରି ସେଠୀ କୁହନ୍ତି, ଝିଅ ୭ ବର୍ଷ ତଳେ ବିବାହ କରିଥିଲେ । କିଛି ଦିନ ହେବ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିଲା । ଝିଅର ମୃତ୍ୟୁ ନେଇ ଆମକୁ କୌଣସି ସୂଚନା ଦିଆଯାଇ ନ ଥିଲା । ବିଳମ୍ବରେ ଖବର ପାଇ ଆମେ ଡାକ୍ତରଖାନାରେ ପହଞ୍ଚିଥିଲୁ । ଝିଅକୁ ହତ୍ୟା ନେଇ ଆମେ ଥାନାରେ ଗୁରୁବାର ଅଭିଯୋଗ କରିବୁ ବୋଲି ସେ କହିଛନ୍ତି ।

## ଶ୍ରାଦ୍ଧ ଦିବସରେ ରକ୍ତଦାନ ଶିବିର




ମହିଳାମାନେ ରକ୍ତଦାନ କରୁଛନ୍ତି ।

**ନୟାଗଡ଼ ଅଫିସ,୧୨।୮**

ସୁରଜିତ୍ ସ୍ମୃତି କମିଟି ପକ୍ଷରୁ ସୁରଜିତ ପଟ୍ଟନାୟକଙ୍କର ୯ମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ନୟାଗଡ଼ ରକ୍ତ ଭଣ୍ଡାର ପରିସରରେ ଗୁରୁବାର ରକ୍ତଦାନ ଶିବିର କରାଯାଇଛି । ଏଥିରେ ୧୪ ୟୁନିଟ ରକ୍ତ ସଂଗୃହିତ ହୋଇଛି । ବରିଷ୍ଠ ନାଗରିକ ସଂଘର ଜିଲା ସଭାପତି ବନୁ ପଟ୍ଟନାୟକ ଓ ସାମାଜିକ କର୍ମୀ ଦାମୋଦର ସାହୁ ଉପସ୍ଥିତ ରହିଥିଲେ । ରକ୍ତ ଭଣ୍ଡାର ପରିସରରେ ଆୟୋଜିତ ଶିବିରରେ ସୁରଜିତ୍‌ଙ୍କ ବାପା ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହ ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ ଓ ମା' ଗୀତାରାଣୀ ରକ୍ତଦାନ କରିଥିଲେ । ଅନ୍ୟପକ୍ଷେ ଶ୍ରୀକାନ୍ତ ପଟ୍ଟନାୟକ, ମା' ଗୀତାରାଣୀ ନିଜ ଶରୀର ଓ ଚକ୍ଷୁକୁ ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲକୁ ଦାନ କରିଥିବା କହିଛନ୍ତି ।

# ଜବରଦଖଲ ଜମି ଖାଲି କରାଗଲା

**ନୟାଗଡ଼ ଅଫିସ,୧୨।୮**

ନୟାଗଡ଼ ସହର ୱାର୍ଡ ନଂ. ୨ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ନାରାୟଣୀ ପାର୍କ ସମ୍ମୁଖ ମୂଲ୍ୟବାନ ସରକାରୀ ଜମି ଜବରଦଖଲରେ ଥିଲା । ସେହି ଜମିରେ ଦୁଇଟି ଦୋକାନ ଘର ନିର୍ମାଣ କରାଯାଇ ଜଣେ ବ୍ୟକ୍ତି ପ୍ରତିମାସରେ ଭଡା ପାଉଥିଲେ । ଏକଥା ଜଣାପଡିବା ପରେ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଗୁରୁବାର ଅପରାହ୍ନରେ ଜବରଦଖଲର ଉଚ୍ଛେଦ କରାଯାଇଛି । ସେଠାରେ ଥିବା ଏକ ବଗିଚାକୁ ନଷ୍ଟ କରାଯାଇଛି । ତେବେ ଦୋକାନ ଘର ଉଚ୍ଛେଦ ହୋଇ ନାହିଁ । ନାରାୟଣୀ ପାର୍କ ସମ୍ମୁଖରେ ରହିଛି ପ୍ଲଟ ନଂ. ୧୬୦୦/୨୬୫୦, ଖାତା ନଂ. ୧୨୫୯ରେ ୫ ଡେସିମିଲ ସରକାରୀ ଜମି । ଏହି ଜମିରେ ଅଟୋରିକ୍ସା ଷ୍ଟାଣ୍ଡ, ପରିବା ଦୋକାନ ଓ ମାଛ ମାର୍କେଟ ହେବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିଲା । ତେବେ ସହରବାସୀଙ୍କ ଅସୁବିଧାକୁ ଏଡାଇବା ପାଇଁ ଏହି ନିଷ୍ପତ୍ତିକୁ ରଦ୍ଦ କରାଯାଇଥିଲା । ଉକ୍ତ ଜମିକୁ ଜବରଦଖଲ କରିବା ପାଇଁ ମ୍ୟୁନିସିପାଲିଟି ଓ ତହସିଲର କେତେଜଣ କର୍ମଚାରୀଙ୍କ ସଂପୃକ୍ତି ରହିଥିବା ଅଭିଯୋଗ ହୋଇଛି ।

## ପୋଖରୀରୁ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୧୨।୮**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଗୁରୁବାର ଖୋଡ଼ାସିଙ୍ଗି ନିକଟସ୍ଥ ଏକ ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି । ମୃତ ବ୍ୟକ୍ତି ଲୋଚାପଡ଼ାର ଶିବ ପ୍ରସାଦ ତ୍ରିପାଠୀ । ନଂ.୪୦୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ସୂଚନା ଅନୁଯାୟୀ, ଶିବ ବ୍ରହ୍ମପୁର ସବ୍ ରେଜିଷ୍ଟ୍ରାର୍ ଅଫିସ୍‌ରେ ଜଣେ ଲେଖାଳି ଭାବେ କାମ କରୁଥିଲେ ।

# ଅପହଞ୍ଚ 'ମୋ ଗୁହାଳ ଯୋଜନା'

**ନୟାଗଡ଼ ଅଫିସ,୧୨।୮**

- ନିର୍ମାଣ ପରେ ବି ମିଳୁନାହିଁ ବିଲ୍
- ଯୋଗ୍ୟ ହିତାଧିକାରୀ ପାଉ ନାହାନ୍ତି କାର୍ଯ୍ୟାଦେଶ
- ରାସ୍ତାରେ ବନ୍ଧା ହେଉଛନ୍ତି ଗୋରୁ

ମୋ ଗୁହାଳ ଯୋଜନା ନୟାଗଡ଼ରେ ବିଫଳ ହୋଇଥିଲେ ମଧ୍ୟ ଏହାର ସମୀକ୍ଷା କରାଯାଉ ନ ଥିବା ଅଭିଯୋଗ ହୋଇଛି । ଏହି ଯୋଜନାରେ ସାମିଲ ହେଉଥିବା ହିତାଧିକାରୀଙ୍କ ଅଭିଯୋଗ ଗୁହାଳ ନିର୍ମାଣ ଶେଷ ହେଲା ପରେ ମଧ୍ୟ କାର୍ଯ୍ୟାଦେଶରେ ଉଲ୍ଲେଖ ଥିବା ଅନୁଦାନ ରାଶି ଦିଆଯାଉନାହିଁ । ଆଜି ଆସ, କାଲି ଆସ କହି ବାରମ୍ବାର ଅଫିସ ଦୌଡିବାକୁ ପଡୁଛି । ତଥାପି ଟଙ୍କା ମିଳୁନାହିଁ । ହିତାଧିକାରୀମାନେ ଭାଗ୍ୟକୁ ଆଦରି ନୀରବ ରହୁଛନ୍ତି । ଅନ୍ୟପକ୍ଷେ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇ ପାରୁ ନାହାନ୍ତି । ଏଣୁ ଗୁହାଳ ନ ଥିବାରୁ ଗୋରୁଙ୍କୁ ଦାଣ୍ଡରେ ବାନ୍ଧିବାକୁ ପଡୁଛି ।

ଏନେଇ ନୟାଗଡ଼ ବ୍ଲକ ଯଦୁପୂର ନୂଆସାହିର କୁଳମଣି ବେହେରା କୁହନ୍ତି, ଗୁହାଳ ନିର୍ମାଣ ପାଇଁ ୧ ଲକ୍ଷ ୧୫ ହଜାର ଟଙ୍କାର କାର୍ଯ୍ୟାଦେଶ ପାଇଛି । ପ୍ରାୟ ୧ ବର୍ଷ ହେବ ମୋର ଗୁହାଳ ନିର୍ମାଣ ଶେଷ ହୋଇଛି । ଗୁହାଳ ନିର୍ମାଣ ସମୟରେ ମୋତେ ୧୫ ହଜାର ଟଙ୍କା ମିଳିଥିଲା । ବକେୟା ଟଙ୍କା ପାଇବା ପାଇଁ ବାରମ୍ବାର ବ୍ଲକ, ପଞ୍ଚାୟତ ଅଫିସକୁ ଯାଇ ନିରାଶ ହେଲିଣି । ଏପରିକି ଜିଲାପାଳଙ୍କୁ ଭେଟି ଅଭିଯୋଗ କରି ସାରିଲାଣି । ତଥାପି ମୋ ଗୁହାଳ ଟଙ୍କା ପାଇପାରି ନାହିଁ । ଧାର କରଜ ଆଣି ଘର କରିଥିବାରୁ ଦୋକାନୀ ଓ ଋଣ ଦେଇଥିବା ଲୋକମାନେ ଟଙ୍କା ମାଗୁଛନ୍ତି । ମୁଁ କିପରି ଟଙ୍କା ସୁଝିବି ଜାଣି ପାରୁ ନାହିଁ ବୋଲି ସେ କହିଛନ୍ତି । ରାଉତରାପୁର ପାର୍ବତୀ ଦଳେଇ, ଗୋଲାପ ପ୍ରଧାନ କୁହନ୍ତି, ମାତ୍ର ୮ ହଜାର ଟଙ୍କା ପାଇଛୁ । ଗୁହାଳ କାମ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଆମ ପ୍ରାପ୍ୟ ଆମକୁ ଦେଉ ନାହାନ୍ତି । ଧାର କରଜ କରିଥିବାରୁ ଲୋକମାନେ ଟଙ୍କା ମାଗୁଛନ୍ତି । ହେଲେ ସରକାରୀ ଅନୁଦାନ ଆମକୁ ମିଳୁ ନାହିଁ । ସରକାରଙ୍କ ଏ ଯୋଜନାରେ ଆମେ ସାମିଲ ହୋଇ ଅପଦସ୍ତ ଓ ହଇରାଣ ହେଲୁ ବୋଲି ସେ କହିଛନ୍ତି । ରାଉତରାପୁରର ସୁରେନ୍ଦ୍ର ପ୍ରଧାନ ଓ ଯଦୁପୁର ନୂଆସାହିର ପ୍ରକାଶ ଦଳେଇ କୁହନ୍ତି, ଗୁହାଳ ନିର୍ମାଣ ଶେଷ ପରେ ବି ଟଙ୍କା ପାଉନୁ । ଗୁହାଳ ଟଙ୍କା ପାଇବା ପାଇଁ ବାରମ୍ବାର ବ୍ଲକକୁ ଗଲେ ମଧ୍ୟ ଆମ ଅଭିଯୋଗ କେହି ଶୁଣୁ ନାହାନ୍ତି । ନୂଆଗାଁ ବ୍ଲକ ଉଦୟପୁର ସିଙ୍ଗପୁର ଗାଁର ଭ୍ରମର ପ୍ରଧାନ କୁହନ୍ତି, ମୁଁ ୨୦ରୁ ଊର୍ଦ୍ଧ୍ୱ ଗାଈ ଓ ୧୦ ଛେଳି ରଖିଛି । ପ୍ରାୟ ୩୦ ବର୍ଷ ହେଲା ମୁଁ ସେଥିରେ ପରିବାର ପ୍ରତିପୋଷଣ କରୁଛି । ହେଲେ ପାଖରେ ଅର୍ଥ ନ ଥିବାରୁ ଭଲ ଗୁହାଳଟିଏ କରି ପାରୁନାହିଁ । ମୋ ଗୁହାଳ ଯୋଜନାରେ ସାମିଲ ହୋଇ ଗୁହାଳ ନିର୍ମାଣ କରିବାକୁ ବିଭିନ୍ନ ସମୟରେ ବିଡିଓଙ୍କୁ ଭେଟିଛି । ହେଲେ ଏ ସୁବିଧା ପାଇପାରି ନାହିଁ । ମୁଁ ଜଣେ ଚାଷୀ ହୋଇ ଗୁହାଳ ଯୋଜନାରେ ସାମିଲ ହୋଇ ପାରୁ ନାହିଁ ବୋଲି ସେ କହିଛନ୍ତି । ସିଙ୍ଗପୁର ଗାଁର ବଳରାମ କଅଁର କୁହନ୍ତି ୧୫ ଗାଈ ଓ ୧୦ ମେଣ୍ଢା ରଖି ବି ମୁଁ ଗୁହାଳ ଯୋଜନାରେ ସାମିଲ ହୋଇପାରିନାହିଁ । ଆମ ଗାଁରେ ଅଧିକାଂଶ ଲୋକ ଗାଈ, ଛେଳି, ମେଣ୍ଢା ରଖିଛନ୍ତି । ହେଲେ ଏ ଗୁହାଳ ଯୋଜନାରେ ସରକାରୀ ଅନୁଦାନ ମିଳୁଛି କି କାହିଁ ସେମାନେ ଜାଣନ୍ତି ନାହିଁ । ସରକାର ଗୁହାଳ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଦରକାର । ଅନ୍ୟପକ୍ଷେ ଏହି ଯୋଜନାରେ ପ୍ରକୃତ ହିତାଧିକାରୀ କିପରି ସାମିଲ ହୋଇପାରିବେ ସେନେଇ ବ୍ୟବସ୍ଥା ହେବା ଦରକାର । ପୁଣି ଯୋଜନାରେ ସାମିଲ ହେଲେ ସରକାରୀ ଅନୁଦାନ ରାଶି ପାଇବାରେ ଯେପରି ଅସୁବିଧା ହେବ ନାହିଁ ସେଥିପ୍ରତି ଦୃଷ୍ଟି ଦେବା ଦରକାର ବୋଲି କହିଛନ୍ତି ।



ରାସ୍ତା ଉପରେ ବନ୍ଧା ହୋଇଛନ୍ତି ଗୋରୁ ।

## ସଂକ୍ଷେପରେ

### କ୍ଷୁଦ୍ରଦାନା ଶସ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୧୨ା୮(ଡି.ଏନ୍.ଏ.): ମୋହନା ବ୍ଲକ ସି.ଗୋବିନ୍ଦପୁର ଗ୍ରାମରେ ସୌରଚାଳିତ କ୍ଷୁଦ୍ରଦାନା ଶସ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି କେନ୍ଦ୍ର ମାଧ୍ୟମରେ ଅଞ୍ଚଳରେ ଚାଷୀମାନେ ଅଧିକ ଉତ୍ପାଦନ କରିବା ସହିତ ମହିଳାମାନଙ୍କର ପରିଶ୍ରମ ଲାଘବ ହୋଇପାରିବ ବୋଲି କୁହାଯାଇଛି । ଏହାଦ୍ୱାରା ସୁବିଧାରେ ପ୍ରକ୍ରିୟକରଣ ହେବା ସହ କ୍ଷୁଦ୍ରଦାନା ଶସ୍ୟଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ ହେବ । ଏହାକୁ ଅଙ୍ଗନୱାଡି କେନ୍ଦ୍ର, ଆଶ୍ରମ ବିଦ୍ୟାଳୟ, ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଆଦିରେ ସାମିଲ କରାଯାଇ ଚାହିଦା ପୂରଣରେ ସହାୟକ ହୋଇପାରିବା ସହ ବଜାର ଚାହିଦା ମେଣ୍ଟାଇ ପାରିବ ବୋଲି ସୂଚନା ଦିଆଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପଜିଲାପାଳ ଦିଲୀପ କୁମାର ମହାରଣା, ମୋହନା ବିଡିଓ ସାର୍ଥକ ସୌରଭ ମହାପାତ୍ର, ତହସିଲଦାର ଶାରଦା ପ୍ରଶନ୍ନ ପଣ୍ଡା, ଅତିରିକ୍ତ ତହସିଲଦାର ଆଶିଷ କୁମାର ପ୍ରଧାନ, ଜିଲା ନାବାର୍ଡ ଅଧିକାରୀ ପ୍ରତୀକ ପଣ୍ଡା, ସହକାରୀ ଉଦ୍ୟାନ ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର, ଆର୍.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରର ଡ. ସଂଗ୍ରାମ ପରମଗୁରୁ, ବ୍ଲକ କୃଷି ଅଧିକାରୀ ସନ୍ଦୀପ କୁମାର ସାହୁ, ଓଡ଼ିଶା ମିଲେଟ ମିଶନର ଆଞ୍ଚଳିକ ସଂଯୋଜକ ରାମଚନ୍ଦ୍ର ତୋପ, ତ୍ରିନାଥ ତାରାପୁଟିଆ, ସେକ୍ଟୋର ଅସିତ କୁମାର ପୁରୋହିତ, ବ୍ଲକ ଆତ୍ମାର ଅଧକ୍ଷ ଗୌରୀଶଙ୍କର ପ୍ରଧାନ, ସାକାଲର ସମ୍ପାଦକ ନଗେନ୍ଦ୍ର କୁମାର ନଳୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ, ୩ ଅଭିଯୁକ୍ତ ଗିରଫ

ଉମରକୋଟ, ୧୨ା୮(ସ୍ୱ.ପ୍ର.) - ଉମରକୋଟ ଅବକାରୀ ଅଧୀକ୍ଷକ ହରିହର ସିଂଙ୍କ ତତ୍ତ୍ୱାବଧାନରେ ଗୁରୁବାର ଉମରକୋଟରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଉମରକୋଟ ବ୍ଲକ ଭାମିନି ପଞ୍ଚାୟତର ଇନ୍ଦଲ ପାଣ୍ଡେଙ୍କ ଘରୁ ୧୮ ଲିଟର, ଲକ୍ଷ୍ମୀ କଲାରଙ୍କ ଘରୁ ୧୫ ଲିଟର ଓ ବାଟିବେଡା ଗ୍ରାମର ସୁଶୀଳା ପାଣ୍ଡେଙ୍କ ଘରୁ ୮ ଲିଟର ଦେଶୀମଦ ଜବତ କରାଯାଇଛି। ଏହାପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ସମସ୍ତ ଅଭିଯୁକ୍ତଙ୍କୁ ଉମରକୋଟ ଉପକାରାଗାରକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉରେ ସବ୍‌ଇନ୍ସପେକ୍ଟର ମନୁ ଇଆଲ, ସୁନାଧର କୀର୍ତ୍ତନ, ମାଖନ ହାଲ୍‌ଦାର, ସୁରେନ୍ଦ୍ର ପଣ୍ଡା, ଦେବାଶିଷ ଦାଶ, ଛତର ଗଣ୍ଡ, ଜୋଛନା ହରିଜନ, କାଳିମଣି ମୁଦୁଲି ଉପସ୍ଥିତ ଥିଲେ।

### କୋର୍ଟ ସଫେଇକଲା ଯୁବକ ସଂଘ

ରାଇଘର, ୧୨ା୮(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମାସ୍ଥିତ କୋର୍ଟ ପରିସରରେ ଗୁରୁବାର ରାଇଘର ଭିତରଗଡ଼ ଯୁବକ ସଂଘ ପକ୍ଷରୁ ସଫେଇ କରାଯାଇଛି। କରୋନା ମହାମାରୀ ପାଇଁ କେବଳ କୋର୍ଟ କର୍ମଚାରୀ ସେଠାକୁ ଆସୁଛନ୍ତି। ଆଇନଜୀବୀ ବା କୋର୍ଟ କାମରେ କାହାର ଯିବାଆସିବା ନ ଥିଲା। ବର୍ଷା ଆରମ୍ଭ ହେବା ପରେ କୋର୍ଟ ପରିସରରେ ଘାସ ବୁଦା ହୋଇ ଯାଇଥିବାରୁ ସଂଘର ସଦସ୍ୟମାନେ ଏହାକୁ ସଫା କରିଥିଲେ। ସଫେଇ କାର୍ଯ୍ୟକ୍ରମରେ ଝାଡୁ ରାଜପୁତ, ଦିଲୀପ ପାତ୍ର, ଜିତୁ ଶ୍ରୀବାସ୍ତବ, ସଞ୍ଜୟ ନାୟକ, ତିରୁ ପାତ୍ର, ପରମେଶ ଗଣ୍ଡଙ୍କ ସହ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ।

# ୩ ସହକାରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍

## ଅନିୟମିତତା, ସରକାରୀ କାର୍ଯ୍ୟରେ ଅବହେଳା

ଛତ୍ରପୁର,୧୨ା୮(ଡି.ଏନ.ଏ.)

ସରକାରୀ କାର୍ଯ୍ୟରେ ଅବହେଳା ଓ ଅନିୟମିତତା ନେଇ ୩ ଜଣ ସହକାରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି । ସେମାନେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅଧୀନ ଝରାପଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ ସହକାରୀ ଶିକ୍ଷକ ମଧୁ ଚରଣ ସେଠୀ, କୈରାସି ନୋଡାଲ ୟୁପି ସ୍କୁଲ ସହକାରୀ ଶିକ୍ଷକ କ୍ଷୀତିଶ ଦାଶ ଓ କୋମଣ୍ଡ ଉଚ୍ଚ ପ୍ରାଥମିକ ସ୍କୁଲ ସହକାରୀ ଶିକ୍ଷକ କିଶୋର ଚନ୍ଦ୍ର ଘାଷି। ଏମାନଙ୍କୁ ଛତ୍ରପୁର ତଥା ଖଲ୍ଲିକୋଟ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଅବିନାଶ ଶତପଥୀ ( ଚିଠି ନମ୍ବର ୧୭୯୧,୧୭୯୫ ଓ ୧୭୯୯) ରେ ଏହି କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ୭ ଦିନ ମଧ୍ୟରେ ଉକ୍ତ ନୋଟିସ୍‌ର ଉତ୍ତର ଦେବାକୁ କୁହାଯାଇଛି । ଏଥିରେ ଖିଲାପ କଲେ ଏମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉକ୍ତ ନୋଟିସ୍‌ରେ ସତର୍କ କରାଇ ଦିଆଯାଇଛି । ଏଥିସହ ଏମାନଙ୍କ ସର୍ଭିସ ବୁକ୍ ମଧ୍ୟ ପ୍ରଭାବିତ ହେବ ବୋଲି କୁହାଯାଇଛି ।

ଉକ୍ତ ଶିକ୍ଷକମାନେ ଅନ୍ୟ ଶିକ୍ଷକମାନଙ୍କୁ ପ୍ରରୋଚିତ କରିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୂଚନା ନ ଦେଇ ଅନଶନ କରାଇବା, ସରକାରୀ କାର୍ଯ୍ୟରେ ଅବହେଳା, ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅମାନ୍ୟ କରିବା, କୋଭିଡ୍ ପ୍ରୋଟୋକଲ ନ ମାନି ସମୂହ ଶିକ୍ଷକ ଏକାଠି ହୋଇ ବୈଠକ କରିବା ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସକୁ ଅଯଥାରେ ଆସି ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି ଆଦି ଦର୍ଶାଇ ବିଇଓ ଏହି କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏଥିରେ ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଜିଲା ଶିକ୍ଷା ଅଧିକାରୀ ଓ ଗଞ୍ଜାମ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି ଦ୍ୱାରା ଏ ସମ୍ପର୍କରେ ସେ ଅବଗତ କରିଛନ୍ତି ।




ଗଞ୍ଜାମ ଜିଲା ଦିଗପହଣ୍ଡିରେ ଗୁରୁବାର ବସ୍ ଟର୍ମିନାଲ୍ ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥି ।

### ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ରାୟଗଡ଼ା ଅଫିସ,୧୨ା୮

ରାୟଗଡ଼ା ଟାଉନ୍ ଥାନା ଅଞ୍ଚଳରେ ଜଣେ ୭ ବର୍ଷୀୟା ବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ପୋଲିସ ଗୁରୁତର ସହ ନେଇ ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ରାୟଗଡ଼ା ସହରର ବଳରାମ ଯୋଗୀ(୨୫)। ସୂଚନା ଅନୁଯାୟୀ, ମଙ୍ଗଳବାର ଝିଅକୁ ଡାକିନେଇ ବଳାତ୍କାର କରାଯାଇଥିବା ମା' ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ପରେ ଅଭିଯୁକ୍ତ ବଳରାମଙ୍କୁ ଗିରଫ କରିଥିବା ଥାନାଧିକାରୀ ରଶ୍ମି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ଦୋଳି ଖେଳି ତିଜ୍ ପାଳିଲେ ମହିଳା

ଚନ୍ଦାହାଣ୍ଡି, ୧୨ା୮ (ଡି.ଏନ୍.ଏ.)



ଚନ୍ଦାହାଣ୍ଡି ବ୍ଲକର ଜୈନ ସମ୍ପ୍ରଦାୟ ମହିଳାମାନେ ତିଜ୍ ପର୍ବ ପାଳନ କରିଛନ୍ତି। ସ୍ଥାନୀୟ ଫୁଲଝରୀ ଡ୍ୟାମ ନିକଟସ୍ଥ ଜଙ୍ଗଲରେ ସମସ୍ତେ ଏକାଠି ହୋଇ ଦୋଳି ଖେଳିଥିଲେ। ଏଥିସହ ସମସ୍ତଙ୍କ ଘରେ ପିଠାପଣାର ଆସର ଜମିଥିଲା। ସମସ୍ତ ମହିଳା ନୂଆ ଲୁଗା ପିନ୍ଧି ନିଜ ଘରେ ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତ କରିଥିଲେ। ଏହା ପରେ ନିଜ ଘରେ ଦୋଳି ଖେଳ ସହ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସରୋଜ ଜୈନ, କାନ୍ତା ଜୈନ, ଉପଲିବାଇ ଜୈନ, ସବିତା ଜୈନ, ସୁମନ ଜୈନ, ଅନିତା ଜୈନ, ମଞ୍ଜୁ ଜୈନ, ବର୍ଷ୍ଣି ଜୈନ, ମାନସି ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

### ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

୩ଟି ବାଇକ୍ ସହ ୪୫,୩୦୦ ଟଙ୍କା ଜବତ

ବୁଗୁଡ଼ା,୧୨ା୮(ଡି.ଏନ୍.ଏ.)

ବୁଗୁଡ଼ା ଥାନା ଶଙ୍କରୁ ଗ୍ରାମ ନିକଟସ୍ଥ ଏକ କାଜୁ ତୋଟାରେ ଚାଲିଥିବା ଜୁଆ ଆଡ୍ଡାରେ ପୋଲିସ୍ ଚଢ଼ାଉ କରି ୫ ଜୁଆଡ଼ିଙ୍କୁ ଗିରଫ କରିବା ସହ ୪୫,୩୦୦ ଟଙ୍କା ଓ ୩ ବାଇକ୍ ଜବତ କରିଛି। ଏନେଇ ଥାନାରେ ନଂ. ୪୦୦/୨୧ରେ ଏକ ମାମଲା ରୁଜୁ ହୋଇଛି।

# ଅସହାୟ ଶ୍ରମିକଙ୍କ ଚିକିତ୍ସା ପାଇଁ ହାତ ବଢାଇଲା ପ୍ରଶାସନ

ଆର.ଉଦୟଗିରି,୧୨ା୮(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକ ଦମାଦୁଆ ଗ୍ରାମର ସାର୍ଫିନି ମଲିକ ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ କେରଳ ଯାଉଥିଲେ। ହେଲେ ଦୁର୍ଭାଗ୍ୟର କଥା ସେ ଟ୍ରେନରୁ ତଳକୁ ଓହ୍ଲାଇବା ବେଳେ ଚେନ୍ନାଇ ରେଳ ଷ୍ଟେଶନରେ ତାଙ୍କ ଗୋଡ ଚକା ତଳକୁ ପଶି ଯାଇଥିଲା। ସେଠାରୁ ପରିବାର ଲୋକଙ୍କୁ ଏ ବିଷୟରେ ଖବର ଆସିଥିଲା। ପରିବାର କହିଲେ ୩୮ ବର୍ଷର ବିଧବା ମାଆ ଓ ୧୩ ବର୍ଷର ସାନ ଭଉଣୀ। ଖବର ପାଇ ମାଆ ସମ୍ପର୍କୀୟଙ୍କୁ ଜଣାଇ ଋଣ କରି ଚେନ୍ନାଇରୁ ୪୮ ହଜାର ଟଙ୍କା ଖର୍ଚ୍ଚ କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ମେଡିକାଲକୁ ଆଣି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କ ଗୋଡ଼ କଟାଯିବ କହିବାରୁ ମାଆଙ୍କ ପାଖରେ ଟଙ୍କା ଅଭାବ ଥିବାରୁ ସେଠାରୁ ଆଣି ନିଜ ଘରେ ରଖି ଦେଶୀ ଔଷଧରେ ଚିକିତ୍ସା କରୁଥିଲେ। ହେଲେ ଧୀରେ ଧୀରେ ଗୋଡ଼ରୁ ମାଂସ ଖସିବାରେ ଲାଗିଲା। ଫଳରେ ପୁଣି ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। ଏହି ଖବର ମୋହନା ବ୍ଲକ ପ୍ରଶାସନ ଜାଣିବା ପରେ ବିଡିଓ ସାର୍ଥକ ସୌରଭ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁ ବ୍ରହ୍ମପୁର ବଡ ମେଡିକାଲକୁ ଯାଇ ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ପଚାରି ବୁଝି ୭ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ଅପରପକ୍ଷେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ମୋହନା ମେଡିକାଲରୁ ଏକ ଟିମ ବୁଧବାର ଦମାଦୁଆ ଗ୍ରାମକୁ ଯାଇ ତାଙ୍କ ସମ୍ପର୍କୀୟଙ୍କୁ ଭେଟି ରାଜ୍ୟ ସରକାରଙ୍କ ପକ୍ଷରୁ ମେଡ଼ିକାଲର ସମସ୍ତ ସୁବିଧା ମାଗଣାରେ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ଆହତଙ୍କୁ ସହାୟତା ରାଶି ପ୍ରଦାନ

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା

## ଦଳିତଙ୍କ ଉପରେ ବାରମ୍ବାର ଆକ୍ରମଣର ପ୍ରତିବାଦ

ଛତ୍ରପୁର,୧୨ା୮(ଡି.ଏନ.ଏ.)

ବିଜେଡି ନେତା ଓ କର୍ମୀଙ୍କ ଦ୍ୱାରା ଦଳିତଙ୍କ ଉପରେ ବାରମ୍ବାର ଆକ୍ରମଣ, ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନ ଏବଂ ବାବା ସାହେବ ଆମ୍ବେଡକରଙ୍କ ଅସମ୍ମାନକୁ ରାଜ୍ୟ ଭାଜପା ଅନୁସୂଚିତ ମୋର୍ଚ୍ଚା ପକ୍ଷରୁ ନିନ୍ଦା କରାଯାଇଛି। ଏହାର ପ୍ରତିବାଦରେ ଗୁରୁବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ କରାଯାଇଛି। କେନ୍ଦ୍ରାପଡା ଜିଲା ଆଳି ଥାନା ଅଧୀନ ବାଳକାଟି ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା, ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ରହସ୍ୟ ଉନ୍ମୋଚନ ନବକିଶୋର ମଲ୍ଲିକଙ୍କ ପୁଅ ହରିଶ୍ ଚନ୍ଦ୍ର ମଲ୍ଲିକ କରିଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ଜୁଲାଇ ୧ରେ ନବକିଶୋର, ତାଙ୍କ ଭାଇ ଜୟକୃଷ୍ଣ, ସ୍ତ୍ରୀ, ବୋହୂ ଓ ୮ ବର୍ଷର ନାତି ଉପରେ ଆକ୍ରମଣ କରାଯାଇଥିଲା। ଏନେଇ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲେ ହେଁ ଏହାକୁ ପୋଲିସ ଗ୍ରହଣ କରି ନ ଥିଲା ବୋଲି ଭାଜପା ପକ୍ଷରୁ କୁହାଯାଇଛି। ପରେ ଜୁଲାଇ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସେଠାରେ ମହିଳାମାନଙ୍କ ଉପରେ ଆକ୍ରମଣ ସହ ବାବା ସାହେବଙ୍କ ଫଟୋଚିତ୍ରକୁ ଅସମ୍ମାନ କରାଯାଇଥିଲା ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଜୁଲାଇ ୨୮ ରେ ନାଉଗାଁ ଥାନାରେ ଏତଲା ଦେଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା କୁହାଯାଇଛି। ଏହାର ପ୍ରତିବାଦ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ରାଜ୍ୟର ସମସ୍ତ ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯିବ ବୋଲି ରାଜ୍ୟ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ନିଷ୍ପତ୍ତି ନେଇଥିଲା । ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର କରଙ୍କ ନେତୃତ୍ୱରେ ଲିଗାଲ ସେଲ୍ ଆବାହକ ପ୍ରଦୀପ କୁମାର ପାଢ଼ୀ, ମଣ୍ଡଳ ସଭାପତି ପଦ୍ମ ଚରଣ ସାହୁ, କୀର୍ତ୍ତନ ଦାସ ଓ ସଞ୍ଜିତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲାପାଳ ଅମିୟ କୁମାର ସାହୁଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।



ଜିଲାପାଳଙ୍କ ଅଫିସ ଘେରାଉ ।

# ସାର ଯୋଗାଣ ଦାବିକଲା କଂଗ୍ରେସ

ନବରଙ୍ଗପୁର/ପାପଡ଼ାହାଣ୍ଡି/କୋଷାଗୁମୁଡ଼ା/ତେନ୍ତୁଳିଖୁଣ୍ଟି, ୧୨ା୮(ବି.ପ୍ର./ଡି.ଏନ୍.ଏ.)

ଜିଲାରେ ସାରର ଘୋର ଅଭାବ ରହିଛି। ଚାଷୀମାନଙ୍କୁ ଠିକ୍ ସମୟରେ ସାର ନ ମିଳିଲେ ଫସଲହାନିର ଆଶଙ୍କା ରହିଛି। ଚାଷୀଙ୍କୁ ସାର ଯୋଗାଣ ଦାବି କରିଛି କଂଗ୍ରେସ। ଜିଲାର ବିଭିନ୍ନ ବ୍ଲକର ବିଡିଓଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦଳ ପକ୍ଷରୁ ଦାବିପତ୍ର ଦିଆଯାଇଛି। ବର୍ଷା ଓ ସାର ଅଭାବରୁ ଚାଷୀ ଚିନ୍ତାରେ ଅଛନ୍ତି। ଜିଲାରେ ୯୦ ମେଟ୍ରିକ୍ ଟନ ସାର ଆବଶ୍ୟକତା ଥିବାବେଳେ ବର୍ତ୍ତମାନ ସୁଦ୍ଧା ୪୦ ବେକଳ ମେଟ୍ରିକ ଟନ ସାର ଆସିଛି। ବଳକା ସାର କେବେ ଆସିବ ବୋଲି ଦାବିପତ୍ରରେ ପ୍ରଶ୍ନ କରାଯାଇଛି।

ନବରଙ୍ଗପୁର ବିଡିଓ ସୁକାନ୍ତ ପଟ୍ଟନାୟକଙ୍କୁ ଦାବିପତ୍ର ଦିଆଯାଇଛି। ବ୍ଲକ ସଭାପତି ଭୀମ ହରିଜନ, ଜିଲା କଂଗ୍ରେସ ସଭାପତି ମୁନ୍ନା ତ୍ରିପାଠୀ, ପିସିସି ସଭ୍ୟ ଦିଲୀପ ବେହେରା, ସରୋଜ ପାତ୍ର, ନଗର କଂଗ୍ରେସ ସଭାପତି ଉତ୍ତମ ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, କୁନା ପାଢ଼ୀ, ପ୍ରଫୁଲ୍ଲ ପଣ୍ଡା, ବାସୁଦେବ ପଟ୍ଟନାୟକ, କେଶବ ଭଳ, ଚାଷୀ ନେତା ନର ମାଝି, ଭଗବାନ ସାନ୍ତା, ସନ୍ନ୍ୟାସୀ ମାଝି, ସୋସିଆଲ ମିଡିଆ ସେଲ୍ ମୁଖ୍ୟ ସୁମିତ ପୂଜାରୀ,ବଳରାମ ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

ପାପଡ଼ାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଭୁଜବଳ ମାଝି, ମେଘନାଦ ବିଶୋଇ, ଶିବପ୍ରସାଦ ଅଗ୍ରୱାଲ, ତୁଳସା ଭତରା, ରବୀନ୍ଦ୍ର ପ୍ରଧାନ, ଶଶୀ ମୋହନ ଶର୍ମା, ଭାସ୍କର ବିଶୋଇ, ଈଶ୍ୱର ମିର୍ଗାନ, ଧନପତି ହରିଜନ ଶତାଧିକ କର୍ମୀଙ୍କ ସହ ବ୍ଲକ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ। ପରେ ବିଡିଓ ରଞ୍ଜିତା ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

କୋଷାଗୁମୁଡ଼ାରେ ବିଡିଓ ଅକ୍ଷମିତା କାର୍ତ୍ତିକଙ୍କୁ ବ୍ଲକ କଂଗ୍ରେସ କମିଟି ଦାବିପତ୍ର ପ୍ରଦାନ କରିଛି। ବ୍ଲକ ସଭାପତି ଉମେଶ ଚନ୍ଦ୍ର ମିଶ୍ର, ବରିଷ୍ଠ ନେତା ଆର୍. ପ୍ରଭାକର ରାଓ, ବ୍ଲକ ଅଧ୍ୟକ୍ଷା ଗୀତାମଣୀ ସମରଥ, ଓବିସି ସେଲ୍ ଉପସଭାପତି ପଦ୍ମନ ବିଶୋୟୀ, ଉପାଧ୍ୟକ୍ଷ ପଦମସାଏ ମାଳୀ, ଜିଲା ପରିଷଦ ସଭ୍ୟ ଯୁଗଧର ହରିଜନ, ସରପଞ୍ଚ ନେତୁ ପୂଜାରୀ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

ତେନ୍ତୁଳିଖୁଣ୍ଟିରେ ଦାବିପତ୍ର ପ୍ରଦାନବେଳେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି.ନାଗା ରତ୍ନାମା, ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ, ଜିଲା କଂଗ୍ରେସ ଆଦିବାସୀ ସେଲ୍ ସଭାପତି ଦିଲୀପ ପ୍ରଧାନୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଲ୍ଲଭ ଗୌଡ଼, ଭୀମସେନ ପାଣିଗ୍ରାହୀ, ବାରିଜ ପଟ୍ଟନାୟକ, ବ୍ଲକ ଯୁବ କଂଗ୍ରେସ ସଭାପତି ବିଜୟ ଖୋଡ଼ିଆ, ସୁନୀଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ସେକ୍ସନ ଅଫିସର ଡମ୍ବରୁଧର ମୁଦୁଲି ଦାବିପତ୍ର ଗ୍ରହଣ କରିଥିଲେ।



ନବରଙ୍ଗପୁର ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

# ଅଙ୍ଗନୱାଡି କର୍ମୀଙ୍କ ସମସ୍ୟା ନେଇ ଆଲୋଚନା

## ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର ବୈଠକ

ଚନ୍ଦ୍ରପୁର,୧୨ା୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକରେ ଭାରତୀୟ ମଜଦୁର ସଂଘ(ବିଏମ୍‌ଏସ୍) ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପରିସରରେ ବ୍ଲକ ସଭାନେତ୍ରୀ ପୁଷ୍ପଲତା ପାତ୍ର ଏବଂ ସମ୍ପାଦିକା ସୀତା ଗାଗେରଙ୍ଗାଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଏମ୍‌ଏସ୍‌ର ରାଜ୍ୟ ସମ୍ପାଦକ ତଥା ଜିଲା ପ୍ରଭାରୀ ଯୋଗେଶ୍ୱର ଦାସ, ସମ୍ମାନନୀୟ ଅତିଥି ରୂପେ ବିଏମ୍‌ଏସ୍‌ର ଜିଲା ଉପସଭାପତି ମୋହନ ରାଓ ମାଝି, ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନର ରାଜ୍ୟ ଉପସଭାପତି ତଥା ଜିଲା ସମ୍ପାଦିକା ଉଷାରାଣୀ ଦାଶ ଯୋଗଦେଇ ଚନ୍ଦ୍ରପୁର ବ୍ଲକରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏଥିସହ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା କର୍ମଚାରୀଙ୍କ ପଦବୀ ଶୀଘ୍ର ପୂରଣ କରିବା, ଗରମ ରନ୍ଧାଖାଦ୍ୟ ପ୍ରଦାନ ନିମନ୍ତେ ଦାବି ହୋଇଛି। ସେହିପରି ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଠିକ୍ ସମୟରେ ଚାଉଳ ଦିଆ ଯାଉ ନ ଥିବା, ନିର୍ଦ୍ଧାରିତ ଦରମା ୭୫୦ ଟଙ୍କାରୁ କମ୍ ମିଳିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନ ତୁରନ୍ତ ଏହାର ସମାଧାନ ନେଇ ପଦକ୍ଷେପ ନିଅନ୍ତୁ ବୋଲି ଦାବି ହୋଇଛି। ନଚେତ ଆଗାମୀ ଦିନରେ ବିଏମ୍‌ଏସ୍ ଏହାର ଦୃଢ଼ ଜବାବ ଦେବ ବୋଲି ବିଏମ୍‌ଏସ୍‌ର ରାଜ୍ୟ ସମ୍ପାଦକ ତଥା ଜିଲା ପ୍ରଭାରୀ କହିଛନ୍ତି। ଏହି ଅବସରରେ ବ୍ଲକର ପୂର୍ବ କମିଟିକୁ ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇଛି। ଚନ୍ଦ୍ରପୁର ବ୍ଲକର ନୂତନ କର୍ମକର୍ତ୍ତା ତଥା ସଭାନେତ୍ରୀଭାବେ ପୁଷ୍ପଲତା ପାତ୍ର, ଉପସଭାନେତ୍ରୀ ରୂପେ ଅନାମିକା ଲିମା, ସୁଜାତି ପଟ୍ଟନାୟକ, ସମ୍ପାଦିକା ପ୍ରୀତିବାଳା ମାହାନୀ, ସହ ସମ୍ପାଦିକା ବବିତା ସାହୁ , କୋଷାଧ୍ୟକ୍ଷ ସଞ୍ଜୁକ୍ତା ପାତ୍ରଙ୍କ ସମେତ ୩ ସେକ୍ଟରରୁ ୨ ଜଣ ଲେଖାଏ ମୁଖ୍ୟଙ୍କୁ ଚୟନ କରାଯାଇଛି।



ବୈଠକରେ ବିଏମ୍‌ଏସ୍‌ର ରାଜ୍ୟ ସମ୍ପାଦକ, ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ ।

# ଧାରା ଶ୍ରାବଣରେ ଜମି ଫାଟି ଆଁ

- ଧାର କରି ଚାଷ କରିଛୁ
- ଟଙ୍କା ଶୁଝି ନ ପାରିଲେ ଗାଁରୁ ଲୁଚି ଦାଦନ ଖଟିବାକୁ ପଳାଇବୁ

ଉମରକୋଟ, ୧୨ା୮(ସ୍ୱ.ପ୍ର.)

ଚାଷୀଙ୍କ ଦୁଃଖ ସରୁନି। କେତେବେଳେ ମଣ୍ଡିରେ ଫସଲ ବିକ୍ରି ହେଉନି ତ କେତେବେଳେ ସାର ଅଭାବ। ଏବେ ପୁଣି ଦାଉ ସାଧିଲାଣି ବର୍ଷା। ଆଷାଢ଼ ପରେ ଏବେ ଶ୍ରାବଣର ଅଧା ମାସ ବିତିଗଲାଣି। ଏବେ ସୁଦ୍ଧା ଆଖିଦୃଶିଆ ବର୍ଷା ହେଉନି। ସତେ ଯେମିତି ଉମରକୋଟ ଆକାଶରୁ ବର୍ଷା ଉଭାନ୍ ହୋଇଯାଇଛି। ଜଳ ଅଭାବରୁ ଚାଷ ନ ହୋଇ ପଡିରହିଛି ଏକର ଏକର ଜମି। ଏବେ ପାଣି ଅଭାବରୁ ଜମି ଫାଟି ଆଁ କଲାଣି।

ଶ୍ରାବଣରେ ଅନବରତ ବର୍ଷା ହୋଇ ଚାଷକାର୍ଯ୍ୟ ଜୋରସୋରରେ ଆଗେଇବା କଥା। ଚାଷଜମିରେ ପାଣି ଭର୍ତ୍ତି ହେବା ସମୟରେ ଜମି ଫାଟି ଆଁ କରିଛି। ଚାଷୀ ବର୍ଷା ପାଇଁ ଆକାଶକୁ ଅନେଇ ବସିଛି। କିନ୍ତୁ ସତେ ଯେମିତି ମୌସୁମୀ ଉମରକୋଟ ବାଟ ଭୁଲି ଯାଇଛି। ନବରଙ୍ଗପୁର ଜିଲାର ପ୍ରାୟ ୮୦% ଲୋକ ଚାଷ ଉପରେ ନିର୍ଭର କରିଥା'ନ୍ତି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ କୌଣସି ଶିଳ୍ପ ପ୍ରତିଷ୍ଠା ହୋଇନାହିଁ। ଏଠାରେ ଜଳସେଚନର ମଧ ସେପରି ବ୍ୟବସ୍ଥା ନାହିଁ। ଯେଉଁ ଭାସ୍କେଲ ଜଳ ପ୍ରକଳ୍ପର ବ୍ୟବସ୍ଥା ଅଛି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସରକାରୀ ତଥ୍ୟ ଅନୁଯାୟୀ, ଉମରକୋଟ ବ୍ଲକରେ ଜୁଲାଇ ସୁଦ୍ଧା ୩୯୪ ମିଲିମିଟର ଓ ଅଗଷ୍ଟରେ ଗୁରୁବାର ସୁଦ୍ଧା ୭୬.୬ ମିଲିମିଟର ବର୍ଷା ହୋଇଛି, ଯାହାକି ସ୍ୱାଭାବିକ ବର୍ଷାଠାରୁ ବହୁତ କମ୍। ତେଣୁ ପ୍ରାୟ ୨୦% ଜମିରେ ଚାଷକାର୍ଯ୍ୟ ହୋଇନାହିଁ। ଚଳିତବର୍ଷ ମୌସୁମୀର ପ୍ରଥମାର୍ଦ୍ଧରେ ବର୍ଷା ଠିକ୍ ହୋଇଥିଲା। ପରବର୍ତ୍ତୀ ସମୟରେ ବର୍ଷା ଲୁଚକାଳି ଖେଳୁଛି। ଚାଷୀଙ୍କ ଜମିରେ ଧାନରୁଆ ସରିଲାଣି, କିନ୍ତୁ ପାଣି ଅଭାବରୁ ଜମି ଫାଟି ଆଁ କଲାଣି। ସାର ଅଭାବକୁ ନେଇ ସରକାରଙ୍କୁ କହିବୁ, କିନ୍ତୁ ନିଅଣ୍ଟିଆ ବର୍ଷା ପାଇଁ କାହାକୁ ଜଣାଇବୁ ବୋଲି ଚାଷୀମାନେ କହିଛନ୍ତି। ସେପଟେ ନିଜ ପାଖରେ ଥିବା ଗଚ୍ଛିତ ଟଙ୍କା ଓ ସାହୁକାରଙ୍କଠାରୁ କରଜ ଆଣି ଆମେ ଚାଷ କରିଛୁ, ସେ ଟଙ୍କା ଶୁଝିବୁ କେମିତି ବୋଲି ଚାଷୀମାନେ ପରସ୍ପରକୁ ପ୍ରଶ୍ନ କରୁଛନ୍ତି। ସରକାର ଯଦି ଚାଷୀଙ୍କ ଦୁଃଖକୁ ହୃଦୟଙ୍ଗମ କରି ଋଣ ଛାଡ ବା କିଛି ବ୍ୟବସ୍ଥା ନ କରନ୍ତି, ତାହେଲେ ଆମେ ବାଧ୍ୟ ହୋଇ ଗାଁରୁ ଲୁଚି ଚାଲିଯିବୁ ଦାଦନ ଖଟିବାକୁ। ଏହା ହିଁ ଆମର ଶେଷ ବିକଳ୍ପ ବୋଲି ଚାଷୀମାନେ କହିଛନ୍ତି। ଉମରକୋଟ ତହସିଲଦାର ଡା. ହିମାଞ୍ଚଳ ମାଝିଙ୍କୁ ଯୋଗାଯୋଗ କରିବାରୁ, ଏ ସମ୍ପର୍କରେ ଆମେ ଗ୍ରାମାଞ୍ଚଳ ଏବଂ କୃଷି ବିଭାଗଠାରୁ ତଥ୍ୟ ସଂଗ୍ରହ କରି ଜିଲା ତଥା ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବୁ। ସରକାର ଯାହା ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

